# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୨୫/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, January 25 / 2020 ★★

୧୬ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନିଲ ଆରୋରା ଶୁକ୍ରବାର ଫୋରମ୍ ଅଫ୍ ଦି ଇଲେକ୍ଶନ ମ୍ୟାନେଜମେଣ୍ଟ ବଡିଜ୍ ଅଫ୍ ସାଉଥ୍ ଏସିଆ (ଏଫ୍ଇଏମ୍ବିଓଏସ୍ଏ)ର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାର୍କ ରାଷ୍ଟ୍ରଗୁଡିକର ନିର୍ବାଚନ ପରିଚାଳନା ସଂସ୍ଥାର ବାର୍ଷିକ ବୈଠକ ଅବସରରେ ଆରୋରାଙ୍କୁ ଚଳିତ ବର୍ଷ ପାଇଁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବାଂଲାଦେଶର କେ.ଏମ୍. ନୁରୁଲ ହୁଡାଙ୍କ ଠାରୁ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଚାଇନାର ୧୩ ସହରକୁ ପରିବହନ ବନ୍ଦ

ବେଜିଂ,୨୪।୧(ପି.ଟି.)

- ୪୧ ନିୟୁତ ପ୍ରଭାବିତ
- ବନ୍ଦ ରହିଲା ଗ୍ରେଟ୍ ୱାଲ୍
- ଚାଇନା ପାଇଁ ଜରୁରୀ ସ୍ଥିତି ଜାରି କଲା ଡବ୍ଲ୍ୟୁଏଚ୍ଓ

କରୋନା ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଚାଇନା ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ମାରାତ୍ମକ ଭୂତାଣୁର କେନ୍ଦ୍ରସ୍ଥଳ କୁହାଯାଉଥିବା ୟୁହାନ ସମେତ ୧୩ଟି ସହରକୁ ଗମନାଗମନ ବନ୍ଦ କରିଦିଆଯିବା ସହ ଏହି ସହରଗୁଡ଼ିକୁ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ କରିଦିଆଯାଇଛି। ଫଳରେ ୪୧ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି। ୟୁହାନକୁ କେହି ନ ଯିବା ପାଇଁ ପୂର୍ବରୁ ସରକାର ଆଡଭାଇଜରି ଜାରି କରିଥିଲେ। କେନ୍ଦ୍ରୀୟ ହୁବେଇ ପ୍ରଦେଶର ଜିଆନିଆଙ୍ଗ, ଜିଆଓଗାନ, ଇନ୍ଶି, ଝିଜିଆଙ୍ଗ ସହରକୁ ବସ୍ ଓ ଟ୍ରେନ୍ ଚଳାଚଳ ସମେତ ସାଧାରଣ ପରିବହନ ସେବା ବନ୍ଦ କରିଦିଆଯାଇଛି। ଏହି ଭାଇରସ୍‌ରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ସୁଦ୍ଧା ଚାଇନାରେ ୨୬ ଜଣଙ୍କ ମୃତ୍ୟୁ ହେଲାଣି। ସାର୍ସ (ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍) ସହ ଏହି ଭାଇରସ୍‌ର ସାମଞ୍ଜସ୍ୟ ରହିଥିବାରୁ ଏହାକୁ ନେଇ ଆତଙ୍କ ଖେଳିଯାଇଛି। ୨୦୦୨-୦୩ରେ ସାର୍ସ ସଂକ୍ରମଣ ଯୋଗୁ ଚାଇନା ଓ ହଂକଂରେ ୬୫୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଝିଜିଆଙ୍ଗ, ଇନ୍ଶି ସହ ସମସ୍ତ ବ୍ୟବସାୟ କାରବାର ବନ୍ଦ ରଖିଛି। ସେହିପରି ଜିଙ୍ଗଝୋଉ ସହରରୁ ରେଳସେବା ବନ୍ଦ ରଖାଯାଇଛି। ହୁଆଙ୍ଗଶି ଶୁକ୍ରବାର ସ୍ଥଳପଥ ସହ ଜଳପଥ ପରିବହନ ରୁଟ୍‌କୁ ବନ୍ଦ କରିଛି।

କରୋନା ଭୂତାଣୁ ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଉଦ୍‌ବେଗ ପ୍ରକାଶ କରିବା ସହ ଚାଇନା ପାଇଁ ଜରୁରୀ ପରିସ୍ଥିତି ଜାରି କରିଛି। ଫଳରେ ଚାଇନା କର୍ତ୍ତୃପକ୍ଷ ଚାନ୍ଦ୍ର ନବବର୍ଷରେ ବିଭିନ୍ନ ମନ୍ଦିରକୁ ବନ୍ଦ ରଖିଛନ୍ତି। ଏପରିକି ଫର୍‌ବିଡିନ୍ ସିଟି ଓ ଗ୍ରେଟ୍ ୱାଲ୍‌ର କିଛି ଅଂଶକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଶୁକ୍ରବାରଠାରୁ ନବବର୍ଷ ଛୁଟି ଆରମ୍ଭ ହୋଇଥିବାବେଳେ ଭୂତାଣୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଲୋକମାନଙ୍କୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଚାଇନାରୁ ଦକ୍ଷିଣ କୋରିଆକୁ ମଧ୍ୟ ଏହି ଭୂତାଣୁ ବ୍ୟାପିଲେଣି। ସେଠାରେ ଦୁଇଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଏହାବ୍ୟତୀତ ଥାଇଲାଣ୍ଡ, ଭିଏତ୍‌ନାମ, ସିଙ୍ଗାପୁର, ଜାପାନ, ଦକ୍ଷିଣ କୋରିଆ, ତାଇୱାନ, ବ୍ରିଟେନ୍ ଓ ଆମେରିକାରେ ମଧ୍ୟ ଏହି ଭୂତାଣୁ ଚିହ୍ନଟ ହେଲେଣି।

ୟୁହାନରେ ଗତମାସଠାରୁ ଆରମ୍ଭ ହୋଇଥିବା ଏହି ଭୂତାଣୁ ସଂକ୍ରମଣ ଯୋଗୁ ଫାର୍ମାସିଗୁଡ଼ିକରେ ଯୋଗାଣ ସଙ୍କଟ ଦେଖାଯାଇଛି। ଭୟଭୀତ ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହୁସଂଖ୍ୟାରେ ହସ୍ପିଟାଲ ଆସୁଥିବା ଦେଖାଯାଇଛି। ପ୍ରଥମେ ପ୍ରାଣୀ ଶରୀରରୁ ଏହି ଭୂତାଣୁ ମଣିଷ ଦେହକୁ ସଂକ୍ରମିତ ହୋଇଥିଲା। ପରେ ଏହା ଜଣକଠାରୁ ଅନ୍ୟ ଜଣକୁ ବ୍ୟାପୁଥିବାରୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ୧୧ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁହାନ ଏବଂ ୭ ନିୟୁତ ଲୋକ ରହୁଥିବା ହୁଆଙ୍ଗଗାଙ୍ଗ ସହରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି।



ନୂଆ ଚାନ୍ଦ୍ରବର୍ଷ ପାଳନବେଳେ ହଂକଂରେ ସଂକ୍ରମଣ ଭୟରେ ମାସ୍କ ପିନ୍ଧି ରାସ୍ତାକୁ ଓହ୍ଲାଇଛନ୍ତି ଲୋକେ।

# ଦିଲ୍ଲୀରେ ବ୍ରାଜିଲ ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୪।୧(ପି.ଟି.)

ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ୪ଦିନିଆ ଭାରତ ଗସ୍ତରେ ଆସି ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କର ଏହି ଗସ୍ତ ଦୁଇଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଉଛି। ଭାରତର ୭୧ତମ ସାଧାରଣତନ୍ତ୍ର ଦିବସରେ ବୋଲ୍‌ସୋନାରୋ ମୁଖ୍ୟ ଅତିଥି ହେବେ। ଏଥିସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଆଲୋଚନା କରିବେ। ବୋଲ୍‌ସୋନାରୋଙ୍କ ସହ ୮ ମନ୍ତ୍ରୀ, ୪ ପାର୍ଲାମେଣ୍ଟ ସଦସ୍ୟ, ବରିଷ୍ଠ ଅଧିକାରୀ ଓ ବ୍ୟବସାୟ ପ୍ରତିନିଧି ଆସିଛନ୍ତି।

# ନୂଆ ଭାରତ ନିର୍ମାଣ ଲାଗି କର୍ତ୍ତବ୍ୟକୁ ଗୁରୁତ୍ୱ ଦିଅ



ନୂଆଦିଲ୍ଲୀ,୨୪।୧(ପି.ଟି.)

ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ଦେଶ ପାଇଁ କର୍ତ୍ତବ୍ୟ କରି ଉଦାହରଣ ସୃଷ୍ଟି କରିବା ସହ ନୂଆ ଭାରତ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବାକୁ ଥିବା ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭୌଗୋଳିକ ଓ ସାମାଜିକ ବିଭିନ୍ନତା ଭାରତୀୟ ମହାନତାରେ ବିଶେଷତ୍ୱ। ତେଣୁ ଦେଶର କୌଣସି ବ୍ୟକ୍ତି ଓ ଅଞ୍ଚଳ ଯେପରି ପଛରେ ପଡ଼ି ନ ଯାଏ, ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ। ଏହା ହେଉଛି ସାଧାରଣତନ୍ତ୍ର ଦିବସ ପରେଡ୍ ପଛର ଉଦ୍ଦେଶ୍ୟ। ବିଭିନ୍ନ ଚିନ୍ତାଧାରା ଓ ମୂଲ୍ୟବୋଧକୁ ନେଇ ଭାରତ ଏକ ଜୀବନଶକ୍ତି ବୋଲି ମୋଦି କହିଥିଲେ।

ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ପିଲାମାନଙ୍କ ସହ ମୋଦି ଭାବ ବିନିମୟ କରିଥିଲେ। ସେ ପିଲାମାନଙ୍କ କାର୍ଯ୍ୟରେ ଅନୁପ୍ରାଣିତ ବୋଲି ମତ ରଖିଥିଲେ। ପିଲାମାନଙ୍କ ସାହସିକ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହିତ ଶାରୀରିକ ଭାବେ ସକ୍ରିୟ ରହିବା ଲାଗି ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ। ନବପ୍ରବର୍ତ୍ତନ, ସାମାଜିକ ସେବା, ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି ଏବଂ ସାହସିକତା କ୍ଷେତ୍ରରେ ଅବଦାନ ଓ ଉତ୍କର୍ଷତା ପାଇଁ ୪୯ ଜଣ ପିଲାମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଇଦିନ ପୂର୍ବେ ପ୍ରଧାନମନ୍ତ୍ରୀ ବାଲ୍ ପୁରସ୍କାର ପ୍ରଦାନ କରିଥିଲେ।

# 'କେ-୪' ପରୀକ୍ଷା ସଫଳ



ନୂଆଦିଲ୍ଲୀ,୨୪।୧(ପି.ଟି.): ଭାରତ ଶୁକ୍ରବାର ସଫଳତାର ସହ କେ-୪ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ୨୦୦୦ କିଲୋଗ୍ରାମ ଆଣବିକ କିମ୍ବା ପାରମ୍ପରିକ ଅସ୍ତ୍ର ବହନ କରି ୩୫୦୦ କିଲୋମିଟର ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ରକୁ ବିଶାଖାପାଟଣା ଉପକୂଳରୁ ପରୀକ୍ଷା କରାଯାଇଛି। ଡିଆର୍‌ଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ରକୁ ବୁଡ଼ାଜାହାଜରୁ ନିକ୍ଷେପ କରାଯାଇପାରିବ। ୬ ଦିନ ମଧ୍ୟରେ କେ-୪ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଏହା ଦ୍ୱିତୀୟ ପରୀକ୍ଷଣ। ଗତ ରବିବାର ଆନ୍ଧ୍ରପ୍ରଦେଶ ଉପକୂଳରୁ ଏହାର ପରୀକ୍ଷା କରାଯାଇଥିଲା। ଭାରତର ଅରିହନ୍ତ ଶ୍ରେଣୀର ଆଣବିକ ବୁଡ଼ାଜାହାଜରେ ସାମିଲ ହେବାକୁ ଥିବା କେ-୪ ପାକିସ୍ତାନର ଯେକୌଣସି ସ୍ଥାନ ସମେତ ଚାଇନାର ଅଧିକାଂଶ ଅଞ୍ଚଳକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି।

# ତଥ୍ୟ ଦେଉନାହିଁ ତିହାର ଜେଲ୍, କୋର୍ଟ ଗଲେ ଦୋଷୀ

ନୂଆଦିଲ୍ଲୀ,୨୪।୧

- କ୍ୟୁରେଟିଭ୍ ପିଟିଶନ ଦାଖଲ ଲାଗି ଅନ୍ୟ ୨ ନିର୍ଭୟା ଦୋଷୀଙ୍କ ପ୍ରସ୍ତୁତି
- ଫାଶୀରେ ବିଳମ୍ବ କରିବାକୁ ଓକିଲଙ୍କ ଚାଲ୍: ସିସୋଡିଆ

ନିର୍ଭୟା ବଳାତ୍କାର, ହତ୍ୟା ମାମଲାର ଅନ୍ୟ ୨ ଦୋଷୀ ଅକ୍ଷୟ କୁମାର ସିଂ ଓ ପଓ୍ୱନ ସିଂଙ୍କ ଓକିଲ ଏ.ପି. ସିଂ ତିହାର ଜେଲ୍ ଅଧିକାରୀ ତଥ୍ୟ ଦେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ଅଭିଯୋଗ କରିବା ସହ ଦିଲ୍ଲୀ କୋର୍ଟରେ ଅପିଲ କରିଛନ୍ତି। କ୍ୟୁରେଟିଭ୍ ପିଟିଶନ ଦାଖଲକରିବା ଲାଗି ଆବଶ୍ୟକ ଏହି କାଗଜପତ୍ର ଜେଲ୍ ଅଧିକାରୀ ଅଟକାଇ ରଖିଥିବା ଦର୍ଶାଯାଇଛି। ଏହି ଆବେଦନର ଶୁଣାଣି କୋର୍ଟ ଶନିବାର କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ସୁପ୍ରିମକୋର୍ଟ ପୂର୍ବରୁ ୨ ଦୋଷୀ ବିନୟ କୁମାର ଶର୍ମା ଓ ମୁକେଶ ସିଂଙ୍କ କୁରେଟିଭ ପିଟିଶନକୁ ଖାରଜ କରିଦେଇଥିଲେ। ୪ ଦୋଷୀଙ୍କୁ ଫେବୃୟାରୀ ୧ ସକାଳ ୬ଟାରେ ଫାଶୀ ଦିଆଯିବାକୁ ପ୍ରସ୍ତୁତି ଚାଲିଛି। ଫାଶୀରେ ବିଳମ୍ବ ଲାଗି ଓକିଲ ଏଭଳି ଚାଲ୍ ଖେଳୁଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ପ୍ରକାଶ କରିଛନ୍ତି। ଶୀଘ୍ର ନ୍ୟାୟ ପ୍ରଦାନ ଲାଗି ଆଇନରେ କେତେକ ସଂଶୋଧନ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

# କପିଳ ମିଶ୍ରାଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୨୪।୧



ଦିଲ୍ଲୀର ଭାଜପା ନେତା କପିଳ ମିଶ୍ରାଙ୍କ ସାମ୍ପ୍ରଦାୟିକ ଟୁଇଟ୍‌କୁ ନେଇ କଠୋର ହୋଇଛନ୍ତି ନିର୍ବାଚନ କମିଶନ(ଇସି)। ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଇସି ଶୁକ୍ରବାର ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀର ଶାହିନବାଗରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ମାସାଧିକ କାଳ ହେବ ବିକ୍ଷୋଭ ଚାଲିଛି। ଫେବୃୟାରୀ ୮ରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ରାଜନୈତିକ ପାଣିପାଗ ସରଗରମ ରହିଛି। ଏଭଳି ସମୟରେ ଏହାକୁ ତାଚ୍ଛଲ୍ୟ କରି ଭାଜପା ପ୍ରାର୍ଥୀ କପିଳ ମିଶ୍ରା ଗୁରୁବାର ଟୁଇଟ୍ କରିଥିଲେ, ଆଇନକୁ ପାଳନ କରାଯାଉ ନ ଥିବା ସ୍ଥାନଗୁଡ଼ିକ ହେଉଛି ମିନି ପାକିସ୍ତାନ।

ଇତିହାସର ଆଇନାରେ

## ଜାନୁୟାରୀ ୨୫ର ପ୍ରମୁଖ ଘଟଣା

୨୦୦୫ ଜାନୁୟାରୀ ୨୫ରେ ମହାରାଷ୍ଟ୍ରର ସତାରା ଜିଲାରେ ଥିବା ମନ୍ଧେରଦେବୀ ମନ୍ଦିରରେ ଦଳାଚକଟା ହେବାରୁ ଏଥିରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଶକମ୍ଭରୀ ପୂର୍ଣ୍ଣିମା ଲାଗି ଏଠାରେ ପ୍ରାୟ ୩ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲାବେଳେ ଗହଳି ଯୋଗୁ ଦଳାଚକଟା ହୋଇଥିଲା।

୨୦୧୩ ଜାନୁୟାରୀ ୨୫ରେ ଭେନିଜୁଏଲାର ଉରିବାନା ଜେଲରେ ଗଣ୍ଡଗୋଳ ପରେ ଦଙ୍ଗା ସୃଷ୍ଟି ହେବାରୁ ପ୍ରାୟ ୬୭ ଜଣ ପ୍ରାଣ ହରାଇଥିଲେ। ୧୨୦ରୁ ଊର୍ଦ୍ଧ୍ୱ ଆହତ ମଧ୍ୟ ହୋଇଥିଲେ। କଏଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରଥମେ ଝଗଡ଼ା ପରେ ଉଗ୍ର ହୀଂସାକାଣ୍ଡ ଦେଖିବାକୁ ମିଳିଥିଲା।

# ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ରାଷ୍ଟ୍ରପତିଙ୍କୁ ୧୫୪ ବିଶିଷ୍ଟ ନାଗରିକଙ୍କ ଦାବିପତ୍ର

**ନୂଆଦିଲ୍ଲୀ,୨୪।୧:** ସିଏଏ ଓ ଏନ୍ଆର୍‌ସିକୁ ବିରୋଧ କରିବା ଆଳରେ ବିକ୍ଷୋଭ ସହ ହିଂସାକାଣ୍ଡ ଭିଆଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ୧୫୪ ବିଶିଷ୍ଟ ନାଗରିକ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟରେ ଶୁକ୍ରବାର ଦାବି କରିଛନ୍ତି। ବିଭିନ୍ନ ଅବସରପ୍ରାପ୍ତ ବରିଷ୍ଠ ସରକାରୀ ଅଧିକାରୀ, ବିଦ୍ୱାନ, ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ଗଣତନ୍ତ୍ରର ସୁରକ୍ଷା ଲାଗି ଏହାର ଆବଶ୍ୟକତା ରହିଥିବା ଦର୍ଶାଇଛନ୍ତି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଅଧକ୍ଷ, ସିକିମ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ପ୍ରମୋଦ କୋହଲି ଏହି ବିଶିଷ୍ଟ ନାଗରିକଙ୍କ ନେତୃତ୍ୱ ନେଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ୧୧ ପୂର୍ବତନ ହାଇକୋର୍ଟ ବିଚାରପତି, ୭୨ ଜଣ ପୂର୍ବତନ ସରକାରୀ ଅଧିକାରୀ, ୫୬ ପୂର୍ବତନ ସେନା ଅଧିକାରୀ, ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍, ଶିକ୍ଷାବିତ୍ ଓ ବିଦ୍ୱାନ ବ୍ୟକ୍ତିମାନେ ଅଛନ୍ତି। ବିକ୍ଷୋଭ ଓ ହିଂସାକାଣ୍ଡ ପଛରେ ରାଜନୈତିକ ଓ ବାହ୍ୟ ତତ୍ତ୍ୱର ସମ୍ପର୍କ ରହିଥିବା କୁହାଯାଇଛି। ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟିକରି ଏମାନେ ଦେଶକୁ ଭାଗ ଭାଗ କରିବା ଲାଗି ଚେଷ୍ଟା କରୁଥିବା ଅଭିଯୋଗ କରାଯାଇଛି। ସିଏଏ ଭାରତୀୟ ନାଗରିକଙ୍କ କୌଣସି ଅସୁବିଧା କରୁ ନ ଥିବାବେଳେ ଅଯଥାରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରାଯାଇ ଲୋକଙ୍କୁ ବିପଥଗାମୀ କରାଯାଉଛି। ବିକ୍ଷୋଭ ସହ ହିଂସା, ପୋଡ଼ାଜଳା, ଭଙ୍ଗାରୁଜା କରାଯାଇ ଅଶାନ୍ତ ବାତାବରଣ ସୃଷ୍ଟି କରାଯାଉଛି। ଏହି ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବିପତ୍ରରେ କୁହାଯାଇଛି।

# ବିଜ୍ଞାନ ବାର୍ତ୍ତାକୁ ଶୁଣୁ ଭାରତ

ଡାଭୋସ୍,୨୪।୧



ଡାଭୋସ୍‌ରେ ଜଳବାୟୁ ସଂକ୍ରାନ୍ତ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି: ଗ୍ରେଟା ଥନ୍‌ବର୍ଗ

'ବିଜ୍ଞାନକୁ ଶୁଣ'। ଜଳବାୟୁ ପରିବର୍ତ୍ତନର ଭୟାବହତାରୁ ମୁକ୍ତିପାଇବା ପାଇଁ ଡାଭୋସ୍ ମଞ୍ଚରୁ ଶୁକ୍ରବାର ଭାରତକୁ ଏହି ବାର୍ତ୍ତା ଦେଇଛନ୍ତି ସ୍ୱଳ୍ପବୟସ୍କା ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ। ଅନ୍ୟପକ୍ଷରେ ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଉଦ୍ଦିଷ୍ଟ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଥିବା ଦର୍ଶାଇ ସେ କ୍ଷୋଭବ୍ୟକ୍ତ କରିଛନ୍ତି। ଡୋଭୋସ୍‌ରେ ଚାଲିଥିବା ଡବ୍ଲ୍ୟୁଇଏଫ୍ ସମ୍ମିଳନୀର ଶେଷଦିନରେ ସୁଇସ୍ କି ରିସର୍ଟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ୧୭ ବର୍ଷୀୟା ପରିବେଶବିତ୍ ଗ୍ରେଟା କହିଛନ୍ତି, ଭାରତରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭୟାବହ ହେଲାଣି। ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଥିବାରୁ ଜୀବାଶ୍ମ ଇନ୍ଧନରୁ ତୁରନ୍ତ ପୁଞ୍ଜିପ୍ରତ୍ୟାହାର ପାଇଁ ସେ କର୍ପୋରେଟ ସେକ୍ଟରକୁ ଅନୁରୋଧ କରିଥିଲେ। ହେଲେ ତାଙ୍କ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସମ୍ମିଳନୀର ଏହି ୫୦ତମ ସଂସ୍କରଣରେ ଗ୍ରେଟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମେରିକାର ସଚିବ ଷ୍ଟିଭେନ୍ ମୁଚିନ୍ ଗୁରୁବାର ତାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଏହି ସ୍ୱଳ୍ପବୟସ୍କା ଝିଅ ଅର୍ଥନୀତି ପଢ଼ିବାକୁ ଯାଆନ୍ତୁ। ଏହି ମନ୍ତବ୍ୟର ପ୍ରତିକ୍ରିୟାରେ ସେ କହିଛନ୍ତି, ଏହାର କିଛି ପ୍ରଭାବ ପଡ଼ିବ ନାହିଁ। ଆମକୁ ସବୁବେଳେ ଏମିତି ସମାଲୋଚନା କରାଯାଉଛି। ସେଗୁଡ଼ିକୁ ଶୁଣିଥିଲେ ଆମେ ଯାହା ଚାହୁଁଛୁ ତାହା କରିପାରି ନ ଥାନ୍ତୁ।

DSPL - 241
ଜାତୀୟ ଭୋଟର ଦିବସ
ତା୨୫।୦୧।୨୦୨୦
ରାଜ୍ୟସ୍ତରୀୟ ସମାରୋହ
କାର୍ଯ୍ୟସୂଚୀ
ସକାଳ ୭.୩୦ ଘଟିକା : ମାଷ୍ଟରକ୍ୟାଣ୍ଟିନ ଛକରୁ ରବୀନ୍ଦ୍ରମଣ୍ଡପ ପର୍ଯ୍ୟନ୍ତ ଭୋଟର ସଚେତନତା ରାଲି
ସାଧାରଣ ସଭା
ସ୍ଥାନ: ରବୀନ୍ଦ୍ରମଣ୍ଡପ : ସମୟ: ପୂର୍ବାହ୍ଣ ୧୦.୦୦ ଘଟିକା
ମୁଖ୍ୟ ଅତିଥି : ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
● ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭୋଟର ସଙ୍କଳ୍ପ ।
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
ଭୋଟର ସାକ୍ଷରତା
ସୁଦୃଢ଼ ଗଣତନ୍ତ୍ର
NATIONAL VOTERS' DAY, 2020
ଜାତୀୟ ଭୋଟର ଦିବସ, ୨୦୨୦
12001/13/0027/1920

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଜାନୁୟାରୀ ୨୫/୨୦୨୦ | Sambalpur, Saturday, January 25/2020 | ପୃଷ୍ଠା-୧



## ବଙ୍ଗୀୟ ଅଭିନେତ୍ରୀଙ୍କ ବାୟୋପିକ୍‌ରେ ନୀଳନୟନା

ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀ ବିନୋଦିନୀ ଦାସୀଙ୍କ ଜୀବନୀ ଉପରେ ନିର୍ମିତ ଫିଲ୍ମରେ ଅଭିନୟ କରିବେ।

୧୧

୧୬

## ଶ୍ରେୟାସଙ୍କ ମ୍ୟାଚ୍ ବିଜୟୀ ଇନିଂସ

ଶ୍ରେୟାସ ଆୟାରଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଭାରତ ପ୍ରଥମ ଟି୨୦ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି।



# ଅକ୍ସଫୋର୍ଡ ଡିକ୍‌ସନାରିରେ 'ଆଧାର'

■ ଡବ୍ବା, ଶାଦି, ଚାୱ୍ଲ ଓ ହରତାଲ୍ ମଧ୍ୟ ସ୍ଥାନ ପାଇଲା ଇଂଲିଶ ଶବ୍ଦକୋଷରେ

ନୂଆଦିଲ୍ଲୀ,୨୪।୧: ଅକ୍ସଫୋର୍ଡ ଡିକ୍‌ସନାରିରେ 'ଆଧାର' ଶବ୍ଦ ସ୍ଥାନ ପାଇଛି। ଏହାର ଦଶମ ସଂସ୍କରଣରେ ଆହୁରି ୨୫ଟି ଭାରତୀୟ ଶବ୍ଦକୁ ସାମିଲ କରାଯାଇଛି। ଅକ୍ସଫୋର୍ଡ ଆଡଭାନ୍ସଡ ଲର୍ନର ଡିକ୍‌ସନାରି(ଓଏଏଲ୍‌ଡି)ର ସଦ୍ୟ ସଂସ୍କରଣକୁ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏଥିରେ ୩୮୪ଟି ଭାରତୀୟ ଶବ୍ଦ ରହିଛି। ନୂଆକରି ସାମିଲ କରାଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରେ ରହିଛି ଆଧାର, ଚାୱ୍ଲ, ଡବ୍ବା ଓ ଶାଦି। ସେହିପରି ଚାଟବୋଟ, ଫେକ୍ ନ୍ୟୁଜ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ଭଳି ଆଉ ୧,୦୦୦ ଇଂଲିଶ ଶବ୍ଦକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ନୂଆ ୨୬ ଶବ୍ଦ ମଧ୍ୟରୁ ୨୨ଟିକୁ ମୁଦ୍ରିତ ସଂସ୍କରଣରେ ସ୍ଥାନ ମିଳିଥିବାବେଳେ ଅନ୍ୟ ୪ଟି ଡିଜିଟାଲ ଭର୍ସନରେ ରହିଥିବା ଅକ୍ସଫୋର୍ଡ ଡିକ୍‌ସନାରି ମ୍ୟାନେଜିଂ ଡାଇରେକ୍ଟର(ଏଜୁକେଶନ ଡିଭିଜନ) ଫାତିମା ଦାଦା ସୂଚନା ଦେଇଛନ୍ତି। ଅନ୍‌ଲାଇନ ଭର୍ସନରେ ସ୍ଥାନ ପାଇଥିବା ଅନ୍ୟ ୪ଟି ଶବ୍ଦ ହେଲା କରେଣ୍ଟ (ବିଦ୍ୟୁତ୍), ଲୁଟର, ଲୁଟିଂ ଏବଂ ଉପଜିଲା (ସବ୍-ଡିଭିଜନ)। ୭୭ ବର୍ଷ ଧରି ପ୍ରଚଳିତ ଏହି ଶବ୍ଦକୋଷ ପ୍ରଥମେ ୧୯୪୨ରେ ଜାପାନରେ ପ୍ରକାଶିତ ହୋଇଥିଲା। ୧୯୪୮ରେ ଅକ୍‌ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ଏହାକୁ ପ୍ରଥମଥର ପାଇଁ ପ୍ରକାଶ କରିଥିଲା।

# ଭୋଟର ପରିଚୟପତ୍ରରେ ସଂଯୋଗ ହେବ ଆଧାର

■ ଜନପ୍ରତିନିଧି ଆଇନରେ ସଂଶୋଧନ ପାଇଁ ପ୍ରସ୍ତୁତି



ନୂଆଦିଲ୍ଲୀ,୨୪।୧(ଆଇଏଏନ୍‌ଏସ୍) ଭୋଟର ପରିଚୟପତ୍ର ସହ ଆଧାର ନମ୍ବରକୁ ସଂଯୋଗ କରାଯିବ। ଏଥିପାଇଁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନୂଆ ଆଇନ ପ୍ରସ୍ତୁତ କରୁଥିବା ଜଣାପଡିଛି। ଅନେକେ ଏକାଧିକ ସ୍ଥାନରେ ନିଜକୁ ଭୋଟର ଭାବେ ପଞ୍ଜୀକୃତ କରିଛନ୍ତି। ସେଗୁଡ଼ିକୁ ବନ୍ଦ କରିବାକୁ ହେଲେ ଭୋଟର ପରିଚୟପତ୍ର ସହ ଆଧାରକୁ ସଂଯୋଗ କରିବାକୁ ହେବ। ଏଥିପାଇଁ ନୂଆ ଆବେଦନକାରୀ ଏବଂ ପୂର୍ବରୁ ତାଲିକାରେ ଥିବା ଭୋଟରମାନଙ୍କ ଆଧାର ନମ୍ବର ସଂଗ୍ରହ ଲାଗି ବୈଧାନିକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ବାଚନ କମିଶନ ପ୍ରସ୍ତାବ ଦେଇଥିଲେ। ସେଥିପାଇଁ ଜନପ୍ରତିନିଧି ଆଇନ, ୧୯୫୧ରେ ସଂଶୋଧନ ଲାଗି ଆଇନ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ତାହା କ୍ୟାବିନେଟ କମିଟିରେ ଉପସ୍ଥାପନ ହେବା ପରେ ପାର୍ଲାମେଣ୍ଟରେ ବିଲ୍ ଆଣିବା ନେଇ ବିଚାର କରାଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି।

ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୮ ଓ ୯



ସାଧାରଣତନ୍ତ୍ର ଦିବସ ରାଜ୍ୟସ୍ତରୀୟ ପରେଡ ନିମନ୍ତେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶୁକ୍ରବାର ମହର୍ଷି ଡେୟାର ଡେଭିଲ୍ସ ଗ୍ରୁପ୍ ପକ୍ଷରୁ ଅଭ୍ୟାସ କରାଯାଉଛି।

# ରାଜନୀତିକୁ ଅପରାଧମୁକ୍ତ କରାଯାଉ

ନୂଆଦିଲ୍ଲୀ,୨୪।୧ (ପି.ଟି./ଆଇଏଏନ୍‌ଏସ୍)

ଆପରାଧିକ ପୃଷ୍ଠଭୂମିର ବ୍ୟକ୍ତିମାନଙ୍କୁ ରାଜନୀତିରୁ ବାହାର କରାଯିବ। ସେମାନଙ୍କ ଉପସ୍ଥିତି ରାଜନୈତିକ ବାତାବରଣକୁ କଳୁଷିତ କରିବାରେ ଲାଗିଛି। ଏଥିପାଇଁ ରାଜନୀତିର ଅପରାଧୀକରଣକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ କେତେକ ପଦକ୍ଷେପ ନେବା ସକାଶେ ନିର୍ବାଚନ କମିଶନ (ଇସି)ଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜନୈତିକ ଦଳଗୁଡ଼ିକ ଦାଗୀ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି ଇସି।

୨୦୧୮ ଅକ୍ଟୋବର ୧୦ରେ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ନିର୍ବାଚନୀ ସଂସ୍କାର ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ସେପ୍ଟେମ୍ବରରେ ଏକ ପାଞ୍ଚଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବରୁ ପ୍ରାର୍ଥୀମାନଙ୍କୁ ନିଜ ନିଜ ବିରୋଧରେ ବିଚାରାଧୀନ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ଘୋଷଣା କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରାର୍ଥୀମାନଙ୍କ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ନିଜ ୱେବ୍‌ସାଇଟ୍‌ରେ ସୂଚନା ଦେବେ। ପ୍ରାର୍ଥୀ ଓ ଦଳ ଏକ ଘୋଷଣାନାମା ଜାରି କରିବା ସହ ସେ ସମ୍ପର୍କିତ ତଥ୍ୟଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ବହୁଳ ପ୍ରକାଶନ-



ପ୍ରସାରଣ କରିବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି। ଶୀର୍ଷ ଅଦାଲତଙ୍କ ଏହି ତାଗିଦ ସତ୍ତ୍ୱେ ରାଜନୀତିର ଅପରାଧୀକରଣ ଚାଲିଛି। ଏଥିପାଇଁ ଏକ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ପଡ଼ିବ ବୋଲି ଇସି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଇସି ଆହୁରି କହିଛନ୍ତି ଯେ, ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି,

## ୪୬% ଏମ୍‌ପିଙ୍କ ନାଁରେ ରହିଛି ମାମଲା

■ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଆଣିବା ଅସମ୍ଭବ: ଆବେଦନକାରୀ

■ ଦାଗୀ ନେତାଙ୍କୁ ଟିକେଟ ନ ଦେବା ପାଇଁ ଦଳଗୁଡ଼ିକୁ ନିର୍ଦ୍ଦେଶ ଦିଅନ୍ତୁ ସୁପ୍ରିମକୋର୍ଟ: ଇସି

■ ଆବେଦନକାରୀ, ନିର୍ବାଚନ କମିଶନ ସପ୍ତାହେ ମଧ୍ୟରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରନ୍ତୁ: ଖଣ୍ଡପୀଠ

ସେମାନେ ନିଜ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ସତ୍ୟପାଠରେ ଘୋଷଣା କରିବା ବିଶେଷ ସହାୟକ ହୋଇନାହିଁ। ତେଣୁ ରାଜନୈତିକ ଦଳଗୁଡ଼ିକୁ ଦାଗୀ ନେତାଙ୍କୁ ଟିକେଟ ନ ଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ। ଏହାକୁ ନେଇ ଖଣ୍ଡପୀଠ କହିଛନ୍ତି, ନିର୍ବାଚନ କମିଶନ ସପ୍ତାହେ ମଧ୍ୟରେ ଏକ ନୂଆ କାର୍ଯ୍ୟଯୋଜନା ପ୍ରସ୍ତୁତ କରନ୍ତୁ, ଯାହାକି ଜାତୀୟ ସ୍ୱାର୍ଥ ପାଇଁ ରାଜନୀତିକୁ ଅପରାଧରୁ ମୁକୁଳାଇ ହେବ। ଏଥିସହ ଖଣ୍ଡପୀଠ ଭାଜପା ନେତା ତଥା ଆଇନଜୀବୀ-ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟ ଏବଂ ଇସିଙ୍କୁ ଏକାଠି ବସି ଏହାର ମୁକାବିଲା ପାଇଁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଛନ୍ତି। ଶୁଣାଣି ବେଳେ ଇସିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ କହିଥିଲେ, ନିର୍ବାଚନ କମିଶନ ଅପରାଧରୁ ରାଜନୀତିକୁ ଦୂରେଇ ରଖିବା ସକାଶେ ଅନେକ ପଦକ୍ଷେପ ନେଇଛନ୍ତି। ଅଦାଲତଙ୍କ ୨୦୧୮ର ନିର୍ଦ୍ଦେଶ ସଫଳ ହୋଇନାହିଁ। ତେଣୁ ଦାଗୀ ନେତାଙ୍କୁ ଟିକେଟ ନ ଦେବା ଲାଗି ରାଜନୈତିକ ଦଳଗୁଡ଼ିକୁ ଉତ୍ତରଦାୟୀ କରାଯାଉ। ଉପାଧ୍ୟାୟଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଅଦାଲତଙ୍କୁ କହିଲେ, ବର୍ତ୍ତମାନ ପାର୍ଲାମେଣ୍ଟରେ ଏଭଳି ୪୬% ସଦସ୍ୟ ଅଛନ୍ତି, ଯାହାଙ୍କ ନାମରେ ଆପରାଧିକ ମାମଲା ଗଡୁଛି। ଏଭଳି ସ୍ଥିତିରେ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଗୃହୀତ ହେବା ସମ୍ଭବପର ଭଳି ମନେହେଉନାହିଁ। ତେଣୁ ସୁପ୍ରିମକୋର୍ଟ ନିଜେ ଏହା ଉପରେ ନିର୍ଦ୍ଦେଶନାମା ଜାରି କରନ୍ତୁ।

# ମୁମ୍ବାଇରେ ପହଞ୍ଚିଲା କରୋନା ଭୂତାଣୁ

■ ଚାଇନାରୁ ଫେରିଥିବା ୨ ଜଣଙ୍କୁ ଅବଜର୍‌ଭେଶନରେ ରଖାଗଲା

■ ବିଭିନ୍ନ ହସ୍ପିଟାଲରେ ଖୋଲିଲା ସ୍ୱତନ୍ତ୍ର ୱାର୍ଡ



ନୂଆଦିଲ୍ଲୀ/ମୁମ୍ବାଇ,୨୪।୧(ପି.ଟି.)

ଚାଇନାରେ ଆତଙ୍କ ସୃଷ୍ଟି କରିଥିବା ବିପଜ୍ଜନକ କରୋନା ଭାଇରସ୍ ଶେଷରେ ମୁମ୍ବାଇରେ ପହଞ୍ଚିଛି। ଚାଇନାରୁ ଫେରିଥିବା ଦୁଇଜଣଙ୍କୁ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ହସ୍ପିଟାଲ୍ ଅବ୍‌ଜର୍‌ଭେଶନରେ ରଖାଯାଇଛି। ୧୯ରୁ ଇତିମଧ୍ୟରେ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୭୮୯ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଗଲାଣି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ କସ୍ତୁରବା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ୧୪ ଦିନ ମଧ୍ୟରେ କୌଣସି ଭାରତୀୟ ଯାତ୍ରୀ ଚାଇନାର ୱୁହାନ୍ ସହରକୁ ଯାଇ ନ ଥିବା ଜଣାପଡିଛି। ହୁବେଇ ପ୍ରଦେଶର ରାଜଧାନୀ ୱୁହାନ କରୋନା ଭୂତାଣୁ ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଛି। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ବୃହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ କସ୍ତୁରବା ହସ୍ପିଟାଲରେ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ କୌଣସି ଯାତ୍ରୀଙ୍କଠାରେ କରୋନା ଭାଇରସ୍ ସଂକ୍ରମଣର ଲକ୍ଷଣ ଦେଖାଦେଲେ ତୁରନ୍ତ ପୃଷ୍ଠା-୨

# ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ପରଲୋକ

ଧାମନଗର, ୨୪।୧(ଡି.ଏନ.ଏ.)



ଜଗନ୍ନାଥ ରାଉତ

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଏବଂ ଶିଳ୍ପ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ଗୁରୁବାର ରାତିରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ତାଙ୍କ ମରଶରୀରକୁ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ ପୃଷ୍ଠା-୨

# ଭାଙ୍ଗିଲା ଡିଗ୍ରୀ କଲେଜ ଗଭର୍ନିଂ ବଡି

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

■ ସରକାରଙ୍କୁ କଂଗ୍ରେସ ଓ ଭାଜପାର ସମାଲୋଚନା

■ ପରିଚାଳନା କମିଟିରେ ବିଧାୟକଙ୍କୁ ସଦସ୍ୟ ରଖାଯାଉ: ଶ୍ରମ ମନ୍ତ୍ରୀ

ରାଜ୍ୟ ସରକାର ଡିଗ୍ରୀ କଲେଜର ଗଭର୍ନିଂ ବଡି ବା ପରିଚାଳନା କମିଟିକୁ ଭାଙ୍ଗି ଦେଇଛନ୍ତି। ରାଜ୍ୟର ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜର ଗଭର୍ନିଂ ବଡିକୁ ଭାଙ୍ଗିଦିଆଯାଇଛି। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତିରିକ୍ତ ଜିଲାପାଳ (ଏଡିଏମ୍) ଜିଲା ମୁଖ୍ୟାଳୟରେ ଥିବା କଲେଜର ପରିଚାଳନା ସମିତି ସଭାପତି ଭାବେ କାର୍ଯ୍ୟ କରିବେ। ଯଦି କୌଣସି ଜିଲାରେ ଜଣକରୁ ଅଧିକ ଏଡିଏମ୍ ଥିବେ ତା'ହେଲେ ଜିଲାପାଳ କୌଣସି ଜଣେ ଏଡିଏମ୍‌ଙ୍କୁ ସଭାପତି ଭାବେ ଚୟନ କରି ଦାୟିତ୍ୱ ଦେବେ। ସେହିଭଳି ଜିଲା ସଦର ମହକୁମା ବାହାରେ ଥିବା କଲେଜଗୁଡ଼ିକରେ ଉପଜିଲାପାଳ ପରିଚାଳନା କମିଟିର ସଭାପତି ରହିବେ। ତେବେ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଦ୍ୱାରା ଗଠନ ହୋଇଥିବା କଲେଜଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଏହି ବିଜ୍ଞପ୍ତିକୁ ତତ୍କ୍ଷଣାତ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କଲେଜ ପରିଚାଳନା କମିଟିରେ ନେତା କିମ୍ବା ସ୍ଥାନୀୟ ବିଧାୟକ ରହିବେନି ବୋଲି ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଥିଲେ। ଶିକ୍ଷାବିତ୍, ଅଭିଭାବକ ଏବଂ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଗଭର୍ନିଂ ବଡିରେ ସଦସ୍ୟ ଭାବେ ସ୍ଥାନ ଦିଆଯିବ। କମିଟିର ରୂପରେଖ ନେଇ ମନ୍ତ୍ରୀ କହିଥିଲେ, ସ୍ଥାନୀୟ ଅଞ୍ଚଳର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏହାର ସଭାପତି ହେବେ। ୨ରୁ ୩ଜଣ ଅଭିଭାବକଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ। ପୁରାତନ ଛାତ୍ରୀଛାତ୍ରଙ୍କୁ ବି କମିଟିରେ ସାମିଲ କରିବା ନେଇ ବିଚାର ଆଲୋଚନା ଜାରି ରହିଥିବା ମନ୍ତ୍ରୀ ସାହୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ କମିଟିରୁ ବିଧାୟକଙ୍କୁ ବାଦ୍ ଦେବା ନିଷ୍ପତ୍ତି ନେଇ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, କଲେଜ ପରିଚାଳନା କମିଟିରେ ବିଧାୟକ ସଭାପତି ନ ରହି ସଦସ୍ୟ ଭାବେ ରୁହନ୍ତୁ। ଏଭଳି ହେଲେ କଲେଜ ଭିତ୍ତିଭୂମିର ବିକାଶ ହେବା ସହ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏ ବାବଦରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପୃଷ୍ଠା-୨

# ହୀରାକୁଦରେ ହେରିଟେଜ୍ ଗାର୍ଡେନ

ସମ୍ବଲପୁର,୨୪।୧ (ବ୍ୟୁରୋ)

■ ବୃନ୍ଦାବନ ଗାର୍ଡେନ ଢ଼ାଞ୍ଚାରେ ତିଆରି ହେବ

■ ଏମ୍‌ସିଏଲ ପକ୍ଷରୁ ପ୍ରକ୍ରିୟା ଆରମ୍ଭ

ହୀରାକୁଦ ବନ୍ଧ ପାର୍ଶ୍ୱରେ ହେରିଟେଜ୍ ଗାର୍ଡେନ କମ୍ପ୍ଲେକ୍ସ ନିର୍ମାଣ ହେବ । ମହାନଦୀ କୋଲଫିଲଡ୍ ଲିମିଟେଡ ଏମସିଏଲ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ମା'ସମଲେଶ୍ୱରୀ ଗାର୍ଡେନସ୍ ନାମରେ ମହୀଶୂରର ପ୍ରଖ୍ୟାତ ବୃନ୍ଦାବନ ଉଦ୍ୟାନ ଢ଼ାଞ୍ଚାରେ ଏହା ନିର୍ମାଣ ହେବ। ହେରିଟେଜ୍ ଗାର୍ଡେନ ନିର୍ମାଣ ହେଲେ ହୀରାକୁଦକୁ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ତାହା ଆକୃଷ୍ଟ କରିବ । ତାହା ପଶ୍ଚିମ ଓଡିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳ ହେବ । ଏହି ଉଦ୍ୟାନର ବିକାଶ କରିବା ପାଇଁ ଏମ୍‌ସିଏଲ ତରଫରୁ ଆଇଆଇଟି ଖଡଗପୁରକୁ ପ୍ରକଳ୍ପ ପରାମର୍ଶଦାତା ଭାବେ ଦାୟିତ୍ୱ ଦିଆଯାଇଛି । ଏହି ପ୍ରକଳ୍ପରେ କନ୍‌ଭେନଶନ୍ ସେଣ୍ଟର, ସେମିନାର ହଲ୍, ଲାଇଟ ଓ ସାଉଣ୍ଡ ବ୍ୟବସ୍ଥା ଆଦି ରହିବ । ଏହାଦ୍ୱାରା ଓଡିଶାର ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ କରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ ଏମ୍‌ସିଏଲ ଯନ୍ତ୍ରୀମାନଙ୍କ ସହ ଆଇଆଇଟି ଖଡଗପୁରର ଏକ ଟିମ୍ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି । ହୀରାକୁଦ ବନ୍ଧ ପାର୍ଶ୍ୱରେ ମା'ସମଲେଶ୍ୱରୀ ଗାର୍ଡେନସ୍ ଏକ ଜାତୀୟ ପର୍ଯ୍ୟଟନ ସ୍ଥଳ ହେବ ଓ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳ ଓ ଲୋକଙ୍କ ବିକାଶ ହୋଇପାରିବ ବୋଲି ଏମ୍‌ସିଏଲ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ହୀରାକୁଦ ବନ୍ଧ କଡରେ ଏମ୍‌ସିଏଲ ଅନୁଦାନରେ ଜବାହାର ଉଦ୍ୟାନରୁ ଗାନ୍ଧୀ ମିନାର ପର୍ଯ୍ୟନ୍ତ ରୋପୱେ ନିର୍ମିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ.ପ୍ରମୋଦ କୁମାର ମିଶ୍ର ନିକଟ ଅତୀତରେ ଓଡିଶା ଗସ୍ତ ଅବସରରେ ଏହି ଉଦ୍ୟାନ ପ୍ରକଳ୍ପ ସମ୍ପର୍କରେ ଏମ୍‌ସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ଭୋଳାନାଥ ଶୁକ୍ଳା ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ । ସେହିପରି ଗତ ମଙ୍ଗଳବାର ସମ୍ବଲପୁର ଆସି ମା'ସମଲେଶ୍ୱରୀଙ୍କ ଦର୍ଶନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୀରାକୁଦକୁ ଅନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳ ଭାବେ ବିକଶିତ କରାଯିବ ବୋଲି ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ଗାର୍ଡେନ ନିର୍ମାଣ ହେବା କଥାକୁ ଲୋକେ ଅପେକ୍ଷା କରିଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ତତ୍କାଳୀନ ଜିଲାପାଳ ବଳବନ୍ତ ସିଂ ମଧ୍ୟ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ।

ଆଜିର ସମ୍ପାଦକୀୟ
ସିଆର୍‌ପିଏଫ୍‌ର ନୂଆ ମୁଖ୍ୟ

Vencobb Fresh Chicken — Taste the difference!
24.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 75 | 126 | 136 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply
Issued in the Interest of Consumers

# ଏପ୍ରିଲ ପହିଲାରୁ ଘଣ୍ଟାକରେ ମିଳିବ ଜମି ରେକର୍ଡ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଆବେଦନକାରୀଙ୍କୁ ଜମିଜମା ସଂକ୍ରାନ୍ତ କାଗଜ ପତ୍ର ଘଣ୍ଟାକରେ ମିଳିବ। ଆସନ୍ତା ଏପ୍ରିଲ ପହିଲାରୁ ଇ-ରେକର୍ଡ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହେବ। ଏ ନେଇ ସମସ୍ତ ଜିଲା ଓ ତହସିଲ ଅଧିକାରୀଙ୍କୁ ସମସ୍ତ ପ୍ରମାଣପତ୍ରକୁ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର ଏ ନେଇ ଜିଲାପାଳ ଓ ତହସିଲଦାରଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି।

ଫେବୃୟାରୀ ୧୦ ରୁ 'ମୋ ସରକାର'ରେ ରାଜସ୍ୱ ବିଭାଗ ସାମିଲ ହେବ। ଓଡ଼ିଶା ଜନସେବା ଅଧିକାର ଆଇନ ଅନୁଯାୟୀ ଲୋକମାନଙ୍କୁ ତ୍ୱରିତ ସରକାରୀ ସେବା ଯୋଗାଇ ଦେବାକୁ ଆସନ୍ତା ଫେବୃୟାରୀ ୫ ତାରିଖ ସୁଦ୍ଧା ପଡିରହିଥିବା ସମସ୍ତ ଫାଇଲ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଅଧିକାରୀମାନେ ଏ ନେଇ ନିଶ୍ଚିତ କରିବେ। ଯେଉଁ ତହସିଲର ଅଧିକ ଫାଇଲ ଥିବ ସେହି ତହସିଲ କର୍ମଚାରୀମାନଙ୍କ ଛୁଟିକୁ ବାତିଲ କରାଯିବ

■ ଫେବୃୟାରୀ ୧୦ରୁ ମୋ ସରକାରରେ ସାମିଲ ହେବ ରାଜସ୍ୱ ବିଭାଗ

ବୋଲି ମହାପାତ୍ର କହିଛନ୍ତି। ଏହାଛଡ଼ା କଲେଜଗୁଡ଼ିକର ଜମି ରେକର୍ଡଗୁଡ଼ିକୁ ଏପ୍ରିଲ ପହିଲା ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଛି। ସେଣ୍ଟ୍ରାଲ ଆକ୍ରିଡେଶନ ପାଇଁ କଲେଜଗୁଡ଼ିକର ଜମି ରେକର୍ଡ ଗୁଡ଼ିକରେ ଯେପରି କୌଣସି ସମସ୍ୟା ନ ଥିବ ସେ ନେଇ କଲେଜ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଦରକାର ବୋଲି ସଚିବ କହିଛନ୍ତି।



**ଆଜିର ମନ୍ତବ୍ୟ**

ଅତ୍ୟଧିକ ଟାକ୍ସ ହେଉଛି ଲୋକଙ୍କ ଉପରେ ସରକାରଙ୍କ ସାମାଜିକ ଅନ୍ୟାୟ।
**– ଜଷ୍ଟିସ୍ ଏସ୍.ଏ. ବୋବ୍ଡେ, ପ୍ରଧାନ ବିଚାରପତି**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଅଂଶୁମାନ
ପରିବାରବର୍ଗ


ଆୟାନ୍ସ
ପରିବାରବର୍ଗ


ଦେବାଂଶ
ପରିବାରବର୍ଗ


ନାରାୟଣ
ପରିବାରବର୍ଗ


ସାନ୍ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ସ୍ତରରେ ରହିବା ସହ ୪୬୨.୧୬ ବିଲିୟନ ଡଲାର ଛୁଇଁଛି। **– ରିଜର୍ଭ ବ୍ୟାଙ୍କ**

## ପ୍ରଥମ ପୃଷ୍ଠାରୁ...

### ପୂର୍ବତନ ମନ୍ତ୍ରୀ ଜଗନ୍ନାଥ...

କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତାମାନେ ତାଙ୍କୁ ଶେଷ ସମ୍ମାନ ପ୍ରଦାନ କରିଛନ୍ତି। ସ୍ୱର୍ଗତ ରାଉତ ପ୍ରଥମେ ଧୂଷୁରୀ ମଧ୍ୟଇଂରାଜୀ ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ୧୯୬୬ରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ଆକସ୍ମିକ ମୃତ୍ୟୁ ପରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ଜଗନ୍ନାଥ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପ୍ରାୟ ୧୦ ବର୍ଷ ଧରି ଶିକ୍ଷକତା କରିବା ପରେ ସେ ରାଜନୀତିରେ ଯୋଗ ଦେଇଥିଲେ। ସେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କଠାରୁ ଦୁଇଥର ପରାଜୟ ହୋଇ ୧୯୮୦ରେ ବିପୁଳ ଭୋଟ୍ ବ୍ୟବଧାନରେ ପ୍ରଥମେ ବିଧାୟକ ହୋଇଥିଲେ। ପରେ ୧୯୮୫ ଓ ୧୯୯୫ରେ ବିଜୟୀ ହୋଇ କଂଗ୍ରେସ ସରକାରରେ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ଶିଳ୍ପ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ନିଜ ନିର୍ବାଚନମଣ୍ଡଳୀରେ ସେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଭଦ୍ରକ ଆଖଣ୍ଡଳମଣି ମୁଖ୍ୟରାସ୍ତା ନିର୍ମାଣ ସହ ସମସ୍ତ କାଠ ପୋଲକୁ ସେ ପକ୍କାପୋଲ କରାଇଥିଲେ। ଚାନ୍ଦବାଲି ଏବଂ ଆରଡ଼ି ଅଞ୍ଚଳରେ ଗମନାଗମନ ସୁବିଧା, ଶିକ୍ଷାର ପ୍ରସାର ପାଇଁ ଗୁରୁତ୍ୱ ଦେଇଥିଲେ। ଏହାସହିତ ଅସୁରାଳି-କାସିମପୁର, ଦୋବଲ-କ୍ଷେତ୍ରପୁର ଏବଂ ଦୋବଲ ସୋହଡ଼ା ରାସ୍ତା ନିର୍ମାଣ କରିଥିଲେ। ଧୂଷୁରୀ ସାଁଆଳପୁରଠାରେ ଆଇଜିଏମ୍ କଲେଜ ପ୍ରତିଷ୍ଠା କରିଥିଲେ। ସେ ମନ୍ତ୍ରୀ ଥିବାବେଳେ ଧାମନଗର ଜଳସେଚନ ବିଭାଗ କାର୍ଯ୍ୟାଳୟ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧୂଷୁରୀ ମେଡିକାଲକୁ ସ୍ଥାନାନ୍ତର ଓ ଉନ୍ନତୀକରଣ, ଖଡିମାହାରା, ବାଲିପଡ଼ାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଧୂଷୁରୀରେ ଥାନା ଏବଂ ସବ୍‌ରେଜିଷ୍ଟ୍ରୀ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବାଲେଶ୍ୱର, ଭଦ୍ରକ ଜିଲା କଂଗ୍ରେସ ସଭାପତି, ପିସିସି ସଦସ୍ୟ ଓ ଏଆଇସିସି ସଭ୍ୟ ଭାବେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ।

ତାଙ୍କ ମୃତ୍ୟୁ ଖବର ପାଇ ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ବ୍ଲକ କଂଗ୍ରେସ ନେତା ପୂର୍ବତନ ଏମ୍‌ପି ମୁରଲୀଧର ଜେନା, ନାରାୟଣ ଚନ୍ଦ୍ର ପାଢ଼ୀ, ସୁଧୀର ଖଟୁଆ, ପରମାନନ୍ଦ ସାମନ୍ତ, ସଂଗ୍ରାମ ନାୟକ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଡା. ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ପ୍ରଦୀପ୍ତ ଦାସ, ବିରେନ ଆରଣ, ବିଚିତ୍ର ଆରଣ, ରମେଶ ବେହେରା, ନାରାୟଣ ନାୟକ, ପୂର୍ବତନ ବ୍ଲକ ସଭାପତି ପ୍ରସନ୍ନ ଧଳ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ମୁମ୍ବାଇରେ ପହଞ୍ଚିଲା ...

ସେମାନଙ୍କୁ ଉକ୍ତ ୱାର୍ଡକୁ ପଠାଇବା ପାଇଁ କୁହାଯାଇଛି। ଘରୋଇ ଡାକ୍ତରମାନଙ୍କୁ ମଧ୍ୟ କରୋନା ଭୂତାଣୁ ଲକ୍ଷଣ ଥିବା ବ୍ୟକ୍ତିଙ୍କ ସୂଚନା ପାଇଲେ ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି। ବିଭିନ୍ନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ହଂକଂରୁ ଆସିଥିବା ୨୬୨ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଛି। ତେବେ ସେଠାରେ କୌଣସି ଯାତ୍ରୀଙ୍କଠାରେ କରୋନା ଭାଇରସ୍ ଥିବା ଜଣାପଡିନାହିଁ।

କରୋନା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରି ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ କେବଳ କସ୍ତୁରବା ହସ୍ପିଟାଲ ନୁହେଁ, ପୁଣେର ନାଇଡୁ ହସ୍ପିଟାଲ ଓ ଦିଲ୍ଲୀର ଏମ୍ସରେ ମଧ୍ୟ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ଏହି ଭୂତାଣୁ ସଂକ୍ରମଣ ହେଲେ ସାଧାରଣ ଥଣ୍ଡା ହେବା ସହ କାଶ, ଛିଙ୍କ ଓ ତଣ୍ଟି ଦରଜ ହୋଇଥାଏ। ଏଥିସହିତ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥାଏ। ୟୁହାନ ସହରରେ ଥିବା ସାମୁଦ୍ରିକ ଖାଦ୍ୟ ଓ ପ୍ରାଣୀ ବଜାରରେ ପ୍ରଥମେ ଏହି ଭୂତାଣୁ ଚିହ୍ନଟ ହେବା ପରେ ଅନ୍ୟ ଅଞ୍ଚଳକୁ ବ୍ୟାପିବା ଆରମ୍ଭ କରିଥିଲା। ଏହା ଆମେରିକା ପର୍ଯ୍ୟନ୍ତ ବ୍ୟାପିଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଚାଇନାରେ କରୋନା ସଂକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ସହ ୮୩୦ ଜଣ ଆକ୍ରାନ୍ତ ହୋଇଛନ୍ତି।

### ଭାଙ୍ଗିଲା ଡିଗ୍ରୀ ...

କରାଯିବ ବୋଲି ମନ୍ତ୍ରୀ ସିଂ କହିଥିଲେ। କିନ୍ତୁ ଶୁକ୍ରବାର ସକାଳେ ମନ୍ତ୍ରୀ ସିଂଙ୍କ ଏହି ବୟାନ ଆସିବାର କିଛି ଘଣ୍ଟା ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଗଭର୍ନିଂ ବଡି ଭଙ୍ଗାଯିବାର ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେପଟେ କଂଗ୍ରେସ ଓ ଭାଜପା ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିବା ସହିତ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି।

## ୭ ଟ୍ରେଲର ଡ୍ରାଇଭରଙ୍କ ଲାଇସେନ୍ସ ବାତିଲ୍

**■ ୫ ଲକ୍ଷ ୫୫୦ ଟଙ୍କା ଜରିମାନା ଆଦାୟ**

ବାରିପଦା ଅଫିସ,୨୪।୧

ଅତ୍ୟଧିକ ମାଲ୍ ପରିବହନ କରୁଥିବା ୭ ଭାରିଯାନ (ଟ୍ରେଲର) ଡ୍ରାଇଭରଙ୍କ ଲାଇସେନ୍ସ ୩ ମାସ ପର୍ଯ୍ୟନ୍ତ ବାତିଲ କରାଯାଇଛି। ଏହି ଟ୍ରେଲରଗୁଡିକରୁ ୫ ଲକ୍ଷ ୫୫୦ ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଛି। ମୟୂରଭଞ୍ଜ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ବିଭାଗର ଏମଭିଆଇ ଶିଶିର କୁମାର ସାହୁ ଓ ଜୁନିୟର ଏମଭିଆଇ ଦେବଦାସ ପାଇକରାୟଙ୍କ ନେତୃତ୍ୱରେ ଏକ ଟିମ୍ ବାରିପଦାର ଦରଖୁଲି ନିକଟରେ ତାମିଲନାଡୁର ତ୍ରିଚି ଅଞ୍ଚଳରୁ ଝାଡଖଣ୍ଡର ରାମଗଡ ଅଭିମୁଖେ ଯାଉଥିବା ୭ଟି ଟ୍ରେଲରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଟ୍ରେଲରଗୁଡିକରେ ଧାର୍ଯ୍ୟଠାରୁ ଅତ୍ୟଧିକ ମାଲ୍ ପରିବହନ ହେଉଥିବା ଜଣା ପଡିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମସ୍ଥ ରାଜଯୋଗ ହେତୁ କାର୍ଯ୍ୟସିଦ୍ଧି, ବନ୍ଧୁମାନଙ୍କ ନିକଟରୁ ସମ୍ମାନ, ଆର୍ଥିକ ଅଭିବୃଦ୍ଧି ହେତୁ ମନ ଖୁସୀ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଟେନ୍‌ସନ ଲାଗି ରହିବ। ଆପଣଙ୍କ ଉପରେ ବୋଝଭଳି ରହିଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇଯାଇପାରେ। କୃତ୍ତିକା ନକ୍ଷତ୍ର ସାମାଜିକ ଓ ବୈଷୟିକ କ୍ଷେତ୍ରରେ ଉପକୃତ ହେବେ।

**ବୃଷ**
ଶୁକ୍ର ପ୍ରଭାବରୁ ଆର୍ଥିକ ଉନ୍ନତି ହେବ, କିନ୍ତୁ ଅଷ୍ଟମସ୍ଥ ବୃହସ୍ପତି ଆପଣଙ୍କ ଯୋଜନାକୁ ଭଣ୍ଡୁର କରିଦେଇପାରନ୍ତି। ପରିସ୍ଥିତିବଶତଃ ପରିବାରରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ। ପରିବହନ, ବ୍ୟବସାୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ସନ୍ତୋଷଜନକ ହେବନାହିଁ।

**ମିଥୁନ**
ନୀଚାରୋହୀ ରାଶ୍ୟାଧିପ ବିଭିନ୍ନ ପ୍ରକାର ସମସ୍ୟା ବିଜଡ଼ିତ ରହି ମାନସିକ ଭାରସାମ୍ୟ ହରାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅଭାବରୁ ସମସ୍ୟାର ସମାଧାନ କରିବାକୁ ଯାଇ ସମସ୍ୟାକୁ ବଢ଼ାଇ ଦେବାର ସୂଚନା ରହିଛି। ଅବଶ୍ୟ ଆର୍ଦ୍ରା ନକ୍ଷତ୍ର ସକାଶେ ମାଲିମକଦ୍ଦମା, ପାରିବାରିକ ଦ୍ୱନ୍ଦ୍ୱ, ଆଗାମୀ ପ୍ରମୋଶନ ଆଦି କ୍ଷେତ୍ରରେ ଟେନ୍‌ସନ କମିଯିବ।

**କର୍କଟ**
ଆଜି ଆପଣଙ୍କ ବ୍ୟବସାୟିକ ସ୍ଥିତି ଭଲ, କିନ୍ତୁ ଯାତ୍ରା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭର ସମ୍ଭାବନା ବହୁତ କମ୍ ହୋଇପାରେ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି, କିନ୍ତୁ ଆପଣଙ୍କର କିଛି ଅସୁବିଧା ହେବନି। ପୁନର୍ବସୁର ବନ୍ଧୁମିଳନ, ଆନୁଷ୍ଠାନିକ କାମ, ସାହିତ୍ୟ, ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ**
ଆଜି ଆପଣ କିଛି ଦେଲେ ହିଁ କିଛି ପାଇବେ, ଯାହାକି ଦିନଚର୍ଯ୍ୟାରେ ଅନୁଭବରେ ଆସିପାରେ। ବୁଧଙ୍କ ଦୁର୍ବଳତା କାରଣରୁ ଅଭାବ ଓ କେତେକ ପାରିବାରିକ ଅସୁବିଧା ଦେଖାଦେବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ସଭାସମିତି, କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ।

**କନ୍ୟା**
ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଓ କର୍ମକ୍ଷେତ୍ରରେ ବ୍ୟସ୍ତତା ବଢ଼ିଯିବ। ସରକାରୀ କ୍ଷେତ୍ରରୁ ଅର୍ଥ ସମ୍ପର୍କିତ ଲାଭର ଆଶା ନେଇ କଳ୍ପନାଜଳ୍ପନା କରିପାରନ୍ତି। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ତୁଳା**
ମନ ଚାହିଁଲେ ମଧ୍ୟ ଚନ୍ଦ୍ର ଗ୍ରହମାନଙ୍କ ମଧ୍ୟରେ ସମାଗମ ସ୍ଥିତିରେ ଥିବାରୁ କାମ ହାସଲରେ ବ୍ୟତିକ୍ରମ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାର ସୂଚନା ରହିଛି। ଆଜି ବିବାଦ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କଲେ ନିଜେ ହିଁ କ୍ଷତିରେ ପଡ଼ିବେ। ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର କ୍ଷେତ୍ର ଭଲ ରହିବ।

**ବିଛା**
ମଙ୍ଗଳଦୃଷ୍ଟ ଶନି କ୍ଷେତ୍ରସ୍ଥ ଶୁକ୍ର ଆପଣଙ୍କ ଚେଷ୍ଟାକୁ ଶିଥିଳ କରିପାରେ। ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ହେଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଗବେଷଣା, ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ଧନୁ**
ପୂର୍ବର ପରିସ୍ଥିତି ବହୁଳାଂଶରେ ବଦଳି ଯାଇଥିବାରୁ ନିଜକୁ ଏକପ୍ରକାର ହାଲୁକା ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ମନଇଚ୍ଛା କାମ ଓ ଜିଦ୍ ନ କରି ଅନ୍ୟମାନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କଲେ ଭଲ ହେବ। ଆପଣଙ୍କ କଥାରେ ପଡ଼ୋଶିନୀ ବିରକ୍ତି ପ୍ରକାଶ କଲେ ମଧ୍ୟ କାମଟି କରିଦେବେ।

**ମକର**
ବିକ୍ଷିପ୍ତ ମନ ଓ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରର ସୁଯୋଗକୁ ହାତଛଡ଼ା କରିପାରେ। କାର୍ଯ୍ୟହାନି ସାଙ୍ଗକୁ ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିବାର ଆଶଙ୍କା ରହିଛି। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ଲାଗି ରହିବ। ବ୍ୟବସାୟ, ହୋଟେଲ ଶିଳ୍ପରେ ସଫଳତା ହାସଲ କରିବେ।

**କୁମ୍ଭ**
ହାତକୁ ନେଇଥିବା କାମଟି ନିଶ୍ଚିତ ହେବ, କିନ୍ତୁ ବହୁତ ଡେରି ଓ ଝାମେଲା ମଧ୍ୟରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସାହାଯ୍ୟ କରିବାକୁ କିଏ ହେଲେ ମଧ୍ୟ ଆଗେଇ ଆସି ନ ପାରନ୍ତି। ଆଜି କଠିନ ପରିଶ୍ରମଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲକ୍ଷ୍ୟ ହାସଲ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ମୀନ**
କ୍ରମଶଃ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ମିଳିବ। ପରିବାରରେ ତର୍କ ବିତର୍କ କାରଣରୁ କିମ୍ବା କର୍ମକ୍ଷେତ୍ରରେ ସମସ୍ୟାଜନିତ ଟେନ୍‌ସନ ବଢ଼ିପାରେ। ସୃଷ୍ଟି କରିଥିବା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପ୍ରକାଶନ, ପ୍ରଶାସନ, ଯୋଗାଯୋଗ, କଚେରି ମାମଲାରେ ସଫଳତା ପାଇବେ।

ଆଜି ଜାନୁୟାରୀ ୨୫ ତାରିଖ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ। ମାଘ ଶୁକ୍ଳ ପ୍ରତିପଦା ଶନିବାର, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୦୮ମି. ଗତେ ଘ.୧।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୫୩ମି. ଗତେ ଘ.୯।୧୬ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୯।୧୩ମି. ଗତେ ଘ.୧୦।୩୬ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

## real estate
**SALE**

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

ବିବାହମଣ୍ଡପ/ Factory କରିବା ପାଇଁ Xavier University, Bhubaneswar ନିକଟରେ 12000 sqft. plot 30,00,000/-ରେ ମିଳୁଛି। 9853150290. D-68549

**ପୁରୀ ନିକଟସ୍ଥ Gharabari, patta, boundarywall, electricity ସୁବିଧାଥାଇ sqft.920/- ମିଳୁଅଛି। 7008067338.** D-68478

ମଙ୍ଗୁଲି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68550

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

Patta land at Sisupalgarh near Lingaraj Temple, Contact Hindustan Jewellers- 9437033691. D-68330

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30’ ରାସ୍ତା Electricity, boundary plot ମିଳୁଅଛି। 6372852525.** D-68474

**ଭୁବନେଶ୍ୱର କଟଣୀଗେଟ୍ ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912.** D-68476

Plot measuring Ac 0.48 approx 80’x260’ with 1500 sqft. building at a prime location in Narasinghpur Town in Cuttack district, near High School with a hill backside and a Govt. orchard another side. Contact : 9840856765. D-68969

**1.50 Acre gharabari plot with boundarywall ready with ploted scheme (30’ road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ କିଣିବା/ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ: 9438109040, 8144658008. D-16369

**ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30’road, ଘରବାରି boundary patta plot ନିଅନ୍ତୁ। 8895757735, 8114973999.** D-68477

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

**ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30’ ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

4/5 BHK Duplex with Gated Community at Balianta (Land-1400 & Construction- 2200 @ 60Lakhs/ 2600 @ 70Lakhs). Finance by Lic. Mplanets: 9938219397, 9861022055. D-16368

Demarketed gharabari plot sale near Sundarpada 550 per sqft. close to 100’ road. Contact: 8018516246. D-68766

**2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999.** D-68053

Gharabari residential plots Eastfacing Tankapaniroad Sai Mandir, sqft. 1600/-, possession immediately with boundarywalls. Booking 2BHK Simplex near B.J.E.M-(2), 16,80,000/-, 7735738102. D-16364

**2BHK Simplex, 26lakh & plot for sale 350,680/-, near Hanspal, Atala, 5Km from NH 3BHK Duplex, 35lakh near Trinathbazar, Phulnakhara. Contact No- 7064690826.** D-16352

**ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି plot/ Sum Hospital 100’ ରାସ୍ତାକୁ ଲାଗି କିଣନ୍ତୁ। 9348767829.** D-68482

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229

## GENERAL
**PURCHASE**

Hindustan Jewellers, Bhubaneswar buy old gold at Highest Market rate at Bapuji Nagar, Contact: 9437033691. D-68331

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## to-let

1BHK, 2BHK, 3BHK with Garage, Soubhagya Nagar, Unit-8, Bhubaneswar For family, office and bachelor. 9337435646, 7377471310. D-68968

New house for rent only family, ground & first floor and two shops at Vagwanpur, Dhenkanal. 9437864904. D-16367

## healthcare

Rejuvenate and ayurvedic full body massage by smart therapist. 9114402304. D-68946

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Ayurvedic full body massage ladies & gents smart therapist, 9668814589. D-68763

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Newly open full body massage with gents and ladies 9090377418. D-59944

Sai herbal spa refresh your body with smart, expert therapist. 7608062524. D-68971

Male therapist full body massage with relax, BBSR. Contact: 8328868891. D-16373

Refresh your mind and soul with best therapy at Orchid Salon/Spa. 9937287222. D-68767

## business

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

## AFFIDAVIT

I, Salauddin Khan S/o- Safiquddin Khan, R/o- Charinangal Nalipur (MD Nagar), PO- Charinangal, PS- Balichandrapur, Dist.- Jajpur, Pin- 754292, Odisha, India have corrected my name in the Passport from Salaluddin Khan to Salauddin Khan. D-16370




# 'ଆଇକନିକ ସାଇଟ୍‌ରେ ସ୍ଥାନିତ ହେବ କୋଣାର୍କ'

କୋଣାର୍କ,୨୪।୧(ଡି.ଏନ୍.ଏ.)

କୋଣାର୍କକୁ ଦେଶର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ତଥା ଆଇକନିକ ସାଇଟ୍ ତାଲିକାରେ ଖୁବ୍‌ଶୀଘ୍ର ସାମିଲ କରାଯିବ। ଏହାର ଆନୁଷ୍ଠାନିକ ଘୋଷଣା ଏକ ବିଶେଷ ସମାବେଶରେ କରାଯିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ କହିଛନ୍ତି। କୋଣାର୍କର ମେରାଇନ ଡ୍ରାଇଭ ଇକୋ ରିଟ୍ରିଟଠାରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ସିଂ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ୨୦୨୨ମସିହା ସୁଦ୍ଧା ଦେଶର ୧୫ଟି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରୟାସ ଆରମ୍ଭ କରିବା ସହ ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ନେଇ ବ୍ୟବସ୍ଥା କରାଯିବ। ସେହିଭଳି ବର୍ଷକୁ ୧୫ରୁ ଅଧିକ ପର୍ଯ୍ୟଟନସ୍ଥଳୀ ବୁଲୁଥିବା ପର୍ଯ୍ୟଟକଙ୍କୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପୁରସ୍କୃତ କରିବା ସହ ସେମାନଙ୍କ ଭ୍ରମଣ ବାବଦ ଖର୍ଚ୍ଚ ବହନ କରିବ। ତେବେ ପର୍ଯ୍ୟଟକମାନେ ନିଜ ନିଜ ରାଜ୍ୟରେ ଏହି ୧୫ଟି ସ୍ଥାନ ବୁଲିବା ବାଧ୍ୟତାମୂଳକ ହେବ। ଭ୍ରମଣ ସମୟର ଫଟୋକୁ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଦାଖଲ କରିବା ପରେ ତାହାକୁ ବିଚାରକୁ ନିଆଯାଇ ସମ୍ପୂର୍ଣ୍ଣ ଭ୍ରମଣ ଖର୍ଚ୍ଚ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ସେ କହିଥିଲେ।



ଜାତୀୟ ପର୍ଯ୍ୟଟନ ଉଦ୍‌ଯାପନ ସମ୍ମିଳନୀରେ ଉପସ୍ଥିତ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏବଂ ଅନ୍ୟ ଅତିଥିମାନେ।

**ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଉଦ୍‌ଯାପିତ**

- ବର୍ଷକୁ ୧୫ ପର୍ଯ୍ୟଟନସ୍ଥଳୀ ବୁଲିଲେ ମିଳିବ ଭ୍ରମଣ ଖର୍ଚ୍ଚ

ଓଡ଼ିଶା ଓ ଗୁଜରାଟ ପର୍ଯ୍ୟଟନସ୍ଥଳୀର ପ୍ରଚାର, ପ୍ରସାର କରିବାକୁ ଆଗାମୀ ଦିନରେ ଚୁକ୍ତି ପାଇଁ ଏକ ସଦିଚ୍ଛା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ଦ୍ୱାରା ଦୁଇ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ, ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱତନ୍ତ୍ର ଟୁର ପ୍ୟାକେଜ, ଗୁଜରାଟ ଢାଞ୍ଚାରେ ଓଡ଼ିଶା ପର୍ଯ୍ୟଟନ ସ୍ଥଳୀମାନଙ୍କର ରୂପରେଖ ବଦଳାଇବା ପାଇଁ ଏହା ଏକ ମାଇଲ ଖଣ୍ଟ ସଦୃଶ ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ରାଜସ୍ଥାନରେ ପ୍ୟାଲେସ ଅନ୍ ହ୍ୱିଲ୍ ପାଇଁ ପର୍ଯ୍ୟଟନ ଟ୍ରେନ ଚାଲୁଛି। ସେହିପରି ଓଡ଼ିଶା ତଥା ଦେଶର ଅନ୍ୟ ସ୍ଥାନରେ ଟ୍ରେନ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିବା ଆବଶ୍ୟକ। ଏଭଳି ପଦକ୍ଷେପ ଦେଶ ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ବିକାଶକୁ ବହୁଗୁଣିତ କରିବ ବୋଲି ପୂର୍ବାଞ୍ଚଳ ପର୍ଯ୍ୟଟନ କମିଟି ମୁଖ୍ୟ ସୌଭାଗ୍ୟ କୁମାର ମହାପାତ୍ର କହିଥିଲେ। ଏହି ସମାରୋହରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ କୁମାର ଦେବ, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ ଭାସନ ଭାଇ ଅହିର, କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ରୂପିନ୍ଦର ବ୍ରରୁ, ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ବିଜୟ କୁମାର ଜେନା, ବରିଷ୍ଠ ଅଧିକାରୀ ରତିକାନ୍ତ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। କୋଣାର୍କ ସୁରକ୍ଷା ସମିତିର ଆବାହକ ଭାଗୀରଥି ସ୍ୱାଇଁ ଓ ରଘୁନାଥ ମହାପାତ୍ର ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ବିଜେବି କଲେଜରେ ନବୀକରଣ ପାଇଁ ଭିତ୍ତିପ୍ରସ୍ତର


ହଷ୍ଟେଲ ଓ କଲେଜ ମୁଖ୍ୟ ପ୍ରବେଶପଥର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ):** ବିଜେବି କଲେଜର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ନୂତନ କ୍ୟାଣ୍ଟିନକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କଲେଜରେ ପ୍ରବେଶ କରିବା ସମୟରେ ଛାତ୍ରୀଛାତ୍ରମାନେ ତାଙ୍କୁ ମାନବଶୃଙ୍ଖଳ ଜରିଆରେ ସ୍ୱାଗତ କରିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ କ୍ୟାମ୍ପସରେ ଥିବା ମହାତ୍ମା ଗାନ୍ଧୀ ଓ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ କଲେଜରେ ୫୮୫ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୬୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ମୁଖ୍ୟ ପ୍ରବେଶ ପଥ ନବୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଡଙ୍ଗାରୁ ୧୯ ବିଦେଶୀ ପକ୍ଷୀ ଜବତ: ଶିକାରୀ ଚମ୍ପଟ

**କୃଷ୍ଣପ୍ରସାଦ,୨୪।୧(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିପିଆ ଗାଁ ଘାଟରେ ଥିବା ଏକ ଡଙ୍ଗାରୁ ୧୯ ବିଦେଶୀ ପକ୍ଷୀ ଶୁକ୍ରବାର ବନ ବିଭାଗ ଦ୍ୱାରା ଜବତ ହୋଇଛି। ପକ୍ଷୀ ମଧ୍ୟରେ ୧୨ଜୀବିତ ଥିବାବେଳେ ୭ ମୃତ ଥିବା ଜଣାପଡ଼ିଛି। ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଗଙ୍ଗାଧର ସାହୁ ପାଟ୍ରୋଲିଂ ବେଳେ ଚିଲିକା କୂଳରେ ଏକ ଡଙ୍ଗା ମଧ୍ୟରେ ବିଦେଶୀ ପକ୍ଷୀ ଥିବା ଦେଖିବାକୁ ପାଇଥିଲେ। ତେବେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଶିକାରୀ ଚମ୍ପଟ ମାରିଥିବା ଜଣାପଡିଛି। ବନ ବିଭାଗ ଡଙ୍ଗାକୁ ଜବତ କରିବା ସହ ମୃତ ପକ୍ଷୀଗୁଡ଼ିକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇଛି।

# ଅତ୍ୟଧିକ ଟିକସ ସାମାଜିକ ଅନ୍ୟାୟ: ସିଜେଆଇ

**ନୂଆଦିଲ୍ଲୀ, ୨୪।୧ (ଆଇଏଏନ୍‌ଏସ୍):** ଟିକସ ଠକେଇ ହେଉଛି ଭାରତୀୟ ନାଗରିକମାନଙ୍କ ପ୍ରତି ସାମାଜିକ ଅନ୍ୟାୟ। ସେହିପରି ସରକାରଙ୍କ ପକ୍ଷରୁ ଲୋକଙ୍କ ଉପରେ ସ୍ୱେଚ୍ଛାଚାରୀ ଭାବେ କିମ୍ବା ଅତ୍ୟଧିକ ଟାକ୍ସ ଲଗାଇବା ମଧ୍ୟ ସାମାଜିକ ଅନ୍ୟାୟ ଶ୍ରେଣୀରେ ଆସୁଛି ବୋଲି ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ପ୍ରକାଶ କରିଛନ୍ତି।

ଇନ୍‌କମ୍ ଟାକ୍ସ ଅପିଲେଟ୍ ଟ୍ରିବ୍ୟୁନାଲର ୭୯ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଜେଆଇ ବୋବ୍‌ଡେ କହିଛନ୍ତି, ଦେଶ ପାଇଁ ସମ୍ପଦ ଜୁଟାଇବା କ୍ଷେତ୍ରରେ ଟାକ୍ସ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।


ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

କିନ୍ତୁ ଲୋକଙ୍କ ଉପରେ ମନମୁଖୀ ଓ ଅତ୍ୟଧିକ ଟିକସ ବୋଝ ଲଦିଦେବା ସେମାନଙ୍କ ପ୍ରତି ଏକ ସାମାଜିକ ଅନ୍ୟାୟ ଭାବେ ଦେଖାଯାଇପାରେ। ଉପଯୁକ୍ତ ଓ ତ୍ୱରିତ ବିବାଦର ସମାଧାନକୁ ଟିକସଦାତାଙ୍କ ପାଇଁ ଏକ ଟାକ୍ସ ଇନ୍‌ସେଣ୍ଟିଭ୍ ଭାବେ ପରିଗଣିତ କରାଯାଇଥାଏ ବୋଲି ସିଜେଆଇ ମତବ୍ୟକ୍ତ କରିଛନ୍ତି। ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ ଆସିବାକୁ ଥିବାବେଳେ ଏହା ପୂର୍ବରୁ ସିଜେଆଇଙ୍କ ଏହି ମତକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି। ବିଶେଷକରି ଦେଶରେ ମାନ୍ଦାବସ୍ଥା ଲାଗିରହିଥିବାବେଳେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏଭଳି ସମୟରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ଟାର୍ଗେଟ କରୁଥିବାବେଳେ ସରକାରଙ୍କୁ ଅର୍ଥନୀତିର ପାଠ ପଢ଼ାଇଛନ୍ତି ସିଜେଆଇ।



**ଜିଲା ଚିଠି**

**କନ୍ଧମାଳ**

## ପେସାରୁ ଦୂର

ଶିକ୍ଷା ହେଉଛି ଦେଶର ମେରୁଦଣ୍ଡ। ଯେଉଁ ଦେଶରେ ଶିକ୍ଷା ବିକଶିତ, ସାରା ବିଶ୍ୱରେ ସେହି ଦେଶର ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ଦେଶ ସମୃଦ୍ଧ ହେବା ପାଇଁ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଶିକ୍ଷାର ମୂଳଦୁଆ ଶିକ୍ଷକମାନେ ପକାଇଥାନ୍ତି। ଏବେ ଦେଖାଯାଉଛି ଶିକ୍ଷକମାନେ(ସମସ୍ତେ ନୁହନ୍ତି) ସେମାନଙ୍କ ପେସାରୁ ଦୂରେଇବାରେ ଲାଗିଛନ୍ତି। କନ୍ଧମାଳ ଜିଲାରେ ଦୁଇଟି ବିଭାଗରେ ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତି। ଗୋଟିଏ ଜିଲା ଶିକ୍ଷା ବିଭାଗ ଏବଂ ଅନ୍ୟଟି ଜିଲା ମଙ୍ଗଳ ବିଭାଗ। ଏହି ଦୁଇଟି ବିଭାଗ କଥାକୁ ବିଚାରକୁ ନେଲେ ଗୋଟିଏ ଆରକୁ ବଳକା ପରି। ପ୍ରଥମେ ଶିକ୍ଷା ବିଭାଗ କଥାକୁ ବିଶ୍ଳେଷଣ କରିବା। ଚଳିତ ମାସରେ ଅନୁଷ୍ଠିତ ଜିଲା ଉନ୍ନୟନ ସମନ୍ୱୟ ଏବଂ ମନିଟରିଂ କମିଟି ବୈଠକ(ଦିଶା)ରେ ବିଧାୟକମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ସେମାନଙ୍କ କହିବା କଥା ଥିଲା, ଫୁଲବାଣୀ ବ୍ଲକର ମିଣିଆରେ ଥିବା ଏକ ସ୍କୁଲରେ ଗତ ଦୁଇ ବର୍ଷ ଧରି ଦୁଇଜଣ ଶିକ୍ଷକଙ୍କ ମଧ୍ୟରେ ମତାନ୍ତର ହେତୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସେମାନଙ୍କ ବଦଳି ଦାବି ହୋଇ ଆସୁଥିଲେ ମଧ୍ୟ ତାହା କରାଯାଉ ନାହିଁ। କୋଟଗଡ଼ ବ୍ଲକ ଦୁର୍ଗାପାଙ୍ଗା ସ୍କୁଲରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଦୁଇ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଥିଲେ ମଧ୍ୟ ତାଙ୍କୁ ଅନ୍ୟତ୍ର ବଦଳି କରାଗଲାନାହିଁ। ସେହିପରି ଫୁଲବାଣୀ ଟାଉନ ଥାନାରେ ଜଣେ ଶିକ୍ଷୟିତ୍ରୀ ଓ ତାଙ୍କ ଶିକ୍ଷକ ସ୍ୱାମୀ ଜଣେ ଖବରଦାତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ଏବଂ ଫିରିଙ୍ଗିଆ ଥାନାରେ ସେହି ଶିକ୍ଷକଙ୍କ ଭାଇ, ଯିଏ ବି ଶିକ୍ଷକ ଅଛନ୍ତି ଅନ୍ୟ ଜଣେ ଖବରଦାତାଙ୍କୁ ଆକ୍ରମଣ କରିବାକୁ ନେଇ ମାମଲା ରୁଜୁ ହୋଇଛି। ବହୁ ଶିକ୍ଷକ ଅଛନ୍ତି ସେମାନେ ବିଦ୍ୟାଳୟ ନ ଯାଇ ଘରେ ବସି ଦରମା ନେଉଛନ୍ତି। ଯାହା ଶିକ୍ଷା ବିଭାଗ ଗୋଚରରେ ଚାଲିଛି। ଏବେ ଆସିବା ଜିଲା ମଙ୍ଗଳ ବିଭାଗକୁ। ଏହି ବିଭାଗକୁ ନେଇ କନ୍ଧମାଳ ଜିଲା ସାରା ଓଡ଼ିଶାରେ ଭିନ୍ନ ପରିଚୟ ପାଇଛି। କେଉଁ ବିଦ୍ୟାଳୟରେ ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କଲେଣି ତ କେଉଁଠି ଛାତ୍ରୀ ଗର୍ଭବତୀ ହୋଇ ପିଲା ଜନ୍ମ କଲେଣି। କେତେକ ସେବାଶ୍ରମରେ ଚିକିତ୍ସା ଅବହେଳାରୁ ପିଲାଙ୍କ ମୃତ୍ୟୁହେବା ଘଟଣା ବିଗତ ଦିନରେ ଖବରର ଶିରୋନାମା ପାଲଟିଛି। ଏହାବାଦ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେତେଜଣଙ୍କ ନାମରେ ଖୋଦ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ଚାପି ଦିଆଯାଇଛି। ଏଭଳି ୩/୪ଟି ଘଟଣାକୁ ନେଇ ଏବେ ଜିଲାରେ ପ୍ରହେଳିକା ସୃଷ୍ଟି ହେବାରେ ଲାଗିଛି। ବିଧାୟକମାନେ ଏବେ ଏସବୁର ଖୋଳତାଡ ଆରମ୍ଭ କରୁଥିଲେ ବି ସେମାନଙ୍କ ପାଖରେ ଏକ ପ୍ରକାର ଅସହାୟତା ଦେଖିବାକୁ ମିଳୁଛି। ସେହିପରି ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବିଭାଗରେ ଶିକ୍ଷକମାନଙ୍କ ବଦଳି ହେଉନାହିଁ। କିଛି ଘଟଣାକୁ ନେଇ ଲୋକ ଦେଖାଣିଆ ଭାବେ ହାତଗଣତି କେତେଜଣଙ୍କ ବଦଳି ହୋଇଛି। ଅନ୍ୟମାନେ ଗାଦି ମାଡି ବସିଛନ୍ତି। ଏପରିକି କେତେଜଣଙ୍କ ନାମରେ ବିଭାଗୀୟ ତଦନ୍ତ ହୋଇଥିଲେ ହେଁ ସେମାନଙ୍କୁ ଅନ୍ୟ ସ୍କୁଲକୁ ପଠାଯାଇନାହିଁ। ଘଟଣା ପଛର କାହାଣୀ ସମସ୍ତଙ୍କୁ ଜଣାଅଛି ବୋଲି ସବୁଠି ଆଲୋଚନା ହେଉଛି।

– ରାକେଶ କୁମାର ରାଉତ

# ଦଶପଲ୍ଲାରୁ ପୁରୀ ଅଭିମୁଖେ ଗଲା ରଥକାଠ

ଦଶପଲ୍ଲା,୨୪।୧(ଡି.ଏନ.ଏ.)

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ନିମନ୍ତେ ଦଶପଲ୍ଲା ବନାଞ୍ଚଳରୁ ଶୁକ୍ରବାର ଦୁଇଟି ଟ୍ରକ୍‌ରେ ୫୩ ଖଣ୍ଡ କାଠ ପୁରୀ ଅଭିମୁଖେ ଯାତ୍ରା କରିଛି। କାଠଗୁଡ଼ିକ ମଧ୍ୟରେ ୨୦ ଫୁଟିଆ ଅସନ ୧୧ ଖଣ୍ଡ, ୧୨ ଫୁଟିଆ ଅସନ ୧୦ ଖଣ୍ଡ, ୨୦ ଫୁଟିଆ ଧଉରା ୮ ଖଣ୍ଡ, ୧୨ ଫୁଟିଆ ଧଉରା ୨୪ ଖଣ୍ଡ ଥିବା ଜଣାଯାଇଛି। ପୋଖରୀଗୋଚ୍ଛା ରିଜର୍ଭ ଫରେଷ୍ଟ କମ୍ପାଟମେଣ୍ଟ ୪ ଏବଂ ସାକେଣୀ ସେକସନର ପଙ୍କୁଆ ଅଞ୍ଚଳରୁ କାଠଗୁଡ଼ିକ ସଂଗ୍ରହ କରାଯାଇ ବେବିରି ଠାରେ ରଖାଯାଇଥିଲା। ସାକେଣୀ ବନପାଳ ମନୋଜ ପ୍ରଭାକର ସାହୁ, ପୋଖରୀଗୋଚ୍ଛା ବନପାଳ ରାକେଶ ସାହୁ, ଫରେଷ୍ଟ ଗାର୍ଡ ନାରାୟଣ ମହାରଣା ଓ ସଞ୍ଜୟ ବେହେରା ଏବଂ ଡେପୁଟି ରେଞ୍ଜର ନିଖିଳେଶ ମଲିକଙ୍କ ନେତୃତ୍ୱରେ କାଠଗୁଡ଼ିକ ସଂଗ୍ରହ କରାଯାଇଥିଲା। ବେବିରି ଗ୍ରାମଠାରେ ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ଉପସ୍ଥିତିରେ ହୋମ କରାଯାଇ କାଠଖଣ୍ଡଗୁଡ଼ିକ ଗାଡ଼ିରେ ଲୋଡ୍ କରାଯାଇଥିଲା। ଏହାପରେ କାଠଗୁଡ଼ିକୁ ଦଶପଲ୍ଲା ମହାବୀର ମନ୍ଦିର ପର୍ଯ୍ୟନ୍ତ ଅଣାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇ ପୁରୀ ଅଭିମୁଖେ ଯାତ୍ରା କରିଥିଲା।

ଚଳିତବର୍ଷ ରଥ ନିର୍ମାଣ ନିମନ୍ତେ ୬୭୨ ଖଣ୍ଡ କାଠ ଦଶପଲାରୁ ଯିବାର ଥିବା ବିଷୟ ବନ ବିଭାଗ ସୂତ୍ରରୁ ଜଣାଯାଇଛି। ଚଳିତ ମାସ ଜାନୁୟାରୀ ୮ ତାରିଖ ଗଣିଆ ବଡ଼ମୂଳଠାରେ ପୁରୀରୁ ଆଜ୍ଞାମାଳ ଆସିବା ପରେ ହୋମଯଜ୍ଞ ହୋଇଥିଲା। ଏହାପରେ ରଥ କାଠ କଟା ଆରମ୍ଭ ହୋଇଥିଲା।



ପୁରୀ ଅଭିମୁଖେ ଯାଉଛି ରଥକାଠ।

# କନଷ୍ଟେବଲଙ୍କ ସମେତ ୪ ଗିରଫ

**ଧର୍ମଶାଳା/ଯାଜପୁର ଟାଉନ, ୨୪।୧ (ଡିଏନ୍‌ଏ):** ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ବାଳିକାଙ୍କୁ ଗତ ୧୪ତାରିଖ ଅପହରଣ କରିନିଆଯିବା ପରେ ତାଙ୍କୁ ୪ଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଏହି ଘଟଣାକୁ ନେଇ ଗତ କିଛିଦିନ ଧରି ରାଜନୈତିକ ତାତି ଜୋର ଧରିଥିବାବେଳେ ଶୁକ୍ରବାର ପୋଲିସ ଆଉ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ସାମଲ ଓରଫ ପିଣ୍ଟୁଙ୍କ ଭିଣୋଇ ତଥା ଧର୍ମଶାଳା ଥାନା କନଷ୍ଟେବଳ ସନ୍ତୋଷ ବାରିକ, ସତ୍ୟନାରୟଣଙ୍କ ମାଉସୀ ପୁଷ୍ପାଞ୍ଜଳି ବେହୁରା ଓ ୨ ସାଙ୍ଗ ଅବଦୁଲ ମୋଫିଜୁଲ ରେହମାନ ଏବଂ ମୋହନ ମହାନ୍ତି। ପୀଡ଼ିତାଙ୍କୁ ସନ୍ତୋଷ ଫୋନ କରି ଧମକ ଦେଇଥିବାରୁ ଓ ପୁଷ୍ପାଞ୍ଜଳି ତାଙ୍କୁ ନିଜ ଘରେ ଲୁଚାଇ ରଖିଥିବାରୁ ପୋଲିସ ଉଭୟଙ୍କୁ ଗିରଫ କରିଥିବା କହିଛି। ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ରାତିରେ ପିଣ୍ଟୁ ନାବାଳିକାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ନାବାଳିକାଙ୍କୁ ନିଶା ଦେଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକାଙ୍କୁ ପ୍ରଥମେ କଟକ ଓ ପରେ ସୁକିନ୍ଦାରେ ରଖି ବଳାତ୍କାର କରିବା ପରେ ତାଙ୍କୁ ୧୮ ତାରିଖ ଅପରାହ୍ନରେ ବାରବାଟୀରେ ଆଣି ଛାଡ଼ି ଦେଇଥିଲେ। ପୀଡ଼ିତାଙ୍କ ବାପା ତାଙ୍କୁ ଉଦ୍ଧାରକରି ଧର୍ମଶାଳା ଥାନାକୁ ନେଇଥିଲେ। ପୋଲିସ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରାଇ ତାଙ୍କୁ ଯାଜପୁର ମେଡିକାଲକୁ ପଠାଇବା ସହିତ ଏକ ମାମଲା (ନଂ.୧୭/୨୦) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ଓ ତାଙ୍କ ଭାଇ ରୁଦ୍ର ନାରାୟଣ ସାମଲ ଓରଫ ମିଟୁ, ଭଉଣୀ କବିତା ସାହୁ, ବନିତା ପ୍ରଧାନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଦ୍ୟାବଧି ପୋଲିସ ୮ ଜଣଙ୍କୁ ଗିରଫ କରିଥିବାବେଳେ ଘଟଣାର ଅଧିକ ତଦନ୍ତ ଚଳାଇଛି।

**ଧର୍ମଶାଳା ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣା**

# ନନ୍ଦନକାନନକୁ ଆସିବ ଧଳା ଗଣ୍ଡା

**ବାରଙ୍ଗ, ୨୪।୧ (ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଖୁବଶୀଘ୍ର ଆସିବେ ନୂଆ ଅତିଥି। ସିଙ୍ଗାପୁରରୁ ଧଳା ଗଣ୍ଡା ଓ ଶ୍ରୀଲଙ୍କାରୁ ଆଫ୍ରିକୀୟ ସିଂହ ଅଣାଯିବା ପାଇଁ ଆଲୋଚନା ହୋଇଛି। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଉପରେ ସହମତି ମିଳିଲେ ସିଂହ ଓ ଧଳା ଗଣ୍ଡା ନନ୍ଦନକାନନକୁ ଆସିବ। ଏହି ବିଷୟରେ ନନ୍ଦନକାନନ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ୍ କହିଛନ୍ତି। ଏଥର ନୂଆ ରୂପରେ ଝଲସିବ ଗଣ୍ଡା ଏନକ୍ଲୋଜର। ତେବେ ନନ୍ଦନକାନନ ପାଇଁ ନୂଆ ପ୍ରଜାତି ସାଜିଥିବା ଧଳା ଗଣ୍ଡା ଆସିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଆଶା କରାଯାଇଛି। ଉଲ୍ଲେଖଯୋଗ୍ୟ, ୧୯୭୬ ମସିହାରେ ନନ୍ଦନକାନନକୁ ଆସାମର ଗୁଆହାଟୀରୁ ନକ୍ଷୀନାମକ ମାଈ ଗଣ୍ଡା ନନ୍ଦନକାନନକୁ ଆସିଥିବାବେଳେ ତା'ର ସାଥୀ ନନ୍ଦକୁ ୨୧ ଡିସେମ୍ବର ୧୯୭୯ ମସିହାରେ ଅଣାଯାଇଥିଲା। ତେବେ ୨୦୦୭ରେ ନକ୍ଷୀ ମୃତ୍ୟୁ କରିଥିବାବେଳେ ନନ୍ଦ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଥିଲା।



ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ସିଆର୍‌ପିଏଫ୍‌ର ନୂଆ ମୁଖ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିଆର୍‌ପିଏଫ୍‌ର ନୂଆ ମହାନିର୍ଦ୍ଦେଶକ ଭାବେ ୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର ଏ.ପି. ମାହେଶ୍ୱରୀଙ୍କ ନିଯୁକ୍ତିରେ କେତେକ ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମାହେଶ୍ୱରୀ ଆଇଟିବିପି (ଭାରତ–ତିବ୍ବତ ସୀମା ପୋଲିସ) ମହାନିର୍ଦ୍ଦେଶକ ଏସ.ଏସ୍. ଦେଶୱାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯିଏ ଗତମାସରେ ସିଆର୍‌ପିଏଫ୍‌ର ପୂର୍ବ ମହାନିର୍ଦ୍ଦେଶକ ରାଜୀବ ରାୟ ଭଟ୍ଟନାଗରଙ୍କ ସେବାନିବୃତ୍ତି ପରେ ସିଆର୍‌ପିଏଫ୍‌ର ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ମାହେଶ୍ୱରୀ ଏବେ ୩.୨୫ ଲକ୍ଷ କର୍ମଚାରୀ ଥିବା ଭାରତର ସବୁଠୁ ବଡ଼ ଅର୍ଦ୍ଧସାମରିକ ବଳର ମୁଖ୍ୟ ହୋଇଛନ୍ତି। ସେ ଆଗାମୀ ବର୍ଷ ଅବସର ନେବା ପର୍ଯ୍ୟନ୍ତ ଦେଶର ମାଓବାଦବିରୋଧୀ ତଥା ଜମ୍ମୁ–କଶ୍ମୀରରେ ସନ୍ତ୍ରାସବାଦବିରୋଧୀ ଅଭିଯାନର ନେତୃତ୍ୱ ନେବେ। ସିଆର୍‌ପିଏଫ୍‌ରେ ଏହି ୟୁପି କ୍ୟାଡର ଅଧିକାରୀ ବିଭିନ୍ନ ପଦବୀରେ ୯ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିସାରିଥିବାବେଳେ ଏହା ତାଙ୍କର ତୃତୀୟ କାର୍ଯ୍ୟକାଳ। ସେ ପୋଲିସ ଅନୁସନ୍ଧାନ ଓ ବିକାଶ ବ୍ୟୁରୋର ଡି.ଜି., ସୀମା ସୁରକ୍ଷା ବଳର ସ୍ୱତନ୍ତ୍ର ଡି.ଜି. (ଅପରେଶନ) ସହ ସିଆର୍‌ପିଏଫ୍‌ରେ ଆଇ.ଜି. (ଅପରେଶନ) ଏବଂ ଆଇ.ଜି. (ଶ୍ରୀନଗର ସେକ୍ଟର) ଭାବେ ସେବା କରିଛନ୍ତି। ଏହି ନିଯୁକ୍ତି ପୂର୍ବରୁ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତେବେ ଜଣେ ସ୍ୱତନ୍ତ୍ର ସଚିବଙ୍କୁ ସିଆର୍‌ପିଏଫ୍‌ର ଡିଜି ଭାବେ ନିଯୁକ୍ତି ଦେବା ଅସ୍ୱାଭାବିକ ମନେହୁଏ। ମାହେଶ୍ୱରୀଙ୍କୁ ତାଙ୍କ ସେବା ଲାଗି ଏପରିଭାବେ ପୁରସ୍କୃତ କରାଯାଇଥାଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ମନେକରୁଛନ୍ତି।

### ସିଆଇଡି ଲାଗି ବିବାଦ

ହରିୟାଣାର ଗୃହମନ୍ତ୍ରୀ ଅନିଲ ଭିଜ୍ ୧୯୮୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା ସିଆଇଡି ମୁଖ୍ୟ ଅନିଲ କୁମାର ରାଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରାଜ୍ୟ ଗୃହସଚିବଙ୍କୁ ଲିଖିତଭାବେ ଜଣାଇଛନ୍ତି। କେବଳ ଏତିକି ନୁହେଁ, ରାଓଙ୍କ ବଦଳରେ ସେହି ପଦବୀରେ ୧୯୮୪ ବ୍ୟାଚ୍‌ର ଆଉ ଜଣେ ଅଧିକାରୀ ଶ୍ରୀକାନ୍ତ ଯାଦବଙ୍କୁ ଅବସ୍ଥାପିତ କରିବାକୁ ମଧ୍ୟ ଦାବି କରିଛନ୍ତି। ଗୃହ ସଚିବ ଭିଜ୍‌ଙ୍କ ଦାବିକୁ ଗ୍ରହଣ କରିବେ ବୋଲି ମନେହେଉଛି। ରାଜ୍ୟ ସିଆଇଡିର କାର୍ଯ୍ୟଧାରାରେ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ପ୍ରଥମ ଘଟଣା ନୁହେଁ। ଏହି ବିଭାଗକୁ କିଏ ଚଳାଇବ ସେ ନେଇ ତାଙ୍କର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ବି ବିବାଦ ଉପୁଜିଥିଲା। ବିଭାଗର କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ଆବଶ୍ୟକ ପ୍ରସ୍ତାବ ଦେବାକୁ ସେ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରିଥିଲେ। ସିଆଇଡି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିବା ପରମ୍ପରା ରହିଆସିଛି, କିନ୍ତୁ ଭିଜ୍‌ଙ୍କ ମତ ଭିନ୍ନ। ଖଟ୍ଟର ସେହି ବିଭାଗ ଚଳାନ୍ତୁ ବୋଲି ସେ ଚାହାନ୍ତି ନାହିଁ। ଦୁର୍ଭାଗ୍ୟବଶତଃ ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ବିବାଦରେ ଏବେ ସିଆଇଡି ମୁଖ୍ୟ ରାଓ ବଳିପଡିପାରନ୍ତି। ଏହି ଲଢ଼େଇରେ କିଏ ଜିତିବ ସେଥିରେ କିଛି ଫରକ ପଡିବନି, କିନ୍ତୁ ରାଜ୍ୟ ସିଆଇଡିର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଛି।

### ବିବାଦରୁ ବିଦା

ସମ୍ପ୍ରତି ମହାରାଷ୍ଟ୍ରରେ ବାବୁମାନଙ୍କର ଯେଉଁ ଅଦଳବଦଳ ହେଲା ସେଥିରେ ଗୋଟିଏ ଘଟଣାକୁ ଛାଡି ସେମିତି କିଛି ନୂଆକଥା ନ ଥିଲା। ମୁମ୍ବାଇ ମେଟ୍ରୋ ରେଲ କର୍ପୋରେଶନ (ଏମ୍‌ଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅଶ୍ୱିନୀ ଭିଦେଙ୍କୁ ରାଜ୍ୟ ସରକାର ବିଦା କରିଦେଲେ। ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ଯେବେଠୁ ଆଦିତ୍ୟ ଠାକ୍‌ରେ ରାଜ୍ୟ ସଂସ୍କୃତି ଓ ପରିବେଶ ମନ୍ତ୍ରୀ ହେଲେଣି, ସେବେଠୁ ଏପରି ହୋଇପାରେ ବୋଲି ଜଣାପଡୁଥିଲା। ଗତବର୍ଷ ମେଟ୍ରୋ ପ୍ରୋଜେକ୍ଟ ଲାଗି ମୁମ୍ବାଇର ଆରେ କଲୋନୀରେ ଗଛ କାଟିବାକୁ ନିର୍ଦ୍ଦେଶ ଦେଇଥିବାରୁ ଭିଦେଙ୍କୁ ବଦଳି କରିବା ଲାଗି ସେ ସାଧାରଣରେ ଦାବି କରିଥିଲେ। ଏହା ପାଖାପାଖି ସେହି ସମୟର ଥିଲା ଯେତେବେଳେ ରାଜ୍ୟରେ ସରକାର ଗଢ଼ିବା ଅନିଶ୍ଚିତତା ଭିତରେ ଥିଲା ଏବଂ ମହା ବିକାଶ ଅଘାଡି ସରକାର ଗଠନ ହୋଇ ନ ଥିଲା। ୧୯୮୮ ବ୍ୟାଚ୍ ଆଇଏଏସ ଅଧିକାରୀ ଭିଦେ ମେଟ୍ରୋ ଶେଡ୍ ପ୍ରୋଜେକ୍ଟର ଜଣେ ଦୃଢ଼ ସମର୍ଥକ ଥିଲେ ଏବଂ ରାଜନୈତିକ ଦଳ ଓ ଗ୍ରୀନ କାର୍ଯ୍ୟକର୍ତ୍ତାମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତାଙ୍କ ସ୍ଥାନରେଏବେ ମହାରାଷ୍ଟ୍ର ସଡ଼କ ପରିବହନ ନିଗମର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଥିବା ରଣଜିତ୍ ସିଂ ଦେଓଲଙ୍କୁ ଅବସ୍ଥାପିତ କରାଯାଇଛି। କୌତୂହଳର କଥା ହେଉଛି ସେ ପ୍ରମୁଖ ସଚିବ ଭାବେ ପଦୋନ୍ନତି ପାଇବାର କିଛିଦିନ ପରେ ଏହି ବଦଳି କରାଯାଇଛି।

Email: dilipcherian@gmail.com

**୨୫ ବର୍ଷ ତଳର ଧରିତ୍ରୀ** DHARITRI

୨୫ ଜାନୁୟାରୀ ୧୯୯୫

- ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲା ଏକ ୪ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।
- ଆମେରିକା ପକ୍ଷରୁ ଜାପାନର ଭୂମିକମ୍ପ କ୍ଷତିଗ୍ରସ୍ତ ଲୋକଙ୍କ ନିମନ୍ତେ ୫୯,୫୦୦ କମ୍ବଳ କୋବେ ସହରକୁ ପଠାଯାଇଛି।

### sudoku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | | 1 | | | | C | | | | 5 | B | | |
| 9 | | | | | | | 1 | E | | | B | | | 7 |
| 1 | A | 6 | B | 5 | | 7 | | | | 9 | | 2 | | |
| | | | | 9 | | | | 4 | | C | | E | 0 | |
| | | | | | D | | | | | | A | C | | |
| 7 | | | 8 | | | | | 3 | | | | | | 5 |
| | 0 | | | | | 2 | | | | B | D | | | |
| | | | | | | 9 | | A | 4 | | | | | D |
| | 2 | 4 | 5 | | | | E | 8 | 3 | | | | C | |
| | | D | 9 | | | 4 | 7 | | 6 | | C | 3 | 8 | |
| | B | | 3 | | | | | 0 | | 5 | | | | |
| | | | | 1 | | | 3 | | A | | 9 | | | 2 |
| | | 2 | 7 | | A | 5 | | | | | E | | 6 | 0 |
| A | C | | | | | | 2 | 6 | | 3 | 4 | 1 | | 9 |
| E | | 0 | | | 6 | | A | | B | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 4 | C | B | 2 | 9 | 1 | A | 5 | 6 | E | 0 | 8 | 7 |
| A | C | E | 5 | 6 | D | 0 | 2 | 4 | 8 | 7 | 1 | B | 3 | 9 |
| 6 | 8 | 7 | 4 | 1 | 0 | E | B | 3 | C | 2 | 9 | D | 5 | A |
| 0 | 5 | 9 | 3 | E | A | 7 | 8 | C | B | 4 | D | 1 | 6 | 2 |
| 2 | 1 | B | 8 | 7 | 9 | D | 5 | 6 | A | 0 | 3 | E | C | 4 |
| 9 | A | D | 7 | 4 | 6 | B | 0 | 5 | E | C | 2 | 8 | 1 | 3 |
| 7 | B | 3 | 9 | D | E | C | 4 | 8 | 0 | 1 | 5 | A | 2 | 6 |
| C | 2 | 0 | 1 | 8 | B | A | 3 | E | 6 | 9 | 4 | 5 | 7 | D |
| E | 6 | 5 | A | 0 | 3 | 2 | 9 | 1 | D | 8 | 7 | C | 4 | B |
| 1 | 4 | 8 | 2 | C | 5 | 6 | D | 7 | 3 | A | B | 9 | 0 | E |
| D | 9 | C | B | 2 | 4 | 8 | 7 | 0 | 1 | E | 6 | 3 | A | 5 |
| 8 | 7 | 1 | E | 5 | C | 3 | 6 | D | 4 | B | A | 2 | 9 | 0 |
| B | 3 | 6 | 0 | 9 | 8 | 5 | A | 2 | 7 | D | C | 4 | E | 1 |
| 5 | E | 2 | 6 | A | 1 | 4 | C | B | 9 | 3 | 0 | 7 | D | 8 |
| 4 | 0 | A | D | 3 | 7 | 1 | E | 9 | 2 | 5 | 8 | 6 | B | C |

ଗତକାଲିର ଉତ୍ତର

# ଆମ ସମ୍ବିଧାନର ମହତ୍ତ୍ୱ



ବିପିନ ବିହାରୀ ମିଶ୍ର

ଆମ ସମ୍ବିଧାନ ପ୍ରସ୍ତୁତ ହେଲା ୨୬ ନଭେମ୍ବର ୧୯୪୯ରେ ଏବଂ କାର୍ଯ୍ୟକାରୀ ହେଲା ୨୬ ଜାନୁୟାରୀ ୧୯୫୦ରେ। ସମ୍ବିଧାନରେ ଲେଖାଯାଇଛି ଯେ ସମସ୍ତ ନାଗରିକ ଏହାକୁ ପ୍ରସ୍ତୁତ କରି ନିଜକୁ ସମର୍ପି ଦେଲେ। ଆରମ୍ଭ ହେବା ସମୟରେ ୩୯୫ ଧାରା ଥିଲା, ବର୍ତ୍ତମାନ ଏହା ୪୪୮ରେ ପହଞ୍ଚିଲାଣି। କାରଣ ଅନେକ ଥର ସମ୍ବିଧାନର ସଂଶୋଧନ କରାହୋଇଛି। ୧୯୪୫ ମସିହାରେ ଇଂରେଜ ସରକାର ସମ୍ବିଧାନ ଗଠନ କରିବା ପାଇଁ ଏକ ସଭା କରିବା ଲାଗି ରାଜି ହେଲେ। ଦଶ ଲକ୍ଷ ଲୋକଙ୍କ ପାଇଁ ଜଣେ ସଦସ୍ୟ ରହିବେ ଓ କେତେକ ଗୋଷ୍ଠୀ ସଦସ୍ୟଙ୍କୁ ମଧ୍ୟ ବିଚାରକୁ ନିଆଯିବାର ଥିଲା। ୩୮୯ ସଦସ୍ୟ ରହିବାର ଥିଲା, କିନ୍ତୁ ୨୯୬ ସଦସ୍ୟ ରଖାଗଲା। କାରଣ ମୁସଲିମ ଲିଗ୍ ଏହାକୁ ବର୍ଜନ କଲା। ଆମ ଦେଶରେ ଏବେ ସମ୍ବିଧାନ ପ୍ରସ୍ତୁତ ହେଉ, ଯାହାଦ୍ୱାରା ଦେଶ ସ୍ୱାଧୀନ ହେଲେ ତୁରନ୍ତ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମହାତ୍ମା ଗାନ୍ଧୀ ୧୯୨୨ ମସିହାରୁ ଦାବିକରି ଆସୁଥିଲେ। ୧୮୯୫ରେ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କ ପ୍ରରୋଚନାରେ ସ୍ୱରାଜ୍ୟ ବିଲ୍ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କର ଦାବିକୁ ଇଂରେଜ ସରକାର ଗ୍ରହଣ ନ କରିବାରୁ କଂଗ୍ରେସ ଦଳ ମୋତିଲାଲ ନେହେରୁ କମିଟି ବସେଇଲା ଏବଂ ଉକ୍ତ କମିଟି ବେଶି ଜୋର ଦେଲା ମୌଳିକ ଓ ମାନବିକ ଅଧିକାର ଉପରେ। ଆମର ଯେଉଁ ମୌଳିକ ଅଧିକାର ସମ୍ବିଧାନରେ ଅଛି, ସେଥିରୁ ଦଶଟି ହେଉଛି ମୋତିଲାଲଙ୍କ ପ୍ରସ୍ତାବର ସାମାନ୍ୟ ପରିବର୍ତ୍ତନ କରାଯାଇ ଗୃହୀତ ହୋଇଥିବା ଧାରା। ଭାରତୀୟମାନେ ନିଜର ଏକ ସମ୍ବିଧାନ କରିବା ପାଇଁ ଅକ୍ଷମ ବୋଲି ଜଣେ ଇଂରେଜ ପ୍ରଶାସକଙ୍କର ତାଚ୍ଛଲ୍ୟ ଭୁଲ୍ ପ୍ରମାଣିତ ହେଲା।

ଇତିମଧ୍ୟରେ ୧୯୩୫ ମସିହାରେ ଇଂରେଜ ସରକାର ଭାରତୀୟମାନଙ୍କୁ ପ୍ରଶାସନର କିଛି ଅଂଶ ଗ୍ରହଣ କରିବା ପାଇଁ ଏକ ନିୟମ ପ୍ରଣୟନ କଲେ, ଯାହା ୧୯୩୫ ମସିହା ଆଇନ ବୋଲି କୁହାଯାଏ। ସମ୍ବିଧାନ–ସଭା ଏହାଦ୍ୱାରା ଅନେକାଂଶରେ ପ୍ରଭାବିତ ହୋଇଛି। ତା' ବ୍ୟତୀତ ଆମର ଶାସ୍ତ୍ର, ପରମ୍ପରା, ଅତୀତର ବହୁ ଆଇନ ବିଶେଷଜ୍ଞ ଯଥା– ମନୁ, ଶୁକ୍ରାଚାର୍ଯ୍ୟ, ଚାଣକ୍ୟଙ୍କ ମତ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି। ଏହି ସଭାର କାର୍ଯ୍ୟ ଆରମ୍ଭ ହେଲା ୧୯୪୬ ମସିହାରେ। ଦୁଇବର୍ଷ ଏଗାର ମାସ ୧୮ ଦିନ ପର୍ଯ୍ୟନ୍ତ ଆଲୋଚନା ଚାଲିଲା ଓ ଆଲୋଚନା ସମୟରେ ୭୬୫୩ ସଂଶୋଧନ ପ୍ରସ୍ତାବ ଆସିଲା। ସେଥିମଧ୍ୟରୁ ୨୪୭୩ ପ୍ରସ୍ତାବ ଉପରେ ବିଶଦ ଆଲୋଚନା କରାଗଲା। ସମ୍ବିଧାନ ସଭାରେ ଥିଲେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମୌଲାନା ଆବୁଲ କାଲାମ୍ ଆଜାଦ୍, ଡକ୍ଟର କେ. ମୁନ୍‌ସୀ, ଡ. ଆମ୍ବେଦକର ଓ ଆଲାଡି କ୍ରିଷ୍ଣା ସ୍ୱାମୀ ଆୟାର ପ୍ରମୁଖ ବହୁ ସୁନାମଧନ୍ୟ ପ୍ରତିନିଧି।

ଭାରତ ଏକ ବିଶାଳ ଦେଶ। ବହୁ ଭାଷା, ବହୁ ଗୋଷ୍ଠୀ, ଅନେକ ଜନଜାତିଙ୍କର ଥିଲା ଭିନ୍ନ ଭିନ୍ନ ଆଶା ଓ ଦାବି। ସେଥିପାଇଁ ଏଭଳି ସମ୍ବିଧାନ କରାଗଲା, ଯାହାକି ସମଗ୍ର ଦେଶବାସୀଙ୍କୁ ସନ୍ତୁଷ୍ଟ କରିବ ଓ ସମସ୍ତେ ଏହାକୁ ଆମ ସମ୍ବିଧାନ ବୋଲି କହିବେ। ବାସ୍ତବରେ ସମ୍ବିଧାନର ପ୍ରଥମ ଧାଡି ଉଇ ଦି ପିପୁଲ ଅଫ୍ ଇଣ୍ଡିଆ (ଆମେ ଭାରତୀୟ ନାଗରିକମାନେ) ଆରମ୍ଭ ହୋଇ ଶେଷ ହୋଇଛି ଗିଭ୍ ଆୱାରସେଲ୍ଭ ଦି କନ୍‌ଷ୍ଟିଚ୍ୟୁଶନ (ଆମେ ନିଜକୁ ସମ୍ବିଧାନ ଅର୍ପଣ କରୁଛୁ)। ୧୨% ନାଗରିକ ପ୍ରତିନିଧିଙ୍କ ଦ୍ୱାରା ହୋଇଥିଲେ ମଧ୍ୟ ଏହା ସମଗ୍ର ଦେଶର ନାଗରିକମାନଙ୍କର ଇଚ୍ଛାକୁ ପ୍ରତିଫଳନ କରୁଥିଲା। ତେଣୁ ନିଃସଙ୍କୋଚରେ କୁହାଯାଇପାରିବ ଯେ ଆମ ସମ୍ବିଧାନ ନାଗରିକଙ୍କର, ନାଗରିକଙ୍କ ପାଇଁ ଓ ନାଗରିକଙ୍କ ଦ୍ୱାରା। କେହି କେହି ଆକ୍ଷେପ କରିଛନ୍ତି ଏହା ଏଭଳି ଜଟିଳ, ଏତେ ବିଶାଳ ଯେ ସମ୍ବିଧାନ ଆଇନଜୀବୀଙ୍କ ଦ୍ୱାରା ଓ ଆଇନଜୀବୀଙ୍କ ପାଇଁ ଏକ ସ୍ୱର୍ଗ। ଯେଉଁମାନେ ଏଭଳି ଆକ୍ଷେପ କରିଛନ୍ତି ସେମାନେ ଅବଗତ ଥିବେ ଯେ ସେହି ତଥାକଥିତ ଆଇନଜୀବୀମାନେ ହେଲେ ପଣ୍ଡିତ ନେହେରୁ (ଯିଏ ଅଳ୍ପ କେତେଦିନ ବିଚାରାଳୟକୁ ଯାଇ କଳା କୋର୍ଟ ଓହ୍ଲାଇ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ), ତାଙ୍କ ପରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ୟ ଏକ ବାରିଷ୍ଟର କଳାକୋର୍ଟ ଛାଡି ଆନ୍ଦୋଳନ କରିଥିଲେ। ଡ. ଆମ୍ବେଦକର ଉଚ୍ଚଶିକ୍ଷିତ ଓ ଆଇନଜ୍ଞ ହେଲେ ମଧ୍ୟ ସେ ଦଳିତମାନଙ୍କ ପାଇଁ କାର୍ଯ୍ୟ କରୁଥିଲେ ଓ ସମ୍ବିଧାନ କାର୍ଯ୍ୟକାରୀ କମିଟିର ସଭାପତି ହେଲେ। କେ. ମୁନ୍‌ସୀ ଓକିଲାତି ଛାଡି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ଯେଉଁସବୁ ଆଇନଜୀବୀମାନେ ଯୋଗ ଦେଇଥିଲେ ସେମାନେ ଅତ୍ୟନ୍ତ ପ୍ରତିଷ୍ଠିତ, ବିଜ୍ଞ, ଜ୍ଞାନୀ ଓ ସାମାଜିକ କର୍ମୀ ଥିଲେ। ତେଣୁ ସମ୍ବିଧାନକୁ ଆଇନଜୀବୀଙ୍କ ଦ୍ୱାରା ପ୍ରଣୀତ ବୋଲି କୁହାଯିବ ନାହିଁ ବରଂ ଏହା ଜ୍ଞାନୀ ଓ ଦେଶ ସେବକଙ୍କ ଦ୍ୱାରା ପ୍ରସ୍ତୁତ ବୋଲି କୁହାଯିବ। ସେମାନେ ବିଶାଳ ସମ୍ବିଧାନ କଲେ ଦେଶବାସୀଙ୍କ ପାଇଁ। ବିଭିନ୍ନ ମତର ତର୍ଜମା କରି ସେମାନେ ଏକ ଗ୍ରହଣୀୟ ମତ ସୃଷ୍ଟି କଲେ।

ସମ୍ବିଧାନ ଗଠନ ଆରମ୍ଭରେ ପଣ୍ଡିତ ନେହେରୁ ସମ୍ବିଧାନର ଲକ୍ଷ୍ୟ କ'ଣ ସେ ବିଷୟରେ ଏକ ଚିଠା ପ୍ରସ୍ତୁତ କଲେ ଯାହାକି ପରେ ସମ୍ବିଧାନର ମୁଖଶାଳା ହେଲା। କିନ୍ତୁ ସର୍ଦ୍ଦାର ପଟେଲଙ୍କ ଅବଦାନ ଅଧିକ ଅବିସ୍ମରଣୀୟ। ବିଭିନ୍ନ ପ୍ରସ୍ତାବ, ବାଦବିବାଦ, ସଂଶୋଧନ ପ୍ରସ୍ତାବ ଓ ତା'ର ପ୍ରତିବାଦକୁ ଧୈର୍ଯ୍ୟର ସହିତ ଶୁଣି ସର୍ଦ୍ଦାର ପଟେଲ୍ ସଭାରେ କିଛି କହନ୍ତି ନାହିଁ ଏବଂ ଦୁଇ ପକ୍ଷକୁ ପରଦା ପଛକୁ ଡାକି ଆଲୋଚନାକରି ସମାଧାନ କରିଦେଉଥିଲେ। ଏତେ ବିରାଟ ସମ୍ବିଧାନ ହେଲା, ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ଆଲୋଚନା ଚାଲିଲା, ଅଥଚ ସଭାଗୃହ ବର୍ଜନ, ସଭାପତି (ରାଜେନ୍ଦ୍ର ପ୍ରସାଦ)ଙ୍କ ଟେବୁଲକୁ ଚଢ଼ିଯିବା, କାଗଜ ଫୋପାଡିବା, ନାରାବାଜି କରିବା ଇତ୍ୟାଦି ଆଚରଣ ଛାଡନ୍ତୁ, କୌଣସି ପ୍ରସ୍ତାବ ଏବଂ ଧାରା ଉପରେ ଭୋଟ ଦାବି ହୋଇନାହିଁ। ଏହା ଆମ ସମ୍ବିଧାନର ଏକ ବିଶେଷତ୍ୱ ଏବଂ ଏହା ପ୍ରମାଣିତ କରେ ଯେ, ସେ ଯୁଗରେ ବହୁ ବିରାଟ ବ୍ୟକ୍ତିତ୍ୱ ଥିଲେ। ସେମାନେ ଦେଶର ପ୍ରତିନିଧି ଏବଂ ତାଙ୍କ ଆଚରଣରୁ ପ୍ରମାଣିତ ହୁଏ ଆମ ଦେଶର ସଂସ୍କୃତି କେଉଁ ସ୍ତରରେ ଥିଲା ଏବଂ ବର୍ତ୍ତମାନ କେଉଁ ସ୍ତରରେ ଅଛି।

ସମ୍ବିଧାନର ଚିଠା ପ୍ରସ୍ତୁତିରେ କେତେକ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିଲା। ଦେଶରେ ସଂସଦୀୟ ଶାସନ ହେବ କି ରାଷ୍ଟ୍ରପତି ଶାସନ ହେବ, ଏକତ୍ୱ ଶାସନ କିମ୍ବା ସଂଘ ଶାସନ, ରାଷ୍ଟ୍ରଭାଷା କ'ଣ ହେବ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କିପରି କ୍ଷମତା ବଣ୍ଟନ ହେବ, ଦଳିତ ଜାତିଙ୍କ ପାଇଁ କିପ୍ରକାର ଏବଂ କେତେ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସୁବିଧା ଦିଆଯିବ ଇତ୍ୟାଦି ଆଲୋଚନା ହେଲା। ପୁରୁଷୋତ୍ତମ ଦାସ ଟଣ୍ଡନ ଏବଂ ତାଙ୍କ ଗୋଷ୍ଠୀ ଦାବି କଲେ ଯେ, ହିନ୍ଦୀ ରାଷ୍ଟ୍ରଭାଷା ହେଉ, ଯାହାକୁ ଅନେକେ ବିରୋଧ କଲେ। ଜଣେ ସଦସ୍ୟ କହିଲେ ଯେ ଯେଉଁମାନେ ହିନ୍ଦୀ ନ ଜାଣିଛନ୍ତି ସେମାନେ ଦେଶ ଛାଡି ପଳେଇ ଯାଆନ୍ତୁ। ତାଙ୍କୁ ପଣ୍ଡିତ ନେହେରୁ ଏଇଟା ଖାନ୍‌ସୀର ଲୋକମାନଙ୍କ ସଭା ନୁହେଁ, ଏହା ହେଉଛି ଏକ ପବିତ୍ର ଅନୁଷ୍ଠାନର ସଭା କହି ବସେଇ ଦେଲେ। ଏ ସମସ୍ତ ପ୍ରଶ୍ନର ଉତ୍ତର ଦେଲା ସମ୍ବିଧାନ ସଭା। ଯେତେବେଳେ ଚିଠା ପ୍ରସ୍ତୁତ ହେଲା ସେତେବେଳେ ଦୁଇଜଣଙ୍କର ଅବଦାନ ଆମେ ଭୁଲିବା ଉଚିତ ନୁହେଁ। ସମ୍ବିଧାନ ସଭାରେ ଏନ୍. ବେନ୍‌ଗୁଲ ରାଓଙ୍କୁ ଉପଦେଷ୍ଟା ଭାବେ ନିଆଯାଇଥିଲା ଏବଂ ତାଙ୍କର ସହାୟକ ଥିଲେ ଏସ୍.ଏନ୍. ମୁଖାର୍ଜୀ। ବେନ୍‌ଗୁଲ ରାଓ ଅତି ଉଚ୍ଚଶିକ୍ଷିତ ଆଇସିଏସ୍ ଅଫିସର ଓ ହାଇକୋର୍ଟର ଜଜ୍ ଥିଲେ। ସେ ଚିଠା ପ୍ରସ୍ତୁତ କରିବାରେ ଡ. ଆମ୍ବେଦକରଙ୍କୁ ବହୁତ ସାହାଯ୍ୟ କରିଛନ୍ତି ଏବଂ ସମ୍ବିଧାନର ଭାଷାକୁ ସରଳ କରିବାରେ ତାଙ୍କର ସହାୟକ ଏସ୍.ଏନ୍. ମୁଖାର୍ଜୀଙ୍କ ଇତିହାସ ମନେରଖିବା ଉଚିତ। ସେହିପରି ଆଲାଡି କ୍ରିଷ୍ଣା ସ୍ୱାମୀ ଆୟାର। ସେ ମାଡ୍ରାସରେ ୧୫ ବର୍ଷ ପର୍ଯ୍ୟନ୍ତ ଆଡଭୋକେଟ୍ ଜେନେରାଲ ଓ ଦେଶର ଜଣେ ତୁଙ୍ଗ ଆଇନଜ୍ଞ ବୋଲି ଗଣାଯାଉଥିଲେ। ଡ. ଆମ୍ବେଦକର ନିଜେ ସ୍ୱୀକାର କରିଛନ୍ତି ଯେ ଆଇନ ଜ୍ଞାନରେ ଆଲାଡି ତାଙ୍କଠାରୁ ବହୁତ ଆଗରେ। ସଭାରେ ଯେଉଁ ଆଲୋଚନା ହେଲା ତାହା ସମସ୍ତ ଲିଖିତ ହୋଇଛି। ୧୨ ଖଣ୍ଡ ଏବଂ ପ୍ରତ୍ୟେକ ହଜାରେ ପୃଷ୍ଠା ପାଖାପାଖି। ତାକୁ ପଠନ କଲେ ଜଣାଯିବ ଯେ ଆଲୋଚନା କେତେ ଉଚ୍ଚସ୍ତରର ଥିଲା। ଏଇ ଚିଠାକୁ ଧରି ସାର୍ ବେନ୍‌ଗୁଲ ରାଓ ଇଂଲଣ୍ଡ, ଆୟର୍ଲାଣ୍ଡ, ଆମେରିକା, କାନାଡାକୁ ଯାଇ ସେଠାର ଆଇନଜୀବୀ, ଜଜ୍ ପ୍ରମୁଖଙ୍କ ସହିତ ଆଲୋଚନା କରି ସଂଶୋଧନ ମଧ୍ୟ କଲେ। ଶେଷକୁ ସମ୍ବିଧାନ ପ୍ରସ୍ତୁତ ହେଲା ଏବଂ ୨୬ ଜାନୁୟାରୀରେ ଦେଶକୁ ମିଳିଲା ଏକ ଭେଟି, ଯାହାକି ଚିର ଜୀବନ୍ତ ହୋଇ ଆବଶ୍ୟକତା ଦୃଷ୍ଟିରୁ ସଂଶୋଧିତ ହେଉଛି, କିନ୍ତୁ ପରିବର୍ତ୍ତିତ ହେଉନାହିଁ। ଏହା ହିଁ ଆମ ସମ୍ବିଧାନର ମହତ୍ତ୍ୱ।

ମୋ–୯୦୪୦୪୧୨୩୭୮

# ସେକାଳ ଚିଠି



ଡା. ବାସୁଦେବ ପ୍ରଧାନ

ଆଜି ବାକ୍ସ ଭିତରୁ ପୁରୁଣା ଚିଠିଟିଏ ପାଇ ଚିଠି ବିଷୟରେ ଦୁଇପଦ ଲେଖିବାକୁ ଇଚ୍ଛା ହେଲା। ଚିଠି ବହୁ ପୁରୁଣା କଥା ମନେ ପକେଇଦିଏ। ଯୁବସୁଲଭ ଗୁଣ ମନକୁ ରୋମାଞ୍ଚଭରା କରିଦେଲା। ପ୍ରେମର ବାହକ ଥିଲା ଚିଠି। ଉତ୍କଣ୍ଠା, ଆବେଗ, ବିରହ ମିଳନର ବାସ୍ନାରେ ବାସ୍ନାୟିତ ଚିଠିର ଦେହ। ଆଖିରେ ଆଖି ମିଶିବା ପରେ ଅଧିକ କିଛି କୁହାଯାଏ ଚିଠିରେ। ଭାରି ଭାରି ଶବ୍ଦରେ ଓଜନିଆ ହୋଇଉଠେ ଦେହ ତା'ର। କେତେବେଳେ ଦୁଇ ପଦରେ ସରୁଥିଲା ତ କେତେବେଳେ ବଢ଼ୁଥିଲା ତା'ର କଳେବର। ପୋଷ୍ଟକାର୍ଡ, ଅନ୍ତର୍ଦ୍ଦେଶୀୟପତ୍ର, ଲଫାପା ମାଧ୍ୟମରେ ଲେଖା ହେଉଥିଲା ଚିଠି। ସମୟ ବାହାର କରି ମନକଥା ଲେଖାହେଉଥିଲା। ଚିଠି ଲେଖୁଥିବା ଲୋକ ଉତ୍ତର ପାଇବା ଆଶାରେ ଚାହିଁ ବସୁଥିଲା। ଉତ୍ତର ପ୍ରାପ୍ତିରେ ବିଳମ୍ବ ହେଲେ ମନରେ ଦୁଃଖ ଭରିଯାଉଥିଲା। ଆଉ ଉତ୍ତର ପାଇଲେ ଆନନ୍ଦର ସୀମା ରହୁ ନ ଥିଲା। ଚିଠି କେବଳ ଡାକବାଲା ନେଉ ନ ଥିଲା। ଚିଠିକୁ ମଧ୍ୟ ଜହ୍ନ, କେତେବେଳେ ମେଘ ହାତରେ ବି ପଠାଯାଉଥିଲା ମନର କଳ୍ପନାରେ। ସେଥିପାଇଁ ଅନେକ ଓଡ଼ିଶୀ, ଛାନ୍ଦ, ଢଗଢମାଳି ରଚନା କରାଯାଇଛି। ଯେମିତି ମେଘକୁ ଡାକବାଲା ସଜାଇ ବୋଲା ଯାଉଥିଲା– କହିବୁ ମେଘରେ କାନ୍ତଙ୍କୁ ଯାଇ...। ଆଉ କେବେ ନିଜସ୍ୱ କବିତାରେ ଜହ୍ନକୁ ଡାକବାଲା ସଜାଇ ଲେଖିଚି– ଜହ୍ନରେ ଜହ୍ନ ଯିବୁ ଗାଁକୁ ଦେଖିଆସିବୁ ମୋ ପ୍ରିୟାକୁ।

ପିଲାବେଳ କଥା ମନେପଡେ। ସ୍କୁଲ ଯିବାକୁ ତର ତର। ସ୍କୁଲରୁ ଆସି ବସ୍ତାନି ଫିଙ୍ଗି ଖେଳିବାକୁ ଯିବାକୁ ତରତର। ସେତିକିବେଳେ ବିଦେଶରେ ରହୁଥିବା ସ୍ୱାମୀ, ପୁଅମାନଙ୍କର ସ୍ତ୍ରୀ ଓ ମା'ମାନେ ଚିଠିଟିଏ ଲେଖିବା ପାଇଁ ଅନୁରୋଧ କରୁଥିଲେ। ନ ଲେଖିଲେ ମନ ଦୁଃଖ କରୁଥିଲେ। ଚିଠି ଲେଖିଦେବା ପାଇଁ ପାଚିଲା କଦଳୀ, ପିଜୁଳି, ସିତାଫଳ କେତେ କ'ଣ ଲାଞ୍ଚ ମିଳୁଥିଲା। ପାଲା ଗାଇବା ପୂର୍ବରୁ ମଙ୍ଗଳାଚରଣ ଗାଇବା ପରି ଶ୍ରୀଶ୍ରୀଗ୍ରାମଦେବତୀଙ୍କ ଚରଣେ ଶରଣ, ବୃନ୍ଦାବନଚନ୍ଦ୍ରଙ୍କ ଚରଣେ ଶରଣ, ଶ୍ରୀଶ୍ରୀବାଲୁଙ୍କେଶ୍ୱରଙ୍କ ଚରଣେ ଶରଣ। ଏମିତି ଲେଖୁ ଲେଖୁ ଚିଠି ଅଧା ହୋଇଯାଏ। (ଜଣେ କବିଙ୍କ ଭାଷାରେ କଲିକତାରୁ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀ ପାଖକୁ ଚିଠି ଲେଖିଛନ୍ତି: ଶିରୀ ଶିରୀ ଗଙ୍ଗାକାଳୀ ଚରଣେ ଶରଣ, ଲଇକ୍ଷଣ ବୋଉ ଶୁଣ ଲେଖିବା କାରଣ...।) ଆଉ ଅଧାରୁ ଦାଦାଙ୍କର ଆଶୀର୍ବାଦ, ଖୁଡୀଙ୍କର ଆଶୀର୍ବାଦ, ଜେଜେମା, ଜେଜେବାପାଙ୍କର ଆଶୀର୍ବାଦ, ଭାଇ ଭାଉଜଙ୍କର ଆଶୀର୍ବାଦ ଲେଖାରେ ବାକି ଅଧକରୁ ଅଧା ସରିଯାଏ। ଅବଶିଷ୍ଟ ଚାରଣା ଜାଗାରେ ମୂଳ ପ୍ରସଙ୍ଗ ରହୁଥିଲା। ଏଇ ଯେମିତି ଏବର୍ଷ ଫସଲ ଭଲ ହୋଇନି। ଧୋଇ ମରୁଡିରେ ସବୁତକ ଗଲା। ଝିଅ ପାଇଁ କଂସାବାସନ କିଣା, ସ୍ନୋପାଉଡର, କଜ୍ଜଳ, ସିନ୍ଦୂର, ପାଟରା ଜିନିଷର ବିବରଣୀ। ଶେଷରେ ଧାରକରଜର ତାଲିକା। ଟଙ୍କା ପଠେଇବାକୁ ଅନୁରୋଧ। ଶେଷ କେଇ ଧାଡିରେ ନିଜ ଦେହପାକୁ ଜଗିରଖିବାକୁ ପରାମର୍ଶ। ଏମିତି କେତେକଥା। ସବୁଠାରୁ ମନଛୁଆଁ ଧାଡିଟି ହେଲା ଇତି ତମର ସୀତା କି ଲକ୍ଷ୍ମୀର ବୋଉ। ନିଜର ନାଁ ଲେଖିବାକୁ ଲାଜ ଲାଗୁଥିଲା। ସେତେବେଳେ ଚିଠିକୁ ଇତି କଲା ବେଳେ ସେମାନେ ତମର ଗୀତା, ମିତା, କବିତା ଲେଖିବାରେ ଅସୁବିଧା କେଉଁଠି ଜାଣିପାରୁ ନ ଥିଲି। ବେଳେ ବେଳେ ଭାଉଜମାନଙ୍କର ଭାଇଙ୍କ ପାଇଁ ଚିଠି ଇତି କଲାବେଳେ ଲେଖିଦିଏ ଇତି ତମର ପ୍ରେମପାଗଳିନୀ ଅଭାଗିନୀ ପ୍ରମିଳା କି ହେମ ବୋଲି। ଚିଠି ଲେଖା ସରିବା ପରେ ସେମାନଙ୍କୁ ଶୁଣେଇବାକୁ ପଡୁଥିଲା। କିଛି ରହିଗଲେ ସେମାନଙ୍କର ଅନୁରୋଧ ଆଉ କିଛି ଯୋଡିବାକୁ। ଆରଥରକୁ ଲେଖିବି କହି ଚିଠିଲେଖା ବନ୍ଦ କରୁଥିଲି। ଖାଲି ଲେଖିଦେଲେ ହବନି। ଚିଠି ଡାକବାକ୍ସରେ ପକେଇବା ଦାୟିତ୍ୱ ମଧ୍ୟ ଥିଲା ମୋର। ସତରେ ଚିଠି କଥା ମନେପଡିଲେ ମନେପଡେ ଆମ ଅତୀତ। ଡାକସେବା ପ୍ରଚଳନ ହେଲା ପରେ ଚିଠିର ଆଦାନ ପ୍ରଦାନ ସହଜ ହେଲା। ଚିଠି ସମ୍ପର୍କ ଯୋଡିବାର ମାଧ୍ୟମ। ପୋଷ୍ଟମ୍ୟାନ, ପୋଷ୍ଟବକ୍ସ, ଡାକଘର ଦିନେ ଅତି ଚଳଚଞ୍ଚଳ ଥିଲା। ପୋଷ୍ଟବକ୍ସଟିଏ ଦେଖିଲେ ମନରେ ଆନନ୍ଦ ଆସୁଥିଲା, ମନ ଉଲ୍ଲସିତ ହେଉଥିଲା। ଏସବୁ ପ୍ରତି ଏବେ ଅଣଦେଖା, ଅନାଦର। ଏବେ ଡାକଘର ଅଛି। ହେଲେ ସେବାର ତରିକା ବଦଳିଗଲାଣି। କେତେବେଳେ ଡାକଘର ସଞ୍ଚୟର ମାଧ୍ୟମ ହେଲାଣି ତ ଆଉ କେବେ ଆଗାମୀ ଦିନରେ କିଛି ନୂଆ କରିବାର ପ୍ରଚେଷ୍ଟା ଆରମ୍ଭ ହେଲାଣି। ଏବେ ମୋବାଇଲ ଫୋନ୍, ନେଟ୍ ସେବା ଯୋଗାଯୋଗ ଶ୍ରେଷ୍ଠ ମାଧ୍ୟମ ହେଲାଣି। ଶୀଘ୍ର ବାର୍ତ୍ତା ପହଞ୍ଚିଯାଉଛି। ଏଗୁଡିକ ଏବେ ଡାକଘର ପରି କାମ କରୁଛନ୍ତି। ହେଲେ ସେକାଳ ଚିଠିରେ ଥିବା ସେ ଆନ୍ତରିକତା ନାହିଁ। ତଥାପି ଚିଠି, ଡାକବାଲା ଓ ଡାକଘର ରହିଛି ଓ ରହିବ। ପୁରୁଣା ସ୍ମୃତି ବଖାଣୁଥିବ।

ସରକାରୀ ଆୟୁର୍ବେଦ ହସ୍ପିଟାଲ,
ମାଉସୀମା' ଛକ, ଭୁବନେଶ୍ୱର,
ମୋ–୯୪୩୭୩୦୫୦୪୫

### ଏଇ ଭାରତରେ

ସେବାରେ ବୟସ ବାଧକ ସାଜେନି ଯାହା ପ୍ରମାଣ କରିଛନ୍ତି କେରଳର ଅବଦୁଲ ଖାଦର। ସେ ଏକ 'ଫୁଡ୍ ବ୍ୟାଙ୍କ' ଖୋଲି ପ୍ରତିଦିନ ଗରିବ ଓ ଅସହାୟମାନଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି। ପ୍ରତିଦିନ ତାଙ୍କ ଫୁଡ ବ୍ୟାଙ୍କ୍‌ରେ ଗୃହହୀନମାନେ ବେଶି ଖାଇଥାଆନ୍ତି। ଥ୍ରିଶୁର ସହରର ଇରାଂଜିଲିକୁଡା ରୋଡ୍ ନିବାସୀ ଅବଦୁଲ ଖାଦର ଓମାନରେ ୩୮ ବର୍ଷ ରହିବା ପରେ କେରଳକୁ ଫେରି ଏହି ସେବା ଆରମ୍ଭ କରିଛନ୍ତି। ୧୯୭୯ରେ ଯେତେବେଳେ କାଦରଙ୍କୁ ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ କରିବା କଷ୍ଟ ଥିଲା ସେତେବେଳେ ସେ ରୋଜଗାର ଅନ୍ୱେଷଣରେ ଓମାନ ଚାଲିଯାଇଥିଲେ। ଭୋକିଲା ପେଟର ଜ୍ୱାଳା ସେ ଅନୁଭବ କରିଥିଲେ ଓ ତାଙ୍କ ପିତାଙ୍କ ଭାବନା 'ଗରିବଙ୍କୁ ଖାଦ୍ୟ ଦେବା ମହତ୍ ସେବା'କୁ ସ୍ମରଣ କରି ସେ ଏହି ଫୁଡ୍ ବ୍ୟାଙ୍କ ଆରମ୍ଭ କରିଛନ୍ତି । ଗତବର୍ଷ ୨ ଅକ୍ଟୋବରରେ ସେ ଆରମ୍ଭ କଲେ 'ଫୁଡ୍ ବ୍ୟାଙ୍କ୍'। ଖାଦରଙ୍କ ବୟସ ଏବେ ୬୬। ସେ ତାଙ୍କ ଘର ବାରଣ୍ଡାରେ ବନ୍ଦ କାଉଣ୍ଟର୍‌ରେ ଖାଦ୍ୟ ରଖି ଲୋକଙ୍କୁ ଦେଉଛନ୍ତି। ପିଇବା ପାଣି ମଧ୍ୟ ଯୋଗାଇ ଦେଉଛନ୍ତି। ଘର ଲୋକଙ୍କ ସହାୟତାରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ତାଙ୍କ ସ୍ତ୍ରୀ ସୁନୀତା। ଯାହା ସେମାନେ ଘରେ ଖାଆନ୍ତି ତାହା ଗରିବମାନଙ୍କୁ ଦେଇଥାନ୍ତି। ଫୁଡ୍ ବ୍ୟାଙ୍କ୍‌ରେ କେହି ଯେମିତି ଖାଦ୍ୟ ନଷ୍ଟ ନ କରନ୍ତି ତାହା ଦେଖିବା ଲାଗି ସେ କ୍ୟାମେରା ଲଗାଇଛନ୍ତି।

### ଚିରନ୍ତନୀ

ସାନ୍ତାଳ ଝିଅ ଛଳନାବିହୀନ
ବଦନ ଶୋଭା
ବିକାର–ବିହୀନ ହାସ୍ୟ ତାହାର
ବିମଳ ଗତି
ସାଥୀମେଳେ ହାତ ହଲାଇ ଚଳଇ
ସହଜ ଗତି
ମଧୁମାଳତୀର ମଞ୍ଜରୀ ଘେନି
ଶୋହୁଛି ଗଭା !
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୋଚିରୁ ଶିକ୍ଷା

ମହଶୟ,

ଧରିତ୍ରୀ (୧୪/୧)ର ସଂପାଦକୀୟ 'କୋଚିରୁ ଶିକ୍ଷା' ବେଶ୍ ମର୍ମସ୍ପର୍ଶୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପର୍ଟମେଣ୍ଟକୁ ବିସ୍ଫୋରଣ କରି ଏବେ ମାଟିରେ ମିଶାଇ ଦିଆଯାଇଛି। ମାରାଡୁ ମ୍ୟୁନିସିପାଲିଟିରେ ଥିବା ଏହିସବୁ ଉଚ୍ଚ ଅଟ୍ଟାଳିକା ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମର ଉଲ୍ଲଙ୍ଘନ କରିଥିବାରୁ ସେଗୁଡ଼ିକୁ ଭୂମିସାତ୍ କରାଯାଇଛି। ଏବେ ଆସନ୍ତୁ ଏ ପ୍ରସଙ୍ଗରେ ଆମ ରାଜ୍ୟକୁ। ସହର ତ ଆପାର୍ଟମେଣ୍ଟରେ ଭର୍ତ୍ତି। ସହରତଳି ଗାଁର ଠିକ୍ ଗାଁ ମୁଣ୍ଡରେ ଏହା ଗଢ଼ିଉଠୁଥିବାରୁ ସମୁଦାୟ ଗାଁ ଖୋଲା ପବନ ପାଇବାରୁ ବଞ୍ଚିତ। ଲୋକେ ଦକ୍ଷିଣା, ଉତ୍ତରା ପବନ ପାଇବା ସ୍ୱପ୍ନ। ପୁଣି ପରିମଳ ସମସ୍ୟା। ଆପାର୍ଟମେଣ୍ଟ ଯୋଗୁ ଆବର୍ଜନା, ଅପରିଷ୍କାର ଓ ପୂତିଗନ୍ଧମୟ ବାତାବରଣ ସୃଷ୍ଟି ହେଉଛି। ସରଳ, ନିରୀହ ଲୋକେ ପ୍ରତିବାଦ କରିପାରୁ ନାହାନ୍ତି। ଏ ଦିଗରେ ସବିଶେଷ ଅନୁସନ୍ଧାନ ପୂର୍ବକ ବିଡିଏ, ବିଏମ୍‌ସି ଓ ଗୃହ ନିର୍ମାଣ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓ ଏପରି ନିର୍ମାଣ ଲାଗି ଅନୁମତି ନ ଦେବାକୁ ଦାବି ହେଉଛି।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଅବସର ପରେ

ସରକାରୀ ଚାକିରିରେ ବୟସ ୬୦ ବର୍ଷ ହୋଇଗଲେ ଅବସର ନେବାକୁ ପଡେ। ଆଜିକାଲି ସେ ନିୟମ ବଦଳିଗଲାଣି। ଯେଉଁ ଦଳ ସରକାରରେ ରହିଛନ୍ତି ତାଙ୍କର ଶୁଭ ଦୃଷ୍ଟିରେ ରହିଲେ ତାଙ୍କ ବୋଲ ମାନି ଅନ୍ୟାୟକୁ ନ୍ୟାୟ କହି କାମ କଲେ ତାଙ୍କର ଚାକିରି କାଳ ଆଉ କିଛିବର୍ଷ ପାଇଁ ସମ୍ପ୍ରସାରିତ ହୋଇଯାଏ କିମ୍ବା ଅବସର ପରଦିନ ତାଙ୍କୁ ଅନ୍ୟ ଏକ ସମ୍ମାନନୀୟ ଏବଂ ଉଚ୍ଚ ପଦବୀରେ ଅବସ୍ଥାପିତ କରାଯାଏ। କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଏହାକୁ ଏକ ପରମ୍ପରାରେ ପରିଣତ କରିଦେଲେଣି। ଫଳତଃ ଶିକ୍ଷିତ ବେକାରମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଯୋଗ୍ୟ ଲୋକମାନେ ପଦୋନ୍ନତି ପାଉନାହାନ୍ତି। ଅଥଚ ତୋଷାମୋଦକାରୀମାନେ ଲୋକଙ୍କ ଆଖିରେ ଦୁର୍ନୀତିଗ୍ରସ୍ତ ହେଲେ ବି ସରକାରଙ୍କର ଗେହ୍ଲା ପୁଅ ଲିଷ୍ଟରେ ନାଁ ରହିଯାଉଛି। ଚାକିରି ପରେ ଲୋକେ ଘୃଣାରେ ତାଙ୍କ ମୁହଁକୁ ବି ଅନାନ୍ତି ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଚିରଞ୍ଜନ



ଅଜିତ୍



ସୁଶାନ୍ତ



କାର୍ତ୍ତିକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଜାମିନରେ ଆସିଲେ ପୁଞ୍ଜିଲାଲ

**ପାଟଣାଗଡ଼,୨୪।୧(ଡି.ଏନ.ଏ.)**

- ମା'ଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବେ
- ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇପାରିବେ ନାହିଁ
- ପୋଲିସ ନଜରରେ ରହିବେ



ପୁଞ୍ଜିଲାଲ ମେହେର

ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ହାଇକୋର୍ଟ ଅନ୍ତରୀଣ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ମା'ଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ତାଙ୍କୁ ଏହି ଜାମିନ ମିଳିଛି । ବୁଧବାର ସେ ବଲାଙ୍ଗୀର ଜେଲରୁ ବାହାରି ପୂର୍ବାହ୍ନ ସାଢ଼େ ୧୦ଟାରେ ପାଟଣାଗଡ଼ ରାମପୁରସ୍ଥିତ ଘରେ ପହଞ୍ଚିଥିଲେ। ପରେ ସେ ଶ୍ମଶାନ(ସ୍ୱର୍ଗଦ୍ୱାର)କୁ ଯାଇ ମା'ଙ୍କ ଅସ୍ଥି ସଂଗ୍ରହ କରି ଘରକୁ ଆଣିଥିଲେ। ଗତ ୧୨ ତାରିଖରେ ମା' ଇନ୍ଦୁମତୀ ମେହେର(୭୨)ଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ପାଟଣାଗଡ଼ ଏ.ଡି.ଜେ. କୋର୍ଟ ପୁଞ୍ଜିଲାଲାଙ୍କୁ ଅନୁମତି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ କଲାପରେ ସେ ପୁଣି ବଲାଙ୍ଗୀର ଜେଲକୁ ଫେରିଥିଲେ। ହେଲେ ମା'ଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ ପାଇଁ ହାଇକୋର୍ଟ ପୁଞ୍ଜିଲାଲଙ୍କୁ ସର୍ତ୍ତମୂଳକ ଭାବେ ୪ ଦିନିଆ ଜାମିନ ପ୍ରଦାନ କରିଛନ୍ତି। ଜାମିନ ଅବଧି ସମୟରେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ । ପ୍ରମାଣ ନଷ୍ଟ କରିବାକୁ କୌଣସି ଚେଷ୍ଟା କରିବେ ନାହିଁ, ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ପ୍ରତିକ୍ରିୟା ଦେଇପାରିବେ ନାହିଁ। ବାହାରକୁ ଗଲେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଜଣାଇବେ। ଏପରି କି ପୁଞ୍ଜିଲାଲଙ୍କ ଉପରେ ଥାନା ଅଧିକାରୀ ନଜର ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ସେ ଜେଲରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ଫେବୃୟାରୀ ୨୩ ତାରିଖରେ ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ଏବଂ ତାଙ୍କ ଜେଜେ ମା'ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମ ବ୍ରାଞ୍ଚ ମାମଲାରେ ହସ୍ତକ୍ଷେପ କରି ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲା। ସେଦିନଠାରୁ ପୁଞ୍ଜିଲାଲ ଜେଲ ହାଜତରେ ରହିଥିଲେ। ହାଇକୋର୍ଟ ପୁଞ୍ଜିଲାଲଙ୍କୁ ୪ ଦିନିଆ ଜାମିନ ଦେଇଥିବା ଜାଣି ମୃତ ସୌମ୍ୟଶେଖରଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏପରି କି ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ ପରିବାରର ସୁରକ୍ଷା ପାଇଁ ବଲାଙ୍ଗୀର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଏସ୍‌ପିଙ୍କ ସହ ସାକ୍ଷାତ ହୋଇ ପାରି ନ ଥିବା କହିଛନ୍ତି। ଅନ୍ୟପକ୍ଷେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

**ରିଷିଡା**
- କଲେଜ କ୍ୟାଣ୍ଟିନ ଓ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟନ ଓ ବାର୍ଷିକ ଉତ୍ସବ, ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅପରାହ୍ନ ୩ଟା।

**ବୌଦ୍ଧ**
- ମା ଭୈରବୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ଖେଳ, ଭୈରବୀ ମିନି ଷ୍ଟାଡିୟମ ପୁରୁଣାକଟକ, ଅପରାହ୍ନ ସାଢେ ୩ଟା।
- ଜିଲାସ୍ତରୀୟ ଦଶମ ଜାତୀୟ ଭୋଟର ଦିବସ, ବୌଦ୍ଧ ଟାଉନହଲ, ପୂର୍ବାହ୍ନ ୧୧ଟା।

**ବିଜେପୁର**
- ଜାତୀୟ ଭୋଟର ଦିବସ ରାଲି, ବିଜେପୁର ବସଷ୍ଟାଣ୍ଡ, ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଘରୋଇ କ୍ରିକେଟ୍ ଲିଗ୍ ମ୍ୟାଚ୍, ଅଣ୍ଡର ୧୬ ଓ ୧୯ର ଚତୁର୍ଥଦିନ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଓ ମହୁଲଡ଼ିପା ସାହି, ନାଳ ପଡ଼ିଆ ଷ୍ଟାଡିୟମ, ସମୟ ସକାଳ ୯ଟା।

**କୁଆଁରମୁଣ୍ଡା**
- ଗାଡ଼ି କାଗଜପତ୍ର ଶିବିର, ବୀରମିତ୍ରପୁର କଲ୍ୟାଣ ମଣ୍ଡପ ପରିସର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ପଦ୍ମଶ୍ରୀ ପର୍ଶୁରାମ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଭୁତାପଡା ଛକ, ସକାଳ ୮ଟା ।
- ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା।
- ୨୨ତମ ସମ୍ବଲପୁର ପୁସ୍ତକ ମେଳା, ଅଇଁଠାପାଲି ପିଏଚ୍‌ଡି ପଡିଆ, ଅପରାହ୍ନ ୨ଟା।
- ଅଭିବ୍ୟକ୍ତିର ଲକ୍ଷ୍ମଣ ରେଖା ଶୀର୍ଷକ ଆଲୋଚନାଚକ୍ର, ଗାନ୍ଧୀସ୍ମୃତି ମଞ୍ଚ, ସନ୍ଧ୍ୟା ୬ଟା।

# ସାମାନ୍ୟ ବଚସାରୁ ଭୁଜାଲି ମାଡ଼

**ବ୍ରଜରାଜନଗର, ୨୪।୧ (ଡି.ଏନ.ଏ):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ପାଖରେ ସାମାନ୍ୟ ବଚସାରୁ ଭୁଜାଲି ମାଡ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ସୋନୁ ଦାସ (୨୦) ଓ ଦେବେନ୍ଦ୍ର ସିଂ (୨୧)ଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହେବାରୁ ଦେବେନ୍ଦ୍ର ହଠାତ୍ ନିଜ ଘରୁ ଭୁଜାଲି ଆଣି ସୋନୁଙ୍କୁ ଆକ୍ରମଣ କରିଥିଲେ। ରକ୍ତସ୍ରାବ ହେବାରୁ ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ପରେ ସୋନୁଙ୍କ ବାପା ବିଚିତ୍ରାନନ୍ଦ ଦାସ ଏ ସଂକ୍ରାନ୍ତରେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଫେରାର ଥିବା ଥାନା ପ୍ରଭାରୀ ନଳିତା ମୋଦୀ ପ୍ରକାଶ କରିଛନ୍ତି।

# ନିର୍ବାଚନ ପରେ ଶିକ୍ଷାନୁଷ୍ଠାନରେ ଇଭିଏମ୍ ରଖିବା ମନା

## ଜିଏ ବିଭାଗ, ସମସ୍ତ ଜିଲାପାଳଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ):** ସାଧାରଣ ନିର୍ବାଚନ ଓ ଉପନିର୍ବାଚନସମୟରେଭୋଟିଂମେଶିନ୍‌ଗୁଡିକୁଶିକ୍ଷାନୁଷ୍ଠାନରେ ରଖାଯାଉଛି। ଏପରିକି ଭୋଟିଂ ଗଣତି ସରିବା ପରେ ମଧ୍ୟ ଶିକ୍ଷାନୁଷ୍ଠାନରୁ ଏଗୁଡ଼ିକୁ ହଟାଯାଉନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ଏ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ରେ ଏକ ପିଟିଶନ ଦାୟର ହୋଇଥିଲା। ଏହାର ଶୁଣାଣି କରି କମିଶନ ଗୁରୁତ୍ୱପୂର୍ଣ୍ଣ ରାୟରେ ଏଣିକି ନିର୍ବାଚନ ପରେ ଶିକ୍ଷାନୁଷ୍ଠାନ (ସ୍କୁଲ,କଲେଜ)ରେ ଅଯଥାରେ ଭୋଟିଂ ମେଶିନ୍ ପକାଇ ରଖାଯିବ ନ ରଖିବାକୁ ସମସ୍ତ ଜିଲାପାଳ ଏବଂ ଜିଏ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ବିଜେପୁର ଉପନିର୍ବାଚନ ସମୟରେ ଏକାଧିକ ଇଭିଏମ୍, ଭିଭିପ୍ୟାଡ୍ ମେଶିନ ଏବଂ ଅନ୍ୟ ଭୋଟିଂ ମେଶିନ୍‌କୁ ବିଜେପୁରର ଅନେକ ଶିକ୍ଷାନୁଷ୍ଠାନରେ ରଖାଯାଇଥିଲା। ନିର୍ବାଚନ ପରେ ମଧ୍ୟ ଏହି ମେଶିନଗୁଡିକୁ କଲେଜରୁ ହଟାଯାଇ ନ ଥିଲା। ଯାହାଫଳରେ ପଦ୍ମପୁର କଲେଜର ଏକାଧିକ କ୍ଲାସ୍ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଅର୍ଥାତ ୭ ମାସ ବନ୍ଦ ରହିଥିଲା। ଏ ନେଇ କଲେଜର ଅଧ୍ୟକ୍ଷ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ଏ ସଂକ୍ରାନ୍ତରେ ଦୁଇ ଜଣ ମାନବିକ ଅଧିକାର କର୍ମୀ ପ୍ରଦୀପ୍ତ ନାୟକ ଓ ଚନ୍ଦ୍ରନାଥ ଡାନି ମାର୍ଚ୍ଚ ମାସରେ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଏକ ପିଟିଶନ୍ ଦାଖଲ କରିଥିଲେ। ଏହି ପିଟିଶନ୍ ଆଧାରରେ କମିଶନ ତୁରନ୍ତ କଲେଜରୁ ଇଭିଏମ୍ ଖାଲି କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଏହାପରେ ଜିଲାପାଳ ତଦନ୍ତ ରିପୋର୍ଟ ରାଜ୍ୟ ମାନବିକ ଅଧିକାର କମିଶନଙ୍କୁ ପ୍ରଦାନ କରିଥିଲେ। କମିଶନ ଏହି ରିପୋର୍ଟ ପାଇବା ପରେ ଉଭୟ ପକ୍ଷର ମତାମତ ଲୋଡ଼ିଥିଲେ। କମିଶନ ହୃଦବୋଧ କରିଥିଲେ ଯେ, ନିର୍ବାଚନ ପରେ ମଧ୍ୟ ଜିଲା ପ୍ରଶାସନ ଅଯଥାରେ ଭୋଟିଂ ମେଶିନ୍‌ଗୁଡ଼ିକୁ କ୍ଲାସ୍‌ରୁମ୍‌ରେ ରଖୁଥିବାରୁ ପିଲାଙ୍କ ପାଠ ପଢା ବାଧାପ୍ରାପ୍ତ ହେଉଛି। ତେଣୁ କମିଶନର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏଣିକି ନିର୍ବାଚନ ପରେ ଆଉ ଭୋଟିଂ ମେଶିନକୁ କ୍ଲାସ୍ ରୁମ୍‌ରେ ପକାଇ ରଖିବେ ନାହିଁ। ଯଦି ଏଭଳି ଘଟଣା ନଜରକୁ ଆସେ ତେବେ କମିଶନ ପରବର୍ତ୍ତୀ ପଦକ୍ଷେପ ନେବେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ରାୟଗଡ଼ା

**ନୋଟିସ୍**

ଏତଦ୍ୱାରା ଆପଣ ଶ୍ରୀ ଧରଣୀଧର ପାତ୍ର, ପିତା: ଶ୍ରୀ ବିଭୂତି ଭୂଷଣ ପାତ୍ର, ଗ୍ରାମ: ଟିଆସିଁପୋଷି, ପୋଷ୍ଟ: ବାଙ୍କିଆ, ଜିଲ୍ଲା: କେନ୍ଦୁଝର, ପିନ୍: ୭୫୮୦୪୪ଙ୍କୁ ଜଣାଇ ଦିଆଯାଉଛି ଯେ ଆପଣ ତା.୦୨.୦୭.୨୦୧୮ରିଖ ଠାରୁ କାର୍ଯ୍ୟରେ ଅନଧିକାରରେ ଅନୁପସ୍ଥିତ ଅଛନ୍ତି। ତା.୨୨.୧୦.୨୦୧୯ରିଖରେ ଚିଠି ନମ୍ବର ୪୨/୧୨୨, ତା.୨୨.୧୦.୨୦୧୯ରେ ଏକ ଚିଠି ଆପଣଙ୍କ କଥିତ ନୋଟିସ୍‌ର ୩୦ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାପାଇଁ କୁହାଯାଇଥିଲା। କିନ୍ତୁ ଆପଣ ତା.୨୪.୦୧.୨୦୨୦ ରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେଲେ ନାହିଁ କିମ୍ବା ଆପଣଙ୍କ ଅନୁପସ୍ଥିତିର କୌଣସି ଉତ୍ତର/ଆବେଦନ/ସ୍ପଷ୍ଟୀକରଣ ଦେଲେ ନାହିଁ।

ବର୍ତ୍ତମାନ ଯେହେତୁ ଆପଣ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାରେ ବିଫଳ ହେଲେ, ତେଣୁ ଆପଣ ଏହି ନୋଟିସ୍ ପ୍ରକାଶ ପାଇବା ଠାରୁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି ବୋଲି ବିଚାର କରାଗଲା।

ଆଞ୍ଚଳିକ ପ୍ରବନ୍ଧକ



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C/71, Sector-7, CDA, Cuttack - 753014
R.P. No. 252/2009/CTC
(Arising out of OA No. 149 of 2009)

**NOTICE UNDER SECTION 28 (4A) OF THE RECOVERY OF DEBTS DUE TO BANKS & FINANCIAL INSTITUTIONS ACT, 1993**

Next Date: 20.03.2020

State Bank of India, Stressed Assets Resolution Centre, Rasulgarh, Bhubaneswar, Orissa ...Certificate Holder Bank
Vs.
M/s. J.S. Glass & Ply Centre & another ...Certificate Debtors

To,
1. **M/s. J.S. Glass & Ply Centre,** Plot No.: 3564, Palasuni, Rasulgarh, Bhubaneswar - 10, Dist.: Khurda, (Proprietor: Mr. Deepak Kumar Mishra)
2. **Mr. Prasanta Kumar Patra,** Plot No.: 28, Budheswari Colony, Laxmi Sagar, Bhubaneswar, Dist.: Khurda

WHEREAS you have failed to pay the decretal dues along with interest & Cost, which is amounting to **Rs. 19,45,683.00 (Rupees Nineteen Lac Forty Five Thousand Six Hundred Eighty Three Only)** along with interest **@10.25% p.a.** with annum rests from **05.02.2010** till realization of the entire dues payable by you in respect of the demand notice issued by the undersigned as per certificate dt. **19.11.2009** arising out of **O.A. No. 149 of 2009** issued by the Presiding Officer, Debts Recovery Tribunal, Cuttack under sub section 22 of the Section 19 of the Recovery of Debts due to Banks and Financial Institutions Act, 1993.

Now under the provision of section 28 (4A) of the Recovery of Debts due to Bank & Financial Institution Act, 1993, you are hereby directed to declare on affidavit the particulars of your assets and file the same before the undersigned on or before **20.03.2020.** In case of your failure to file the affidavit, action will be taken in accordance with the provisions contained in Chapter V of the Recovery of Debts due to Bank & Financial Institution Act, 1993 for execution of the decree.

Given under my hand & seal at Cuttack on this **17th day of January, 2020.**

Sd/- (R.P. Patnaik)
Recovery Officer



**LEGAL NOTICE**

To,
All the concern,
Sir/Madam,
You had given your vehicle at M/s **UTKAL AUTOMOBILES PVT. LTD.** for repair, and the detail of your Repair Order is as mentioned below:

| S.N. | Registered Owners Name | Model | Vehicle Regd.No. | R.O. Date |
|---|---|---|---|---|
| Vehicles at Hyundai workshop, Pahal: | | HYUNDAI | | |
| 1 | Merry Anjana Mishra | I20 | OR-02BA 1005 | 22.04.2013 |
| 2 | Mr. Sidharth Rout | I20 | OR-02BL 7968 | 12.01.2012 |
| 3 | Mr. Soubhagya Kumar Samal | Accent | OR-02AJ 5544 | 21.03.2013 |
| 4 | Mr. Bapi Jena | Eon | OD-02J 4047 | 02.01.2015 |
| 5 | Mr. Siba Prasad Behera | I20 | OR-02BU 1686 | 05.01.2016 |
| 6 | Mr. Srikant Sasmal | I10 | OR-02BK 1432 | 09.07.2016 |
| 7 | Mr. Prakash Chandra Mohapatra | ACCENT | OR05R8181 | 15.05.2012 |
| 8 | Mr. Dayanidhi Rout | SANTRO | OR05J5049 | 20.07.2013 |
| 9 | Mr. Sunil Kumar Jena | ACCENT | OR05U0100 | 20.10.2014 |
| 10 | Mr. Ananta Akal | ACCENT | OR02AH0001 | 20.06.2013 |
| 11 | Renu Garg | I10 | OR05AV8424 | 30.05.2016 |
| 12 | Mr. Krushna Chandra Rath | XCENT | OD02AT0607 | 09.04.2019 |
| 13 | Sanjukta Dei | XCENT | OD13F8151 | 25.05.2019 |
| 14 | Mr. Chakradhar Malick | EON | OD02K8015 | 21.05.2016 |
| 15 | Mr. Amiya Kumar Patra | SANTRO | OR238811 | 21.07.2017 |
| 16 | M/s Eglobetec India (P) Ltd | SANTRO | OR02AD4404 | 29.03.2018 |
| 17 | Col Sasanka Shekhar Swain | SANTRO | DL8CF8511 | 21.09.2018 |
| 18 | Mr. Gourav Mohanty | ACCENT | CG05A4005 | 11.12.2015 |
| 19 | Mr. Narayan Pradhan | VERNA | OD02B0005 | 28.05.2019 |
| 20 | Mr. Prahalad Patra | VERNA | OR17E5151 | 24.05.2017 |
| 21 | Mr. Tridibesh Pattnaik | Grand I10 | OD02X7414 | 05.04.2018 |
| 22 | Mr. Anant Kumar | SANTRO | BR1AJ1845 | 30.04.2016 |
| 23 | Mr. Mohannan | ACCENT | KL20H2498 | 18.06.2018 |
| 24 | Mr. Mahendra Behera | SANTRO | OR05M9090 | 04.12.2016 |
| 25 | Mr. B. Mahendra Patro | VERNA | OD07Z5611 | 26.06.2019 |
| 26 | Shyma Devi Poddar | EON | 630359 | |
| 27 | Mr. Santosh Kumar Jena | XCENT | OD33C0143 | 22.09.2019 |

Even though you have been notified by our legal advisor to take back your vehicle by settling the dues of the company but till today you have not turned up. So the company is constrained to publish that we are not going to be held responsible in any manner if anything happens to your above mentioned vehicle.

UTKAL From: **UTKAL AUTOMOBILES PVT. LTD.** (an authorized dealer of Hyundai vehicles)
Plot No. 517, NH-16, Pahal, Nakhra, Bhubaneswar – 752101



**FORM-13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 258/2019**

**Bank of Baroda, Cuttack Main Branch, Cuttack** ...Applicant
Versus
**M/S Anukul Bhandar & Others** ...Defendant(s)

To
**Def. 3. Sri Kashinath Sahoo**, S/o: Late Fakir Ch. Sahoo, At: Kazipatna, Uttamapur, City/Dist: Cuttack-753012.
**Def. 6. Sri Bata Krushna Rout**, Chhatrabazar, At: Chhatrabazar, P.O: Arunodaya Market, City/Dist: Cuttack-753012.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 258/2019** in the court of the Debts of Recovery Tribunal, Cuttack for recovery of **Rs.1,88,06,913.25** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **29/02/2020 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **22nd day of January 2020**.

Sd/- M. K. Patnaik
**REGISTRAR**


# କିଏ କେଉଁଠି ପତାକା ଉତ୍ତୋଳନ କରିବେ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

## ଭୁବନେଶ୍ୱରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଆସନ୍ତା ଜାନୁୟାରୀ ୨୬ରେ କିଏ କେଉଁ ସ୍ଥାନରେ ପତାକା ଉତ୍ତୋଳନ କରିବେ ସେ ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଟକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ସୁବର୍ଣ୍ଣପୁର, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୁନ୍ଦରଗଡ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମ୍ବଲପୁର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କେନ୍ଦୁଝର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ପୁରୀ, କୃଷି ଓ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଗଞ୍ଜାମ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବାଲେଶ୍ୱର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଅନୁଗୋଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କଳାହାଣ୍ଡି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ରାୟଗଡା, ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଜଗତ୍‌ସିଂହପୁର, ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯାଜପୁରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଢେଙ୍କାନାଳରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ବେଳେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନୟାଗଡ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବଲାଙ୍ଗୀର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ନବରଙ୍ଗପୁର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୟୂରଭଞ୍ଜ, ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଗଜପତି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମାଲକାନଗିରି ଜିଲାରେ ପତାକା ଉତ୍ତୋଳନ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆରଡିସି ବ୍ରହ୍ମପୁର, ଉତ୍ତରାଞ୍ଚଳ ଆରଡିସି ରାଉରକେଲା, ଭଦ୍ରକ, ବରଗଡ, ବୌଦ୍ଧ, ଦେବଗଡ, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ନୂଆପଡା, କେନ୍ଦ୍ରାପଡା, ଝାରସୁଗୁଡା ଆଦି ଜିଲାରେ ଜିଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିବା ନେଇ ସୂଚନା ଦିଆଯାଇଛି।


**बैंक ऑफ़ इंडिया Bank of India BOI**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
[ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା / ବନ୍ଧକଦାତା /ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା /ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚକେଇଶିଆଣୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଚକେଇଶିଆଣୀ ଶାଖା / ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସଞ୍ଜୁକ୍ତା ବେହେରା,** ସ୍ୱାମୀ: ଶ୍ରୀ ସୁରେନ୍ଦ୍ର କୁମାର ବେହେରା, ୨) ଶ୍ରୀ ସୁରେନ୍ଦ୍ର କୁମାର ବେହେରା, ପିତା: ସୋମନାଥ ବେହେରା, ଉଭୟଙ୍କ ବାସସ୍ଥାନ-**ଠିକଣା-୧:** ପ୍ଲଟ୍ ନଂ. ଏଲବି-୨୦୪, ଲକ୍ଷ୍ମୀସାଗର, ବୁଢେଶ୍ୱରୀ, ପିନ୍-୭୫୧୦୦୬, **ଠିକଣା-୨:** ପ୍ଲଟ୍ ନଂ. ୪୩୪, ଅଦାଳିଆ, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍-୭୫୪୦୦୧ / **ଆକାଉଣ୍ଟ ନଂ.: ୫୧୩୩୭୫୧୧୦୦୦୦୦୩୨** | ଟ.୨୦,୦୦,୦୦୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୬.୦୯.୨୦୧୯ / ୨୧.୦୧.୨୦୨୦ | **ଶ୍ରୀମତୀ ସଞ୍ଜୁକ୍ତା ବେହେରାଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଦାଳିଆ, ଥାନା: କଟକ ସଦର, ଏସ୍‌ଆର୍‌ଓ: କଟକ, ତହସିଲ୍: କଟକ, ଜିଲ୍ଲା: କଟକ, ଖାତା ନଂ.: ୩୫୯, ପ୍ଲଟ୍ ନଂ.: ୪୩୪, କ୍ଷେତ୍ର: ଏକର ୦.୫୫୦ ଡିସିମିଲ୍‌ରୁ ୧୨୦୦ ବର୍ଗଫୁଟ, ସବ୍ ପ୍ଲଟ୍ ନଂ. ୩, କିସମ: ଘରବାଡ଼ି, ଚୌହଦୀ-ପୂର୍ବ: ସବ୍ ପ୍ଲଟ୍ ନଂ. ୦୪, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୦୨, ଉତ୍ତର: ପ୍ଲଟ୍ ନଂ. ୪୩୩, ଦକ୍ଷିଣ: ଆଭ୍ୟନ୍ତରୀଣ ୨୦ ଫୁଟ ରାସ୍ତା। |

ସ୍ଥାନ: ଭୁବନେଶ୍ୱର,
ତାରିଖ: ୨୪.୦୧.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଖେଳ ପ୍ରତିଯୋଗିତା

ବ୍ରଜରାଜନଗର, ୨୪।୧ (ଡି.ଏନ.ଏ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ୧୪ ବିଦ୍ୟାଳୟକୁ ନେଇ ଆଞ୍ଚଳିକ ସାଧନକେନ୍ଦ୍ର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ବିଭାଗରେ ୨୧୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ବ୍ରଜରାଜନଗର ସର୍କଲ ସଭାପତି ଚାନ୍ଦୁରାମ ଭୋଇ ଓ ତ୍ରିନାଥ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ସମାପନ ସମାରୋହରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ପ୍ରଶାନ୍ତ ପାଢୀଯୋଶୀ ଓ ଝାରସୁଗୁଡା ଶିକ୍ଷକ ସଂଘ ସମ୍ପାଦକ ରାଜକିଶୋର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷକ ପି.ଏସ୍.ଦେବତା, ପ୍ରଦୀପ ନାଏକ, ପ୍ରଦୀପ ରଥ, ଶିବ ପ୍ରଧାନ ସହାୟତା ପ୍ରଦାନ କରିଥିଲେ।

### ବସ୍ ଯାତ୍ରୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୪।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବସ୍‌ଷ୍ଟାଣ୍ଡରେ ଏକ ଯାତ୍ରୀବାହୀ ବସ୍‌ରୁ ଶୁକ୍ରବାର ପୂର୍ବାହ୍ନରେ ଓହ୍ଲାଇବା ବେଳେ ଜଣେ ଯୁବକ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ବସ୍‌ଷ୍ଟାଣ୍ଡର କେତେକ କର୍ମଚାରୀ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରରୁଆଁ ଥାନା ବଡ଼ାମତଲିଆ ଗ୍ରାମର ରଘୁନାଥ ସିଂ।

# ଫଳ, ପୁଷ୍ପ,ପନିପରିବା ପ୍ରଦର୍ଶନୀ ମେଳା

ଲଖନପୁର,୨୪।୧(ଡି.ଏନ୍.ଏ.)

## ଦର୍ଶକଙ୍କ ମନ କିଣିଲା ରଙ୍ଗବେରଙ୍ଗର ଫୁଲ

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପରିସରରେ ଥିବା ଇବ୍ କ୍ଲବ୍‌ରେ ଶୁକ୍ରବାର ଏକ ଦ୍ୱିଦିବସୀୟ ଫଳ,ପୁଷ୍ପ ଓ ପନିପରିବା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଇବ୍ କ୍ଲବ୍ ତରଫରୁ ଏହି ପ୍ରଦର୍ଶନୀ ମେଳା ଆୟୋଜନ କରାଯାଇଥିଲା। ଏଥିରେ ଡାଲିଆ, ଜିନିଆ,ଗୋଲାପ, ସେବତୀ, ଗେଣ୍ଡୁ ଆଦି ଶତାଧିକ ପ୍ରଜାତିର ଫୁଲ ସ୍ଥାନ ପାଇଥିଲା। ସେହିପରି କମଳା, ଲେମ୍ବୁ, ପିଜୁଳି, ଆତ ଆଦି ବିଭିନ୍ନ ଫଳ ପ୍ରଦର୍ଶିତ ହୋଇଥିଲା। ପନିପରିବା ମଧ୍ୟରେ ବିଲାତି, ବାଇଗଣ, ଫୁଲ ଓ ବନ୍ଧାକୋବି, ଲଙ୍କା ଆଦି ସ୍ଥାନ ପାଇଥିଲା। ଓପିଜିସି କଲୋନୀର ଅଧିକାରୀ,କର୍ମଚାରୀ ଓ ଗୃହିଣୀମାନେ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗୃହିଣୀମାନେ ମିଳିତ ଭାବେ ଏହି ପ୍ରଦର୍ଶନୀରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଦର୍ଶକଙ୍କୁ ସୁଲଭ ମୂଲ୍ୟରେ ବିକ୍ରି କରିଥିଲେ। ଏହି ପ୍ରଦର୍ଶନୀରେ ଦର୍ଶକମାନେ ମନୋରଞ୍ଜନ କରିବା ସାଙ୍ଗକୁ ଖାଇବାର ମଜା ଉଠାଇଥିଲେ। ପ୍ରଦର୍ଶନୀକୁ ଇବ୍ କ୍ଲବ୍ ସଭାପତି ତଥା ଓପିଜିସି ନିର୍ଦ୍ଦେଶକ (ଅପରେଶନ୍)ଆଲୋକ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ଜିଲା ସହକାରୀ ଉଦ୍ୟାନ କୃଷି ଅଧିକାରୀ ରାଜ କୁମାର ସେଠି, ଅମ୍ବର ଲୁଗୁନ୍, ବୁଦ୍ଧଦେବ ଦାସ ଓ ଡିଏଭି ସ୍କୁଲ୍ ଡ୍ରଇଁ ଶିକ୍ଷକ ହେମନ୍ତ ବିଶି ପ୍ରମୁଖ ବିଚାରକଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମୁଖାର୍ଜୀ ଓ ସମ୍ମାନିତ ଅତିଥି ଚିତ୍ତରଞ୍ଜନ ସ୍ୱାଇଁ, ଡା.ବିଜୟଲାଲ୍ ବିଶ୍ୱାଳ, ପ୍ଲାଣ୍ଟ ମ୍ୟାନେଜର ସଞ୍ଜୟ ଗଡୱାଲ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀ ଶିବିର ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ଏହି ପ୍ରଦର୍ଶନୀ ଶିବିର ଉଦ୍‌ଯାପିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ (ଅପରେଶନ)ଆଲୋକ ମୁଖାର୍ଜୀ, ଲେଡିଜ୍ କ୍ଲବ୍ ସଭାପତି ଅନୁସୂୟା ମୁଖାର୍ଜୀ, ସିଆର୍ ସ୍ୱାଇଁ, ଦୀଲିପ ପଣ୍ଡା, ସୁଧିର ବେହେରା, ପବିତ୍ର ମୋହନ ପୃଷ୍ଟି,ଇବ୍ କ୍ଲବ୍ ସାଧାରଣ ସମ୍ପାଦକ ସେନାପତି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଚାରକମାନଙ୍କୁ ଏହି ଉଦ୍‌ଯାପନୀ ଉତ୍ସବରେ ଉପଢୌକନ ଦେଇ ମୁଖ୍ୟ ଅତିଥି ମୁଖାର୍ଜୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଯୋଗିତାକୁ ୬ଭାଗରେ ବିଭକ୍ତ କରାଯାଇଥିଲା । କୃତି ପ୍ରତିଯୋଗୀମାନଙ୍କୁ କମ୍ପାନୀ ତରଫରୁ ଆସନ୍ତା ସାଧାରଣତନ୍ତ୍ର ଦିବସରେ ସମ୍ମାନିତ କରାଯିବ। ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ସହସମ୍ପାଦକ ମହେଶ୍ୱର ପୃଷ୍ଟି, ଖେଳ ସମ୍ପାଦକ ଦିଲୀପ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ମକରଧ୍ୱଜ ସା, କୋଷାଧ୍ୟକ୍ଷ ଲକ୍ଷ୍ମଣ ପ୍ରଧାନ, ଅଡିଟର୍ ସୁଶିଲ ପ୍ରଧାନ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ,ରାଜୁ ବେହେରା, ଦେବାଶିଷ ପଟ୍ଟନାୟକ, ଗୁରୁଚରଣ ପ୍ରଧାନ, ରାଜେନ୍ଦ୍ର ସେଠ୍, ପ୍ରେମାନନ୍ଦ ପ୍ରଧାନ,ସଞ୍ଜୀବ ପତି, କାହ୍ନୁଚରଣ ରାଉତ, ବସନ୍ତ ପୃଷ୍ଟି, ଜୟରାମ ପାଣ୍ଡେ, ଶ୍ରୀରାମ ସତପଥୀ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିବା ଅଧିକାରୀମାନେ।

# କର୍ମନିଯୁକ୍ତି ଦିଅ, ମୁଖ୍ୟସ୍ରୋତକୁ ଫେରିବୁ

ବ୍ରଜରାଜନଗର,୨୪।୧(ଡି.ଏନ.ଏ.)

## ପ୍ରଶାସନକୁ ଆହ୍ୱାନ ଦେଲେ ଫାଟକପଡ଼ାବାସୀ

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଲଜକୁରା ଫାଟକ ପଡାବାସୀ କର୍ମନିଯୁକ୍ତି ଦେଲେ ସେମାନେ ସମୂହ ଭାବେ କୋଇଲା ଚୋରି ବନ୍ଦ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜନ୍ମତିଥିରେ ଶପଥ ନେଇଛନ୍ତି । ଏଥିପାଇଁ ସେ ପ୍ରଶାସନର ସାହାର୍ଯ୍ୟ ଲୋଡ଼ିଛନ୍ତି। ଉକ୍ତ ପଡାର ୧୨୬ ଜଣ ଯୁବକ ଲିଖିତ ଆକାରରେ ଏମ୍‌ପି, ବିଧାୟକ, ଜିଲାପାଳ, ଏସ୍‌ପି, ଥାନା ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ଏମ୍‌ସିଏଲ ପଦାଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇଛନ୍ତି। ଯୁବକମାନେ ଦର୍ଶାଇଛନ୍ତି ଯେ, ଉକ୍ତ ପଡାରେ ସେମାନଙ୍କ ପରିବାର ୭୦ ବର୍ଷ ଧରି ରହି ଆସୁଛନ୍ତି। ସେହି ପରିବାର ସଦସ୍ୟଙ୍କ ପାଖରେ ମୌଳିକ ସୁବିଧା ଅଦ୍ୟାବଧି ଉପଲବ୍ଧ ହୋଇ ପାରିନାହିଁ। ପରିବାର ପ୍ରତିପୋଷଣ କରିବାକୁ ହେଲେ କୋଇଲା ଚୋରି ଏକ ମାତ୍ର ମାଧ୍ୟମ। ଏହାଦ୍ୱାରା ପ୍ରଶାସନ ବାରମ୍ବାର ସେମାନଙ୍କୁ ଗିରଫ କରୁଛି। ଗୋଟାଏ ପଟେ ନିଜର ତଥା ପରିବାରର ସମ୍ମାନହାନି ହେଉଛି, ଅନ୍ୟପଟେ ସେମାନଙ୍କ ଗ୍ରାମରେ ୧୨୬ ଜଣ ଏହି କୋଇଲା ଧନ୍ଦା କରୁଥିବା ବେଳେ ଜିଲାର ଅନ୍ୟାନ୍ୟ ଯୁବକମାନେ ଏହି କାମ ଆରମ୍ଭ କରିଛନ୍ତି। ଫଳରେ କୋଇଲା ଖାଦାନ ପାଖରେ ଲଜକୁରା ଗ୍ରାମ ଥିବାରୁ ସେମାନେ ସମସ୍ତଙ୍କ ପାଖରେ ବଦନାମ ହେଉଛନ୍ତି। ତେଣୁ ପ୍ରଶାସନ ସେମାନଙ୍କ ଦୁଃଖ ବୁଝି କୋଇଲା ଖାଦାନରେ କାମ କରୁଥିବା ଯେକୌଣସି ବେସରକାରୀ କମ୍ପାନୀ ହେଉ କି ଠିକାଦାରଙ୍କ ପାଖରେ କର୍ମ ସଂସ୍ଥାନ ଯୋଗାଇ ଦେଲେ ପଡାବାସୀ ଉପକୃତ ହେବେ। ପ୍ରଶାସନ ସହିତ ମିଶି ସମସ୍ତେ କାମ କରିବେ ବୋଲି ଲିଖିତ ଆକାରରେ ସଂପୃକ୍ତ ଯୁବକମାନେ ଜଣାଇଛନ୍ତି। ଲଜକୁରା ଫାଟକ ପଡା ଯୁବକମାନଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

# ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ଉଦ୍‌ଯାପିତ

ଦେବଗଡ,୨୪।୧(ଡ଼ି.ଏନ୍.ଏ.)

ଜିଲାରେ ଜାନୁୟାରୀ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଧ୍ୟମ ଜଳସେଚନ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ପକ୍ଷ ପାଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କର ଚାଷୀମାନଙ୍କ ପାଇଁ ପ୍ରଣୟନ ହୋଇଥିବା ବିଭିନ୍ନ ଯୋଜନା ଗୁଡ଼ିକର ସୁଯୋଗ ନେବାପାଇଁ ମତବ୍ୟକ୍ତ କରିଥିଲେ। ସେହିପରି ଚାଷ ସମ୍ପର୍କିତ ବିଭିନ୍ନ ଷ୍ଟଲ୍‌ଗୁଡ଼ିକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜିଲା କୃଷି ଅଧିକାରୀ, ବାରକୋଟ ବି.ଡ଼.ଓ. ଚୁନୁ ବେହେରା, ଉପ-ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ବିଭାଗ, ଗୋହିରା ଜଳସେଚନ ବିଭାଗର ଏସ୍‌ଡ଼ିଓ ଇଂ. ଘନଶ୍ୟାମ ଦ୍ୱିବେଦୀ, କ୍ଷୁଦ୍ର ଜଳସେଚନର ସହକାରୀ ନିର୍ବାହୀ ଯନ୍ତ୍ରୀ, ପାଣି ପଞ୍ଚାୟତ ଶୀର୍ଷ କମିଟିର ସଭାପତି, ହୃଦାନନ୍ଦ ପୃଷ୍ଟି, ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ 'ଜଳର ଅପଚୟ ଓ ଏହାର ଆଗାମୀ ଭବିଷ୍ୟତ'' ଶିର୍ଷକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭମ୍ ଶଙ୍କର ସାହୁ ପ୍ରଥମ ପୁରସ୍କାର ନଗଦ ୩୦୦୦ ହଜାର ଓ ପ୍ରମାଣ ପତ୍ର, ଜାମୁନାଲୀ ଜି.ପି.ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜମୁନା ଦେହୁରୀଙ୍କ ଦ୍ୱିତୀୟ ପୁରସ୍କାର ନଗଦ ୨୦୦୦ ଟଙ୍କା ଓ ପ୍ରମାଣ ପତ୍ର ଏବଂ ରିଆମାଳ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରାଜେଶ ବେହେରାଙ୍କୁ ନଗଦ ୧୫୦୦ ଟଙ୍କା ଓ ପ୍ରମାଣ ପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ ।




ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ରସାଲପୁର, ୨୪।୧(ଡି.ଏନ.ଏ.): ବାଲେଶ୍ୱର ସଦର ଥାନା ହରିଡ଼ା ଗ୍ରାମର ପ୍ରଭାକର ମହାଳିକ ନାମକ ଯୁବକ ଶୁକ୍ରବାର ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବାଲେଶ୍ୱର ରେଲବାଇ ପୋଲିସ ପହଞ୍ଚି ଶବ ଜବତ କରି ପଞ୍ଚନାମା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ନେଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରଭାକର ମହାଳିକ (୨୦) ଭୋର୍ ସମୟରେ ଶୌଚ ପାଇଁ ଯାଉଛି କହି ଆତ୍ମହତ୍ୟା କରିଛନ୍ତି। ସେ ବାଲେଶ୍ୱର ଆଇଟିଆଇ ଇଣ୍ଡଷ୍ଟ୍ରିଆଲ ସ୍କୁଲରେ ଡିପ୍ଲୋମା ପଢୁଥିବା ବେଳେ ପ୍ରଥମ ବର୍ଷର ଛାତ୍ର ଥିଲେ। ପ୍ରଭାକର ଗୁରୁବାର ରାତିରେ ଏକ ବାହାଘର ଭୋଜିର କ୍ୟାଟ୍ରିଙ୍ଗ କାମ ପାଇଁ ଯାଇଥିଲେ। ସକାଳେ ଘରକୁ ଆସି ଏଭଳି ଦୁର୍ଘଟଣା ଘଟାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି।

# ଡମ୍ପର ଧକ୍କାରେ ସାଇକେଲ ଆରୋହୀ ମୃତ

ଜଳେଶ୍ୱର, ୨୪।୧(ଡି.ଏନ.ଏ./ସ୍ୱ.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଧାନସିମୁଳିଆ ଛକରେ ଶୁକ୍ରବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଧାନସିମୁଳିଆ ଗ୍ରାମର ଅଜୟ ଭୂୟାଁଙ୍କ ମୃତ୍ୟୁ ଘଟିଛି। ଅଜୟ ସାଇକେଲରେ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ବାଲି ବୋଝେଇ ଡମ୍ପର ଧକ୍କା ଦେଇଥିଲା। ସ୍ଥାନୀୟ ଜନସାଧାରଣ କ୍ଷତିପୂରଣ ଦାବି କରି ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଜଳେଶ୍ୱର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ଜଣାଯାଇଛି।



ସଚେତନତା ଶୋଭାଯାତ୍ରାରେ ସାମିଲ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ।

# ବେଟି ବଚାଓ ବେଟି ପଢ଼ାଓ ସଚେତନତା ଶୋଭାଯାତ୍ରା

ବ୍ରଜରାଜନଗର, ୨୪।୧ (ଡି.ଏନ.ଏ.)

ସ୍ଥାନୀୟ ଇବ୍‌ପିଟ ଅଞ୍ଚଳରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବେଟି ବଚାଓ ବେଟି ପଢ଼ାଓ ସଚେତନତା ଶୋଭାଯାତ୍ରା ଅଙ୍ଗନୱାଡି କର୍ମୀ ମୀରା ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ଇବ୍‌ପିଟ ଅଞ୍ଚଳ ପରିକ୍ରମା କରିବା ସହ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ଅଙ୍ଗନୱାଡି ଓ ଆଶାକର୍ମୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ଘସିପୁରା ଥାନା ମହିଳା ଏସ୍‌ଆଇଙ୍କୁ ଆକ୍ରମଣ

ଆନନ୍ଦପୁର,୨୪।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଘସିପୁରା ଥାନାର ଜଣେ ମହିଳା ଏସ୍‌ଆଇଙ୍କୁ ପଦନପୁର ଗ୍ରାମରେ ଆକ୍ରମଣ ହୋଇଛି। ଗୁରୁବାର ସନ୍ଧ୍ୟାରେ ପଦନପୁର ଗ୍ରାମକୁ ଏକ ପାରିବାରିକ ବିବାଦ ମାମଲାର ଅନୁସନ୍ଧାନ ପାଇଁ ଯାଇଥିବା ବେଳେ ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିଲା।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କମଳଲୋଚନ ରାଉତଙ୍କ ପୁଅ ପଦ୍ମଲୋଚନ ଯାଜପୁର ଜିଲା ସୁକିନ୍ଦା ଗ୍ରାମର ବିଳାଶ ବେଉରାଙ୍କ ଝିଅ ପଦ୍ମିନୀକୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏନେଇ ଘସିପୁରା ଥାନାରେ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏସଆଇ ଅନୁସୟା ସେଠୀ ପୋଲିସ ବାହିନୀ ସହ ଗାଁରେ ପହଞ୍ଚିଥିଲେ। ତେବେ ଦୁଇ ପରିବାର ସଦସ୍ୟଙ୍କ ସହ ଆଲୋଚନା ଚାଲିଥିବା ବେଳେ ହଠାତ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଏସଆଇ ସେଠୀଙ୍କୁ ଜଣେ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଘସିପୁରା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ ପଣ୍ଡା କହିଛନ୍ତି।



ଆକ୍ରମଣର ଶିକାର ହୋଇଥିବା ଏସ୍‌ଆଇ ।

# ଶ୍ରମିକ ନେତା, ଡାକ୍ତର, ବ୍ୟବସାୟୀଙ୍କ ଘରୁ ଚୋରି

ସୋନପୁର,୨୪।୧(ନି.ପ୍ର.): ସୋନପୁର ସହରରେ ଚୋରି ଘଟଣା ବୃଦ୍ଧି ପାଉଛି। ବୁଧବାର ରାତିରେ ଶ୍ରମିକ ନେତା ଗୋବିନ୍ଦ ମହାରଣାଙ୍କ ରାମଜୀନଗରସ୍ଥିତ ବାସଭବନରେ ଚୋରି ହୋଇଛି। ଶ୍ରମିକ ନେତା ମହାରଣା ସ୍ତ୍ରୀ ଜ୍ୟୋତିର୍ମୟୀଙ୍କ ସହିତ ସାଂଗଠନିକ କାର୍ଯ୍ୟରେ ୨୦ ତାରିଖରୁ କଲିକତା ଯାଇଥିଲେ। ୨୩ ତାରିଖରେ ଘରକୁ ଫେରିବା ପରେ ପଛପଟ ଝରକା ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ତାଙ୍କର ନଗଦ ୧୨ ହଜାର ୫ଶହ ଟଙ୍କା, ୪ ଭରିରୁ ଊର୍ଦ୍ଧ୍ୱ ସୁନା ଓ ରୁପା ଅଳଙ୍କାର, ରୁପା କଏନ ଓ ଶାଢୀ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପୂର୍ବ ରାତିରେ ବଡବଜାରର ବ୍ୟବସାୟୀ ରମୁ ଅଗ୍ରୱାଲାଙ୍କ ଘରୁ ଚୋରି ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗୋକର୍ଣ୍ଣେଶ୍ୱର ପଡାର ଡାକ୍ତର ତ୍ରିବିକ୍ରମ ପାଣ୍ଡିଆଙ୍କ ଘରୁ ଚୋରି ହୋଇଛି। ଡାକ୍ତର ପାଣ୍ଡିଆ ଝିଅ ବାହାଘର ପାଇଁ ବାଙ୍ଗାଲୋର ଯାଇଥିଲେ। ଘରେ କେହି ନ ଥିବା ସମୟରେ ଚୋରି ହୋଇଥିବା ଜଣାପଡିଛି। ସେ ଶୁକ୍ରବାର ବାଙ୍ଗାଲୋରରୁ ସୋନପୁର ଫେରିଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘରେ କେହି ନ ଥିବା ସମୟରେ ଏକ ର୍ୟାକେଟ୍ ଚୋରି କରୁଛନ୍ତି। ସହରରେ ବାରମ୍ବାର ଏଭଳି ଘଟୁଛି।

# ଜବାହର ନବୋଦୟ ବିଦ୍ୟାଳୟରେ ଶିଶୁକନ୍ୟା ଦିବସ

ଦେବଗଡ,୨୪।୧(ଡି.ଏନ.ଏ)

ତିଲେଇବଣି ବ୍ଲକ ଅଧିନ ସୁନାମୁଣ୍ଡା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଓଡିଆ ଅଧ୍ୟାପକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ଉତମ କୁମାର ଉଦଘାଟନ କରିବାସହ ସମାଜରେ କନ୍ୟା ସନ୍ତାନଙ୍କ ପ୍ରତି ରହିଥିବା ନକରାତ୍ମକ ଚିନ୍ତାଧାରାକୁ ବିଲୋପ କରିବାପାଇଁ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ,ଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଇତିହାଶ ବିଭାଗ ଅଧ୍ୟାପକ ତେଜ ସିଂ ଓ ହିନ୍ଦୀ ବିଭାଗ ଅଧ୍ୟାପିକା ଶୁଭଶ୍ରୀ ଗଙ୍ଗଦେବ, ଛାତ୍ର ଦେବକାନ୍ତ ବେହେରା ଓ ଛାତ୍ରୀ ପ୍ରଜ୍ଞା ପରିମିତା ପ୍ରଧାନ କନ୍ୟା ଦିବସ ପାଳନର ଉଦ୍ଦେଶ୍ୟଏବଂ ଆବଶ୍ୟକତା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ କନ୍ୟା ସନ୍ତାନ ସମ୍ମାନ କ୍ରମରେ ଷଷ୍ଠ ଶ୍ରେଣୀର ୨ ଜଣ ଛାତ୍ରୀଙ୍କୁ ପୁସ୍ତକ, କଲମ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପାଧକ୍ଷ ହରିହରମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଜିଏମ୍‌ୟୁରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ର୍ୟାମ୍ ବ୍ୟବସ୍ଥା

ସମ୍ବଲପୁର,୨୪।୧(ବ୍ୟୁରୋ)

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ( ଜିଏମୟୁରେ)ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେମାନଙ୍କ ପାଇଁ ପୁରୁଣା କୋଠାରେ ର୍ୟାମ ନିର୍ମାଣ କରାଯିବ। ସେ ନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ସେଣ୍ଟ୍ରାଲ ପବ୍ଲିକ ୱାର୍କ ବିଭାଗ ସେହି କାର୍ଯ୍ୟର ତଦାରଖ କରିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା)ପକ୍ଷରୁ ୬୧.୮୭ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଏହି ର୍ୟାମ୍ ପୁରୁଣା କୋଠା ସମ୍ମୁଖରୁ ୧ ନମ୍ବର ଗ୍ୟାଲେରୀକୁ ସଂଯୋଗ କରିବ। ଫଳରେ ପୁରୁଣା କୋଠାର ସମସ୍ତ ବିଭାଗକୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଯିବା ଆସିବା କରି ପାରିବେ। ସେହିପରି ପ୍ରଥମ ମହଲାରୁ ବାଣିଜ୍ୟ ବିଭାଗକୁ ସଂଯୋଗ କରାଯିବ ଫଳରେ ତୃତୀୟ ମହଲାରେ ଛାତ୍ରୀଛାତ୍ରମାନେ ସୁବିଧା ପାଇ ପାରିବେ। ଜାନୁୟାରୀ ମାସ ଶେଷ ସୁଦ୍ଧା କାମ ଆରମ୍ଭ କରାଯାଇ ୩ ମାସ ଭିତରେ ଅର୍ଥାତ୍ ମାର୍ଚ୍ଚ ଶେଷ ସୁଦ୍ଧା ର୍ୟାମ ନିର୍ମାଣ କାମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଏକ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରାଯାଉଛି। ସେଥିପାଇଁ ୭୭ ଲକ୍ଷ ୫୮ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ସେହି କୋଠାରେ ମଧ୍ୟ ଦିବ୍ୟାଙ୍ଗଙ୍କ ପାଇଁ ପ୍ରଥମ ମହଲାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ନୂଆ ପ୍ରଶାସନିକ କୋଠାରେ ମଧ୍ୟ ଦିବ୍ୟାଙ୍ଗଙ୍କ ପାଇଁ ଲିଫ୍ଟ ଓ ର୍ୟାମ ବ୍ୟବସ୍ଥା କରାଯିବା ଫଳରେ ସେହି ଛାତ୍ରୀଛାତ୍ରମାନେ ସୁବିଧାରେ କ୍ଲାସ ରୁମ ଓ ଅଫିସ କୋଠାକୁ ନିଜ କାମ ପାଇଁ ଯିବା ଆସିବା କରି ପାରିବେ। ପୂର୍ବରୁ ବିଶ୍ୱବିଦ୍ୟାଳୟର ମୁଖ୍ୟଦ୍ୱାରରେ ର୍ୟାମ ନିର୍ମାଣ କରାଯାଇଛି। ବିଶ୍ୱ ବିଦ୍ୟାଳୟରେ ଏବେ ବିଭିନ୍ନ ବିଭାଗରେ ୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନେ ଅନ୍ୟ ବିଭାଗ ଓ ଉପର ମହଲକୁ ଯିବା ଆସିବା ସମୟରେ ସମସ୍ୟା ହେଉଛି। ଏହା ର୍ୟାମ୍ ନିର୍ମାଣ ହେଲେ ସେହି ସମସ୍ୟା ଦୂର ହେବ। ଏ ସମ୍ପର୍କରେ ସଚିବ ଉମା ଚରଣ ପତି କହିଛନ୍ତି, ନିର୍ମାଣ କାମ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସବୁ ସୁବଧା ପାଇ ପାରିବେ। ଆଗକୁ ନୂତନ କୋଠା ନିର୍ମାଣ ହେଲେ ସବୁଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।




ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫଟୋ।

## ଓଲଟିଲା ଟ୍ରକ୍, ବର୍ତ୍ତିଲେ ଡ୍ରାଇଭର

ସମ୍ବଲପୁର,୨୪।୧(ବ୍ୟୁରୋ)-ସମ୍ବଲପୁର ଜାତୀୟ ରାଜପଥ ୫୩ ବୁର୍ଲା ଥାନା ପିସି ବ୍ରିଜ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ପିଆଜ ବୋଝେଇ ଟ୍ରକ ଓଲଟି ପଡିଥିଲା। ରାସ୍ତା ତଳକୁ ପ୍ରାୟ ୭୦ ଫୁଟ ତଳକୁ ଖସିପଡିଥିବା ଏହି ଟ୍ରକର ଡ୍ରାଇଭର ମହମ୍ମଦ ସାହେବ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ସମାନ୍ୟ ଆଘାତ ଲାଗିଛି । ପୋଲିସ ଉକ୍ତ ଟ୍ରକକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି । ପିଆଜ ଅନ୍ୟ ଗାଡିରେ ଲୋଡ ହୋଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମହାରାଷ୍ଟ୍ରରୁ ପିଆଜ ନେଇ ଉକ୍ତ ଟ୍ରକ (ନଂ ଡବ୍ଲ୍ୟୁବି ୨୩-ସି-୯୧୪୫) କୋଲକତା ଯାଉଥିଲା । ସେ ସମୟରେ ବୁର୍ଲା ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଚକ ଖୋଲି ଯାଇଥିଲା। ଡିଭାଇଡରରେ ପିଟି ହୋଇ ରାସ୍ତା ତଳକୁ ଟ୍ରକଟି ଓଲଟି ପଡିଥିଲା ।

# କୁଷ୍ଠରୋଗ ମୁକ୍ତ ହେବ ସମ୍ବଲପୁର ଜିଲା

ସମ୍ବଲପୁର,୨୪।୧ (ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଅଫିସ ପରିସରରେ ଥିବା ଡିପିସି ସମ୍ମିଳନୀ କକ୍ଷରେ କୁଷ୍ଠରୋଗ ଉପରେ ସଚେତନ ଓ ନିରାକରଣ ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଶୁଭମ୍ ସକ୍‌ସେନା ଏଥିରେ ଅଧ୍ୟକ୍ଷତା କରି କହିଲେ, ଜିଲାକୁ ସମ୍ପୂର୍ଣ୍ଣ ଭାବେ କୁଷ୍ଠରୋଗରୁ ମୁକ୍ତ କରାଯିବ । ଏଥିପାଇଁ ସମସ୍ତ ପ୍ରୟାସ ଓ ସହଯୋଗ ଆବଶ୍ୟକ। କୁଷ୍ଠରୋଗ ସହଜରେ ଚିହ୍ନଟ ହୋଇ ପାରିବ ଓ ଏହା ଆରୋଗ୍ୟ ସାଧ୍ୟ ଅଟେ । ସମସ୍ତେ ଏଥିପାଇଁ ସଂକଳ୍ପ କରିବାକୁ ହେବ । କୁଷ୍ଠରୋଗୀଙ୍କୁ ସମାଜ ଘୃଣା କରିବା ଉଚିତ୍ ନୁହେଁ । ଏଥିପାଇଁ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଥିଲେ । ବ୍ଲକ ଓ ପଞ୍ଚାୟତସ୍ତରରେ ଏଥିପାଇଁ ସଚେତନ କରାଯାଉ ବୋଲି


ସମ୍ବଲପୁର ଡିପିସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

### ଜାନୁୟାରୀ ୩୦ ତାରିଖ ସର୍ଭେ ଆରମ୍ଭ

ସେ ଆହ୍ୱାନ ଦେଇଥିଲେ । ଜାନୁୟାରୀ ୩୦ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସରୁ ଏହି ସଚେତନ କାର୍ଯ୍ୟ ଆରମ୍ଭ କରାଯିବ । ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭାଗୁଡିକରେ ଜିଲାପାଳ ସକସେନା ଦେଇଥିବା ବାର୍ତ୍ତା ସମସ୍ତଙ୍କୁ ଜଣାଇ ଦିଆଯିବାକୁ ବୈଠକରେ ସ୍ଥିର ହୋଇଛି । ଏହି ବୈଠକରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶଶିଭୂଷଣ ପଟେଲ, ଡାକ୍ତର ଚିନ୍ତାମଣି ମେହେରଙ୍କ ସମେତ ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଡାକ୍ତର ହର ପ୍ରଧାନ ସହଯୋଗ କରିଥିଲେ ।

## ଜାତୀୟ ଶିଶୁ କନ୍ୟା ଦିବସ

ସମ୍ବଲପୁର, ୨୪।୧ (ବ୍ୟୁରୋ)

ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ଶୁକ୍ରବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ପାଳିତ ହୋଇଯାଇଛି । ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ସଂପ୍ରତି ବିଶ୍ୱରେ ଅସମାନତା ଲାଗି ରହିଛି । ତେଣୁ ନାରୀ ଶିକ୍ଷାର ଆବଶ୍ୟକତା ରହିଛି । ଏହାଦ୍ୱାରା ସମାଜରେ ଶିଶୁ କନ୍ୟାଙ୍କ ଗୁରୁତ୍ୱ ବୃଦ୍ଧି ପାଇବ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଲିଲି ପଶାୟତ ଓ ଜିଲା ଜରୁରୀକାଳୀନ ଅଧିକାରୀ ଆର ମିଶ୍ର ଯୋଗଦେଇଥିଲେ ।

# ପୋଲିସ ଫେରାଇଲା ୪୪ ମୋବାଇଲ


ସମ୍ବଲପୁର ଅଇଁଠାପାଲି ଥାନା ପରିସରରେ ମୋବାଇଲ ଫେରାଇ ଦିଆଯାଉଛି ।

ସମ୍ବଲପୁର,୨୪।୧(ବ୍ୟୁରୋ) ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଉଦ୍ଧାର କରିଥିବା ୪୪ ମୋବାଇଲ ଫୋନ ଫେରସ୍ତ କରିଛି। ଥାନା ଅଧିକାରୀ ଯୋଗେଶ ପଣ୍ଡାଙ୍କ ଉପସ୍ଥିତିରେ ମାଲିକମାନଙ୍କୁ ଫୋନ୍ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଅଇଁଠାପାଲି ଥାନା ଅଧୀନରେ ଏହି ମୋବାଇଲ ଫୋନଗୁଡିକ ଚୋରି,ଲୁଟ ହେବା ସହ କିଛି ହଜିଯାଇଥିଲା । ଅଭିଯୋଗ କ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ଜିଲା ଓ ରାଜ୍ୟ ବାହାରୁ ମୋବାଇଲ ଗୁଡିକ ଜବତ କରିଥିଲା । ପୋଲିସର ଏହି ସଫଳତାକୁ ନେଇ ବିଭିନ୍ନ ମହଲରେ ପୋଲିସକୁ ସାଧୁବାଦ ଦିଆଯାଉଛି ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟି ପାରିଲେ ନାହିଁ ଭିସୁଟ୍ ଛାତ୍ର

ସମ୍ବଲପୁର,୨୪।୧ (ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭୀସୁଟ) ଛାତ୍ରମାନେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିବାର କାର୍ଯ୍ୟକ୍ରମ ରହିଥିଲା । ହେଲେ ପ୍ରଧାନମନ୍ତ୍ରୀ ବ୍ୟସ୍ତ ଥିବାରୁ ପିଲାମାନେ ତାଙ୍କୁ ଭେଟି ପାରି ନ ଥିଲେ । ହେଲ ପିଏମ୍‌ଓ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ସଚିବ ଓ ଅନ୍ୟ ସଚିବଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସଫଳ ହୋଇଥିବା ଜଣାପଡିଛି । ସେହିପରି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଗୁରୁବାର ଛାତ୍ରମାନେ ଆଲୋଚନା କରିଥିଲେ। ଏହି ଅବସରରେ ଭୀସୁଟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରକଳ୍ପ ଓ ଭବିଷ୍ୟତ ଯୋଜନା ଉପରେ ପଚାରି ବୁଝିଥିଲେ । ପରେ ସମସ୍ତଙ୍କୁ


ସମ୍ବଲପୁର ଭିସୁଟ ଛାତ୍ରମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରୁଛନ୍ତି ।

### କେନ୍ଦ୍ରମନ୍ତ୍ରୀ,ସଚିବଙ୍କ ସହ ଆଲୋଚନା

କେନ୍ଦ୍ରମନ୍ତ୍ରୀ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ଭୀସୁଟ ୧୦ ଜଣ ଛାତ୍ର ରକେଟ ତିଆରି କରିଥିଲେ । ଯାହା ପାଇଁ ପ୍ରଧାନମନ୍ତ୍ରୀ ମନ କି ବାତରେ ଗତ ବର୍ଷ କହିଥିଲେ । ଏହା ପରେ ଇସ୍ରୋ ମଧ୍ୟ ଛାତ୍ରମାନଙ୍କ ସହଯୋଗ କରିବାକୁ ଆଗେଇ ଆସିଥିଲା । ଏକ ପ୍ରତିନିଧି ଦଳ ପରିଦର୍ଶନ କରି ଭୀସୁଟ ପରିସରେ ଏକ ପରୀକ୍ଷାଗାର ନିର୍ମାଣ କରିବା ପାଇଁ ଆର୍ଥିକ ସାହାଯ୍ୟ କରିବା ସହ ତାଲିମ ପ୍ରଦାନ କରିବ ବୋଲି ଚୁକ୍ତି ହୋଇଥିଲା । ଭୀସୁଟ ଛାତ୍ରମାନେ ଏବେ ଏହି ରକେଟରେ ହୀରାକୁଦ ଡ୍ୟାମର ସ୍ଥିତି,ଚାଷ ହେଉଥିବା ଜମିର ଅବସ୍ଥା । ଏହା ସହ ଜଳଭଣ୍ଡାରରେ ରହିଥିବା ପଟୁମାଟି ସ୍ଥିତି ଓ ଏହାକୁ କିଭଳି ରୋକା ଯାଇ ପାରିବ ସେ ନେଇ ଲକ୍ଷ ରଖିଛନ୍ତି । ରକେଟ ସାହଯ୍ୟରେ ସମସ୍ତ ତଥ୍ୟ ସଂଗ୍ରହ କରି ଏହାକୁ ଜନ ସାଧାରଣଙ୍କୁ ସଚେତନ କରାଯିବ ବୋଲି ଛାତ୍ରମାନେ କହିଛନ୍ତି ।

## ପାନ୍ଥନିବାସରେ ସଙ୍ଗୀତ କାର୍ଯ୍ୟକ୍ରମ



ଶୁକ୍ରବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଶ୍ରୀନୁ ଦାଶ ଓ ରାଜା ରଥ ସଂଗୀତ ପରିବେଷଣ କରୁଛନ୍ତି (ବାମ) । ଡ. ଦେବସ୍ମିତା ମିଶ୍ର ଗୀତ ଗାନ କରୁଛନ୍ତି ।

ସମ୍ବଲପୁର, ୨୪।୧ (ବ୍ୟୁରୋ)

ପୁରୁଣା ଗୀତର ସମାହାରରେ ସଙ୍ଗୀତ କାର୍ଯ୍ୟକ୍ରମ ଶୁକ୍ରବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀନୁ ଦାଶ ଓ ରାଜା ରଥଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡ. ଦେବସ୍ମିତା ମିଶ୍ର, ପମି ମିଶ୍ର, କସ୍ତୁରି ଦାଶ, ଅନଙ୍ଗ ସାଏଦେଓ, ଆଶୁତୋଷ ପାଣିଗ୍ରାହୀ ଓ ସୁନନ୍ଦା ପାଣିଗ୍ରାହୀ ଗୀତ ଗାନ କରିଥିଲେ । ପୁରୁଣା ଗୀତଗୁଡିକୁ କଣ୍ଠଶିଳ୍ପୀମାନେ ଗାନ କରି ସ୍ରୋତାଙ୍କୁ ବିମୋହିତ କରିଥିଲେ ।

## ବିଦ୍ୟୁତ୍ ତାରରେ ଲାଗିଲା ହାଇୱା, ଜଣେ ମୃତ

ରିଆମାଳ ୨୪।୧ (ଡି.ଏନ.ଏ)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ତାଲକୁଣ୍ଡି ଗ୍ରାମରେ ଶୁକ୍ରବାର ଏକ ବାଲି ବୋଝେଇ ହାଇୱା ଟ୍ରକ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମଚନ୍ଦ୍ର ବେହେରା (୩୫)। ମିଳିଥିବା ସୂଚନା ମୁତାବକ ଏକ ବାଲି ବୋଝେଇ ହାଇୱା ଟ୍ରକ୍ (ନଂ. ଓଆର୍୨୩ ଇ ୬୯୦୯) ବାଲି ଧରି ତାଲକୁଣ୍ଡି ଗ୍ରାମରେ ପହଞ୍ଚିଥିଲା। ପରେ ଟ୍ରକ୍‌ରୁ ବାଲି ଅନ୍‌ଲୋଡିଂ ହେଉଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ସେତିକିବେଳେ ରାମଚନ୍ଦ୍ର ଏବଂ ବିନାୟକ ଶବରଙ୍କୁ କରେଣ୍ଟ ଲାଗିଥିଲା। ଘଟଣାସ୍ଥଳରେ ରାମଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ବିନାୟକଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ରିଆମାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା ରୁଜୁ କରି ହାଇୱାକୁ ଜବତ କରିଛି।

## ବିଶ୍ୱ ବାଳିକା ଦିବସ ପାଳିତ

ରିଆମାଳ ୨୪।୧ (ଡି.ଏନ.ଏ)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ରିଆମାାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଶ୍ୱ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ରିଆମାଳ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଯାଇଥିଲେ। ସେହିପରି କସ୍ତୁରବା ବାଳିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନୀତ ଅତିଥି ଭାବେ ଶିକ୍ଷୟିତ୍ରୀ ଲିଲି ସାମଲ, କ୍ରିଷ୍ଣାବଲ୍ଲଭି ଗଡ଼ନାୟକ, ସ୍ମୃତିଶ୍ରୀ ପ୍ରଧାନ, ନମିତା ପ୍ରଧାନ, ଇଲେଶ୍ୱରୀ ପ୍ରଧାନ ଶୁଭଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମାର୍ଗ ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ବାଳିକା ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ୍ା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ବୀର ବଜରଙ୍ଗ ସଂଘ, ଭାଗବତ ମନ୍ଦିର ବିଜୟୀ

ସମ୍ବଲପୁର, ୨୪।୧ (ବ୍ୟୁରୋ)

### ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ବୀରବଜରଙ୍ଗ ସଂଘ ଓ ଭାଗବତ ମନ୍ଦିର ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚରେ ବୀରବଜରଙ୍ଗ ସଂଘ ଟସ୍ ଜିଣି ଆଶା ସ୍ପୋର୍ଟିଂକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଆଶା ସ୍ପୋର୍ଟିଂ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲେ। ବ୍ୟାଟ୍ସମ୍ୟାନ ଅମନ ହର ୩୯ ବଲରେ ୩୩ ରନ କରିଥିଲେ। ବୀରବଜରଙ୍ଗ ସଂଘ ବୋଲର ଶରତ ସେଠ ୩ ଉଇକେଟ ହାସଲ କରିଥିଲେ । ଏହାପରେ ବୀରବଜରଙ୍ଗ ସଂଘ ବ୍ୟାଟିଂ କରି ୧୪.୪ ଓଭରରେ ୨ ଉଇକେଟ ହରାଇ ୧୧୫ ରନ କରି ବିଜୟୀ ହୋଇଥିଲା । ବ୍ୟାଟ୍ସମ୍ୟାନ ସୁନୀଲ ପୂଜାରୀ ୨୭ ବଲରେ ଧୂଆଁଧାର ୫୪ ରନ କରିଥିଲେ । ଆଶା ସ୍ପୋର୍ଟିଂ ବୋଲର୍ ଆଶିଷ ଛତ୍ରି ଗୋଟିଏ ଉଇକେଟ ହାସଲ କରିଥିଲେ । ଦ୍ୱିତୀୟ ମ୍ୟାଚରେ ଭାଗବତ ମନ୍ଦିର ଓ ମହାସାଗର କ୍ଲବ ମଧ୍ୟରେ ହୋଇଥିଲା । ଭାଗବତ ମନ୍ଦିର ଟସ ଜିଣି ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ୨୦ ଓଭରରେ ୬ଟି ଉଇକେଟ ହରାଇ ୧୫୨ ରନ କରିଥିଲେ । ବ୍ୟାଟ୍ସମ୍ୟାନ ମହମ୍ମଦ ଅଖତର୍ ୫୧ ବଲରେ ୬୦ ରନ କରିଥିଲେ । ମହାସାଗର ବୋଲର ଶୁଭ୍ରାଂଶୁ ଦିକ୍ଷୀତ ୩ଟି ଉଇକେଟ ହାସଲ କରିଥିଲେ । ମହାସାଗର କ୍ଲବ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୩୮ ରନ କରି ପରାଜୟ ବରଣ କରିଥିଲା । ସୁରଜ ତ୍ରିପାଠୀ ୧୭ ବଲରେ ୩୭ ରନ କରିଥିଲେ । ଭାଗବତ ମନ୍ଦିର ବୋଲର୍ ଆଲୋକ ଘିବେଲା ୪ଟି ଉଇକେଟ ହାସଲ କରିଥିଲେ । ଅମ୍ପାୟାର ଅବିନାଶ ନନ୍ଦ, ପ୍ରିୟାଂଶୁ ପତି ମ୍ୟାଚ ପରିଚାଳନା କରିଥିଲେ। ସୟଦ ଜ୍ୟାକି, ନବୀନ ରାଉଳ ସ୍କୋରର ଥିଲେ । ଜିଲା କ୍ରୀଡା ସଂଘ ଆଥେଲେଟିକ ସମ୍ପାଦକ ସୁନ୍ଦରମଣୀ ବାରିକ ଓ ଜଗବନ୍ଧୁ ବେହେରା ଅତିଥି ଭାବେ ଯୋଗଦେଇ ସୁନୀଲ ପୂଜାରୀ ଓ ମହମ୍ମଦ ଅଖତରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।



ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ମହମ୍ମଦ ଅଖତର୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

## ଫଟୋରେ ଖବର



ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଶିଶୁ କନ୍ୟା ଦିବସରେ ଯୋଗଦେଇଥିବା ବିଭିନ୍ନ ସ୍କୁଲର ଛାତ୍ରୀ ଓ ଅଭିଭାବକମାନେ (ବାମ) । ଅତିଥିମାନେ ଶିଶୁ କନ୍ୟାଙ୍କୁ ଆଲିଙ୍ଗନ କରୁଛନ୍ତି ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୫ ଜାନୁୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

#### ଇତିହାସ

**୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧× ୫=୫**
(କ) ମହାତ୍ମା ଗାନ୍ଧି ଗୁଜରାଟର କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ?
(ଖ) ସୁନାବେଡ଼ାଠାରେ ପ୍ରତିଷ୍ଠିତ ମିଗ୍ ବିମାନ ଇଞ୍ଜିନ୍ ତିଆରି କାରଖାନା କେଉଁ ଦେଶର ସହାୟତାରେ ନିର୍ମିତ ହୋଇଛି ?
(ଗ) ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନାର କେତୋଟି ମୁଖ୍ୟ ବିଭାଗ ଥିଲା ?
(ଘ) ୧୯୬୯ ମସିହାରେ କେତୋଟି ବ୍ୟାଙ୍କ୍‌ର ଜାତୀୟକରଣ କରାଗଲା ?
(ଙ) ତାମିଲନାଡୁ ରାଜ୍ୟର ପୂର୍ବତନ ନାମ କ'ଣ ?

**୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧× ୫=୫**
(କ) କେଉଁଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହତ୍ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ରୁଷିଆ ଓ ଭାରତ ମଧ୍ୟରେ ୧୯୯୮ରେ ଚୁକ୍ତି ସମ୍ପାଦିତ ହୋଇଥିଲା ?
(ଖ) ଓଡ଼ିଶା ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟରେ କାହାର ଦୈର୍ଘ୍ୟ ସର୍ବାଧିକ।
(ଗ) ଜେ.କେ. କାଗଜକଳ ଓଡ଼ିଶାର କେଉଁଠାରେ ପ୍ରତିଷ୍ଠିତ ହୋଇଛି ?
(ଘ) କେବେ ଓଡ଼ିଶାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠିତ ହେଲା ?
(ଙ) ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ?

**୩. ଶୂନ୍ୟସ୍ଥାନ ପୂରଣ କର। [୧× ୫=୫**
(କ) ବିଧାନସଭା ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନ ଖର୍ଚ୍ଚ ________ ଟଙ୍କା ଅଟେ।
(ଖ) ପାକିସ୍ଥାନ ୧୯୯୮ ମସିହାରେ ________ ପର୍ବତରେ ଆଣବିକ ଶକ୍ତି ପରୀକ୍ଷା କରିଥିଲା।
(ଗ) ବୈଶାଖୀ ________ ସମ୍ପ୍ରଦାୟର ପର୍ବ ଅଟେ।
(ଘ) ଭଦ୍ରକଠାରେ ________ ଘରୋଇ ନ୍ୟାୟାଳୟ ପ୍ରତିଷ୍ଠା କରିଥିଲେ।
(ଙ) ୧୯୩୨ ମସିହାରେ ________ ରାଜ୍ୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଥିଲା।

**୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧× ୫=୫**
(କ) 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାର ସମ୍ପାଦକ ଥିଲେ ମହାତ୍ମା ଗାନ୍ଧି।
(ଖ) ପ୍ୟାରୀମୋହନ ଆଚାର୍ଯ୍ୟ ସମ୍ବାଦ ବାହିକାର ସମ୍ପାଦକ ଥିଲେ।
(ଗ) ଭି.ପି. ମେନନ୍ ଭାରତର ବିସ୍‌ମାର୍କ ଭାବେ ପରିଚିତ।
(ଘ) ୧୯୭୨ ମସିହାରେ ମହାକାଶ ଆୟୋଗ ଗଠିତ ହେଲା।
(ଙ) ସିମଳା ଚୁକ୍ତି ଭାରତ ଓ ଚୀନ୍ ମଧ୍ୟରେ ସମ୍ପାଦିତ ହୋଇଥିଲା।

**୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର। [୧× ୫=୫**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଫଳରକ୍ଷ କେନ୍ଦ୍ର | ସାକ୍ଷୀଗୋପାଳ |
| ପ୍ରାକୃତିକ ବିପର୍ଯ୍ୟୟ | ସ୍ୱୟଂସହାୟକ ଗୋଷ୍ଠୀ |
| ନାରିକେଳ ଗବେଷଣାକେନ୍ଦ୍ର | ପଟାଙ୍ଗୀ |
| ମିଶନ ଶକ୍ତି | ଟେଷ୍ଟରିଲିଫ |
| ନିର୍ବାଚନ ଇସ୍ତାହାର | ରାଜନୈତିକ ଦଳ |

#### ଭୂଗୋଳ ଓ ଅର୍ଥନୀତି

**୬. ଶୂନ୍ୟସ୍ଥାନ ପୂରଣ କର। [୧× ୫=୫**
(କ) ଭାରତର ସମୁଦାୟ ଭୂମିର ଶତକଡ଼ା ପ୍ରାୟ ________ ଭାଗ ଅଞ୍ଚଳ ଅରଣ୍ୟ ଭୂମିର ଅନ୍ତର୍ଗତ।
(୨୨.୫, ୨୨.୬, ୨୨.୭, ୨୨,୮)
(ଖ) ଖାଦ୍ୟସ୍ତର ଅନୁସାରେ ପ୍ରାଣୀମାନଙ୍କୁ ________ ଭାଗରେ ବିଭକ୍ତ କରାଯାଉଛି।
(ଦୁଇ, ତିନି, ଚାରି, ପାଞ୍ଚ)
(ଗ) ରାଜସ୍ଥାନରେ ସଂଗୃହୀତ ବୃଷ୍ଟିଜଳକୁ ________ କୁହାଯାଏ।
(ଗୁଲ୍, ଖାଡ଼ିନ୍, ପଲାରପାନି, ଜୋହାଦ୍)
(ଘ) ବିଶ୍ୱ ବାଣିଜ୍ୟ ସଂଗଠନ ________ ମସିହାରେ ସୃଷ୍ଟି ହୋଇଥିଲା।
(୧୯୯୩, ୧୯୯୪, ୧୯୯୫, ୧୯୯୬)
(ଙ) ଗ୍ରାମାଞ୍ଚଳରେ ଜଣେ ଲୋକ ପାଇଁ ସର୍ବନିମ୍ନ ________ କ୍ୟାଲୋରୀ ଖାଦ୍ୟସାର ଆବଶ୍ୟକ ହୋଇଥାଏ।
(୨୦୦୦, ୨୧୦୦, ୨୨୦୦, ୨୪୦୦)

**୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧× ୫=୫**
(କ) ଭାଙ୍ଗର
(ଖ) ଖଣିଜ ପିଣ୍ଡ
(ଗ) ପୋଡୁ
(ଘ) ଘରୋଇକରଣ ନୀତି
(ଙ) ରାଜସ୍ୱ ସଂକ୍ରାନ୍ତ ପ୍ରତିକାର

**୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧× ୫=୫**
(କ) <u>ତୈଳବୀଜ ଫସଲ</u> ଯବକ୍ଷାରଜାନ ବିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି କରିଥାଏ।
(ଖ) ବୋକାରୋ ଲୌହ-ଇସ୍ପାତ କାରଖାନା <u>ଛତିଶଗଡ଼ ରାଜ୍ୟରେ</u> ଅବସ୍ଥିତ।
(ଗ) ୧୯୪୮ ରୁ ୧୯୯୦ ମସିହା ମଧ୍ୟରେ ଭାରତରେ <u>ବୈଜ୍ଞାନିକ କ୍ଷେତ୍ରରେ</u> ବିଫଳତା ଦେଖାଦେଇଥିଲା।
(ଘ) <u>କର୍ମଚାରୀ ଗୋଷ୍ଠୀର</u> ଖାଉଟିମାନଙ୍କୁ ନେଇ ଖାଉଟି ଦରସୂଚକ ଦ୍ରବ୍ୟଗୁଡ଼ିକର ଗଣନା କରାଯାଇଥାଏ।
(ଙ) ଶିଳ୍ପୋନ୍ନତ ଦେଶରେ ଋତୁକାଳୀନ ବେକାରୀ ଅଧିକ ଦେଖାଯାଏ।

**୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧× ୫=୫**
(କ) ଉପଯୁକ୍ତ ପ୍ରତିରୋଧକ ପଦକ୍ଷେପର ଅଭାବରୁ ଯେଉଁ ଜାତି ପୃଥିବୀରୁ ବା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବିଲୁପ୍ତ ହେବାର ସମ୍ଭାବନା ଥିଲେ
(ଖ) ସ୍ୱତନ୍ତ୍ରଭାବେ ବିବେଚନା କରାଯାଉଥିବା ଏକ ବିଶିଷ୍ଟ ସମ୍ବଳ।
(ଗ) ଭାରତର ଇଲେକ୍‌ଟ୍ରୋନିକ୍‌ସ ରାଜଧାନୀ ।
(ଘ) ଭାରତର ସର୍ବୋଚ୍ଚ ବ୍ୟାଙ୍କ୍।
(ଙ) ଦେଶପାଇଁ ମଙ୍ଗଳମୟ ଦରବୃଦ୍ଧି

**୧୦.(କ) ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଗୁଡ଼ିକ ଦର୍ଶାଅ। [୧× ୩=୩**
୧. କୋର୍ବା ତାପଜ ବିଦ୍ୟୁତ୍ କେନ୍ଦ୍ର
୨. ତ୍ରମ୍ବେ
୩. ସାରିସ୍କା ରାଷ୍ଟ୍ରୀୟ ଉଦ୍ୟାନ

**(ଖ) ବାମ ପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର: [୧× ୨=୨**
୧. ବାନ୍ଦୀପୁର : କର୍ଣ୍ଣାଟକ :: ପାଲାମୁ :________।
୨. ସହରାଞ୍ଚଳ : ପ୍ରାବିଧିକ ବେକାରୀ :: ଗ୍ରାମାଞ୍ଚଳ : ________

### PART – II (SUBJECTIVE)

#### ଇତିହାସ

11.(କ) ଅସହଯୋଗ ଆନ୍ଦୋଳନର କାର୍ଯ୍ୟକ୍ରମ କ'ଣ ଥିଲା ? [4
କିମ୍ବା, ଅଟ୍‌ଲି ସବ୍‌କମିଟି କିପରି ଗଠିତ ହୋଇଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂକ୍ରାନ୍ତରେ ଏହା କ'ଣ ସୁପାରିସ୍ କରିଥିଲା ?
(ଖ) ଭାରତ ସ୍ୱାଧୀନତା ଆଇନର ବ୍ୟବସ୍ଥାଗୁଡ଼ିକ କ'ଣ ଥିଲା ? [4
କିମ୍ବା, ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ କ'ଣ ଥିଲା ?

**12. ସଂକ୍ଷେପର ଉତ୍ତର ଦିଅ। [3**
(କ) ଜୁନାଗଡ଼ ଦେଶୀୟ ରାଜ୍ୟ କିପରି ଭାରତ ସହ ମିଶ୍ରଣ ହୋଇଥିଲା ?
କିମ୍ବା, ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଭିତ୍ତିଭୂମି ବିକାଶ କରାଯାଇ ପାରିଲା ନାହିଁ କାହିଁକି ?
(ଖ) ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଟି.ଇ.ରେଭେନ୍‌ସା ଓଡ଼ିଶାର ଉନ୍ନତି ପାଇଁ କ'ଣ କରିଥିଲେ ? [3
କିମ୍ବା, ପୁଦୁଚେରୀ କିପରି ବିଧିବଦ୍ଧ ଭାବରେ ଭାରତରେ ମିଶିଲା ?
(ଗ) ନିର୍ବାଚନ ମଣ୍ଡଳୀ ସୀମା କିଏ ନିର୍ଦ୍ଧାରଣ କରନ୍ତି ଓ କିପରି ? [3
କିମ୍ବା, କେବେ ଭାରତ ସରକାର କାଲାଦାନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିଲେ ଓ କ'ଣ ଘୋଷଣା କରିଥିଲେ ?

**13. ସଂକ୍ଷେପର ଉତ୍ତର ଦିଅ। [2**
(କ) ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତି କ'ଣ ?
କିମ୍ବା, ପରୋକ୍ଷ ନିର୍ବାଚନର ଦୁଇଟି ସୁଫଳ ଲେଖ।
(ଖ) ଜାତୀୟ ଆଲୁମିନିୟମ୍ କମ୍ପାନୀର ପ୍ରକଳ୍ପଗୁଡ଼ିକ କେଉଁଠାରେ ଅବସ୍ଥିତ ? [2
କିମ୍ବା, କେଉଁ ବ୍ୟବସ୍ଥାରୁ ଓଡ଼ିଶାରେ ଗୋତିପ୍ରଥା ସୃଷ୍ଟି ହେଲା ଏବଂ ଏହା କେବେଠାରୁ ଉଚ୍ଛେଦ ହେଲା ?
(ଗ) ଭାରତ କେବେ ଓ କେଉଁଠାରେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ କରିଥିଲା ? [2
କିମ୍ବା, 'ଉତ୍କଳ ଦୀପିକା' କେଉଁଠାରୁ ପ୍ରକାଶ ପାଉଥିଲା ଏବଂ ଏହାର ସମ୍ପାଦକଙ୍କ ନାମ କ'ଣ ଥିଲା ?
(ଘ) 'ଶହୀଦ୍' ଓ 'ସ୍ୱରାଜ' କ'ଣ ? ଏହାର ନାମକରଣ କିଏ କରିଥିଲେ ? [2
କିମ୍ବା, ବିନୋବା ଭାବେ କେବେ ଓ କେଉଁଠି ତାଙ୍କର ସତ୍ୟାଗ୍ରହ ଆରମ୍ଭ କରିଥିଲେ ?

#### ଭୂଗୋଳ

14.(କ) ଶିଳ୍ପ ସ୍ଥାପନର ପ୍ରକ୍ରିୟା ଏବଂ କାରକମାନ ଆଲୋଚନା କର। [4
କିମ୍ବା, ଭାରତର ବହୁମୁଖୀ ନଦୀ ଉପତ୍ୟକା ଯୋଜନାଗୁଡ଼ିକ କିପରି ଜଳ ସମ୍ବଳର ସୁପରିଚାଳନାରେ ସହାୟକ ହୋଇଛି ଆଲୋଚନା କର।
(ଖ) ଭାରତରେ ମରୁସ୍ଥଳୀ ମୃତ୍ତିକାର ବଣ୍ଟନ ଓ ବିଶେଷତା ଆଲୋଚନା କର। [4
କିମ୍ବା, ମୃତ୍ତିକା ସଂରକ୍ଷଣର ଆବଶ୍ୟକତା ତଥା ବିଭିନ୍ନ ଉପାୟ ଆଲୋଚନା କର।

**15. ସଂକ୍ଷେପରେ ଉତ୍ତର ଲେଖ। [3**
(କ) ସଂରକ୍ଷିତ ଅରଣ୍ୟ କାହାକୁ କୁହାଯାଏ ?
କିମ୍ବା, ଋତୁକାଳୀନ ସ୍ଥାନାନ୍ତରଣ କାର୍ଯ୍ୟ କ'ଣ ?
**(ଖ) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [3**
ମୁକ୍ତ ଅରଣ୍ୟ :
କିମ୍ବା, ଖଣିଜ ପିଣ୍ଡ ବା ଖଣିଜ ପଥର
**(ଗ) ପାର୍ଥକ୍ୟ ଦର୍ଶାଅ। [2**
**ଆନ୍ଥ୍ରାସାଇଟ୍ ଓ ଲିଗ୍‌ନାଇଟ୍:**
**କିମ୍ବା, ମାଧପୁର ଓ ରାଓ୍ୱତଭଟ୍ଟା।**
**(ଗ) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [2**
ଜୀନୀୟ ବିବର୍ତ୍ତନ:
କିମ୍ବା, ବେସରକାରୀ ଶିଳ୍ପ

**16. ସଂକ୍ଷେପରେ ଉତ୍ତର ଲେଖ।**
(କ) ଜଗତୀକରଣକୁ କାହିଁକି ଏକ ବଜାର ଭିତ୍ତିକ ଅର୍ଥନୀତି କୁହାଯାଏ। [3
କିମ୍ବା, ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ଲୋକମାନଙ୍କର ଜୀବନ ଧାରଣର ମାନ କାହିଁକି ଅତି ନିମ୍ନ ଧରଣର ?
**(ଖ) କାରଣ ଦର୍ଶାଅ। [2**
ଭାରତରେ ସଘନ କୃଷି ବିଶେଷ ଭାବରେ ଅନୁସୃତ ହୁଏ।
କିମ୍ବା, ଖଣି ଖନନକୁ ଘାତକ ଶିଳ୍ପ କୁହାଯାଏ।
**(ଗ) ପାର୍ଥକ୍ୟ ଦର୍ଶାଅ। [2**
ଅପମିଶ୍ରିତ ଦ୍ରବ୍ୟ ଓ ନକଲି ଦ୍ରବ୍ୟ।
କିମ୍ବା, ଖାଉଟି ସଂଗଠନ ଓ ଜିଲ୍ଲା ବିଚାର ମଞ୍ଚ।

### ANSWER : PART – I (OBJECTIVE)

#### ଇତିହାସ

୧. (କ) ପୋରବନ୍ଦର (ଖ) ସୋଭିଏତ ରୁଷିଆ (ଗ) ଦୁଇଟି (ଘ) ଚଉଦଟି (ଙ) ମାଡ୍ରାସ୍

୨. (କ) ତାମିଲନାଡୁର କୁଦନ୍‌କୁଲାମ୍‌ଠାରେ ଦକ୍ଷିଣ ଏସିଆର ସବୁଠାରୁ ବୃହତ୍ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ ପାଇଁ ରୁଷିଆ ଓ ଭାରତ ମଧ୍ୟରେ ୧୯୯୮ରେ ଚୁକ୍ତି ସମ୍ପାଦିତ ହୋଇଥିଲା। (ଖ) ଓଡ଼ିଶା ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟରେ ଜାତୀୟ ରାଜପଥ-୫ର ଦୈର୍ଘ୍ୟ ସର୍ବାଧିକ (ଗ) ଜେ.କେ. କାଗଜ କଳ ଓଡ଼ିଶାର ରାୟଗଡ଼ାଠାରେ ପ୍ରତଷ୍ଠିତ ହୋଇଛି। (ଘ) ୧୯୪୮ ମସିହାରେ ଓଡ଼ିଶାରେ ରାଜ୍ୟ ସମବାୟ ବ୍ୟାଙ୍କ୍ ପ୍ରତିଷ୍ଠିତ ହେଲା। (ଙ) ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ଥିଲେ ଲର୍ଡ୍ ଲୁଇ ମାଉଣ୍ଟବ୍ୟାଟେନ୍।

୩. (କ) ୧୦ ଲକ୍ଷ (ଖ) ଚଘାଇ (ଗ) ହିନ୍ଦୁ (ଘ) ବାଞ୍ଛାନିଧି ମହାନ୍ତି (ଙ) ତାଳଚେର

୪. (କ) ☑ (ଖ) ☒ (ଗ) ☒ (ଘ) ☑ (ଙ) ☒

୫.

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଫଳରକ୍ଷ କେନ୍ଦ୍ର | ପଟାଙ୍ଗୀ |
| ପ୍ରାକୃତିକ ବିପର୍ଯ୍ୟୟ | ଟେଷ୍ଟରିଲିଫ |
| ନାରିକେଳ ଗବେଷଣାକେନ୍ଦ୍ର | ସାକ୍ଷୀଗୋପାଳ |
| ମିଶନ ଶକ୍ତି | ସ୍ୱୟଂସହାୟକ ଗୋଷ୍ଠୀ |
| ନିର୍ବାଚନ ଇସ୍ତାହାର | ରାଜନୈତିକ ଦଳ |

#### ଭୂଗୋଳ ଓ ଅର୍ଥନୀତି

୬. (କ) ୨୨.୫ (ଖ) ଚାରି (ଗ) ପଲାରପାନି (ଘ) ୧୯୯୫ (ଙ) ୨୪୦୦

୭. (କ) ଗାଙ୍ଗେୟ ସମତଳ ଭୂମିରେ ଦେଖାଯାଉଥିବା ପୁରାତନ ପଟୁ ମୃତ୍ତିକାକୁ ଭାଙ୍ଗର କୁହାଯାଏ। (ଖ) ଗୋଟିଏ ମୁଖ୍ୟ ଖଣିଜର ଅନ୍ୟାନ୍ୟ ଖଣିଜ ପଦାର୍ଥ ସହ ମିଶ୍ରିତ ଶିଳାକୁ ଖଣିଜ ପିଣ୍ଡ କୁହାଯାଏ। (ଗ) ସ୍ଥାନାନ୍ତରିତ କୃଷିକୁ ଓଡ଼ିଶାରେ ପୋଡୁ କୁହାଯାଏ। (ଘ) ଯେଉଁ ନୀତିଦ୍ୱାରା ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦିଆଯାଇ ସରକାରୀ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିବା ପାଇଁ ଉତ୍ସାହିତ କରାଯାଇଥାଏ ତାହାକୁ ଘରୋଇକରଣ ନୀତି କୁହାଯାଏ। (ଙ) ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାପାଇଁ ଉଚ୍ଚ ଆୟବର୍ଗ ବ୍ୟକ୍ତିବିଶେଷ ଓ ବିଭିନ୍ନ ଦ୍ରବ୍ୟ ଉପରେ ଟିକସ ବସାଗଲେ ତାହାକୁ ରାଜସ୍ୱ ସଂକ୍ରାନ୍ତ ପ୍ରତିକାର କୁହାଯାଏ।

୮. (କ) ଡାଲିଜାତୀୟ ଫସଲ ଯବକ୍ଷାରଜାନ ବିବନ୍ଧନ ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି କରିଥାଏ। (ଖ) ବୋକାରୋ ଲୌହ-ଇସ୍ପାତ କାରଖାନା ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ। (ଗ) ୧୯୪୮ ରୁ ୧୯୯୦ ମସିହା ମଧ୍ୟରେ ଭାରତରେ ଘରୋଇ ଉଦ୍ୟୋଗ କ୍ଷେତ୍ରରେ ବିଫଳତା ଦେଖାଦେଇଥିଲା। (ଘ) ଶ୍ରମିକ ଗୋଷ୍ଠୀର ଖାଉଟିମାନଙ୍କୁ ନେଇ ଖାଉଟି ଦରସୂଚକ ଦ୍ରବ୍ୟଗୁଡ଼ିକର ଗଣନା କରାଯାଇଥାଏ। (ଙ) କୃଷିପ୍ରଧାନ ଦେଶରେ ଋତୁକାଳୀନ ବେକାରୀ ଅଧିକ ଦେଖାଯାଏ।

୯. (କ) ସଂକଟାପନ୍ନ ଜାତି (ଖ) ମାନବ ସମ୍ବଳ (ଗ) ବେଙ୍ଗାଲୁରୁ (ଘ) ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଙ) ସ୍ୱଳ୍ପ ଦରବୃଦ୍ଧି

୧୦. (କ)




(ଖ) ୧. ଝାଡ଼ଖଣ୍ଡ ୨. ପ୍ରଚ୍ଛନ୍ନ ବେକାରୀ

### ANSWER : PART – II (SUBJECTIVE)

#### ଇତିହାସ

11. (i) ୧୯୧୯ ଭାରତ ଶାସନ ଆଇନ ଅନୁଯାୟୀ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ଓ ସରକାରୀ ଉତ୍ସବ ବର୍ଜନ।
(ii) ସମସ୍ତ ପ୍ରକାର ସରକାରୀ ଉପାଧି ଫେରସ୍ତ ଓ ସରକାରୀ ପଦବୀରୁ ଇସ୍ତଫା।
(iii) ଆଇନଜୀବୀଙ୍କ ଦ୍ୱାରା ବିଚାରାଳୟ ବର୍ଜନ ଓ ଛାତ୍ରମାନଙ୍କ ଦ୍ୱାରା ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବର୍ଜନ।
(iv) ବିଦେଶୀ ଦ୍ରବ୍ୟ ଓ ବିଦେଶୀ ଲୁଗା ବର୍ଜନ।
(v) ଖଦୀ ଓ ଗ୍ରାମୋଦ୍ୟୋଗର ପ୍ରସାର।
(vi) ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଏକତା ସୃଷ୍ଟି।
(vii) ଅସ୍ପୃଶ୍ୟତା ନିରାକରଣ।
(viii) ଜାତୀୟ ଶିକ୍ଷାନୁଷ୍ଠାନ ସ୍ଥାପନ।
କିମ୍ବା,
(i) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସମ୍ପର୍କରେ ମତାମତ ଦେବାପାଇଁ ସାଇମନ୍ କମିଶନର ଅନ୍ୟତମ ସଦସ୍ୟ ସି.ଆର୍. ଅଟଲିଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ ହେଲା।
(ii) ଏହାର ଅନ୍ୟ ସଦସ୍ୟମାନେ ଥିଲେ କେନ୍ଦ୍ରୀୟ ବିଧାୟକ ସଭାର ସଦସ୍ୟ ଡକ୍ଟର ସୁରଓ୍ୱାର୍ଦ୍ଦୀ ଏବଂ ବିହାର-ଓଡ଼ିଶା ବିଧାନ ପରିଷଦର ଓଡ଼ିଆ ସଦସ୍ୟ ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ଲକ୍ଷ୍ମୀଧର ମହାନ୍ତି।
(iii) କମିଟିର ସୁପାରିସ୍ ଥିଲା- "ଓଡ଼ିଆମାନଙ୍କର ଦାବି ଯୁକ୍ତିଯୁକ୍ତ ଏବଂ ସ୍ୱତନ୍ତ୍ର ସାର୍ବଜନୀନ ମତ।"
(iv) ଏହି ସବ୍‌କମିଟି ଓଡ଼ିଶା ଡିଭିଜନ୍, ଅନୁଗୁଳ, ବଙ୍ଗର ମେଦିନୀପୁର, ମାନ୍ଦ୍ରାଜ ପ୍ରେସିଡେନ୍‌ସୀର ଗଞ୍ଜାମ ଅଞ୍ଚଳ ଓ କେନ୍ଦ୍ରୀୟ ପ୍ରଦେଶର ଖଡ଼ିଆଳ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିସ୍ କରିଥିଲା।
(ଖ) (i) ଭାରତ ଓ ପାକିସ୍ଥାନ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠନ ହୋଇ ୧୯୪୭ ଅଗଷ୍ଟ ୧୫ରେ କ୍ଷମତା ହସ୍ତାନ୍ତର ହେବ। ଦେଶୀୟ ରାଜାମାନଙ୍କୁ ଇଚ୍ଛା ଅନୁସାରେ ଭାରତ କିମ୍ବା ପାକିସ୍ଥାନ ସହିତ ଯୋଗ ଦେବାକୁ ସ୍ୱାଧୀନତା ଦିଆଗଲା।
(ii) ୧୯୪୭ ଅଗଷ୍ଟ ୧୫ ରୁ ଦେଶୀୟ ରାଜାମାନଙ୍କ ଇଂଲଣ୍ଡ ସହିତ ସମସ୍ତ ଚୁକ୍ତିର ବିଲୋପ ଘଟିଲା।
(iii) ପ୍ରତ୍ୟେକ ଦେଶକୁ ନିଜର ସମ୍ବିଧାନ ପ୍ରଣୟନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କର ସମ୍ବିଧାନ ପ୍ରଣୟନ ସଭାକୁ ବିଧାୟକ ସଭାର କ୍ଷମତା ଦିଆଗଲା।
(iv) ଉଭୟ ଦେଶ ୧୯୩୫ ଭାରତ ଶାସନ ଅନୁଯାୟୀ ଶାସନ କଲେ ଏବଂ ଇଂଲଣ୍ଡର ଭାରତ ସଚିବ ପଦ ଉଚ୍ଛେଦ ହେଲା।
କିମ୍ବା,
(i) ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟଦାବି ଥିଲା ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ବନ୍ଦ କରିବା।
(ii) ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣମାଧ୍ୟମର ସ୍ୱାଧୀନତା ଅଧିକାର, ସଂଘଗଠନ ଅଧିକାର ପ୍ରଭୃତି ମୌଳିକ ନାଗରିକ ଅଧିକାର ପ୍ରଦାନ କରିବା।
(iii) ଚାଷଜମି ଉପରେ ଚାଷୀର ଅଧିକାର ସଂପର୍କୀତ ନିୟମ ପ୍ରଚଳନ କରିବା।
(iv) ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିକୁ ଜଙ୍ଗଲଦ୍ରବ୍ୟ ଉପଯୋଗ ଅଧିକାର ପ୍ରଦାନ କରିବା ଏବଂ ଏକଚାଟିଆ ବାଣିଜ୍ୟ କାରବାର ବନ୍ଦ କରିବା।

12.(କ)(i) ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ୍ ନବାବ ପାକିସ୍ଥାନ ସହିତ ଯୋଗଦେବାକୁ ଇଚ୍ଛା ପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କରିଥିଲେ।
(ii) ଭାରତ ସରକାର ଏଠାରେ ଗଣଭୋଟ ଅନୁଷ୍ଠିତ କରାଇଥିଲା।
(iii) ଗଣଭୋଟରେ ପରାସ୍ତ ହେବାପରେ ନବାବ ପାକିସ୍ଥାନକୁ ପଳାୟନ କରିଥିଲେ ଏବଂ ଜୁନାଗଡ଼ ଭାରତ ସହିତ ମିଶିଯାଇଥିଲା।
କିମ୍ବା,
(i) ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶା ପରାଧୀନ ଭାରତର ଏକ ପ୍ରଦେଶ ଥିଲା।
(ii) ୧୯୪୬ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ରାଜନୀତିକ ଅସ୍ଥିରତା ଯୋଗୁଁ ବିକାଶ କାର୍ଯ୍ୟ ଏକପ୍ରକାର ବନ୍ଦ ରହିଥିଲା।
(iii) ୧୯୩୯ ଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ଯୋଗୁଁ ଓଡ଼ିଶାରେ ଭିତ୍ତିଭୂମିର ବିକାଶ ପାଇଁ ବିଶେଷ କିଛି କରାଯାଇପାରି ନଥିଲା।
(ଖ)(i) ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ଉନ୍ନତିପାଇଁ ଇଂରେଜମାନେ ଅନେକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଥିଲେ।
(ii) କମିଶନର ଟି.ଇ. ରେଭେନ୍‌ସା ଓଡ଼ିଶାର ଉନ୍ନତିପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ।
(iii) ସେ ଆଳି ଓ ବାଙ୍କୀଠାରେ ନୂତନ ବନ୍ଧମାନ ନିର୍ମାଣ ତଥା ପୁରାତନ ବନ୍ଧର ମରାମତି କରାଇଥିଲେ।
କିମ୍ବା,
(i) ୧୯୫୪ ଅକ୍ଟୋବରମାସରେ ପୁଦୁଚେରୀରେ ଜନମତ ନିଆଗଲା।
(ii) ସେହିବର୍ଷ ନଭେମ୍ବର ୧ରେ ପୁଦୁଚେରୀର ବାସ୍ତବ କ୍ଷମତା ଭାରତ ସରକାରଙ୍କ ହାତକୁ ଆସିଲା।
(iii) ଏହି ମିଶ୍ରଣକୁ ୧୯୬୨ ମସିହା ମେ ମାସରେ ଫରାସୀ ଜାତୀୟ ସଭା ଅନୁମୋଦନ କଲା।
(ଗ)(i) ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ଆୟୋଗ ଦ୍ୱାରା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଥାଏ।
(ii) ଜନସଂଖ୍ୟା ବୃଦ୍ଧିକୁ ଆଧାର କରି ସୀମା ପୁନଃନିର୍ଦ୍ଧାରିତ ହୋଇଥାଏ।
(iii) ଜନସଂଖ୍ୟା ଅନୁସାରେ ରାଜ୍ୟମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ ବିଧାନ ସଭା ଓ ଲୋକସଭା ଆସନ ସ୍ଥିର କରାଯାଇଥାଏ।
କିମ୍ବା,
(i) ୨୦୦୮ ମସିହା ଜାନୁୟାରୀ ମାସ ୭ ତାରିଖରେ କାଲାଦନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନେବାକୁ ଭାରତ ସରକାର ଘୋଷଣା କରିଥିଲେ।
(ii) ଏହି ବନ୍ଦର ମିଆଁମାରକୁ ଭାରତର ଏକ ଉପହାର ବୋଲି କହିଥିଲେ।
(iii) ଏହି ବନ୍ଦରକୁ ଭାରତ ବ୍ୟବହାର କରିପାରିବ ବୋଲି ବ୍ୟବସ୍ଥା ଥିଲା।

13.(କ) (i) ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତି ହେଉଛି ଏକ ବୈଧାନିକ ବା ଆଇନ ଅନୁମୋଦିତ ଦସ୍ତାବିଜ।
(ii) ଏହି ଦସ୍ତାବିଜ ବା ଦଲିଲରେ ସ୍ୱାକ୍ଷରକାରୀ ଦ୍ୱୟ ଥିଲେ ଭାରତ ସରକାର ଓ ଦେଶୀୟ ରାଜା।
କିମ୍ବା,
(i) ପରୋକ୍ଷ ନିର୍ବାଚନରେ ଲୋକମାନେ ପରୋକ୍ଷ ଭାବରେ ନିଜର ପ୍ରତିନିଧିଙ୍କୁ ବାଛିଥାନ୍ତି।
(ii) ପରୋକ୍ଷ ନିର୍ବାଚନରେ କମ୍ ଖର୍ଚ୍ଚ ହୋଇଥାଏ ଏବଂ ଦଳୀୟ ରାଜନୀତିର ପ୍ରଭାବ କମ୍ ଥାଏ।
(ଖ) (i) ଜାତୀୟ ଆଲୁମିନିୟମ୍ କମ୍ପାନୀର ଗୋଟିଏ ପ୍ରକଳ୍ପ କୋରାପୁଟ ଜିଲ୍ଲାର ଦାମନଯୋଡ଼ିଠାରେ ଅବସ୍ଥିତ।
(ii) ଏହାର ଅନ୍ୟ ଗୋଟିଏ ପ୍ରକଳ୍ପ ଅନୁଗୁଳ ଜିଲ୍ଲାର ଅନୁଗୁଳଠାରେ ଅବସ୍ଥିତ।
କିମ୍ବା,
(i) ଗ୍ରାମ୍ୟ ମହାଜନୀ ପ୍ରଥା ବ୍ୟବସ୍ଥାରୁ ଓଡ଼ିଶାରେ ଗୋତିପ୍ରଥା ସୃଷ୍ଟି ହେଲା।
(ii) ଏହି ପ୍ରଥା ୧୮୪୮ ମସିହା ଜୁନ୍ ମାସରୁ ଉଚ୍ଛେଦ ହେଲା।
(ଗ) (i) ଭାରତ ୧୯୭୪ ମସିହା ମେ ମାସ ୧୮ ତାରିଖରେ ତା'ର ପରମାଣୁ ବୋମା ବିସ୍ଫୋରଣ କରିଥିଲା।
(ii) ଏହା ସେ ରାଜସ୍ଥାନର ପୋଖରାନ୍‌ଠାରେ କରିଥିଲା।
କିମ୍ବା,
(i) 'ଉତ୍କଳ ଦୀପିକା' କଟକରୁ ପ୍ରକାଶ ପାଉଥିଲା।
(ii) ଏହାର ସମ୍ପାଦକଙ୍କ ନାମ ଥିଲା ଗୌରୀଶଙ୍କର ରାୟ।
(ଘ) (i) 'ଶହୀଦ୍' ଓ 'ସ୍ୱରାଜ' ଯଥାକ୍ରମେ ଆଣ୍ଡାମାନ ଓ ନିକୋବର ଦ୍ୱୀପ ଦ୍ୱୟର ନାମ ରଖାଯାଇଥିଲା।
(ii) ସୁଭାଷ ଚନ୍ଦ୍ର ବୋଷ୍ ଏହାର ନାମକରଣ କରିଥିଲେ।
କିମ୍ବା,
(i) ବିନୋବା ଭାବେ ୧୯୪୦ ମସିହା ଅକ୍ଟୋବର ୧୭ ତାରିଖ ଦିନ ତାଙ୍କର ସତ୍ୟାଗ୍ରହ ଆରମ୍ଭ କରିଥିଲେ।
(ii) ପାନାଉରଠାରେ ସେ ଏହା ଆରମ୍ଭ କରିଥିଲେ।

#### ଭୂଗୋଳ

14.(କ) (i) ଶିଳ୍ପ ସ୍ଥାପନ ନିମନ୍ତେ ସ୍ଥାନ ନିରୂପଣ ଏକ ଜଟିଳ ପ୍ରକ୍ରିୟା।
(ii) ଏହା ସ୍ଥାପନ ପାଇଁ ଦୁଇଗୋଟି କାରକ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି; ଯଥା : ପ୍ରାକୃତିକ କାରକ ଓ ସାଂସ୍କୃତିକ କାରକ।
(iii) ପ୍ରାକୃତିକ କାରକ ମଧ୍ୟରେ କଞ୍ଚାମାଲ, ଜମି, ଶକ୍ତି ଏବଂ ଜଳବାୟୁ ଅନ୍ତର୍ଭୁକ୍ତ ଥିବାବେଳେ ସାଂସ୍କୃତିକ କାରକ ମଧ୍ୟରେ ଶ୍ରମିକ, ବଜାର, ପରିବହନ, ପୁଞ୍ଜି, ମୂଳଧନ, ବ୍ୟାଙ୍କ୍ ଓ ସରକାରୀ ନୀତି ଅନ୍ତର୍ଭୁକ୍ତ।
(iv) ଏହିସବୁ ଉପାଦାନ ମିଳୁଥିବା ସ୍ଥାନରେ ବା ନିକଟରେ ସ୍ଥାନ ନିରୂପଣ କରାଯାଏ। ସହରାଞ୍ଚଳରେ ଶ୍ରମିକ, ବଜାର, ପରିବହନ, ପୁଞ୍ଜି, ବ୍ୟାଙ୍କ୍ ଆଦି ସହଜରେ ଉପଲବ୍ଧ ହେଉଥିବାରୁ ସେଠାରେ ଶିଳ୍ପାୟନ ସହଜସାଧ୍ୟ ହୋଇଥାଏ।
କିମ୍ବା,
(i) ନଦୀ ଶଯ୍ୟାରେ ବନ୍ଧ ନିର୍ମାଣ କରି ସଂରକ୍ଷିତ ଜଳକୁ ଜଳସେଚନ ପାଇଁ ବ୍ୟବହାର କରାଯାଏ।
(ii) ସଞ୍ଚିତ ଜଳରୁ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇ ଉଭୟ ଘରୋଇ ଓ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଏ।
(iii) ଅଧିକ ବର୍ଷା ସମୟରେ ନଦୀ ଜଳକୁ ବାନ୍ଧିରଖି ଅଳ୍ପ ଅଳ୍ପ ନିଷ୍କାସିତ କରି ବନ୍ୟା ନିୟନ୍ତ୍ରଣ କରାଯାଏ।
(iv) ଆବଦ୍ଧ ଜଳରାଶିରେ ନୌକା ବିହାର, ମନୋରଞ୍ଜନ, ଅନ୍ତଃସ୍ଥଳୀୟ ଜଳ ପରିବହନ ଓ ମତ୍ସ୍ୟ ପ୍ରଜନନ ଆଦି କରାଯାଏ।
(ଖ) (i) ମରୁସ୍ଥଳୀ ମୃତ୍ତିକା ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଦେଖାଯାଏ। ଉତ୍ତର-ପଶ୍ଚିମାଞ୍ଚଳରେ ଥିବା ଥର୍ ମରୁଭୂମି, ସୌରାଷ୍ଟ୍ର ଓ କଚ୍ଛ, ହରିୟାଣା ଓ ପଞ୍ଜାବରେ ଏହି ମୃତ୍ତିକା ଦେଖାଯାଏ। ଭାରତର ସମୁଦାୟ ଆୟତନର ୧୫% ଭାଗରେ ଏହି ମୃତ୍ତିକା ଦେଖାଯାଏ।
(ii) ଏହି ମୃତ୍ତିକାରେ ଅଧିକ ପରିମାଣର ବାଲି, ଲବଣ ଓ ଫସ୍‌ଫରସ୍ କିନ୍ତୁ କମ୍ ପରିମାଣର ଜୈବାଂଶ, ଯବକ୍ଷାରଜାନ ଓ ଚୂନ ଅଂଶ ଥାଏ।
(iii) ଏହାର ଜଳଧାରଣ ଶକ୍ତି କମ୍।
(iv) ଆରାବଳୀ ପର୍ବତ ପାର୍ଶ୍ୱର ମରୁସ୍ଥଳୀ ମୃତ୍ତିକାକୁ ରେଗୋଲିଥ୍ ଓ ଜଏସାଲମେର ଅଞ୍ଚଳର ମୃତ୍ତିକାକୁ ଲିଥୋଜୋଲିକ୍ ମୃତ୍ତିକା କୁହାଯାଏ।
କିମ୍ବା,
(i) ମୃତ୍ତିକା ସମ୍ବଳ କ୍ଷୟଶୀଳ ହେଲେ ମଧ୍ୟ ନବୀକରଣଯୋଗ୍ୟ, ମାତ୍ର ପୃଷ୍ଠ ମୃତ୍ତିକା ସମ୍ପୂର୍ଣ୍ଣ କ୍ଷୟ ହୋଇଗଲେ ନୂତନ ମୃତ୍ତିକା ସୃଷ୍ଟି ପାଇଁ ଦୀର୍ଘ ସମୟ ଲାଗୁଥିବାରୁ ଏହାର ସଂରକ୍ଷଣ ନିତ୍ୟାନ୍ତ ଆବଶ୍ୟକ।
(ii) ପୁନଃବନୀକରଣ, ଢାଲୁରେ ରୈଖିକ କର୍ଷଣ, କ୍ଷୟରୋଧକାରୀ ଉଦ୍ଭିଦ ରୋପଣ, ପଶୁଚାରଣ ନିୟନ୍ତ୍ରଣ, ପ୍ରତିରୋଧକ ବଳୟ ସୃଷ୍ଟି ଓ ପୋଡୁ ଚାଷକୁ ପ୍ରୋତ୍ସାହିତ ନ କରିବା ସ୍ଥାନୀୟ ଓ ବ୍ୟକ୍ତିଗତ ସ୍ତରରେ କ୍ଷୁଦ୍ର ପଦକ୍ଷେପ ଅଟେ।
(iii) ସରକାରୀ ସ୍ତରରେ ବୃହତ୍ ପଦକ୍ଷେପ ମଧ୍ୟ ନିଆଯାଇପାରେ।
(iv) ସେଗୁଡ଼ିକ ହେଉଛି ପୁନଃବନୀକରଣ ଦ୍ୱାରା ନୂତନ ଅରଣ୍ୟ ସୃଷ୍ଟି ଓ ପଶୁଚାରଣ ନିୟନ୍ତ୍ରଣ କରିବା, ବୁନ୍ଦା ଜଳସେଚନ ଦ୍ୱାରା ମୃତ୍ତିକା କ୍ଷୟ ରୋକିବା। ନଦୀବନ୍ଧ ସୃଷ୍ଟିକରି ଓ ନଦୀ ସଂଯୋଗ ଯୋଜନା ଦ୍ୱାରା ବନ୍ୟା ନିୟନ୍ତ୍ରଣ ଓ ତଦ୍ଦ୍ୱାରା ମୃତ୍ତିକା କ୍ଷୟ ରୋକିବା।

15. (କ)(i) ସଂରକ୍ଷିତ ଅରଣ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ରହିଥାଏ।
(ii) ଏହି ଅରଣ୍ୟରୁ କାଷ୍ଠ ସଂଗ୍ରହ ତଥା ପଶୁଚାରଣ ପାଇଁ ସାଧାରଣ ଜନତାଙ୍କୁ ଅନୁମତି ମିଳି ନ ଥାଏ।
(iii) ଏ ପ୍ରକାର ଅରଣ୍ୟର ଆୟତନ ସମୁଦାୟ ଅରଣ୍ୟ ଆୟତନର ପ୍ରାୟ ୫୩ ଶତାଂଶ ହୋଇଥାଏ।
କିମ୍ବା,
(i) ହିମରେଖାର ନିମ୍ନାଂଶରେ ଶୁଷ୍କ କଣ୍ଟାଜାତୀୟ ଗୁଳ୍ମ ଉଦ୍ଭିଦ ଦେଖାଯାଏ। ଏଗୁଡ଼ିକ ଆଲପୀୟ ଅରଣ୍ୟର ଉତ୍ତର ଢାଲୁ ଅଂଶରେ ରହିଥାଏ।
(ii) ଏହି ଅଞ୍ଚଳରେ ଆଲ୍‌ପୀୟ ଚାରଣ ଭୂମି ମଧ୍ୟରେ ସରଳବର୍ଗୀୟ ବୃକ୍ଷ ଓ ହିମାଚ୍ଛାଦିତ ଭୂମି ଦେଖାଯାଏ।
(iii) ପୀରପଞ୍ଜାଲ ପର୍ବତଶ୍ରେଣୀରେ ଏହା ବିଶେଷଭାବେ ଦେଖାଯାଏ। ଏଠାରେ ଗୁଜ୍ଜରମାନେ ଋତୁକାଳୀନ ସ୍ଥାନାନ୍ତର କାର୍ଯ୍ୟ ମାଧ୍ୟମରେ ପଶୁଚାରଣ କରିଥାନ୍ତି।
(ଖ)(i) ଅବର୍ଗୀକୃତ ଅରଣ୍ୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଏହାକୁ ମୁକ୍ତ ଅରଣ୍ୟ କୁହାଯାଏ।
(ii) ଏହା କାଠ ସଂଗ୍ରହ ଓ ପଶୁଚାରଣ ପାଇଁ ବିଶେଷ ଭାବେ ବ୍ୟବହୃତ ହୋଇଥାଏ।
(iii) ଏହାର ଆୟତନ ସମୁଦାୟ ଅରଣ୍ୟର ଆୟତନର ପ୍ରାୟ ୧୮ ଶତାଂଶ।
କିମ୍ବା,
(i) ଖଣିଜ ପଦାର୍ଥ ସାଧାରଣତଃ ଖଣିଜ ପିଣ୍ଡରୁ ମିଳିଥାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ସଂକ୍ଷେପରେ

### ୬.୧୦ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବବାଟିକା ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିବା ସହ ୬.୧୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଅଭିଯୁକ୍ତ ଜଣକ ହେଲେ, ବ୍ରହ୍ମପୁର ଚିକିଟି ଥାନାଅଞ୍ଚଳର ପିଣ୍ଟୁ ବିନ୍ଧାଣୀ ଓରଫ ରିଙ୍କୁ। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ରିଙ୍କୁକୁ ଧରିବାକୁ ଜାଲ ବିଛାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ରିଙ୍କୁ ଜୟଦେବବାଟିକା ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ନଂ. ୬୪/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି କରାଯାଉ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ନିଯୁକ୍ତି ବିଜ୍ଞପ୍ତି ପ୍ରତ୍ୟେକ ବର୍ଷ ବାହାର କରି ମେଧାବୀ ପ୍ରାର୍ଥୀଙ୍କୁ ଭବିଷ୍ୟତ ଗଢ଼ିବାକୁ ସୁଯୋଗ ଦିଆଯାଉ। ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ୍, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଏବଂ ଅନ୍ୟାନ୍ୟ ବୋର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ ଚାକିରିରେ ଖାଲିଥିବା ପଦବୀଗୁଡ଼ିକ ନିୟମାନୁସାରେ ପ୍ରତ୍ୟେକ ବର୍ଷ ପୂରଣ ହେବାକଥା । ମାତ୍ର ତାହା ଉଚିତ ସମୟରେ ହେଉ ନାହିଁ। ଦୁଇଟି ବିଜ୍ଞପ୍ତି ମଧ୍ୟରେ ଥିବା ଅବଧି ପ୍ରାୟ ପାଞ୍ଚବର୍ଷରୁ ଅଧିକ ରହୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡୁଛି। ତେଣୁ ନିଯୁକ୍ତି ବିଜ୍ଞପ୍ତି ପ୍ରତି ବର୍ଷ ବାହାର କରାଗଲେ ପରୀକ୍ଷାର୍ଥୀଙ୍କ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ନିରନ୍ତରତା ବଜାୟ ରହିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କ ବୟସ ସୀମାକୁ ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରାଯାଉ । ଯେଉଁଭଳି ସରକାରୀ କର୍ମଚାରୀଙ୍କ ଅବସରକାଳୀନ ବୟସସୀମା ବୃଦ୍ଧି ହେଉଛି ବା ଅବସର ପରେ ମଧ ପୁନଃନିଯୁକ୍ତି ଦିଆଯାଉଛି। ସେହିଭଳି ନିଯୁକ୍ତି କ୍ଷେତ୍ରରେ କାହିଁକି ବୟସସୀମା ବୃଦ୍ଧି ହୋଇ ପାରିବ ନାହିଁ। ଅନ୍ୟ ରାଜ୍ୟ ଯଥା- ଗୋଆରେ ୪୫ ବର୍ଷ, ତେଲେଙ୍ଗାନାରେ ୪୪, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ହରିୟାଣାରେ ୪୨ ବର୍ଷ ବୟସସୀମା ଧାର୍ଯ୍ୟ କରାଯାଇଛି। ସେହିପରି ପଶ୍ଚିମବଙ୍ଗ, ତ୍ରିପୁରା, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟଗୁଡ଼ିକରେ ୪୦ ବର୍ଷ ପର୍ଯ୍ୟନ୍ତ ବୟସ ସୀମା ବଢ଼ାଯାଇଛି । ଓଡ଼ିଶାରେ ନିକଟରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ ବର୍ଷରୁ ୪୮ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏଣୁ ନିଯୁକ୍ତି ଭିତ୍ତିକ ବୟସ ସୀମା ବୃଦ୍ଧି କରିବା ସହ ପ୍ରତି ବର୍ଷ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବାକୁ ଡିସେମ୍ବର ୨୩ରେ ସୁମନ୍ତ ଶତପଥୀ, ସୁରେନ୍ଦ୍ର କୁମାର ଜେନା, ଅଶୋକ ରାଣା ଓ ଅନ୍ୟ କେତେକ ଆଶାୟୀ ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ଦେଇଥିଲେ। ଏନେଇ ଖୁବ୍‌ଶୀଘ୍ର ବିଚାର କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀମାନେ କହୁଥିବାବେଳେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଆଶାୟୀ ପ୍ରାର୍ଥୀମାନଙ୍କ ବୟସ ଗଡ଼ିଯାଉଥିବାରୁ, ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି।

# ଦୁର୍ଘଟଣାରୁ ବର୍ତ୍ତିଗଲା ରାଜ୍ୟରାଣୀ ଏକ୍ସପ୍ରେସ୍

ଅନୁଗୋଳ ଅଫିସ୍, ୨୪।୧

- ଟ୍ରାକ୍‌ରେ ରଖାଯାଇଥିଲା ଲୁହା ଖମ୍ବ
- ଅନ୍ୟ ଏକ ଇଞ୍ଜିନ ଚାଳକ ଦେଲେ ସୂଚନା
- ଅନୁଗୋଳ ଷ୍ଟେଶନରେ ରୋକାଗଲା ଏକ୍ସପ୍ରେସ୍
- ଘଟଣାସ୍ଥଳରୁ ୨ ଯୁବକ ଗିରଫ

ଅନୁଗୋଳ ରେଳ ଷ୍ଟେଶନରୁ ତାଳଚେର ରୋଡ୍‌କୁ ଲମ୍ବିଥିବା ଟ୍ରାକ୍‌ରେ ଏକ ଲୁହା ଖମ୍ବ ରଖାଯାଇ ଟ୍ରେନ୍ ଦୁର୍ଘଟଣା ପାଇଁ ଗୁରୁବାର ବିଳମ୍ବିତ ରାତିରେ ଷଡ଼ଯନ୍ତ୍ର କରାଯାଇଥିଲେ ହେଁ ସେଥିରୁ ବର୍ତ୍ତିଯାଇଛି ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ୍ (ନଂ. ୧୮୧୧୭)। ଉକ୍ତ ଟ୍ରାକ୍‌ରେ ଖମ୍ବ ରଖାଯାଇଥିବା ସମ୍ପର୍କରେ ଏକ ଇଞ୍ଜିନ ଚାଳକଙ୍କଠାରୁ ଖବର ମିଳିବା ପରେ ରେଳବାଇ କର୍ତ୍ତୃପକ୍ଷ ଅନୁଗୋଳ ଷ୍ଟେଶନରେ ହିଁ ରାଜ୍ୟରାଣୀ ଏକ୍ସପ୍ରେସ୍‌କୁ ଅଟକାଇ ଦେଇଥିଲେ। ପରେ ରେଳବାଇ ଓ ଆର୍‌ପିଏଫ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୌଡ଼ି ପଳାଉଥିବା ଦୁଇ ଯୁବକ ଅନୁଗୋଳ ଥାନା ରାଣୀଗୋଡ଼ା ସାନନ୍ତସାହିର ରଞ୍ଜନ ମୁଣ୍ଡା(୨୦) ଓ ଅଜୟ ମୁଣ୍ଡା(୧୯)ଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ରେଳବାଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅନୁଗୋଳ ପୋଲିସ ପକ୍ଷରୁ ମଧ ଏକ ମାମଲା ନଂ. ୮୭/୨୦ ରୁଜୁ କରାଯାଇଛି। ଅଧିକ ତଦନ୍ତ ପାଇଁ ରେଳବାଇ ପୋଲିସ ଅନୁଗୋଳ ପୋଲିସକୁ ଦୁଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ମୋନୁ କୁମାର ଶର୍ମା ସୂଚନା ଦେଇଛନ୍ତି।

ଆର୍‌ପିଏଫ୍ ସୂତ୍ରରୁ ପ୍ରକାଶ ଯେ, ବିଳମ୍ବିତ ରାତିରେ ଅନୁଗୋଳ ଇଲେକ୍ଟ୍ରି ଲୋକ ସେଡ୍‌ରୁ ତାଳଚେର ଅଭିମୁଖେ ଯାଉଥିବା ଏକ ଲାଇଟ୍ ଇଞ୍ଜିନ ଟ୍ରାକ୍‌ରେ ରଖାଯାଇଥିବା ଉକ୍ତ ଲୁହା ଖମ୍ବକୁ ଧକ୍କା ଦେଇଥିଲା। ଇଞ୍ଜିନଟି ଧୀରଗତିରେ ଯାଉଥିବାରୁ ଖମ୍ବଟି ଟ୍ରାକ୍‌ରୁ ତଳକୁ ଖସି ପଡ଼ିଥିଲା। ଘଟଣା ସମ୍ପର୍କରେ ଲାଇଟ୍ ଇଞ୍ଜିନ୍‌ର ଚାଳକ ତାଳଚେରଠାରେ ରିପୋର୍ଟ କରିବା ପରେ ତୁରନ୍ତ ଏ ନେଇ ଅନୁଗୋଳ ଷ୍ଟେଶନକୁ ବାର୍ତ୍ତା ପ୍ରେରଣ କରାଯାଇଥିଲା। ଫଳରେ ରାଉରକେଲାରୁ ଗୁଣୁପୁରୁ ଯାଉଥିବା ରାଜ୍ୟରାଣୀ ଏକ୍ସପ୍ରେସ୍‌କୁ ରେଳବାଇ କର୍ତ୍ତୃପକ୍ଷ ଅନୁଗୋଳ ଷ୍ଟେଶନରେ ଅଟକାଇ ଦେଇଥିଲେ। ପରେ ଅନୁଗୋଳର ଚିଫ୍ ଲୋକ ସର୍କଲ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ, ଅନୁଗୋଳ ପିଡବ୍ଲ୍ୟୁଆଇ କନିଷ୍ଠ ଯନ୍ତ୍ରୀ (ରେଳ୍) ସଞ୍ଜୟ କୁମାର ସାହୁ, ଡିଭିଜନାଲ୍ ଟ୍ରଫିକ ଇନ୍ସପେକ୍ଟର ଚିଦାନନ୍ଦ ଦାଶ ଓ ଅନ୍ୟ ଅଧିକାରୀ, ଆର୍‌ପିଏଫ୍ ଇନ୍ସପେକ୍ଟର ଶର୍ମା ଏବଂ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ସେହି ସମୟରେ ସେଠାରେ ଥିବା ଦୁଇ ଅଭିଯୁକ୍ତ ରଞ୍ଜନ ଓ ଅଜୟ ଦୌଡ଼ିବାକୁ ଲାଗିଥିଲେ। ରେଳବାଇ ପୋଲିସ ଉଭୟଙ୍କୁ କାବୁ କରିବା ସହ ଧାରଣା ପାର୍ଶ୍ୱରେ ୭ ଫୁଟ ଲମ୍ବର ଲୁହା ଖମ୍ବ ପଡ଼ିଥିବା ଦେଖିବାକୁ ପାଇଥିଲେ। ମଦ୍ୟପାନ ପରେ ଅଭିଯୁକ୍ତ ଦ୍ୱୟ ଏପରି କରିଥିବା ରେଳବାଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏହି ଘଟଣା ପରେ ଭୋର ପ୍ରାୟ ୫ଟା ବେଳେ ରାଜ୍ୟରାଣୀ ଏକ୍ସପ୍ରେସ୍ ଗୁଣୁପୁରୁ ଅଭିମୁଖେ ଗସ୍ତ କରିଥିବା ରେଳବାଇ ପୋଲିସ ପ୍ରକାଶ କରିଛି।

# 'ଶୀଘ୍ର ଶେଷ କର ରେଳ ପ୍ରକଳ୍ପ'

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷକରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରାମର୍ଶ ଦେଇଛନ୍ତି। ଗତ ୨୨ ତାରିଖରେ ଅନୁଷ୍ଠିତ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସହିତ ଓଡ଼ିଶା ସରକାରଙ୍କୁ ସମନ୍ୱୟ ରକ୍ଷା କରିବାକୁ କହିଛନ୍ତି। ଅନେକ କାରଣ ଯୋଗୁ ୨୮୯ କି.ମି. ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ବିଳମ୍ବ ହେବାରେ ଲାଗିଛି। ଏଥିମଧ୍ୟରୁ ଖୋର୍ଦ୍ଧା-ନୟାଗଡ଼ ୬୬ କି.ମି. ଦୈର୍ଘ୍ୟର କାର୍ଯ୍ୟ ସମାପ୍ତ ହୋଇସାରିଛି। ଅନ୍ୟପକ୍ଷରେ ପେଟ୍ରୋଲିୟମ ପରିବହନ ପାଇଁ ଓଡ଼ିଶା-ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ମଧ୍ୟରେ ବିଛାଯାଉଥିବା ପାରାଦୀପ-ହାଇଦ୍ରାବାଦ ପାଇପଲାଇନ କାର୍ଯ୍ୟର ସମୀକ୍ଷା କରିଛନ୍ତି।

୧୨୧୨କି.ମି. ଦୈର୍ଘ୍ୟର ଏହି ପାଇପ ଲାଇନ କାର୍ଯ୍ୟ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକଙ୍କ ବିରୋଧ, ଅଧିକ ପରିମାଣରେ କ୍ଷତିପୂରଣ ପ୍ୟାକେଜ ଦାବି ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଚାଲିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ପ୍ରଗତି ମାଧ୍ୟମରେ ୩୨ତମ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ରାଜ୍ୟଗଡ଼ିକ ସହ ଭିଡିଓ କନ୍‌ଫରେନ୍ସି ଜରିଆରେ ଆଲୋଚନା କରିଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ସଂକ୍ରାନ୍ତରେ ଆସିଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି। ପୂର୍ବ ୩୧ଟି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ୧୨ଲକ୍ଷ ୩୦ହଜାର କୋଟି ଟଙ୍କା ମୂଲ୍ୟର ମୋଟ ୨୬୯ଟି ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହାସହ ୪୭ଟି ସରକାରୀ ଯୋଜନାର ଅଭିଯୋଗ ଫଇସଲା ସମ୍ପର୍କୀୟ ବ୍ୟବସ୍ଥାର ସମୀକ୍ଷା କରାଯାଇଥିବା ଜଣାପଡ଼ିଛି।

# ରାଜ୍ୟରେ ଖୋଲିବ ୪୫୦ ନୂଆ ଆରଆଇ ସର୍କଲ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ସାରା ରାଜ୍ୟରେ ରାଜସ୍ୱ ନିରୀକ୍ଷକ (ଆର.ଆଇ) କାର୍ଯ୍ୟାଳୟ ଗୁଡିକର ପୁନର୍ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ସରକାର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡିଛି। ତେଣୁ ସରକାର ରାଜ୍ୟରେ ଆଉ ପ୍ରାୟ ୪୫୦ ନୂଆ ଆର.ଆଇ କାର୍ଯ୍ୟାଳୟ ଗଠନ ନେଇ ଚିନ୍ତା କରୁଛନ୍ତି। ଗତ ଡିସେମ୍ବର ୭ରେ ସେ ସମୟରେ ରାଜସ୍ୱ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଏନେଇ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିବା ଜଣାପଡିଛି।

ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟରେ ବର୍ତ୍ତମାନ ୨୨୭୯ ଆର.ଆଇ ସର୍କଲ ରହିଛି। ଗତ ୧୦ ବର୍ଷରେ ୨୨୦ ଆର.ଆଇ ସର୍କଲ ଗଠନ ହୋଇଛି। ତେଣୁ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ପ୍ରତି ୩ ଗ୍ରାମ ପଞ୍ଚାୟତରେ ଗୋଟିଏ ଆର.ଆଇ ସର୍କଲର ପ୍ରସ୍ତାବ ରହିଛି। ଅନୁରୂପଭାବେ ସହରାଞ୍ଚଳରେ ପ୍ରତି ୩ଟି ୱାର୍ଡରେ ଗୋଟିଏ ଆର.ଆଇ ସର୍କଲ ଗଠନ ପାଇଁ ପ୍ରସ୍ତାବ ରହିଛି। ଏହି ସହରାଞ୍ଚଳଗୁଡିକ ହେଉଛି- କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, ସମ୍ବଲପୁର ଏବଂ ବାଲେଶ୍ୱର। ଯଦି ଆବଶ୍ୟକ ହୁଏ, ତେବେ ଲଘୁ ଖଣିଜ ଅଞ୍ଚଳରେ ଅତିରିକ୍ତ ଆର.ଆଇ ସର୍କଲ ଖୋଲାଯିବ। ତେଣୁ ତହସିଲୱାରୀ ରୂପରେଖ ପ୍ରସ୍ତୁତ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜିଲାରେ କେତୋଟି ଆର.ଆଇ ସର୍କଲ ହେବ, ତାହାର ଏକ ପ୍ରାଥମିକ ପରିସଂଖ୍ୟାନ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ପରିସଂଖ୍ୟାନ ଅନୁଯାୟୀ, ଅନୁଗୋଳ ଜିଲାରେ ୨୦, ବାଲେଶ୍ୱର ୪୫, ବରଗଡ ୨୦, ଭଦ୍ରକ ୩, ବଲାଙ୍ଗୀର ୧୯, ବୌଦ୍ଧ ୩, କଟକ ୪୩, ଦେବଗଡ ୪, ଢେଙ୍କାନାଳ ୨୧ ଏବଂ ଗଜପତିରେ ୧୩ ଆର.ଆଇ ସର୍କଲ ପାଇଁ ପ୍ରସ୍ତାବ ରହିଛି। ସେହିପରି ଗଞ୍ଜାମରେ ୨୦, ଜଗତ୍‌ସିଂହପୁର ୧, ଯାଜପୁର ୩୨, ଝାରସୁଗୁଡାରେ ୫, କଳାହାଣ୍ଡି ୨୫, କନ୍ଧମାଳ ୭, କେନ୍ଦ୍ରାପଡା ୧୩, କେନ୍ଦୁଝର ୨୨, ଖୋର୍ଦ୍ଧା ୨୬ ଏବଂ କୋରାପୁଟରେ ୧୧ଟି ଆର.ଆଇ ସର୍କଲ ଖୋଲାଯିବା ପାଇଁ ବିଚାର କରାଯାଉଛି। ଅନୁରୂପଭାବେ ମାଲକାନଗିରିରେ ୫, ମୟୂରଭଞ୍ଜରେ ୯, ନବରଙ୍ଗପୁର ୧୨, ନୟାଗଡ ୧୭, ନୂଆପଡା୧୨, ପୁରୀ ୧୪, ରାୟଗଡା ୨, ସମ୍ବଲପୁର ୧୦, ସୁବର୍ଣ୍ଣପୁର ୨ ଏବଂ ସୁନ୍ଦରଗଡ଼ରେ ୧୪ ଆର.ଆଇ ସର୍କଲର ପ୍ରସ୍ତାବ ରହିଛି। ବର୍ତ୍ତମାନ ରାଜ୍ୟର ଅନେକ ବୃହତ ସର୍କଲ ଅବସ୍ଥାନ କରୁଛି। ନୂତନ ସର୍କଲ ଗଠନ ପରେ ଏହାର ପରିସୀମା ହ୍ରାସ ପାଇବ। ଫଳରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଚାପ ବହୁପରିମାଣରେ କମିଯିବ। ଏହା ଦ୍ୱାରା ଜନସାଧାରଣ ସହଜରେ ଜମିଜମା ସମ୍ପର୍କିତ ସେବା ପାଇପାରିବେ।

# ହାଇକୋର୍ଟରେ ଜବାବ ଦାଖଲ କଲେ ବରୀ ବିଧାୟିକା

**କଟକ ଅଫିସ,୨୪।୧:** ବିଧାନସଭା ନିର୍ବାଚନୀ ମାମଲାରେ ବରୀ ବିଧାୟିକା ସୁନନ୍ଦା ଦାସ ଶୁକ୍ରବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ବିଧାୟିକାଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ନିର୍ବାଚନୀ ସତ୍ୟପାଠରେ ବିଧାୟିକା ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ମଲ୍ଲିକ ପିଟିଶନରେ ଉଲ୍ଲେଖ କରିଥିଲେ। ଫେବୃୟାରୀ ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# କୋଣାର୍କ ମନ୍ଦିର କଥା ବୁଝିବ କେନ୍ଦ୍ର

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

- ଏଏସ୍‌ଆଇ ସହ ଆଲୋଚନା କରାଯିବ: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ
- କେନ୍ଦ୍ର ସରକାର ଆଣିବେ ନୂତନ ପର୍ଯ୍ୟଟନ ନୀତି

ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ଟିକିନିଖି ଖବର ରଖିବେ କେନ୍ଦ୍ର ସରକାର। ମନ୍ଦିର ସଂରକ୍ଷଣଠାରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ, ସବୁକିଛି କେନ୍ଦ୍ରର ତତ୍ତ୍ୱାବଧାନରେ ହେବ। ଏ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସହ କେନ୍ଦ୍ର ସରକାର ଆଲୋଚନା କରିବେ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ କହିଛନ୍ତି।

କୋଣାର୍କ ଇକୋ ରିଟ୍ରିଟ୍‌ରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ପଟେଲ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଥିଲେ। ସେ ଆହୁରି କହିଛନ୍ତି, ବର୍ତ୍ତମାନ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିରରେ ଚାଲିଥିବା ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ସେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ଏଏସ୍‌ଆଇ କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ସାଦା ପଥର ଖଞ୍ଜି ଦେଉଥିବା ବାରମ୍ବାର ଅଭିଯୋଗ ହୋଇଛି। ସେହିଭଳି ମନ୍ଦିରରୁ ବର୍ଷାଜଳ ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ୍ ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନୁହେଁ ବୋଲି କୁହାଯାଇଛି। ସୂର୍ଯ୍ୟମନ୍ଦିରରେ ଲାଗିରହିଥିବା ଏହି ସମସ୍ୟାର ସମୀକ୍ଷା କରିବାର ସମୟ ଆସିଛି। ଏଥିସହ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ନୂତନ ପର୍ଯ୍ୟଟନ ନୀତି ଆଣିବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଗସ୍ତ ଅବସରରେ ପୁରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମଧ ସେ ସମୀକ୍ଷା କରିବେ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶାରେ ଏକାଧିକ ଅନାଲୋଚିତ ଓ ଅଜଣା ପର୍ଯ୍ୟଟନସ୍ଥଳୀ ରହିଛି, ଯାହାକି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ବିଶେଷକରି ସୁଦୀର୍ଘ ବେଳାଭୂମି, ବିସ୍ତୃତ ଜଙ୍ଗଲ, ପାହାଡ଼, ଝରଣା ଭଳି ଏକାଧିକ ଉପାଦାନ ଓଡ଼ିଶାର ଉତ୍କୃଷ୍ଟ ପର୍ଯ୍ୟଟନ ସମ୍ବଳକୁ ବର୍ଣ୍ଣନା କରୁଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।

# ବିଧାୟକଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୨୪।୧:** ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ରମେଶ ଜେନାଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଆଗତ ନିର୍ବାଚନୀ ମାମଲାର ଶୁଣାଣି କରି

**ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲା**

ବିଚାରପତି ଜଷ୍ଟିସ ବି.ପି. ରାଉତରାୟ ଏହି ଆଦେଶ ଦେବା ସହିତ ଫେବୃୟାରୀ ୪ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। ବିଧାୟକ ଜେନାଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ନନ୍ଦିନୀ ଦେବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନନ୍ଦିନୀ ପିଟିଶନରେ ଦର୍ଶାଇଥିଲେ, କୌଣସି ପ୍ରାର୍ଥୀଙ୍କ ବିରୋଧରେ ଯଦି ମାମଲା ଥାଏ ତେବେ ସମ୍ପୃକ୍ତ ପ୍ରାର୍ଥୀ ଗଣମାଧ୍ୟମ ଜରିଆରେ ଏହାର ବିଜ୍ଞାପନ ପ୍ରକାଶ କରିବା କଥା। କିନ୍ତୁ ବିଧାୟକଙ୍କ ବିରୋଧରେ ଥିବା ମାମଲା ସମ୍ପର୍କରେ ସେ କୌଣସି ବିଜ୍ଞାପନ ଦେଇନାହାନ୍ତି। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବାକୁ ନନ୍ଦିନୀ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ରାଜୀବ କୁମାର ମହନ୍ତ, ନିରଞ୍ଜନ ହୋତା ମାମଲା ପରିଚାଳନା କରୁଥିଲେ।

# ବନ୍ଧୁକ ଦେଖାଇ ଲୁଟିନେଲେ ୨୩.୬୮ ଲକ୍ଷ

ଖୋର୍ଦ୍ଧା ଅଫିସ,୨୪।୧

ଖୋର୍ଦ୍ଧା ଆଦର୍ଶ ଥାନା ମଙ୍ଗଳାନଗରର ସାଇ ମନ୍ଦିର ନିକଟରୁ ଏଲଆଇସିର ୨୩ ଲକ୍ଷ ୬୮ ହଜାର ୩୫୮ ଟଙ୍କା ଲୁଟ୍ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଖୋର୍ଦ୍ଧା ରଏଟର ସେଭ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ବାପୁଜୀ ମହାରଣା ଖୋର୍ଦ୍ଧାର ଏକ ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଯାଉଥିଲେ। ବାଟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ଅନ୍ୟପକ୍ଷେ ପୂର୍ବାହ୍ନ ସାଢ଼େ ୧୧ଟାରେ ଲୁଟ୍ ହୋଇଥିବାବେଳେ ଅଭିଯୋଗକାରୀ ବାପୁଜୀ ଅପରାହ୍ନ ୩ଟାରେ ଥାନାରେ ଅଭିଯୋଗ କରିଥିଲେ। ଫଳରେ ଲୁଟ୍ ଘଟଣା ସନ୍ଦେହ ଘେରକୁ ଆଣିଛି। ଅଭିଯୋଗକାରୀ ପ୍ରଥମେ କହିଥିଲେ, ୩ ବାଇକ୍‌ରେ ୫ଜଣ, ପରେ ୨ ବାଇକ୍‌ରେ ୪ଜଣ ଓ ଗୋଟିଏ ବାଇକ୍‌ରେ ୨ଜଣ ହେଲମେଟ ପିନ୍ଧି ଆସି ଲୁଟ୍ କରିଛନ୍ତି। ତେବେ ସରଜମିନ୍ ତଦନ୍ତ ଓ ବାପୁଜୀଙ୍କ ବୟାନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ପୋଲିସ ଅଭିଯୋଗର ସତ୍ୟତା ଉପରେ ସନ୍ଦେହ କରୁଛି। ପୁଣି ଏତେ ଟଙ୍କା ଡିପୋଜିଟ୍ କରିବାକୁ ବିନା ସୁରକ୍ଷାରେ ଜଣେ ବ୍ୟକ୍ତି ଏକୁଟିଆ କାହିଁକି ଯାଉଥିଲେ।



ଲୁଟ୍‌ର ଶିକାର ହୋଇଥିବା ବାପୁଜୀ ମହାରଣାଙ୍କୁ ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ପଚରାଉଚରା କରୁଛନ୍ତି।

- ଡିପୋଜିଟ୍ କରିବାକୁ ନିଆଯାଉଥିଲା ଏଲଆଇସି ଟଙ୍କା
- ବାରମ୍ବାର ବୟାନ ବଦଳାଉଛନ୍ତି ଅଭିଯୋଗକାରୀ

ଏଭଳି କିଛି କାରଣ ପୋଲିସର ତଦନ୍ତରେ ବ୍ୟାଘାତ ସୃଷ୍ଟି କରିଛି। ଏଭଳିସ୍ଥଳେ ପୋଲିସ ନଂ. ୨୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁସାରେ, ଜଟଣୀ ଥାନା କୁଦିଆରିର ବାପୁଜୀ ରଏଟର୍ ସେଭ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ଭାବେ କାମ କରନ୍ତି। ବାପୁଜୀ ନିଜର ସହକର୍ମୀଙ୍କ ସହ ପ୍ରତିଦିନ ଏଲଆଇସି ଟଙ୍କା ବ୍ୟାଙ୍କରେ ଡିପୋଜିଟ୍ ଲାଗି କ୍ୟାଶ୍ ପିକ୍‌ଅପ ଭ୍ୟାନରେ ଡେଲିଭରି କରନ୍ତି। ଶୁକ୍ରବାର ବାପୁଜୀ ଅନ୍ୟ ୩ ଜଣ କର୍ମଚାରୀଙ୍କ ସହ ମିଶି ମଧ ୨୩ ଲକ୍ଷ ୬୮ ହଜାର ୩୫୮ ଟଙ୍କା ଡିପୋଜିଟ୍ କରିବାକୁ ନେବାର ଥିଲା। ତେବେ ଟଙ୍କା ନେଇ ଯିବାକୁ ଅନ୍ୟ ୩ କର୍ମଚାରୀ ବାପୁଜୀଙ୍କୁ କହି ପରେ ଯିବେ କହିଥିଲେ। ଏଭଳିସ୍ଥଳେ ବାପୁଜୀ ଟଙ୍କା ନେଇ ଯାଉଥିବାବେଳେ ସାଇ ମନ୍ଦିର ନିକଟରେ ଦୁର୍ବୃତ୍ତମାନେ ଅଟକାଇ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ତେବେ କେତେଜଣ ଦୁର୍ବୃତ୍ତ ଲୁଟ୍‌ରେ ସାମିଲ ଥିଲେ ଜଣାପଡିନି। ଏ ନେଇ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କୁହନ୍ତି, ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବାଇକ୍ ଯୋଗେ ପଳାଇ ଯାଇଥିବା ଅଭିଯୋଗକାରୀ କହୁଛନ୍ତି। ହେଲେ ଅଭିଯୋଗକାରୀ ବାରମ୍ବାର ବୟାନ ବଦଳାଉ ଥିବାରୁ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେଉଛି। ପୋଲିସ ସିସିଟିଭି କ୍ୟାମେରା ଓ ଭିନ୍ନ ଭିନ୍ନ ତରିକାରେ ତଦନ୍ତ ଜାରି ରଖିଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) ଗୋଟିଏ ମୁଖ୍ୟ ଖଣିଜର ଅନ୍ୟାନ୍ୟ ଖଣିଜ ପଦାର୍ଥ ସହ ମିଶ୍ରିତ ଶିଳାକୁ ଖଣିଜ ପିଣ୍ଡ ବା ଖଣିଜ ପଥର କୁହାଯାଏ।

(iii) ଖଣିଜ ପିଣ୍ଡରେ ଗୋଟିଏ ଖଣିଜ ପଦାର୍ଥର ପରିମାଣ ଯଥେଷ୍ଟ ଥିବା ଆବଶ୍ୟକ। ନଚେତ୍ ଏଥିରୁ ସେହି ଖଣିଜର ନିଷ୍କର୍ଷଣ ବ୍ୟାବସାୟିକ ଦୃଷ୍ଟିରୁ ଲାଭପ୍ରଦ ହୋଇନଥାଏ।

**(ଗ) ଆନ୍ଥ୍ରାସାଇଟ୍ :**

(i) ଏହା ସର୍ବୋତ୍କୃଷ୍ଟ କଠିନ କୋଇଲା ଓ ଅଙ୍ଗାରକର ପରିମାଣ ପ୍ରାୟ ୯୦-୯୫ ପ୍ରତିଶତ।

(ii) ଏହା ଚିକ୍‌କଣ ଗାଢ଼ ରଙ୍ଗର ଏବଂ ଜାଳେଣି ଭାବେ ଅଧିକ ତାପ ପ୍ରଦାନ କରିଥାଏ।

**ଲିଗ୍ନାଇଟ୍ :**

(i) ଏହା ନିମ୍ନମାନର କୋମଳ କୋଇଲା ଓ ଏଥିରେ ଅଙ୍ଗାରକର ପରିମାଣ ପ୍ରାୟ ୬୦ ପ୍ରତିଶତ।

(ii) ଏହାର ରଙ୍ଗ ବାଦାମୀ ଓ ଜଳୀୟଅଂଶ ଅଧିକ ଥାଏ।

**କିମ୍ବା,**

**ମାଧପୁର :**

(i) ମାଧପୁର ଗୁଜରାଟରେ ଅବସ୍ଥିତ।

(ii) ଏହା ସୌରତାପ ଶକ୍ତି ଉତ୍ପାଦନ କେନ୍ଦ୍ର।

**ରାୱତଭଟ୍ଟା :**

(i) ରାୱତଭଟ୍ଟା ରାଜସ୍ଥାନରେ ଅବସ୍ଥିତ।

(ii) ଏହା ଏକ ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର।

**(ଘ)** (i) ରାସାୟନିକ ସାର ଓ ଔଷଧର ବ୍ୟବହାର ପାଇଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ଏହାଦ୍ୱାର ଜୈବ ବିବିଧତା ଉପରେ ମଧ ପ୍ରଭାବ ପଡୁଛି। ବର୍ତ୍ତମାନ ଯେଉଁ ପରିବର୍ତ୍ତନ ଆସୁଛି ତାହାକୁ ଜୀନୀୟ ବିବର୍ତ୍ତନ କୁହାଯାଇପାରେ।

(ii) ଜେନେଟିକ୍ ଇଂଜିନିୟରିଂ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ। ଏହା ଦ୍ୱାରା ନୂତନ ଧରଣର ଅଧିକ ଅମଳକ୍ଷମ ବିହନ ଉତ୍ପାଦିତ ହେଉଛି।

**କିମ୍ବା,** (i) ଯେଉଁ ଶିଳ୍ପ କୌଣସି ବ୍ୟକ୍ତି, ପରିବାର କିମ୍ବା ନିଗମ ଅଧିକାରୀଙ୍କ ମାଲିକାନାରେ ଥାଇ ନିଜସ୍ୱ ପୁଞ୍ଜିଲଗାଣ ଦ୍ୱାରା ସ୍ଥାପିତ ହୋଇଥାଏ, ତାହାକୁ ବେସରକାରୀ ଶିଳ୍ପ କୁହାଯାଏ।

(ii) ଟାଟା ଲୌହ ଇସ୍ପାତ କାରଖାନା, ରିଲାଏନ୍ସ୍ ବଜାଜ ଅଟୋ ଇତ୍ୟାଦି ବେସରକାରୀ ଶିଳ୍ପର ଉଦାହରଣ।

**16.(କ)** (i) ଜଗତୀକରଣ ନୀତି ଦ୍ୱାରା ଉତ୍ପାଦନ, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ବିଶ୍ୱ ସମୁଦାୟ ସହ ସାମିଲ ହେବାକୁ ପଡ଼ିଥାଏ।

(ii) ବହୁରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା ପୁଞ୍ଜି ବିନିଯୋଗ, କଳକାରଖାନା ପ୍ରତିଷ୍ଠା ଓ ଉତ୍ପାଦିତ ଦ୍ରବ୍ୟ ଓ ସେବା ଯୋଗାଣ କରାଯାଇଥାଏ।

(iii) ଦେଶର ଶିଳ୍ପୋଦ୍ୟୋଗୀଙ୍କୁ ଅନ୍ୟ ଦେଶରେ ପୁଞ୍ଜି ବିନିଯୋଗ ତଥା ଉତ୍ପାଦିତ ଦ୍ରବ୍ୟ ଓ ସେବା ବିକ୍ରୟ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥାଏ। ତେଣୁ ଜଗତୀକରଣକୁ ଏକ ବଜାରଭିତ୍ତିକ ଅର୍ଥନୀତି କୁହାଯାଏ।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶମାନଙ୍କର ମୁଖ୍ୟ ସମସ୍ୟା ଜନସଂଖ୍ୟା ବୃଦ୍ଧି।

(ii) ଦେଶର ସମ୍ବଳ ଉପରେ ଅତ୍ୟଧିକ ଚାପ ଥାଏ। ତେଣୁ ମୁଣ୍ଡପିଛା ଆୟ କମ୍ ହୋଇଥାଏ।

(iii) ଆୟ କମ୍ ହୋଇଥିବାରୁ ଲୋକମାନେ ଗରିବ ଓ ଜୀବନ ଧାରଣର ମାନ ଅତି ନିମ୍ନ ହୋଇଥାଏ।

**(ଖ)** (i) ସଘନ କୃଷି ସାଧାରଣତଃ ଜନବସତି ଓ କମ୍ ଚାଷଜମି ଥିବା ଅଞ୍ଚଳରେ କରାଯାଏ।

(ii) ଭାରତ ଏକ ଜନବହୁଳ ଦେଶ। ସ୍ୱତ୍ୱାଧିକାର ବ୍ୟବସ୍ଥାରେ ଦିନକୁ ଦିନ ସମିତ ଚାଷଜମିର ପରିମାଣ ହ୍ରାସ ପାଉଥିବାରୁ ତଥା ଖାଦ୍ୟ ଚାହିଦା ପୂରଣ ନିମନ୍ତେ ଭାରତରେ ସଘନ କୃଷି ପ୍ରଣାଳୀ ବିଶେଷ ଭାବେ ଅନୁସୃତ ହୁଏ।

**କିମ୍ବା,**

(i) ଖଣିରୁ ବାହାରୁଥିବା ଧୂଳି, ଧୂଆଁ ଓ ଦୂଷିତ ଗ୍ୟାସ୍ ସେବନ ଦ୍ୱାରା ଶ୍ରମିକମାନେ ଫୁସ୍‌ଫୁସ୍ ଜନିତ ରୋଗର ଶିକାର ହୁଅନ୍ତି।

(ii) ଖଣି ଛାତ ଭୁଷୁଡ଼ିବା, ଖଣିରେ ନିଆଁ ଲାଗିବା, ଖଣି ଧସିବାରେ ମୃତାହତ ହେବାର ସମ୍ଭାବନା ଥାଏ। ତେଣୁ ଖଣି ଖନନକୁ ଘାତକ ଶିଳ୍ପ କୁହାଯାଏ।

**(ଗ)** (i) ଅଧିକ ଲାଭ ଆଶାରେ ଉଚ୍ଚମାନ ସମ୍ପନ୍ନ ଦ୍ରବ୍ୟଗୁଡ଼ିକରେ ବ୍ୟବହାର ଅଯୋଗ୍ୟ ଦ୍ରବ୍ୟଗୁଡ଼ିକୁ ମିଶାଇ ଅପମିଶ୍ରିତ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥାଏ। ଚାଉଳରେ ଗୋଡ଼ି, ଘିଅରେ ଚମଡ଼ା ଗୁଣ୍ଡ, ପେଟ୍ରୋଲରେ କିରୋସିନି ମିଶ୍ରଣ କରି ଅପମିଶ୍ରିତ ଦ୍ରବ୍ୟ ପ୍ରସ୍ତୁତ କରାଯାଏ।

(ii) **ନକଲି ଦ୍ରବ୍ୟ :** ଠିକ୍ ଗୁଣ ବିହୀନ ନିମ୍ନମାନର ଦ୍ରବ୍ୟକୁ ନକଲି ଦ୍ରବ୍ୟ କୁହାଯାଏ। ଏଥିରେ ଠିକ୍ ଗୁଣବିଶିଷ୍ଟ ଦ୍ରବ୍ୟର ଆକଳନ ମୂଲ୍ୟ ଦେଇ ଉପକୃତ ନ ହୋଇ ଖାଉଟି ଶୋଷିତ ହୋଇଥାଏ।

**କିମ୍ବା,**

**ଖାଉଟି ସଂଗଠନ:** ବ୍ୟବସାୟମାନଙ୍କ ଶୋଷଣ ବିରୁଦ୍ଧରେ ଖାଉଟିମାନେ ଯେଉଁ ସଂଗଠନ ମାଧ୍ୟମରେ ଦାବି ଉପସ୍ଥାପିତ କରିବା ଉଚିତ ତାହା ହେଉଛି ଖାଉଟି ସଂଗଠନ ।

**ଜିଲ୍ଲା ବିଚାର ମଞ୍ଚ:** ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଖାଉଟି ଅଦାଲତକୁ ଜିଲ୍ଲା ବିଚାର ମଞ୍ଚ କୁହାଯାଏ।

❑❑❑



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଟଙ୍କା, ସୁନାଗହଣା ନେଇ ପ୍ରେମିକ ସହ ମହିଳା ଫେରାର, ଥାନାରେ ଅଭିଯୋଗ

**ବାମରା,୨୪।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ବିବାହିତା ମହିଳା ପ୍ରେମିକ ସହ ମିଶି ସ୍ୱାମୀଙ୍କ ମାରପିଟ କରିବା ଓ ଟଙ୍କା ସହ ସୁନା ଗହଣା ନେଇ ଫେରାର ହୋଇଛନ୍ତି । ଏ ନେଇ ସ୍ୱାମୀ ଜଣକ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସ୍ୱାମୀ ଅନ୍ୟତ୍ର କାମ କରୁଥିବା ସୁଯୋଗ ନେଇ ତାଙ୍କ ସ୍ତ୍ରୀ ପ୍ରେମିକଙ୍କୁ ନିଜ ଘରକୁ ଡାକୁଥିଲେ। ଗତ ଶୁକ୍ରବାର ହଠାତ ସ୍ୱାମୀ ଘରେ ପହଞ୍ଚି ଯାଇଥିବା ବେଳେ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କୁ ଅସଂଯତ ଅବସ୍ଥାରେ ଦେଖିଥିଲେ । ଏହାର ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା । ସ୍ତ୍ରୀ ଓ ପ୍ରେମିକ ମିଶି ସ୍ୱାମୀଙ୍କୁ ନିସ୍ତୁକ ମାଡ ମାରିଥିଲେ। ପରେ ଘରେ ଥିବା ସୁନା, ଗହଣା, ଜରୁରୀ କାଗଜପତ୍ର ଓ ନଗଦ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ ଯେ, ଫେରାର ବିବାହିତା ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ଅଞ୍ଚଳର ହୋଇଥିବା ବେଳେ ପ୍ରାୟ ୧୭ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ସେ ୪ଟି ସନ୍ତାନର ଜନନୀ ଥିବା ଜଣାପଡିଛି । ଗୋବିନ୍ଦପୁର ପୋଲିସ ଘଟଣାର ତଦନ୍ତ କରୁଛି ।

### ନାକଟିଦେଉଳ ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

**ନାକଟିଦେଉଳ,୨୪।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଦୀର୍ଘ ୨ମାସ ବିଡିଓ ପଦବୀ ଖାଲି ପଡ଼ିଥିବା ବେଳେ ଶୁକ୍ରବାର ଏଠାରେ ରବୀନ୍ଦ୍ର କୁମାର ରଣା ନୂତନ ଭାରପ୍ରାପ୍ତ ବିଡିଓ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ମାନେଶ୍ୱର ବ୍ଲକରେ ଅତିରିକ୍ତ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ବିଡିଓ ମେଥୋଡ଼ିୟସ ଲାକ୍ରାକଙ୍କ ଗତ ୨ ମାସ ପୂର୍ବରୁ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକକୁ ବଦଳି ହୋଇଯିବା ପରେ ରେଢ଼ାଖୋଲ ବିଡିଓ ପରୀକ୍ଷିତ ସାହୁ ଏଠାକାର ଦାୟିତ୍ୱରେ ରହିଥିଲେ।

### ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀ

**ହୀରାକୁଦ,୨୪।୧(ଡି.ଏନ.ଏ.):** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଦ୍ୱତ ପରିଷଦର ସଦସ୍ୟ ପ୍ରଶାନ୍ତ କୁମାର ନାଥଶର୍ମା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଧାନଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଭାଇଭଉଣୀମାନେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁଜୀ ବୀରେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଗୁରୁଜୀ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ପୁସ୍ତକମେଳା ଉଦ୍‌ଘାଟିତ

**ସମ୍ବଲପୁର, ୨୪।୧ (ବ୍ୟୁରୋ)**



ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆଠାରେ ଅତିଥିମାନେ ପୁସ୍ତକ ମେଳାକୁ ଉଦ୍‌ଘାଟନ କରୁଛନ୍ତି ।

ସେତୁ ଆୟୋଜିତ ୨୨ତମ ସମ୍ବଲପୁର ପୁସ୍ତକ ମେଳା ଶୁକ୍ରବାର ଅଇଁଠାପାଲି ପିଏଚଡି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରଫେସର ନନ୍ଦକିଶୋର ପୂଜାରୀ ଉଦଘାଟକ ଭାବେ ଯୋଗଦେଇଥିଲେ। ସେତୁ ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଆୟକର ଆୟୁକ୍ତ ଶ୍ରୀକାନ୍ତ ଚାଟାର୍ଜି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ରୀତାରାଣୀ ମିଶ୍ର ଅତିଥି ସ୍ୱାଗତ କରିଥିବା ବେଳେ ଯୁଗ୍ମ ସମ୍ପାଦକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଫେବୃୟାରୀ ୨ ତାରିଖରେ ପୁସ୍ତକ ମେଳା ଉଦଯାପିତ ହେବ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭାରତର ସଙ୍ଘିୟ ବ୍ୟବସ୍ଥା କେତେ ବ୍ୟବସ୍ଥିତ, ତ୍ୱରିତ ନ୍ୟାୟ କେତେ ଯଥାର୍ଥ, ସମ୍ବଲପୁରୀ ସାହିତ୍ୟରେ ନାରୀ, କେତେଦୂର ସାବରମତି, ସାଂସ୍କୃତିକ ସଂକ୍ରମଣ ଶୀର୍ଷକ ଆଲୋଚନାଚକ୍ର ହେବ। ଫେବୃୟାରୀ ୧ରେ ବ୍ୟଙ୍ଗ କବିତା ଆସର ହେବାକୁ ସ୍ଥିର ହୋଇଛି । ଏହି ମେଳାରେ ରାଜ୍ୟ ତଥା ରାଜ୍ୟବାହାରୁ ପୁସ୍ତକ ପ୍ରକାଶକମାନେ ସାମିଲ ହୋଇଛନ୍ତି ।

# ଚାଇଲ୍ଡ ଲାଇନ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ

**ନାକଟିଦେଉଳ, ୨୪।୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ଉଚ୍ଚବିଦ୍ୟାଳୟରେ ରେଢାଖୋଲ ଚାଇଲ୍ଡ ଲାଇନ ପକ୍ଷରୁ ଶୁକ୍ରବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଚାଇଲ୍ଡ ଲାଇନର ଟିମ ଲିଡ଼ର ସଞ୍ଜୟ ସାଗରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କ୍ଷୀରାବ୍ଧି ପାଣ୍ଡିଆ, ସରାପାଲି ଉଚ୍ଚବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁଷ୍ମନ୍ତ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କନ୍ୟାଭ୍ରୁଣ ହତ୍ୟା, ଶିଶୁ ଚାଲାଣ, ଶିଶୁ ଶ୍ରମିକ, ବାଲ୍ୟ ବିବାହ ସମ୍ପର୍କରେ ଆଲୋଚନା କରି ସମାଜରୁ ଏସବୁ ପ୍ରଥାକୁ ଦୂରେଇ ଦେବା ଆବଶ୍ୟକତା ଅଛି ବୋଲି କହିଥିଲେ। ଏଥିସହିତ କନ୍ୟାମାନେ ସମାଜରେ ଅଲୋଡ଼ା ନୁହଁନ୍ତି, ସେମାନେ ପ୍ରତ୍ୟେକ ପିତାମାତାଙ୍କ ଗୋଟିଏ ଗୋଟିଏ ଅମୁଲ୍ୟ ରତ୍ନ। ସେମାନଙ୍କ ପ୍ରତି କ୍ଷେତ୍ରରେ ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କ କର୍ତ୍ତବ୍ୟ । କନ୍ୟା ସନ୍ତାନଙ୍କୁ କେବେ ହେଲେ ପରିବାରରେ ଅଣଦେଖା କରାଯିବା ଉଚିତ ନୁହେଁ। କନ୍ୟା ସନ୍ତାନମାନେ ଅବଳା କିମ୍ବା ଦୁର୍ବଳା ନୁହଁନ୍ତି । ସେମାନଙ୍କଠାରେ ଅସମ୍ଭବକୁ ସମ୍ଭବ କରିଦେବାର କ୍ଷମତା ରହିଛି ବୋଲି ପ୍ରକାଶ କରି ଏ ଦିଗରେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କନ୍ୟା ରତ୍ନର ଯତ୍ନ ସମ୍ପର୍କରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ ଏକ ଶପଥ ପାଠ କରିଥିଲେ। ଏଥିରେ ଗୋଧିଡିପ ଅଙ୍ଗୱାଡ଼ି କେନ୍ଦ୍ର ଶିକ୍ଷୟତ୍ରୀ ଲିଣୁବାଳା ପ୍ରଧାନ, ଚାଇଲ୍ଡ ଲାଇନର ସଦସ୍ୟ ଗୋବିନ୍ଦ ଭୋସାଗର, ସ୍ୱେଚ୍ଛାସେବୀ ଅନିତା ଧଳ ପ୍ରମୁଖ ଉପସ୍ଥିତ ରହି କନ୍ୟା ସନ୍ତାନ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀମାନେ ଯୋଗଦେଇଥିଲେ।



ମାତୃମଙ୍ଗଳ କେନ୍ଦ୍ରରେ ଅନୁଷ୍ଠିତ ଶିବିରରେ ମଞ୍ଚାସୀନ ଅତିଥି ।

# କସ୍ତୁରବା ଗାନ୍ଧୀ ମାତୃମଙ୍ଗଳ କେନ୍ଦ୍ରରେ ଦୁଇଦିନିଆ ଶିବିର

**ଧମା,୨୪।୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ବରଗାଁସ୍ଥିତ କସ୍ତୁରବା ଗାନ୍ଧୀ ମାତୃମଙ୍ଗଳ କେନ୍ଦ୍ରଠାରେ ଚାଲିଥିବା ଦୁଇଦିନିଆ ପୁନଃ ସଂସ୍କାର ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ୯ଟି ଜିଲା ପୁରୀ, ଜଗତସିଂପୁର, କଟକ, କେଉଁଝର, ଭଦ୍ରକ, ରାୟଗଡା ଓ ମୟୂରଭଞ୍ଜର୧୦ଟି କେନ୍ଦ୍ରରୁ ଚାଳିଶ ଜଣ ସେବିକା ଅଂଶଗ୍ରହଣ କରିଥିଲେ। କଟକସ୍ଥିତ ସତ୍ୟଭାମାପୁରର କସ୍ତୁରବାଟ୍ରଷ୍ଟ ସମ୍ପାଦିକା ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମାତୃମଙ୍ଗଳ କେନ୍ଦ୍ର ଯୋଗାଉଥିବା ସେବା ବାଲବାଡି, ମହିଳା ସ୍ୱାସ୍ଥ୍ୟ ସଚେତନତା, ଲୋକ ସମ୍ପର୍କ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଔଷଧ ବିତରଣ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରତିନିଧି ଗୋପିରଞ୍ଜନ ବେହେରା ବରଗାଁସ୍ଥିତ କେନ୍ଦ୍ର ଦିନକୁ ଦିନ ରଗ୍ଣ ହୋଇ ପଡୁଥିବା ତଥା ଏଠାରେ କେବଳ ଜଣେ ମାତ୍ର ପରିଚାଳିକା ଥିବା ଏବଂ ୫ ବର୍ଷ ପୂର୍ବେ ନିର୍ମାଣାଧୀନ ଗୃହ କାର୍ଯ୍ୟ ଅନୁଦାନ ଅଭାବରୁ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ବିଧାୟକ ପାଣ୍ଠିରୁ ଦୁଇ ଲକ୍ଷ ଟଙ୍କା ଯୋଗାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଇବା ସଙ୍ଗେ ଏହି କେନ୍ଦ୍ରକୁ ଉଦ୍‌ଘାଟିତ କରିବା ପାଇଁ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡା କାଶିପୁରର ସ୍ୱେଚ୍ଛା ସେବୀ ସୁରେଶ ସଂଗ୍ରାମ ଯୋଗଦେଇ ସେବିକାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆୟୁର୍ବେଦିକ ଡା. ରୋହିତ କୁମାର ଛତ୍ରିଆ, ବରଗାଁ ସରପଞ୍ଚ ହରିହର ମହାନନ୍ଦ ଓ ଜିଲା ପରିଷଦ ସଭ୍ୟ ସତ୍ୟନାରେନ ମେଣ୍ଡଲୀ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟ କର୍ମୀ ତେଜରାଜ ପଣ୍ଡା, ଭଦ୍ରବ୍ୟକ୍ତି ହେମନ୍ତ ପଧାନ, ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇ ନିଜ ନିଜ ମତାମତ ଦେଇଥିଲେ। ପରିଚାଳିକା ସରୋଜବାଳା ଦାସ ଧନ୍ୟବାଦ ଦେଇଥିଲେ ।

### ହୁମା ଶିବରାତ୍ରି ମେଳା ପ୍ରସ୍ତୁତି ବୈଠକ

**ଧମା,୨୪।୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ହୁମାସ୍ଥିତ ଶୈବପୀଠ ବିମଳେଶ୍ୱର ବାବା ମନ୍ଦିରରେ ଜାଗର ରାତ୍ରି ପାଳନ ଏବଂ ସପ୍ତାହ ବ୍ୟାପି ଶିବରାତ୍ରି ମେଳା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପାଇଁ ଯାତ୍ରା କମିଟି ସଭାପତି ଭାବେ ହେମନ୍ତ ପଣ୍ଡା, ଉପସଭାପତି ଭାବେ ରମେଶ ପଧାନ, ସମ୍ପାଦକ ଭାବେ ସଞ୍ଜୀବ ସେଠ ଓ କୋଷାଧ୍ୟକ୍ଷ ଭାବେ ମାନଭଞ୍ଜନ ଛୁରିଆ ମନୋନୀତ ହୋଇଛନ୍ତି । ଅସ୍ଥାୟୀ ପୋଲିସ କ୍ୟାମ୍ପ, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତକରଣ ସକାସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଏଥିପାଇଁ କମିଟି ସଦସ୍ୟମାନଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଥିଲା । ବୈଠକରେ ସଦସ୍ୟ ବାସୁଦେବ ମଲ୍ଲିକ, ଦିଲୀପ ପୂଜାରୀ, ଶିବନନ୍ଦ ପୂଜାରୀ, ରବୀନ୍ଦ୍ର ବେହେରା, ଦାଶରଥି ଦରୁଆନ, ମାଧବ ବାଦୀ ପ୍ରମୁଖ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ । ସ୍ୱାସ୍ଥ୍ୟ କର୍ମୀ ତେଜରାଜ ପଣ୍ଡା ଯୋଗଦେଇ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସକାଶେ ପ୍ରାଥମିକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ । ସରପଞ୍ଚ ସୁଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଠିକାଦାର ସଂଘ ଗଠିତ, କର୍ମକର୍ତ୍ତା ଚୟନ

**ରେଢାଖୋଲ,୨୪।୧ (ଡି.ଏନ.ଏ.)**

ରେଢାଖୋଲ ଠିକାଦାର ସଂଘ ଏକ ବୈଠକ ଶୁକ୍ରବାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ଠିକାଦାର ସଂଘ ନେଇଥିବା ନିଷ୍ପତ୍ତି ଅନୁଯାୟୀ ରେଢାଖୋଲ ଠିକାଦାର ସଂଘ ମଧ୍ୟ ସିଡୁଲ ରେଟରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହିତ ଉନ୍ନତମାନର କାର୍ଯ୍ୟ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ଏହି ଅବସରରେ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା।

ସର୍ବସମ୍ମତିକ୍ରମେ ସଭାପତି ଭାବେ ରାଜିବ ଲୋଚନ ପ୍ରଧାନ, ଉପସଭାପତି ଭାବେ ଯଜ୍ଞେଶ୍ୱର ପ୍ରଦାନ, ସମ୍ପାଦକ ଭାବେ ସୁଶାନ୍ତ କୁମାର ନାଗ, ସହସମ୍ପାଦକ ଭାବେ ବିକାଶ ଦାଶ ଏବଂ ସଞ୍ଜୟ ମିଶ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୁଲିନ ଗିରି, ବିଶ୍ୱଜିତ ପଣ୍ଡା, ନରେନ୍ଦ୍ର ଦେଓ, ପ୍ରଦୀପ ପ୍ରଧାନ, ଗୋବିନ୍ଦ ସାହୁ, ଶମ୍ଭୁଚରଣ ପ୍ରଧାନ, ଦୁଃଖବନ୍ଧୁ ପ୍ରଧାନ, ବିରେନ୍ଦ୍ର ସାହୁ, ଦେବାଶିଷ ଷଡଙ୍ଗୀଙ୍କ ସମେତ ବହୁ ଠିକାଦାର ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ବୈଠକରେ ଯୋଗଦେଇଥିବା ଠିକାଦାର ସଂଘ କର୍ମକର୍ତ୍ତାବୃନ୍ଦ ।

# ଜିଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା

**ସମ୍ବଲପୁର, ୨୪।୧ (ବ୍ୟୁରୋ)**

ନେତାଜୀ ସୁବାଷ ସଂଘ ପକ୍ଷରୁ ଜିଲାସ୍ତରୀୟ କ୍ୟାରେମ ପ୍ରତିଯୋଗିତା ବଡବଜାର ବଙ୍ଗାଳିପଡାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଏବଂ ରକ୍ତଦାନ ଶିବର ହୋଇଥିଲା । ୪୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । କ୍ଲବ ସଭାପତି ତପନ ଘୋଷ, ସମ୍ପାଦକ କିଶୋର ଦାଶଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀରସୁରେନ୍ଦ୍ର ସାଏଙ୍କ ଜନ୍ମ ତିଥିକୁ ଦୃଷ୍ଟିରେ ରଖି ମଟରସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ତ୍ରିରଙ୍ଗା ପତାକାରେ ଶୋଭାଯାତ୍ରା ରଙ୍ଗାୟିତ ହୋଇଥିଲା ।

# ଆନ୍ତଃ ବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତା

**ସମ୍ବଲପୁର, ୨୪।୧ (ବ୍ୟୁରୋ)**

ପୂର୍ବତଟ ରେଲୱେ କ୍ରୀଡା ସଙ୍ଗଠନ ପକ୍ଷରୁ ଆନ୍ତଃ ବିଭାଗୀୟ ପ୍ରତିଯୋଗିତା ରେଲୱେ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୁଟବଲ, କ୍ରିକେଟ, ଭଲିବଲ ଓ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଯୋଗୁ ପରସ୍ପର ମଧ୍ୟରେ ଭାଇଚାର ଓ କ୍ରୀଡା ମନୋବୃତ୍ତି ବଢ଼ିବ । ଯାହାଦ୍ୱାରା ପ୍ରତିଦିନ ଅଫିସ କାର୍ଯ୍ୟାରେ ମଧ ସୁଫଳ ମିଳିବ ବୋଲି ସେ କହିଥିଲେ। ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଙ୍ଗଠନ ଅଧ୍ୟକ୍ଷା ଇଷା ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଫୁଟବଲ ଫାଇନାଲ ମ୍ୟାଚରେ ମେକାନିକାଲ୍ ଏକାଦଶ ୧-୦ ଗୋଲରେ ଆରପିଏଫକୁ ହରାଇ ଚାମ୍ପିୟନ ହୋଇଥିଲା । ସେହିପରି ଭଲିବଲରେ ପରିଚାଳନା ଦଳ ୨-୦ ଗୋଲରେ ଇଲେକ୍ଟ୍ରିକାଲ ଦଳକୁ ହରାଇଥିଲା । କ୍ରିକେଟ ଫାଇନାଲ ମ୍ୟାଚ ଆରପିଏଫ ଏକାଦଶ ବନାମ ଇଞ୍ଜିନିୟର ଏକାଦଶ ମଧ୍ୟରେ ହୋଇଥିଲା । ଆରପିଏଫ ଏକାଦଶ ୪୩ ରନରେ ବିଜୟୀ ହୋଇଥିଲା । ବ୍ୟାଡମିଣ୍ଟନ ଡବଲ୍ସ ମ୍ୟାଚରେ କାମେଶ ପଟ୍ଟନାୟକ ଓ ଏଚଏସ ଦାଶ ୨-୧ ସେଟରେ ଅତନୁ ଚକ୍ରବର୍ତ୍ତି ଓ ଏସ ଖାନ୍‌ଙ୍କୁ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଙ୍ଗଠନ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପାତ୍ରୁଡୁ, କ୍ରୀଡା ଅଧିକାରୀ ଡ. ମିଳିନ ହିରୱେ, କ୍ରୀଡା ସଚିବ ଆଲୋକ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ୩୪ତମ ଟିପିଲିମା ଉତ୍ସବ ଉଦ୍‌ଘାଟିତ

**ଟିପିଲିମା, ୨୪।୧ (ଡି.ଏନ.ଏ.)**



ଟିପିଲିମା ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ମଶାଲ ଯାତ୍ରାରେ ସାମିଲ ଯୁବକମାନେ ।

ବୀରସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ସମ୍ବଲପୁର ଟିପିଲିମା ବୀରସୁରେନ୍ଦ୍ର ସାଏ କ୍ରୀଡା ଓ ସାଂସ୍କୃତିକ କ୍ଲବ ପକ୍ଷରୁ ଦୁର୍ଗାମଣ୍ଡପ କଲୋନୀରେ ଟିପିଲିମା ଉତ୍ସବ ସମାରୋହ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ସିଏଚଇପି ଇଂ. ଭୀମସେନ ଶତପଥିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କୁ ନେଇ ପୂର୍ବାହ୍ନରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ନେଇ ମାରାଥନ ଦୌଡରେ ଟିପିଲିମାରେ ପହଞ୍ଚି ମା' ଘଣ୍ଟେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରି ଉତ୍ସବ ମଣ୍ଡପରେ ପହଞ୍ଚିଥିଲା । ମୁଖ୍ୟଅତିଥି ଭାବେ ଟିପିଲିମା ବରିଷ୍ଠ ନାଗରିକ କମିଟି ସଭାପତି ରାଧାକାନ୍ତ ଦାସ ଯୋଗଦାନ କରି ବୀରସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଟିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି)ର ଇଂ. ଅଶୋକ ପଣ୍ଡା ଯୋଗଦାନ କରି ମହାପୁରୁଷ ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ କରିଥିଲେ । ସମ୍ମାନିତ ଅତିଥି ଭାବରେ ସିଏଚଇପି ଇଂ. ଭୀମସେନ ସେଟ, ରବି ରାଉତ, ଗୋପାଳ ଦୋରା, ବ୍ଲକ ସଭାପତି ଜୟକୃଷ୍ଣ ତିୱାରୀ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ପାଦକ ଗଣେଷ ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସ୍ଥାନୀୟ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବ ୩ ଦିନ ଧରି ଚାଲିବ ବୋଲି ଜଣାପଡିଛି ।

# ୨୩ତମ ଛବିଲ ସାଏ ଫୁଟବଲ ଟୁର୍ନାମେଣ୍ଟ

**ସମ୍ବଲପୁର, ୨୪।୧ (ବ୍ୟୁରୋ)**

୨୩ତମ ଛବିଲ ସାଏ ଫୁଟବଲ ଟୁର୍ନାମେଣ୍ଟ ସମ୍ବଲପୁର ଜିଲା କୁଦୋପାଲି ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ନିଗୁନପଡା ବନାମ ପଡିଆବାହାଲ ମଧ୍ୟରେ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା । ଟାଇବ୍ରେକରରେ ନିଗୁନପଡା ୪-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ମ୍ୟାଚରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପଶ୍ଚିମ ଓଡିଶା ଟ୍ରାଫିକ ସଚେତନ ସଂଯୋଜକ ପଦ୍ମଲୋଚନ ଭୋରାସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଲିଙ୍ଗରାଜ ପ୍ରଧାନ, ଜୟରାଜ ଧର ଓ ପରେଶ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଛବିଲ ସାଏ କ୍ଲବ ସଭାପତି ପ୍ରଫୁଲ୍ଲ ଭୋଇ, ତରଣୀ ସେଠ, ସନ୍ତୋଷ ହୋତା, ଦିଲୀପ ଡନସନା ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ସମ୍ବଲପୁର ଜିଲା କୁଦୋପାଲିଠାରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟରେ କର୍ମକର୍ତ୍ତା, ଖେଳାଳିଙ୍କ ସହ ଅତିଥିମାନେ ।



ବଲିଉଡ୍‌କୁ ଅଭିନେତା ହେବା ପାଇଁ ଆସି ଶେଷରେ ସୁଭାଷ ଘାଇ ପାଲଟି ଥିଲେ ନିର୍ଦ୍ଦେଶକ। ଶୁକ୍ରବାର ସେ ୭୫ତମ ଜନ୍ମ ଦିନ ପାଳନ କରୁଛନ୍ତି। ୧୯୪୫ ଜାନୁୟାରୀ ୨୪ରେ ନାଗପୁରଠାରେ ତାଙ୍କର ଜନ୍ମ ହୋଇଥିଲା। ଦିଲ୍ଲୀରେ ଗ୍ରାଜୁଏସନ୍ କରିବା ପରେ ସେ ପୁଣେର ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟରେ ଅଧ୍ୟୟନ କରିଥିଲେ। ଫିଲ୍ମ କାଳିଚରଣରେ ସେ ପ୍ରଥମ କରି ନିର୍ଦ୍ଦେଶନା ଦେଇଥିଲେ। ଏହା ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଏଥିରେ ଶତ୍ରୁଘ୍ନ ସିହ୍ନା ଲିଡ୍ ରୋଲ୍‌ରେ ଥିଲେ। ସୁଭାଷ ଏମ୍ ଅକ୍ଷରରୁ ଆରମ୍ଭ ହେଉଥିବା ଅଭିନେତା ଏବଂ ଅଭିନେତ୍ରୀଙ୍କୁ ଅଧିକ ପସନ୍ଦ କରିଥାନ୍ତି।

# ଟିଟିଇ ଗଲାଣ୍ଡେ

## ଜରିମାନା ଆଦାୟରେ ୧ ନମ୍ବର



**ନୂଆଦିଲ୍ଲୀ:** ସ୍ମାର୍ଟ ହେଉଛି ଭାରତୀୟ ରେଲୱେ। ଅତ୍ୟାଧୁନିକ କୋଚ୍‌ରେ ଯାତ୍ରା ବି ପୂର୍ବାପେକ୍ଷା ଆରାମଦାୟକ ହେଲାଣି। ଯାତ୍ରୀଙ୍କୁ ଗୁଣାତ୍ମକ ଖାଦ୍ୟ, ପାନୀୟଜଳ, ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। କେବଳ ଏତିକି ନୁହେଁ, ପ୍ଲାଟଫର୍ମକୁ ମଧ୍ୟ ଦିଆଯାଉଛି ଅତ୍ୟାଧୁନିକ ରୂପ। ତଥାପି ବିନା ଟିକେଟରେ ରେଳଯାତ୍ରା କରିବା ମାନସିକତାରୁ ବାହାରି ପାରିନାହାନ୍ତି ଅନେକେ। ରେଲୱେର ଟ୍ରାଭେଲିଂ ଟିକେଟ ଇନ୍ସପେକ୍ଟର (ଟିଟିଇ) ଏସ୍.ବି. ଗଲାଣ୍ଡେ ବିନା ଟିକେଟରେ ଯାତ୍ରା କରୁଥିବା ୨୨ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କଠାରୁ ଦେଢ଼କୋଟି ଟଙ୍କା ଜରିମାନା ଆଦାୟ କରିବା ଏହାର ସଦ୍ୟତମ ଉଦାହରଣ। ଗୋଟିଏ ପଟେ ଭାରତୀୟଙ୍କ ନିକଟରେ ବିନା ଟିକେଟରେ ଯାତ୍ରା କରିବାର ମାନସିକତା ବଦଳୁ ନ ଥିବାବେଳେ ବ୍ୟକ୍ତିଗତ ଭାବେ ଗୋଟିଏ ବର୍ଷରେ ସର୍ବାଧିକ ଜରିମାନା ଆଦାୟ କରି ପ୍ରଶଂସା ସାଉଁଟିଛନ୍ତି ଗଲାଣ୍ଡେ।

ବିଭାଗୀୟ ସୂଚନା ଅନୁଯାୟୀ, ଏସ୍.ବି. ଗଲାଣ୍ଡେ ସେଣ୍ଟ୍ରାଲ୍ ରେଲ୍‌ୱେର ଫ୍ଲାଇଂ ସ୍କ୍ୱାଡ୍‌ର ସଦସ୍ୟ। ସେହିପରି ଏମ୍.ଏସ୍. ସିନ୍ଦେ, ଡି. କୁମାର, ରବି କୁମାର ମଧ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଲେଖାଏ ଜରିମାନା ଆଦାୟ କରିଛନ୍ତି। ଏସ୍.ବି. ଗଲାଣ୍ଡେ ୨୨,୬୮୦ ଯାତ୍ରୀଙ୍କଠାରୁ ୧କୋଟି ୫୧ ହଜାର, ଏମ୍.ଏସ୍. ସିନ୍ଦେ ୧୬,୦୩୫ ଯାତ୍ରୀଙ୍କଠାରୁ ୧ କୋଟି ୭ ହଜାର, ଡି. କୁମାର ୧୫,୨୬୪ ଯାତ୍ରୀଙ୍କଠାରୁ ୧ କୋଟି ୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଭାରତର ଟିକଟ ଯାଞ୍ଚକାରୀମାନେ ବହୁତ କଠିନ ପରିସ୍ଥିତିରେ କାମ କରନ୍ତି। ସେମାନଙ୍କୁ ୧୨ରୁ ୧୩ ଘଣ୍ଟା ଯାଏ କାମ କରିବାକୁ ପଡ଼େ। ଅନେକ ସମୟରେ ସେମାନେ ଯାତ୍ରୀଙ୍କ ରୋଷର ଶିକାର ହୁଅନ୍ତି। ଏପରି କି ସେମାନଙ୍କ ଉପରେ ଆକ୍ରମଣ ହେଉଥିବା ମଧ୍ୟ ନଜିର ରହିଛି। ସେଣ୍ଟ୍ରାଲ ରେଲୱେର ଚିଫ୍ ପବ୍ଲିକ୍ ରିଲେଶନ ଅଫିସର ଶିବାଜୀ ସୂତାର କୁହନ୍ତି, ୨୦୧୯ରେ ୩୭.୬୪ ଲକ୍ଷ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଥିବାବେଳେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୧୯୨.୫୧କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୦୧୮ରେ ଏହାର ପରିମାଣ ୧୬୮.୩୦ କୋଟି ଥିଲା।



## ପଙ୍ଗପାଳ ବୋଝେଇ ଟୋକେଇ ଧରି ବିଧାନସଭାରେ ବିଧାୟକ



**ଜୟପୁର :** ରାଜସ୍ଥାନ ବିଧାନସଭାରେ ଶୁକ୍ରବାର ଏକ ଆଶ୍ଚର୍ଯ୍ୟକଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଭାରତୀୟ ଜନତା ପାର୍ଟି(ଭାଜପା)ର ବିଧାୟକ ବିହାରୀ ଲାଲ୍ ନୋଖା ଶୁକ୍ରବାର ଏକ ପଙ୍ଗପାଳ ବୋଝେଇ ଟୋକେଇ ଧରି ବିଧାନସଭା ଭିତରେ ପ୍ରବେଶ କରିଛନ୍ତି। ଏହାକୁ ଦେଖିବା ପରେ ଅଭିନବ ଢଙ୍ଗରେ ସେ ବିରୋଧ ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଉଛି। ତେବେ ପଙ୍ଗପାଳ ବୋଝେଇ ଟୋକେଇ ସହ ନୋଖା ବିଧାନସଭା ଭିତରକୁ ଯିବା ସମୟରେ କହିଛନ୍ତି, ରାଜସ୍ଥାନର କୃଷକ ପଙ୍ଗପାଳଙ୍କ ପ୍ରାଦୁର୍ଭାବ ଯୋଗୁ ବହୁ କ୍ଷତି ସହିଲେଣି। ପଙ୍ଗପାଳଙ୍କ ଯୋଗୁ ଚାଷ ଉଜୁଡ଼ିଗଲାଣି। ତେଣୁ ସରକାର ଚାଷୀଙ୍କୁ ତୁରନ୍ତ ସମସ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ। ସେ କହିଛନ୍ତି, ଚାଷ କରାଯାଇଥିବା ପ୍ରାୟ ୭ ଲକ୍ଷ ହେକ୍ଟରର ଫସଲ ନଷ୍ଟ ହୋଇ ଯାଇଥିବାରୁ ସରକାର କୃଷକମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରନ୍ତୁ। ସୂଚନାଯୋଗ୍ୟ, ଏବେ ରାଜସ୍ଥାନରେ କଂଗ୍ରେସ ସରକାର ଥିବାରୁ ଭାଜପା ଏହାକୁ ଟାର୍ଗେଟ କରିଛି ବୋଲି କୁହାଯାଉଛି।

## ଘୋଡ଼ା ଚଢ଼ି ବରଘରେ ପହଞ୍ଚିଲେ ଦୁଇ ଭଉଣୀ

**ଖଣ୍ଡୱା:** ମଧ୍ୟପ୍ରଦେଶର ଖଣ୍ଡୱାରେ ବିବାହକୁ ନେଇ ଦେଖିବାକୁ ମିଳିଛି ଏକ ଭିନ୍ନ ପରମ୍ପରା। ବିବାହ ପାଇଁ ଯାଉଥିବା ସମୟରେ ଘୋଡ଼ା ସହ ବରଯାତ୍ରୀ ଓ ବାଜାବାଣ ସବୁ ଥିଲା ହେଲେ ଘୋଡ଼ା ଉପରେ ବର ବଦଳରେ ଦେଖିବାକୁ ମିଳିଥିଲା ଦୁଇ କନ୍ୟାଙ୍କୁ। ପାଟିଦାର ସମ୍ପ୍ରଦାୟର ଏହି ପାରମ୍ପରିକ ବିବାହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଖଣ୍ଡୱାର ସାକ୍ଷୀ ଓ ସୃଷ୍ଟି ନାମକ ଦୁଇ ଭଉଣୀଙ୍କର ଗତ ୨୨ ତାରିଖରେ ବାହାଘର ହୋଇଥିଲା। ଆଉ ସେମାନେ ତାଙ୍କର ବରଯାତ୍ରୀ ସହ ଘୋଡ଼ା ଚଢି ଯାଇ ବରଘରେ ପହଞ୍ଚି ବିବାହ କରିଥିଲେ। ତେବେ ପାଟିଦାର ସମ୍ପ୍ରଦାୟର ପରମ୍ପରାକୁ ପାଳନ କରିଥିବାରୁ ଏମାନେ ଗର୍ବିତ ବୋଲି କହିଛନ୍ତି। ଦେଶରେ ମହିଳାଙ୍କୁ ସମ୍ମାନ ଦେବାର ଏହା ଏକ ବିରଳ ପରମ୍ପରା ବୋଲି ଦୁଇ ଭଉଣୀଙ୍କ ପିତା ଅରୁଣ କହିଛନ୍ତି। ଏହା ୪୦୦-୫୦୦ ବର୍ଷ ତଳର ପରମ୍ପରା ହୋଇଥିବା ବେଳେ ସରକାରଙ୍କର 'ବେଟି ବଚାଓ, ବେଟି ପଢାଓ' ବାର୍ତ୍ତାକୁ ଆଗେଇ ନେବାକୁ ଏହା ଏକ ସହଯୋଗୀ ପଦକ୍ଷେପ ବୋଲି ଅରୁଣ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି , ପାଟିଦାର ସମ୍ପ୍ରଦାୟର ଲୋକେ ଏହି ପରମ୍ପରାକୁ ପାଳନ କରନ୍ତୁ ଓ ଝିଅମାନଙ୍କୁ ସମ୍ମାନ ଦିଅନ୍ତୁ।



## ବଙ୍ଗୀୟ ଅଭିନେତ୍ରୀଙ୍କ ବାୟୋପିକ୍‌ରେ ନୀଳନୟନା



ଐଶ୍ୱର୍ଯ୍ୟା ରାୟ ବଚ୍ଚନ

**ମୁମ୍ବାଇ:** ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ କିଏ ବା ନ ଭଲପାଏ। ଯଦିଓ ସେ କାଁ ଭାଁ ବଲିଉଡ୍ ଫିଲ୍ମରେ ନଜରକୁ ଆସୁଛନ୍ତି, ତଥାପି ତାଙ୍କ ଫ୍ୟାନ୍‌ଙ୍କ ସଂଖ୍ୟାରେ କୌଣସି ଫରକ୍ ପଡ଼ିନାହିଁ। ସେ ଆଜି ବି ନିଜ ସୌନ୍ଦର୍ଯ୍ୟ ପାଇଁ ଫ୍ୟାନ୍‌ମାନଙ୍କ ପ୍ରଥମ ପସନ୍ଦ ହୋଇ ରହିଛନ୍ତି। ବୟସର ଛାପଠାରୁ କାହିଁ କେତେ ଦୂରରେ ଐଶ୍‌ଙ୍କ ସୁନ୍ଦରତା। ଆପଣ ଯଦି ଐଶ୍‌ଙ୍କ ଫ୍ୟାନ୍, ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ଖୁବ୍‌ଶୀଘ୍ର ଐଶ୍‌ଙ୍କୁ ବଡ଼ପରଦାରେ ଆଉ ଏକ ଫିଲ୍ମରେ ଦେଖିବାକୁ ମିଳିବ।

୨୦୧୮ରେ ଶେଷଥର ପାଇଁ ଫିଲ୍ମ 'ଫନ୍ନେ ଖାନ୍'ରେ ଐଶ୍ ନଜରକୁ ଆସିଥିଲେ। ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହୋଇପାରି ନ ଥିଲା। ଐଶ୍‌ଙ୍କ ଫିଲ୍ମ କ୍ୟାରିୟର୍ ସେତେଟା ସକ୍ରିୟ ନ ଥିଲେ ମଧ୍ୟ ତାଙ୍କ ଡିମାଣ୍ଡ କମିନାହିଁ। ଫିଲ୍ମ ନିର୍ମାତାମାନେ ଐଶ୍‌ଙ୍କୁ ନେଇ ଫିଲ୍ମ ତିଆରି କରିବାକୁ ଉତ୍ସାହିତ ଏବଂ ଆଗ୍ରହୀ ଅଛନ୍ତି।

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ନିର୍ଦ୍ଦେଶକ ପ୍ରଦୀପ ସରକାରଙ୍କ ଆଗାମୀ ଫିଲ୍ମରେ ଐଶ୍ ନଜରକୁ ଆସିବେ। 'ପରିଣୀତି' ଏବଂ 'ମର୍ଦ୍ଦାନୀ' ଭଳି ଫିଲ୍ମ ତିଆରି କରି ଲୋକପ୍ରିୟତା ଅର୍ଜନ କରିଥିବା ପ୍ରଦୀପ ନିଜ ଆଗାମୀ ଫିଲ୍ମ ଐଶ୍‌ଙ୍କୁ ନେଇ ତିଆରି କରିବାକୁ ଚାହୁଁଛନ୍ତି। ଏନେଇ ସେ ଐଶ୍‌ଙ୍କୁ ସାକ୍ଷାତ୍ କରିବା ସହ ଆଲୋଚନା କରିସାରିଛନ୍ତି। ଆଉ ଐଶ୍ ଫିଲ୍ମ କରିବାକୁ ରାଜି ମଧ୍ୟ ହୋଇଛନ୍ତି। ତେବେ ଏ ବାବଦରେ କୌଣସି ବିଧିବଦ୍ଧ ଘୋଷଣା ହୋଇନାହିଁ। ଅନ୍ୟପଟେ ଖବର ଅନୁଯାୟୀ, ବିନୋଦିନୀ ଦାସୀ ନାମ୍ନୀ ଜଣେ ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀଙ୍କ ଜୀବନୀ ଉପରେ ଫିଲ୍ମଟି ନିର୍ମାଣ କରାଯିବ। ଫିଲ୍ମଟି ବାୟୋପିକ୍ ହୋଇଥିବାବେଳେ ଏନେଇ ପ୍ରଦୀପ କେବଳ ଐଶ୍ୱର୍ଯ୍ୟାଙ୍କୁ ନେଇ ଫିଲ୍ମ ନିର୍ମାଣ କରିବା କଥା ଚିନ୍ତା କରିଛନ୍ତି। ୧୮୬୨ରେ ବିନୋଦିନୀ ଦାସୀ ଜନ୍ମଗ୍ରହଣ କରିଥିଲେ। ସେ ନୋଟୀ ବିନୋଦିନୀ ନାମରେ ଲୋକପ୍ରିୟ ଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ଅଭିନୟ କରିବା ଆରମ୍ଭ କରିଦେଇଥିଲେ। ୧୯୯୪ରେ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ବଙ୍ଗଳା ଫିଲ୍ମ ନିର୍ମାଣ ହୋଇଥିଲା। ପ୍ରଦୀପଙ୍କ ମତରେ ବିନୋଦିନୀଙ୍କ ଜୀବନୀକୁ ନେଇ ନିର୍ମାଣ ହେବାକୁ ଥିବା ଫିଲ୍ମରେ କେବଳ ଐଶ୍ୱର୍ଯ୍ୟା ହିଁ ତାଙ୍କ ଚରିତ୍ରକୁ ନିଜ ଅଭିନୟ ମାଧ୍ୟମରେ ନ୍ୟାୟ ଦେଇପାରିବେ।



# ମୀରାଙ୍କ ଷ୍ଟାଇଲିଶ୍ ଲୁକ୍

**ମୁମ୍ବାଇ:** ବି-ଟାଉନ୍‌ରେ କିଛି ଏଭଳି ତାରକା ଅଛନ୍ତି, ଯେଉଁମାନେ ସିଲ୍‌ଭର ସ୍କ୍ରିନ୍‌ଠାରୁ ବହୁ ଦୂରରେ ରହି ମଧ୍ୟ ଚର୍ଚ୍ଚା ସାଉଁଟିଥାନ୍ତି। ଆଉ ସେହିଭଳି କିଛି ବ୍ୟକ୍ତିତ୍ୱଙ୍କ ମଧ୍ୟରେ ରହିଛନ୍ତି ମୀରା ରାଜପୁତ୍ ଓରଫ ମୀରା କପୁର। ହଁ, ଆପଣ ଠିକ୍ ଗେସ୍ କରିଛନ୍ତି। ବଲିଉଡ୍‌ର କବୀର ସିଂ ଶାହୀଦ୍ କପୁରଙ୍କ ପତ୍ନୀ ମୀରା କପୁରଙ୍କ କଥା ଆମେ କହୁଛୁ। ସେ ନିଜ ଆକର୍ଷଣୀୟ ବ୍ୟକ୍ତିତ୍ୱ, ସୁନ୍ଦର ତ୍ୱଚା, ସିମ୍ପଲ୍ ମେକଅପ୍ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ସବୁବେଳେ ପ୍ରଶଂସା ସାଉଁଟିଥାନ୍ତି।

ମୀରାଙ୍କୁ ଅଧିକାଂଶ ସମୟରେ ନୋ-ମେକ୍‌ଅପ୍ ଲୁକ୍‌ରେ ଦେଖିବାକୁ ମିଳିଥାଏ, ଯାହାକୁ ଲୋକେ ଖୁବ୍ ପସନ୍ଦ କରିଥାନ୍ତି। ଏପଟେ ନିଜ ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିବାକୁ ମୀରା ସୋସିଆଲ୍ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍ ରୁହନ୍ତି। ସମୟ ସମୟରେ ସେ ନିଜର ଫଟୋ ଏବଂ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇଥାନ୍ତି। ନିକଟରେ ସେ ଡିଜାଇନର୍ ମନୀଷ୍ ମାଲହୋତ୍ରାଙ୍କ ପାଇଁ ନିଜର ପ୍ରଥମ ଫଟୋ ଶୁଟ୍ କରିଥିଲେ, ଯାହାର ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଫ୍ୟାନ୍‌ଙ୍କ ସମେତ ବି-ଟାଉନର ଅନ୍ୟ ତାରକାମାନେ ମଧ୍ୟ ମୀରାଙ୍କ ଫଟୋଶୁଟ୍‌କୁ ବେଶ୍ ତାରିଫ୍ କରିଥିଲେ। ଏବେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ମୀରା ପୁଣି ଏକ ଫଟୋ ଶେୟାର କରିଛନ୍ତି, ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା। ସବୁଥର ଭଳି ମୀରାଙ୍କ ସିମ୍ପଲ୍ ବଟ୍ ଷ୍ଟାଇଲିଶ୍ ଲୁକ୍ ସମସ୍ତଙ୍କୁ ଆକର୍ଷିତ କରିଛି। ମୀରା ଏହି ଫଟୋରେ ବ୍ଲାକ୍ ଆଉଟ୍‌ଫିଟ୍ ପିନ୍ଧିଛନ୍ତି ଆଉ ଏକ ହୃଦୟଖୋଲା ହସ ସହ ସମସ୍ତଙ୍କ ଧ୍ୟାନଆକର୍ଷଣ କରୁଛନ୍ତି। ଶାହୀଦଙ୍କ ସମେତ ବହୁ ବଲିଉଡ୍ ତାରକା ମୀରାଙ୍କ ଏହି ନୂଆ ଫଟୋକୁ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ ଦେଇଛନ୍ତି। ନିଜ ଫଟୋଶୁଟ୍‌ର ଏହି ଫଟୋଟି ସୋସିଆଲ ମିଡିଆରେ ଶେୟାର କରି ମୀରା କ୍ୟାପ୍‌ଶନରେ ଲେଖିଛନ୍ତି, "ଲେଟ୍ ୟୋର୍ ଲଭ୍ ସେଲିବ୍ରେଟ୍ ୟୋର୍ ହାର୍ଟ।"

ମୀରା ଖୁବ୍ ଖୁସ୍‌ମିଜାଜ୍ ମଣିଷ ଅଟନ୍ତି। ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ସେଲିବ୍ରେଟ୍ କରନ୍ତି। ତାଙ୍କ ପାଇଁ ପରିବାର, ଆତ୍ମୀୟସ୍ୱଜନ ଏବଂ ଭଲ ପୋଷାକ ହିଁ ସେଲିବ୍ରେଶନ ବୋଲି କୁହନ୍ତି ମୀରା। ଛୋଟ ଛୋଟ ଜିନିଷକୁ ସେଲିବ୍ରେଟ୍ କରିବା ଦରକାର। କାରଣ ଭବିଷ୍ୟତରେ ଏହାକୁ ମନେପକାଇ ଆପଣ ଖୁସି ହୋଇପାରିବେ। ଏଣୁ ଜୀବନରେ ସେଲିବ୍ରେଶନ ମହତ୍ତ୍ୱପୂର୍ଣ୍ଣ ବୋଲି ମୀରା ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଶେୟାର କରିଥିବା ଏକ ଭିଡିଓରେ କହିଛନ୍ତି।

୨୦୧୫ରେ ଶାହୀଦ୍ କପୁର ଓ ମୀରା ରାଜପୁତ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ପୁଅ ଜୈନ୍ ଓ ଝିଅ ମୀଶାଙ୍କ ସହ ହସଖୁସିରେ ଦୁହେଁ ସାଂସାରିକ ଜୀବନ ବିତାଉଛନ୍ତି। ଅନ୍ୟପଟେ ଲଗାତର ମୀରା ବଲିଉଡ୍ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଏପଟେ ଶାହୀଦ୍ ନିଜର ଅପ୍‌କମିଂ ଫିଲ୍ମ 'ଜର୍ସୀ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

**ସିଲ୍‌ଭର ସ୍କ୍ରିନ୍‌ରୁ ଦୂରରେ ରହି ବି ଚର୍ଚ୍ଚାରେ**

## ଲାଭାରେ ମାନବ ମସ୍ତିଷ୍କ କାଚ ପାଲଟିଥିଲା



**ରୋମ:** ଆଗ୍ନେୟଗିରି ଲାଭାରେ ମଣିଷ ମସ୍ତିଷ୍କ ତରଳି ମାଟି ତଳେ ଚାପି ହୋଇ ହଜାର ହଜାର ବର୍ଷ ରହିବା ପରେ କାଚରେ ପରିଣତ ହୋଇଛି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏନେଇ ଗବେଷକମାନେ ଦୀର୍ଘଦିନ ଗବେଷଣା କରିବା ପରେ ଜାଣିପାରିଛନ୍ତି। ୭୯ ଖ୍ରୀଷ୍ଟାବ୍ଦରେ ଇଟାଲୀର ପୋମ୍ପେଇ ସହର ନିକଟରେ ଥିବା ଭେସୁଭିୟସ୍ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। ଏହା ଜନବସତି ଉପରେ ପଡ଼ିଥିଲା। ଫଳରେ ବହୁ ଲୋକ ଏହା ତଳେ ଚାପି ହୋଇ ରହିଯାଇଥିଲେ। ଉତ୍ତପ୍ତ ଲାଭା ଯୋଗୁ ତଳେ ଚାପି ହୋଇ ରହିଥିବା ମାନବ ମସ୍ତିଷ୍କ ତରଳି ହଜାର ହଜାର ବର୍ଷ ପରେ କଳା କାଚରେ ପରିଣତ ହୋଇଥିବା ଗବେଷକ କହିଛନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖନନ ସମୟରେ ମିଳିଥିବା ମାନବ କଙ୍କାଳର ମସ୍ତିଷ୍କରେ ଏଭଳି କଳା କାଚ ରହିଥିବା ଗବେଷକ କହିଛନ୍ତି। ତରଳ ଲାଭା ପ୍ରଭାବରେ ମସ୍ତିଷ୍କ ଜଳୁଥିବାବେଳେ ଏହା ମଧ୍ୟରେ ଧୂଆଁ ପଶି ମସ୍ତିଷ୍କ କୋଷିକାରେ ଜମାଟ ବାନ୍ଧି ଶେଷରେ କଳା କାଚରେ ପରିଣତ ହୋଇଥିଲା ବୋଲି ଗବେଷକ ଦଳର ନେତୃତ୍ୱ ନେଉଥିବା ଫେଡରିକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପିୟେର ପାଓଲୋ ପିନ୍ନୋନେ ସୂଚନା ଦେଇଛନ୍ତି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



# ଶ୍ରମିକଙ୍କ ଶ୍ରମମୂଲ୍ୟ ନ ବୁଝିଲେ ଆନ୍ଦୋଳନ ହେବ

**ବଲାଙ୍ଗୀର ଅଫିସ, ୨୪।୧**

ଲୋକ ଉନ୍ନତି ସଙ୍ଗଠନ, ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚର ମିଳିତ ଅନୁକୂଲ୍ୟରେ ବଲାଙ୍ଗୀର ମିଶନ୍ ପଡ଼ିଆରେ ଶୁକ୍ରବାର ତୃତୀୟ ରାଜ୍ୟସ୍ତରୀୟ ଜନସାଥୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟ, କୁଟୀର ଶିଳ୍ପ, କଳା ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ଓ ପୁରୁଷ ଜନସାଥୀ ଯୋଗ ଦେଇଥିଲେ। ଆଶିଷ କୁମାର ରାଜହଂସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜନସାଥୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। ବିଧାୟକ ମିଶ୍ର ବକ୍ତବ୍ୟରେ ରାଜ୍ୟର ଜନସାଥୀମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଭଳି ଅଣଦେଖା କରୁଛନ୍ତି ତାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଦଳିତ, ଖଟିଖିଆ ବର୍ଗର ଲୋକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ସମସ୍ୟା ଭିତରକୁ ଠେଲି ଦିଆଯାଉଛି । ସରକାର ଶ୍ରମଜୀବୀଙ୍କୁ ଉପେକ୍ଷା କରିବା ସହ ସେମାନଙ୍କ ଅଧିକାରକୁ ଅଣଦେଖା କରୁଛନ୍ତି। ଶ୍ରମଜୀବୀଙ୍କ ଶ୍ରମରେ ରାଷ୍ଟ୍ର ନିର୍ମାଣ ହେଉଛି। ସମାଜର ବହୁବିଧ ପ୍ରଗତିରେ ଶ୍ରମିକମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଶ୍ରମକୁ ଭୁଲିଯାଇ ତାଙ୍କ ନ୍ୟାଯ୍ୟ ଅଧିକାର ପ୍ରତି ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ଶ୍ରମଜୀବୀମାନେ ସମାଜ ନିର୍ମାତା, ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ । ସେମାନଙ୍କୁ ଅବହେଳା ଆନ୍ଦୋଳନର ରୂପ ନେବ ଓ ଏଥି ସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ଅବସରରେ ବିଧାୟକ ମିଶ୍ର ବକ୍ତବ୍ୟରେ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ପାଣ୍ଡିତ୍ୟ, ଦଳିତ ଅଧିକାର, ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ସହ ତାଙ୍କର ନୀତିଗତ ପାର୍ଥକ୍ୟ ସତ୍ତ୍ୱେ ଭିନ୍ନମତକୁ ଗ୍ରହଣ ଉପରେ ବିସ୍ତୃତ ବକ୍ତବ୍ୟ ଦେଇଥିଲେ। ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନେହେରୁ ବାବାସାହେବ ଆମ୍ବେଦକରଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ଆଇନ ମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଥିବା କଥା ସୂଚିତ କରିଥିଲେ। ଭାରତର ସମ୍ବିଧାନ ପୃଥିବୀର ସର୍ବଶ୍ରେଷ୍ଠ ସମ୍ବିଧାନ। ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କ ସହ ଶ୍ରମଜୀବୀ, ଗରିବ, ଖଟିଖିଆଙ୍କ ଅଧିକାରକୁ ସୁରକ୍ଷା ଦେଇଛି। ସେମାନଙ୍କୁ ସମାନ ସୁଯୋଗ ଓ ସମ୍ମାନର ସହ ବଞ୍ଚିବାର ଅଧିକାର ଦେଇଛି। ଏଣୁ ଦେଶର କୌଣସି ଶ୍ରମଜୀବୀ, ଦଳିତ, ଖଟିଖିଆ, ଗରିବ ଲୋକଙ୍କ ଅଧିକାରକୁ ହନନ କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଶ୍ରମିକନେତା, ଶ୍ରମଜୀବୀ ପ୍ରତିନିଧିମାନେ ଶ୍ରମିକ ସମସ୍ୟା ଉପରେ ଆଲୋଚନା କରିଥିଲେ ।



ରାଜ୍ୟସ୍ତରୀୟ ଜନସାଥୀ ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

**ବଲାଙ୍ଗୀରରେ ରାଜ୍ୟସ୍ତରୀୟ ଜନସାଥୀ ସମ୍ମିଳନୀ**

# ବାଇକ୍ ମୁହାଁମୁହିଁ ପରେ ବସ୍‌ରେ ପିଟିହେଲା, ୨ ମୃତ

**ଦିଗପହଣ୍ଡି (ଡି.ଏନ.ଏ.)/ ପାଟପୁର, ୨୪।୧**

ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ. ରାଜ୍ୟ ରାଜପଥର କଂସାମାରି-ଧର୍ମପୁର ମଧ୍ୟବର୍ତ୍ତୀ ଶ୍ମଶାନ ସମ୍ମୁଖ ମୁଖ୍ୟ ରାସ୍ତାରେ ଶୁକ୍ରବାର ସକାଳ ପ୍ରାୟ ସାଢେ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାପରେ ଆରୋହୀମାନେ ସେହି ରାସ୍ତାଦେଇ ଆସୁଥିବା ଏକ ମିନିବସ୍‌ରେ ପିଟି ହୋଇଥିଲେ। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଜପତି ଜିଲା ଚନ୍ଦ୍ରଗିରି ଗ୍ରାମ ପାତ୍ରସାହିର ଚନ୍ଦନ ଘଡେଇ ଓ ରାଉତ ସାହିର ହିମାଂଶୁ ପ୍ରଧାନ। ଆହତମାନେ ହେଲେ ପାଟପୁର ଥାନା କେ. ନୂଆଗଡ ଗ୍ରାମର ଗଞ୍ଜୁ ମଣ୍ଡଳ ଓ ଦିଲୀପ ଶବର। ସେମାନଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ସକାଳୁ ଏକ ବାଇକରେ ଚନ୍ଦନ ଓ ହିମାଂଶୁ ବ୍ରହ୍ମପୁରରୁ କାମ ସାରି ଚନ୍ଦ୍ରଗିରି ଫେରୁଥିଲେ। ବିପରୀତ ଦିଗ ପୋଡାମାରି ଗ୍ରାମରୁ ହିଞ୍ଜିଳିକାଟୁ ଅଭିମୁଖେ ଆସୁଥିବା ମହାବୀର ନାମକ ଘରୋଇ ଯାତ୍ରୀବାହୀ ମିନିବସ (ନଂ.ଓଆର୦୭-୫୨୧୫)। ଏହା ପଛରେ ଅନ୍ୟ ଏକ ବାଇକରେ ଗଞ୍ଜୁ ଓ ଦିଲୀପ ଆସୁଥିଲେ। କଂସାମାରି-ଧର୍ମପୁର ମଧ୍ୟବର୍ତ୍ତୀ ଶ୍ମଶାନ ରାସ୍ତା ନିକଟରେ ଗଞ୍ଜୁ ଓ ଦିଲୀପ ବସ୍‌କୁ ଓଭରଟେକ୍ କଲାବେଳେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଭାରସାମ୍ୟ ହରାଇ ୨ ବାଇକ୍ ଦ୍ରୁତ ଗତିରେ ଆସୁଥିବା ମିନିବସ୍‌ରେ ପିଟି ହୋଇଯାଇଥିଲା। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନ୍ୟମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ହିମାଂଶୁଙ୍କର ମୃତ୍ୟୁ ହୋଇଥିଲା। ପାଟପୁର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି। ନଂ.୧୩/୨୦ରେ ଏକ ମାମଲା ରୁଜୁକରି ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। ମିନି ବସ ଚାଳକ ଫେରାର ଥିବା ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚି କଇଲାଣ
ମାଗି ଓଳିକି ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଈପ୍‌ସିତ ସମ୍ମାନ ଟିକକ ପ୍ରାପ୍ତ ନ ହେଲେ ଓଳିକି ମାଗିବା ଭଳି ବାଚାଳତା ଜନ୍ମେ। ସାଧାରଣତଃ ଗୁଣୀ, ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ। କଲ୍ୟାଣ ଯାଚିବାକୁ ପଡ଼େ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜୋର ଯା'ର
ମୁଲକ ତା'ର ।**

ବଳବାନ ବ୍ୟକ୍ତି ସବୁଠି ଆଧିପତ୍ୟ ବିସ୍ତାର କରିଥାଏ। ବଳ ପ୍ରୟୋଗ ଦ୍ୱାରା ଲକ୍ଷ୍ୟ ହାସଲ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଖପ୍ରାଖୋଲ ଏସ୍‌ବିଆଇ ଏଟିଏମ୍‌ରେ ଅଗ୍ନିକାଣ୍ଡ

**ଖପ୍ରାଖୋଲ,୨୪।୧(ଡି.ଏନ.ଏ.)**

ସ୍ଥାନୀୟ ବ୍ଲକ ମୁଖ୍ୟାଳୟରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖା ପରିସରରେ ଥିବା ଏଟିଏମ୍ କାଉଣ୍ଟରରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ହେଲେ ଏଟିଏମ୍ ମେଶିନ ସୁରକ୍ଷିତ ରହିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଏଟିଏମ୍ ସଟର ବନ୍ଦ ରହିଥିଲା। ସେତିକିବେଳେ ଏଟିଏମ୍‌ରୁ ଧୂଆଁ ବାହାରୁ ଥିବା କେତେକ ଲୋକ ଦେଖିବାକୁ ପାଇଥିଲେ । ଖବର ପାଇ ବ୍ୟାଙ୍କର ବରିଷ୍ଠ କିରାଣୀ ପଦ୍ମଲୋଚନ ଟୁଡୁ ଏବଂ କର୍ମଚାରୀ ମୋହନ ଦଣ୍ଡସେନା ପହଞ୍ଚି ଦମକଳ ବାହିନୀକୁ ଜଣାଇଥିଲେ। ଖପ୍ରାଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଲିଭାଇଥିଲେ । ଅଗ୍ନିକାଣ୍ଡରେ ଏଟିଏମ୍ ମେଶିନ ସୁରକ୍ଷିତ ରହିଥିବା ବେଳେ ଏକ ବଡଧରଣର ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି । ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି । ଏନେଇ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ କାକ ବଲାଙ୍ଗୀର ଜେନେରାଲ ମ୍ୟାନେଜରଙ୍କୁ ଖବର ଦେବାପରେ ଅପରାହ୍ନରେ ବଲାଙ୍ଗୀରରୁ ଏକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ଏଟିଏମ୍ ମେଶିନ ପଛପଟେ ଥିବା ୨ଟି ବ୍ୟାଟେର, କେବୁଲ କଂଟ୍ରୋଲ ପ୍ୟାନେଲ, ସିପିୟୁ ସହିତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଥିବା ସୋଲାର ଇଞ୍ଜିନିୟର ରଞ୍ଜନ ସିଂ ବାରିକ ପ୍ରକାଶ କରିଛନ୍ତି।



ଖପ୍ରାଖୋଲ ଏସ୍‌ବିଆଇ ଏଟିଏମ୍ କାଉଣ୍ଟରରେ ନିଆଁ ଲାଗି ବ୍ୟାଟେରି ପୋଡି ଯାଇଛି।

# କୁଡ଼ିଆଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖପ୍ରାଖୋଲ,୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ କଟାପାଲି ଗାଁ ଏକ ଖଳା ପାଖ କୁଡିଆ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଖପ୍ରାଖୋଲ ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ସେ ହେଲେ ଦଶ ବାଗ(୪୦)। ଦଶ ଗୁରୁବାର ବିଳମ୍ବିତ ରାତିରେ ଘରୁ ଚାଲିଆସି ନିଜ ଖେତରେ ଥିବା କୁଡିଆ ଘରେ ବେକରେ ଲୁଙ୍ଗି ଭାଙ୍ଗି ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ତ୍ରୀ ଶୁକ୍ରବାର ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଖପ୍ରାଖୋଲ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୦୨୦) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଏଏସ୍‌ଆଇ ଶମ୍ଭୁପ୍ରସାଦ ଠାକୁର ପ୍ରକାଶ କରିଛନ୍ତି।

# କାମ୍ପା ଫଣ୍ଡ ଅନୁଦାନରେ ଅନିୟମିତତା

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

- କଳାହାଣ୍ଡି, ନର୍ଲା ଫରେଷ୍ଟ ରେଞ୍ଜ
- ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯିବା ସହ ହଡ଼ପ ଅର୍ଥ ଆଦାୟ ହେଉ

କଳାହାଣ୍ଡି ନର୍ଥ ଡିଭିଜନ ଅନ୍ତର୍ଗତ ନର୍ଲା ରେଞ୍ଜରେ କାମ୍ପା ଫଣ୍ଡରେ ପ୍ଲାଣ୍ଟେଶନ ପାଇଁ ଆସିଥିବା ଅନୁଦାନ ଅର୍ଥରେ ଅନିୟମିତତା ହୋଇଛି। ଚାରାରୋପଣ କରା ନ ଯାଇ ଜାଲ୍ ବିଲ୍ ମାଧ୍ୟମରେ ଅର୍ଥ ହଡ଼ପ କରାଯାଇଥିବା ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଭବାନୀପାଟଣାର ସୂଚନା ଅଧିକାର କର୍ମୀ ବିନ୍ଦୁ ନାୟକ ଏହି ତଥ୍ୟ ପାଇଛନ୍ତି। ଏ ନେଇ ତଦନ୍ତ କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ଦଣ୍ଡିତ କରିବା ସହିତ ତାଙ୍କଠାରୁ ହଡ଼ପ ଅର୍ଥ ଆଦାୟ କରିବା ପାଇଁ ସେ ଶୁକ୍ରବାର ଲୋକାୟୁକ୍ତରେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, କାମ୍ପା ଫଣ୍ଡ ଯୋଜନାରେ ଓଡ଼ିଶା ସମେତ ପ୍ରତ୍ୟେକ ରାଜ୍ୟକୁ ବନୀକରଣ ଲାଗି ବିଭିନ୍ନ ଡିଭିଜନ ଓ ରେଞ୍ଜକୁ ବିପୁଳ ଅନୁଦାନ ଦିଆଯାଇଛି। ଗତ ନଭେମ୍ବର ୨୬ରେ ସୂଚନା ଅଧିକାର କର୍ମୀ ବିନ୍ଦୁ ନାୟକ କଳାହାଣ୍ଡି ଫରେଷ୍ଟ ଡିଭିଜନର ନର୍ଲା ରେଞ୍ଜକୁ କାମ୍ପା ଯୋଜନାରେ ଆସିଥିବା ଫଣ୍ଡ ସମ୍ପର୍କରେ ତଥ୍ୟ ମାଗିଥିଲେ। ୨୦୧୫-୧୬ ଓ ୨୦୧୬-୧୭ରେ କଳାହାଣ୍ଡି ନର୍ଥ ଡିଭିଜନ ଅନ୍ତର୍ଗତ ନର୍ଲା ରେଞ୍ଜକୁ ୨ କୋଟି ୨୧ ଲକ୍ଷ ୬୨ ହଜାର ୬୦୮ ଟଙ୍କା ଅନୁମୋଦନ ହେବା ସହ ଉକ୍ତ ଅର୍ଥରେ ୧୪୫୦ ହେକ୍ଟର ଜମିରେ ଚାରା ରୋପଣ କରାଯାଇଥିଲା। ମାତ୍ର ସତ୍ୟାସତ୍ୟ ଜାଣିବା ପାଇଁ ନର୍ଲା ରେଞ୍ଜ ଯାଞ୍ଚ କରିବା ପରେ ବାସ୍ତବରେ ୧୪୫୦ ହେକ୍ଟର ଜମିରେ ବର୍ତ୍ତମାନ ସୁଦ୍ଧା କୌଣସି ଚାରାଗଛ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ନାହିଁ । ଫରେଷ୍ଟର, ରେଞ୍ଜରମାନେ ଜାଲ୍ ବିଲ୍ ଏବଂ ଭାଉଚର କରି ବିପୁଳ ଅର୍ଥ ହଡ଼ପ କରିଛନ୍ତି। ଚାରାଗଛ ରୋପଣ କରିବା ପାଇଁ ନିଯୁକ୍ତି ଶ୍ରମିକ ଦୈନିକ ମଜୁରୀ ପ୍ରଦାନ କରିବା ପାଇଁ ମଷ୍ଟର ରୋଲ୍ ବ୍ୟବସ୍ଥା କରି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଏ। କିନ୍ତୁ ଏଠାରେ ଏହା କରା ନ ଯାଇ କଣ୍ଟ୍ରାକ୍ଟର ଭାଉଚର ମାଧ୍ୟମରେ ଶ୍ରମିକମାନଙ୍କୁ ଅନିୟମିତତା ଭାବେ ପାରିଶ୍ରମିକ ପ୍ରଦାନ କରାଯାଇଛି। ସେହିପରି ଡେଲି ଲେବର ଭାଉଚରକୁ ଦେଖିଲେ ଜଣାପଡୁଛି ପ୍ରତି ଜଗୁଆଳୀଙ୍କୁ ୨୬ ଦିନ କାମ ପାଇଁ ୫୨୦୦ ଟଙ୍କା ପ୍ରଦାନ କରାଯାଇଛି ଯାହାକି ଜାଲିଆତି ବୋଲି ଜଣାପଡୁଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE — ବାଲାଜୀ ଫାଇନାନ୍ସ — 7325861595 — Mahaveer Nagar, Lewis Road, Bangalore

ସହଜ କିସ୍ତିରେ ଋଣ — ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ — ମୁଦ୍ରା ଫାଇନାନ୍ସ — 2% ସୁଧ - 50% ରିହାତିରେ — ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍ଚର, ବ୍ୟବସାୟ, ଗୃହ ଋଣ, ଟୁ-ହ୍ୱିଲର, ଗ୍ରୁପ୍ ଋଣ, ପଶୁ-ପାଳନ — Online ସୁବିଧା ଉପଲବ୍ଧ — 89291-25571, 89296-19951 — M.P. Nagar, Zone-1, Bhopal, Madhya Pradesh.

BUSINESS — ଗ୍ଲୋବାଲ ନେଟୱର୍କ କମ୍ପାନୀ — ଅଗ୍ରିମ - 70,00,000/-, ଭଡ଼ା - 70,000/- — Add : T-61, Yamuna Puri Ext. Delhi — Contact 7082322494

INDUS TOWER COMPANY PVT. LTD — DIGITAL — ଅଗ୍ରିମ: 70 ଲକ୍ଷ, ଭଡ଼ା: 40 ହଜାର — 082784-55157, 073761-01835 — ADDRESS: T-51, GAUTAMPURI, DELHI

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ — 2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ — ବାବା ଆମିଲ ସୁଫି — 7503449786, 8800979262

ASTROLOGY

CLASSIC FINANCE (Regd No -1125124) — 9532571946, 9455178069 — Lane No - 5, MG Road, Bangalore

ନବବର୍ଷର ଶୁଭ ଅବସରରେ — ଗ୍ଲୋବାଲ ଫାଇନାନ୍ସ ଲିଃ — ISO: 9001:2011 Regd. Company — 2% ସୁଧ 40% ରିହାତି — 7653848464 — H.No. 12, Sohana Distt. Mohali

SHINGHANIA TOWER — ଅଗ୍ରିମ 70,00,000/- — 45,000/- ଟଙ୍କା — R-25/8, Krishna Apartment, MG Road, Bengaluru, Karnataka 560076 — WhatsApp No 8887184570

ଗୁରୁ ସାହି ଖାନ୍ — 9818298397, 9953959390

ଶକ୍ତିର ଦେଖନ୍ତୁ ଚମତ୍କାର — 2 ଘଣ୍ଟାରେ 100% ସମାଧାନ — 7578028866 — ବାବା କବିର ଖାନ — 8527425449

CAPITAL FINANCE — CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ — Plot No-14/524, Chandini Chowk, Kolkata — 9992204863

BUSINESS — ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years — No. 751/3, Beleghata Main Road Kolkata - 700010, West Bengal, India — 7429717631

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ — 2 ଘଣ୍ଟାରେ 100% ସମାଧାନ — ବାବା ଅଲାଉଦ୍ଦିନ ବଙ୍ଗାଲି — 8376889657, 9971793786

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।

-ସକ୍ରେଟିସ୍

## ସଂକ୍ଷେପରେ

### ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ

**ଲୋଇସିଂହା,୨୪।୧(ଡି.ଏନ.ଏ.):** ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରଠାରେ ତ୍ରିବିଂଶତମ ବିଶ୍ୱଶାନ୍ତି ରାମଚରିତ ମାନସ ଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଫେବୃୟାରୀ ୨ରେ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଯଜ୍ଞାଚାର୍ଯ୍ୟ ଗୌରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା ପୁରୁଷ ଓ ଆୟୋଜକ କମିଟି ପକ୍ଷରୁ ନଅଗାଁ(ଖ)ରୁ ପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଶନିବାର ଓଡିଆ ଓ ହିନ୍ଦୀରେ ନବଦିନାତ୍ମକ ରାମଚରିତ ମାନସ ପାରାୟଣ ଆରମ୍ଭ କରାଯିବ। ଏତଦବ୍ୟତୀତ ଯଜ୍ଞ ଅବସରରେ ଚଣ୍ଡୀ ଯଜ୍ଞ, ନାମଯଜ୍ଞ ଓ ରାବଣଦରବାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଯାତ୍ରା ଅବସରରେ ମିନାବଜାର ପଡିଥିବା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। କମିଟି ସଭାପତି ଭକ୍ତବନ୍ଧୁ ନାୟକ, ଗଜାନ୍ଦ୍ର ଦଣ୍ଡସେନା, ବଳଦେବ ଭୋଇ ଓ ଆୟୋଜକ କିମିଟି ସଦସ୍ୟଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ରୁଗୀକୁ ନାଇଁ, ଭିଆଇପିକୁ ହଁ

**ଗୁଡ଼ଭେଲା, ୨୪।୧ (ଡି.ଏନ୍.ଏ.)**

### ଟୁଷୁରାରେ ଆମ୍ବୁଲେନ୍ସ ସେବା



- ଆମ୍ବୁଲାନ୍ସ ଲାଗି ପାଁଠି ନାଇଁ: ଚିକିତ୍ସା ଅଧିକାରୀ
- ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫୦ ଗାଁବାସୀ ନିରଭର କରୁଛନ୍

ବଲାଙ୍ଗୀର ଜିଲା ଟୁଷୁରା ଏନ୍‌ଏସିରେ ଥିବାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୁଗୀ ଆମ୍ବୁଲାନ୍ସ ସେବାରୁ ବଁଚିତ୍ ହେଉଥିଲାବେଲେ ଭିଆଇପିମାନକର ସେବାରେ ଲାଗୁଥିବାର ଅଭିଯୋଗ ହେଉଛେ। ଇ କେନ୍ଦ୍ରରେ ଗୁଟେ ୧୦୮ ଆମ୍ବୁଲାନ୍ସ ଆର ମହିଳା ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁକଁର ଦୁଆରା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଁଠିରୁ ଦିଆଯାଇଥିବାର ଗୁଟେ ଆମ୍ବୁଲାନ୍ସ ରହିଛେ। ହେଲେ ଦୁଇ ଆମ୍ବୁଲାନ୍ସରୁ ୧୦୮ଟା ସବୁବେଲେ ରୁଗୀକର କାମେ ଲାଗୁଥିଲାବେଲେ ଆରେଟା ପଡ଼ିପଡ଼ି ଖତ୍ ଖାଉଛେ। ହେଲେ ଟୁଷୁରା ଏରୋଡ୍ରାମ ଫିଲ୍ଡରେ ଯଦି କେହେନ୍‌ସି ଭିଆଇପି ଉତ୍‌ରୁଛନ୍ ସେ ସମିଆରେ ଡାକ୍‌ତରଖାନାରେ ଖତ୍ ଖାଉଥିବାର ଆମ୍ବୁଲାନ୍ସ ସଂଗେ ସଂଗେ ଜୀବନ୍ ପାଇ ସେବାରେ ହାଜର ହେଇଯାଉଥିବାର ଦେଖିବାକେ ମିଳୁଛେ। ଇ ଘଟନାକେ ନେଇ ସାଧାରନରେ ରୁଗୀକୁ ନାଇଁ ଭିଆଇପିକୁଁ ହଁ ବଲି ଚରଚା କରୁଛନ୍। ଟୁଷୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଂଚଲର ପାଖାପାଖି ୫୦ଟା ଗାଁର ଲୋକ୍ ନିରଭର କରୁଥିଲାବେଲେ ରୁଗୀମାନେ ଆମ୍ବୁଲାନ୍ସ ସେବା ନାଇଁପାଇ କରି ଭଡ଼ା ଗାଡ଼ିରେ ଭୁବନେଶ୍ୱର, କଟକ, ବୁର୍ଲା, ବଲାଙ୍ଗୀର ଜିଲା ମୁଖିଆ ଡାକ୍‌ତରଖାନାକେ ଯାଉଛନ୍। ଇଥିର ସୁଯୋଗ ନେଇ ଭଡ଼ା ଗାଡ଼ି ମାଲିକମାନେ ବି ମନଇଛା ଦର ନେଉଥିବାର କେତେ ରୁଗୀକର ଲାଗେଲେସରମାନେ ଅଭିଯୋଗ କରିଛନ୍। ଇଆଡ଼େ ଘରୋଇ ଗାଡ଼ିମାନକେ ଆମ୍ବୁଲାନ୍ସ ଲେଖେଁ ସୁବିଧା ନାଁଇଁନ। ଭଡ଼ା ଗାଡ଼ିରେ ରୁଗୀକେ ନେଲାବେଲେ ଠିକ୍‌ନା ସମିଆରେ ଚିକିତ୍ସା ସୁବିଧା ନାଇଁପାଇ କରି ଅଧାବାଟେ ରୁଗୀର ଜୀବନ୍ ପଲେଇଯାଉଥିବାର ଲେଖେଁ ଘଟନାର ନଜିର ରହିଛେ। ଇ ବାବ୍‌ଦେ ଟୁଷୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଲଲାଟେନ୍ଦୁ ନାୟକକୁଁ ପଚ୍‌ରାଲାରୁ ଆମ୍ବୁଲାନ୍ସ ଲାଗି କେହେନ୍‌ସି ପରକାର ପାଁଠିର ବେବସ୍‌ତା ନାଁଇଁନ। ଯେନ୍‌ଥିରଲାଗି ଏନ୍‌ତା ଅବେବସ୍‌ତା ହେଉଛେ ବଲି ସେ କହିଥିଲେ। ଇ ଦିଗେ ଜିଲାପାଳ ଆର ବିଭାଗୀୟ ଉଚ କତ୍ତୁରପକ୍ଷ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲର ବୁଧିଜୀବୀମାନେ ଦାବି କରିଛନ୍।

# ସିକନ୍ଦରାବାଦରେ ମହିଳା ଦାଦନଙ୍କ ମୃତ୍ୟୁ

### ଟଙ୍କା ଅଭାବରୁ ଗାଁକୁ ଆସି ପାରିଲାନି ମୃତଦେହ

**କୋମନା,୨୩।୧ (ଡି.ଏନ.ଏ.)**



ରଶ୍ମିଙ୍କ ଫାଇଲ ଫଟୋ ।

ନୂଆପଡା ଜିଲା କୋମନା ବ୍ଲକ ଧରମପୁର ଗାଁର ଜଣେ ମହିଳା ଦାଦନ ଖଟିବାକୁ ଯାଇ ସିକନ୍ଦରାବାଦରେ ମୃତ୍ୟୁବରଣ କରିଛନ୍ତି । ସେ ହେଲେ ରଶ୍ମି ପହରିଆ (୪୫)। ସୂଚନା ଅନୁସାରେ ଧରମପୁର ଗାଁର ରଶ୍ମି ପହରିଆ (୪୫) କିଛି ଦିନ ପୂର୍ବେ ବରଗଡ ଜିଲା ପାଇକମାଲ ଥାନା ବରତୁଣ୍ଡା ଗାଁର ସର୍ଦ୍ଦାର ଗୋବିନ୍ଦ ସୁନାନୀଙ୍କଠାରୁ ସ୍ୱାମୀ କୁଶରୁ ପହରିଆ (୪୭) ୪୦ ହଜାର ବଇନା ନେଇଥିଲେ। ଏହା ପରେ ସ୍ତ୍ରୀ ରଶ୍ମି ଓ ଝିଅ ଫୁଲମତି (୧୭) ଦହନା (୧୧) ମିଶି ସିକନ୍ଦ୍ରାବାଦ ସହରର ପଞ୍ଚମପୁଲି ଇଟାଭାଟିରେ କାମ କରିବାକୁ ଯାଇଥିଲେ। ସେଠାରେ ପହଞ୍ଚିବାର ଦୁଇ ଦିନ ପରେ ରଶ୍ମିଙ୍କୁ ଜ୍ୱର ହେବାରୁ ସ୍ଥାନୀୟ ପଞ୍ଚମପୁଲି ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ରଶ୍ମିଙ୍କୁ ରକ୍ତ ଆବଶ୍ୟକ ବୋଲି କହିଥିଲେ। କୁଶରୁ ଇଟାଭାଟି ମାଲିକ ପାଖକୁ ଯାଇ ରକ୍ତ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ରକ୍ତ ଦେବାକୁ କେହି ରାଜି ହୋଇ ନ ଥିଲେ। ଫଳରେ ଚିକିତ୍ସା ଓ ଟଙ୍କା ଅଭାବରୁ ରଶ୍ମିଙ୍କ ଚିକିତ୍ସା ହୋଇ ନ ପାରିବାରୁ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଇଟାଭାଟି ମାଲିକ ପୋଲିସକୁ ଖବର ଦେଇ ଶବ ବ୍ୟବଚ୍ଛେଦ ପାଇଁ ସିକନ୍ଦରାବାଦ ହସ୍ପିଟାଲକୁ ପଠାଇଥିଲେ। କୁଶରୁ ସ୍ତ୍ରୀଙ୍କ ମୃତ୍ୟୁରେ ଭାଙ୍ଗି ପଡିଥିଲେ। ଆର୍ଥିକ ଅବସ୍ଥା ଦୁର୍ବଳ ଥିବା ଯୋଗୁ ସ୍ତ୍ରୀଙ୍କ ମୃତଦେହ ଗାଁକୁ କେମିତି ନେବେ ସେ ନେଇ ପୁଅ ଦୁର୍ଯ୍ୟୋଧନଙ୍କୁ ଫୋନ କରି କହିଥିଲେ। ଖବର ପାଇ ପୁଅ ସିକନ୍ଦରାବାଦରେ ପହଞ୍ଚିଥିଲେ। ଟଙ୍କା ଅଭାବରୁ ମୃତଦେହ ଗାଁକୁ ଆଣିବା ସମ୍ଭବ ହୋଇ ନ ଥିଲା। ଫଳରେ ସେଠାରେ ମୃତଦେହ ପୋଡି ଦେଇ ଘରକୁ ଫେରିଥିଲେ। ଘଟଣା ନୁଆପଡା ଜିଲା ଧରମପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସ୍ଥାନୀୟ ଲୋକେ କୁଶରୁ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ବଲାଙ୍ଗୀର

**ଟିକ୍ରାପଡ଼ା,୨୪।୧(ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାରେ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବର୍ଷ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସଇଁନ୍ତଳା ବିଡିଓ ପ୍ରଦୀପ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ପରିଷଦ ସଭାପତି ଅକ୍ଷୟ ରଣା ଅଧକ୍ଷତା କରିଥିଲେ। ସମ୍ପାଦକ କରୁଣାସିନ୍ଧୁ ପସାୟତ ସଭା ସଂଯୋଜନା କରିଥିଲେ। ଆଇନଜୀବୀ ଟୁନୁ ରାଜପଲିଆ, ଝିଙ୍କିଡୁଙ୍ଗୁରୀ ସରପଞ୍ଚ ବଜରଙ୍ଗଲାଲ ଜୈନ, ଯୁରାବନ୍ଧ ସରପଞ୍ଚ କେତକୀ ଅମାତ, ବରିଷ୍ଠ ଫୁଟବଲ ଖେଳାଳି ଅରବିନ୍ଦ ସୁପକାର, ଶିକ୍ଷାବିତ ଚନ୍ଦ୍ରମଣି ସିଂଦେଓ, ସାମାଜିକ କର୍ମୀ ଦିଲୀପ ରାଜପଲିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ସତ୍ୟନାରାୟଣ ରାଜପଲିଆ ଅତିଥି ପରିଚୟ ଓ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ନକଟାସର ଦଳକୁ ୨–୦ ଗୋଲରେ ହରାଇ ବଲାଙ୍ଗୀର ଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପାଣ୍ଡେ, ଦେବରାଜ ନାହାକ, ପୁରୁଷୋତ୍ତମ ବୁଡେକ, ମଞ୍ଜୁ ବେହେରା, ଭକ୍ତବନ୍ଧୁ ପସାୟତ ଖେଳ ପରିଚାଳନା କରିଥିଲେ । ମନଧର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ବାରିପଦା ବନଖଣ୍ଡରେ ୮୧୫୭ ପକ୍ଷୀ

**ବାରିପଦା ଅଫିସ,୨୪।୧:** ଶୀତ ଋତୁରେ ମୟୂରଭଞ୍ଜ ଜିଲାକୁ ଦେଶ ବିଦେଶ ତଥା ବିଭିନ୍ନ ଅଞ୍ଚଳରୁ ଆସୁଥିବା ପକ୍ଷୀଙ୍କ ଗଣନା କାର୍ଯ୍ୟ ଗତ ୩ ଓ ୪ ତାରିଖ ଦୁଇଦିନ ଧରି କରାଯାଇଥିଲା। ବାରିପଦା ବନଖଣ୍ଡର ୭ଟି ବନାଞ୍ଚଳରେ ଗଣନା କାର୍ଯ୍ୟ ଶେଷ ହୋଇ ରିପୋର୍ଟ ପ୍ରସ୍ତୁତି ହୋଇଛି। ଚଳିତ ବର୍ଷ ଏହି ବନଖଣ୍ଡରେ ୮ ହଜାର ୧୫୭ ପକ୍ଷୀ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଗତ ବର୍ଷ ୮ ହଜାର ୬୮୧ ପକ୍ଷୀ ଥିଲେ। ଚଳିତ ବର୍ଷ ମୋଟ ୫୨୪ ଟି ପକ୍ଷୀ କମିଥିବା ବନଖଣ୍ଡ କାର୍ଯ୍ୟାଳୟ ରିପୋର୍ଟରେ ଉଲ୍ଲେଖ ରହିଛି। ସୂଚନା ମୁତାବକ, ବାରିପଦା ବନଖଣ୍ଡର ବେତନଟୀ ବନାଞ୍ଚଳର ୧୩ ଜଳାଶୟ, ଉଦଳା ବନାଞ୍ଚଳର ୩, ଦେଉଳି ବନାଞ୍ଚଳର ୪, ବାଙ୍ଗିରିପୋଷି ବନାଞ୍ଚଳର ୫, ବାରିପଦା ବନାଞ୍ଚଳର ୧୩, କପ୍ତିପଦା ବନାଞ୍ଚଳର ୨ ଓ ରାସଗୋବିନ୍ଦପୁର ବନାଞ୍ଚଳର ୫ ଟି ଜଳାଶୟରେ ପକ୍ଷୀ ଗଣନା କରାଯାଇଥିଲା।


**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା : ୨୪୭୫ ତା.୨୪.୦୧.୨୦୨୦

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି ଯେ, ଆସନ୍ତା **ତା.୦୧.୦୨.୨୦୨୦** ରିଖ ଠାରୁ **ତା.୧୬.୦୨.୨୦୨୦**ରିଖ ପର୍ଯ୍ୟନ୍ତ ଖଣ୍ଡଗିରି ଠାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଦୋକାନ / ଅପେରା ପାର୍ଟି / ମୀନା ବଜାର ଇତ୍ୟାଦି ନିମନ୍ତେ ସ୍ଥାନ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟବସାୟୀ / ଅନୁଷ୍ଠାନ ଉପ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ, ରେଣ୍ଟାଲ କଲୋନୀ ଭୁବନେଶ୍ୱରଙ୍କ ନିକଟରେ **ତା. ୨୮.୦୧.୨୦୨୦** ରିଖ ଅପରାହ୍ନ **ଘ.୫.୦୦ଟିକା** ମଧ୍ୟରେ ବିଗତ ବର୍ଷର ପୁରାତନ ରସିଦ୍‌ର କପି ଓ ପରିଚୟ ପତ୍ର ସହିତ ସାଧା କାଗଜରେ ଦରଖାସ୍ତ କରି ପାରିବେ। ମିଆଦ ଗତେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଉପ ଆୟୁକ୍ତ,(ଦକ୍ଷିଣ ପଶ୍ଚିମ ମଣ୍ଡଳ)
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

**COLLECTORATE, GANJAM, CHATRAPUR**
**(D.S.W.O. SECTION)**
Ph.#: 06811-263968, 262460, E-mail: dswoganjam@nic.in
No.: 325 Dt.: 22.01.2020

**Tender Call Notice for Printing & Supply of Nua Arunima Abhyasa Pustika - I & II for Pre-School Children at AWCs & Printing of Nua Arunima Hand Books for AWWs for Year 2019-2020**

Sealed tenders under two bid systems are invited from the reputed firms/agencies having valid PAN Card, GST for printing & supply of Nua Arunima Abhyasa Pustika - I & II for pre-school children at AWCs & Nua Arunima Hand Books for Anganwadi Workers. The tender documents containing detail specifications for the Nua Arunima Abhyasa Pustika - I & II & Nua Arunima Hand Books, quantity to be supplied with terms and conditions may be collected from the Office of DSWO, Ganjam on any working day by depositing Rs.5,000/- (Rupees five thousand) only in shape of D.D. (SBI) in favour of DSWO, Ganjam payable at Chatrapur or can be downloaded from Ganjam NIC website **(www.ganjam.nic.in)**. If downloaded, the quotation must be accompanied by Rs.5000/- Demand Draft in favour of DSWO Ganjam, Payable at Chatrapur. Quotation must be accompanied by D.D. of Rs.55,000/- (Rupees fifty five thousand) only towards E.M.D. The quotation must be sent only through Regd. Post/Speed Post to DSWO, Ganjam on or before **6th February - 2020 by 5 P.M.** during the working hours. The office will not be responsible for any postal delay. The quotation will be opened on **07.02.2020** in presence of the tender committee & tenderer or the representative of tenderer duly authorized by the tenderer at **11.00 A.M.** in the Office of Collector, Ganjam, Chatrapur. The sealed envelopes containing the quotation should be super-scribed with sealed "Printing and Supply of Arunima Abhyasa Pustika - I & II for Pre-School Children at AWCs & Printing of Nua Arunima Hand Books".
The tender notice along with terms & condition of the tender can be downloaded from Ganjam NIC website i.e. **www.ganjam.nic.in**.
The undersigned reserves the right to accept or reject any application without assigning any reason thereof.

**Sd./- Collector, Ganjam**

**OFFICE OF THE NOTIFIED AREA COUNCIL, GANJAM**
**N.A.C., Ganjam, Odisha-761026, Tel: 06811-254357,**
**E-mail: eo.nacganjam@gmail.com**

**Letter No. 131/NAC** **QUOTATION/TENDER CALL NOTICE** **Date: 22.01.2020**
Sealed tenders are invited from the interested reputed registered Transport agencies/ Suppliers/Service Providers/firms for supply of 02 Nos. of Light Commercial Vehicle- (TATA ACE/MAHINDRA MAXIMO/ASHOK LEYLAND DOST/PIAGGIO PORTER-700) including driver to this office for door to door collection of garbage from households inside NAC Ganjam Area which shall conform to the Terms and conditions for Official Use in Solid Waste Management. The details terms & condition and quotation paper may be obtained from the office during office hour or district website till dt. 03.02.2020- 5.00 PM.

**Sd./- Executive Officer, NAC Ganjam**

**OFFICE OF THE NOTIFIED AREA COUNCIL, RANPUR**

**No.96/ Dt. 24.01.2020**
**1ST CORRIGENDUM TO TENDER CALL NOTICE NO.75, DT.20.01.2020, E-Procurement Notice No. RNP NAC- 03/2019-20**
The last date of receipt of Bids in Portal and submission of original documents in this office are hereby extended to 11.02.2020 and 13.02.2020 instead of dt. 04.02.2020 and dt. 06.02.2020 respectively. Secondly the date of opening of Bid is dt. 14.02.2020 instead of dt. 07.02.2020. All other terms and conditions remain unchanged.

**Sd./- Executive Officer, N.A.C., Ranpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH**
No.O-877 :- **e-Procurement**
**Identification No. Online Tender 10/GJP/2019-20**

| | | | |
|---|---|---|---|
| 1. | Name of the work | : | Road works |
| 2. | Total No. Work | : | 5 (Five) Nos Building Works |
| 3. | Estimated Cost | : | Rs. 12.70 lakhs to Rs. 24.75 lakhs |
| 4. | Class of Contractor | : | C' & 'B' 'and D' & 'C' Class Contractor (as applicable) |
| 5. | Period of Completion | : | Furnished in Annexure |
| 6. | Availability of Tender Online for bidding | : | 31.01.2020 at 10.00 AM to 14.02.2020 upto 5.30 PM |
| 7. | Date and Time of Opening of Tender | : | 18.02.2020 at 11.30 AM |
| 8. | Place of Opening | : | As per Annexure |

Further details can be seen from the Website **www.tenderorissa.gov.in**

**EXECUTIVE ENGINEER**
**R.W. DIVN.GAJAPATI**
25158/11/0011/1920

Your classified advertisement published in Dharitri will be listed free in Dharitri online edition : **dharitriepaper.in**

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
Tel. No- 06766-258301 (O) e-mail: se_nerwkjr@rediffmail.com
No. O-909

***"e" Procurement Notice for Bridge Work***
**Identification No.- Bridge Online NCB No.272**
No. **236** // Date: **22-01-2020**

1. Name of the work :- **Construction of bridge over Local Nallah at 7th Km. on Gundala to Tana road under OMBADC in the District of Keonjhar.**
2. Total No. of work :- **01** (One) No.
3. Estimated Cost :- **As per Annexure** (Approximately).
4. Eligible Class of Contractor : - **As per Annexure**
5. Period of Completion :- **12** (Twelve) calendar months.
6. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Bridge Online NCB. No.272 | Dt.28.01.20 at 11.00 AM | Dt.13.02.20 upto 3.00 PM | Dt.12.02.20 upto 3.00 PM | Dt.14.02.20 at 11.00 AM | Dt.19.02.20 at 11.00 AM |

- **Further details can be seen from the website: www.tendersorissa.gov.in**

**Sd/- (P.K. Misra)**
Superintending Engineer,N.E.R.W. Circle, Keonjhar.
25048/11/0008/1920

**idco** ODISHA NEW OPPORTUNITIES No. CAD-870

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
**Tender Call Notice No.**
BBSR/Elect/B-4019/18-19/220 Dt. 21-01-2020
**NOTICE INVITING TENDER UNDER NATIONAL COMPETITIVE BIDDING THROUGH E-PROCUREMENT**
Name of the Work : Street Lighting arrangements from Main gate to Academic Block-I inside the Campus of the Government College of Engineering Keonjhar.

| Procurement officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-27/ 19-20 | 27.01.2020 at 12.00 Hrs. | 05.02.2020 at 17.00 Hrs. |

Further details can be seen from the e-procurement protal: **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect)**
**IDCO, Bhubaneswar**
14003/11/0050/1920

**GOVERNOR'S SECRETARIAT, ODISHA**
**RAJ BHAVAN, BHUBANESWAR-751008**
**No. 34/ SG(HH) dated 21st Jan, 2020**
**QUOTATION CALL NOTICE**

**No.YY-03:-** Separate sealed quotatinos in respect of the items/articles mentioned against each serial No. (as per the following details) in official letter pad are invited from the interested Registered Firms/ Authorized Distributors/ Authorized Stockist/ Authorized Dealers located at Bhubaneswar and Cuttack having valid PAN card and GSTIN or Manufacturers for supply of the following to Raj Bhavan, Bhubaneswar for supply of the articles like crockery, stainless steel cutlery, casserole, small thermos flask / thermos jug, table coaster, dining table place mats with runner, woolen blankets with removable covers, white bed sheets with matching pillow covers, pillows, towels of different sizes, foldable cots/beds with or without wheels and mattress, Chafing Dish, bufft dish card holder stand, Microwave oven, Mixture-Grinder-Juicer, LED Color Television, etc. to Raj Bhavan, Odisha, Bhubaneswar.
The details of this quotation call notice is available in the website **http://www.rajbhavanodisha.gov.in**.

**Sd./- Comptroller,**
**Governor's Household**

**GOVERNOR'S SECRETARIAT, ODISHA**
**RAJ BHAVAN, BHUBANESWAR-751008**
**No. 33/ SG(HH) dated 21st Jan, 2020**
**QUOTATION CALL**

**For repair/ maintenance/ polishing & upholstery of furniture items (Wooden, Glass) and other related miscellaneous items of furniture and other Carpentry work in the Raj Bhavan (Governor House) at Bhubaneswar and Puri.**
SEALED Quotations are invited in a single bid system from firms dealing in maintenance/ repairing, polishing of various furniture items, change of upholstery of sofa sets/ visitor chairs and other miscellaneous furniture items in the Raj Bhavan at Bhubaneswar and Puri for a period up to **31.03.2021**.
The details of this quotation call notice is available in the website **http://www.rajbhavanodisha.gov.in**.

**Sd./- Comptroller,**
**Governor's Household**
40002/11/0003/1920

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**E-PROCUREMENT NOTICE**
**NIT No. 13/E-PROC/OMC/MAT/2020** **Dated. 24.01.2020**

| | | |
|---|---|---|
| 1 | Name of the work | NIT for supply and Installation of Networking materials & Commissioning of Network system at Head Office, OMC Limited, Bhubaneswar. |
| 2 | Availability of bid document in Govt. Portal | 27.1.2020 after 5.00 P.M. |
| 3. | Pre-bid meeting | 04.2.2020 at 11.00AM |
| 4. | Last date for sending queries to OMC | 03.2.2020 up to 05:00PM |
| 5. | Uploading of final tender schedule | 06.2.2020 up to 05:00PM |
| 6 | Last date of online submission of tender in Govt. portal | 24.2.2020 up to 05.00P.M. |
| 7 | Submission of EMD | The bidder has to deposit Rs.2,00,000.00(Two Lakh) only as EMD through on line as available in www.tendersodisha.gov.in |
| 8. | Submission of tender paper cost | The bidder has to deposit Rs.5,900.00(Five thousand Nine Hundred) including applicable GST@18% only as tender paper cost through online as available in www.tendersodisha.gov.in |
| 9 | Date of opening of Techno-commercial Bid | 25.2.2020 at 11:00AM. |
| 10 | Date of opening of Price- Bid | Shall be intimated through uploading in e-portal. |

All other details can be seen from the tender document available at Govt. web site www.tendersodisha.gov.in & in OMC website i.e. www.omcltd.in.
The agencies who have failed to execute the previous Purchase Order/LOI of OMC, they shall be not eligible to participate in the tender.
OMC reserves the right to reject any or all tenders without assigning any reason thereof.

Sd/24.1.2020
GENERAL MANAGER (MAT)
30005/11/0124/1920 No. CAD-873

**ORISSA STATE AIDS CONTROL SOCIETY (OSACS)**
**(Department of Health & Family Welfare), Government of Odisha**
**No. 280/OSACS** **Dated: 24.01.2020**

**NOTICE INVITING QUOTATION ON N.S. METHOD**

Orissa State AIDS Control Society (OSACS) invites sealed tenders from different firms/dealers having valid GST Registration Certificate & uptodate GST return for supply of the Office Stationeries to OSACS Head Office, Bhubaneswar. The detailed terms and conditions along with list of items are available in the website of **www.odisha.gov.in** & **www.osacs.nic.in** which can be downloaded for use. Interested parties may submit their tender super-scribing as **"Tender for Office Stationery for 2019-20"** to the undersigned through Speed Post/Registered Post/Courier service only which should reach on or before 3.30 P.M. of 14.02.2020 positively and the same will be opened at 4.00 P.M. of the same date. The undersigned reserves the right to reject any or all the tender without assigning any reason thereof.

**Sd./- Additional Project Director**
**Orissa State AIDS Control Society**
**(Department of Health & Family Welfare), Govt. of Odisha**
**2nd Floor, Oil Orissa Building, F-Nayapalli, Bhubaneswar-12**

**2nd Floor, Oil Orissa Building, Nayapalli, Bhubaneswar, Ph.: (0674) 2395415/2393235, Fax: 2394560**
**E-mail: sacorissa@sify.com, orissasacs@gmail.com, sacs_orissa@nacoindia.org**

ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ



ଟାଙ୍ଗୀ(ଖୋର୍ଦ୍ଧା),୨୪।୧(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣର ମାନସିଂହପୁର ଗ୍ରାମ ଗୋପବନ୍ଧୁ ସାହିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାଗ୍ରସ୍ତ ସ୍ୱାମୀ ପିଟି ପିଟି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏ ନେଇ ମୃତା ମହିଳାଙ୍କ ବାପଘର ଲୋକେ ଅଭିଯୋଗ ପରେ ପୋଲିସ ୨୦/୨୦ରେ ହତ୍ୟା ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ୧୫ ବର୍ଷ ପୂର୍ବେ ଗ୍ରାମର ବନମାଳୀ ବେହେରା ପୁରୀ ଜିଲା କଣାସ ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଜାଗୁଲେଇପଦର ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ବଡଝିଅ ବୁଲିଙ୍କୁ ବିବାହ କରିଥିଲେ। ତାଙ୍କର ୯ବର୍ଷର ପୁଅ ଓ ୭ ବର୍ଷର ଝିଅ ରହିଛି। ବନମାଳୀ ଅଧିକାଂଶ ସମୟରେ ନିଶା ସେବନ କରି ଘରକୁ ଆସୁଥିଲେ। ଗୁରୁବାର ରାତିରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି କୌଣସି କାରଣରୁ ସ୍ତ୍ରୀଙ୍କୁ ପିଟି ପିଟି ଲହୁଲୁହାଣ କରି ଦେଇଥିଲେ। କିଛି ସମୟ ମଧ୍ୟରେ ବୁଲିଙ୍କର ମୃତ୍ୟୁ ଘଟିଥିଲା। ପରେ ହତ୍ୟାକାରୀ ସ୍ୱାମୀ ବନମାଳୀ ଘରେ ତାଲା ପକାଇ କୁଆଡେ ଫେରାର ହୋଇଯାଇଥିଲେ। ଖବର ପାଇ ବୁଲିଙ୍କ ବାପଘର ଲୋକେ ମାନସିଂହପୁରରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ସେମାନେ ଏ ନେଇ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ପଠାଯାଇଥିବା ବେଳେ ବନମାଳୀ ଫେରାର ଥିବା ଜଣାପଡିଛି।

# ଏନ୍‌ଏବିଏଲ୍ ସହିତ ସହବନ୍ଧିତ ହେବ ସରକାରୀ ମେଡିକାଲ

**ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା**

**ଆରମ୍ଭ ହେଲା ବିଏସ୍‌କେୱାଇ କାଉଣ୍ଟର**

କଟକ ଅଫିସ,୨୪।୧

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ତତ୍ପରତା ଜୋର ଧରିଛି। ବୁଧବାର ଭୋରରୁ ୫-ଟି ସଚିବ, ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଗସ୍ତ କରି ସମୀକ୍ଷା କରିବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ଏସ୍‌ସିବି ମେଡିକାଲ ଆସିଥିଲେ। ମେଡିକାଲ କଲେଜ ପ୍ରିନ୍ସିପାଲଙ୍କ ସମ୍ମିଳନୀ କକ୍ଷରେ ସଚିବ ଧଳ ମେଡିକାଲର ସମସ୍ତ ବିଭାଗୀୟ ମୁଖ୍ୟ ପ୍ରଫେସରଙ୍କ ସହିତ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ଡିଏମ୍‌ଇଟି ପ୍ରଫେସର ସିବିକେ ମହାନ୍ତି, ପ୍ରିନ୍ସିପାଲ ପ୍ରଫେସର ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ସରୋଜ ସାହୁ ଓ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ନିର୍ଯାସ ଅନୁଯାୟୀ, ଏସ୍‌ସିବି ସମେତ ରାଜ୍ୟର ଅନ୍ୟ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକୁ ଏନ୍‌ଏବିଏଲ୍ (ନ୍ୟାଶନାଲ ଆକ୍ରିଡେଶନ ବୋର୍ଡ ଫର ଲାବରେଟୋରିଜ୍) ସହିତ ସହବନ୍ଧିତ କରାଯିବ। ମେଡିକାଲ କଲେଜଗୁଡ଼ିକରେ ହେଉଥିବା ବିଭିନ୍ନ ପରୀକ୍ଷା ନିରୀକ୍ଷାର ଗୁଣାତ୍ମକ ମାନ ଠିକ୍ ରହୁଛି କି ନାହିଁ ତା'ର ନିର୍ଦ୍ଧାରଣ ଉକ୍ତ ସଂସ୍ଥା କରିବ। ଏହାବାଦ କେତେଗୁଡ଼ିଏ ପରୀକ୍ଷା ନିମନ୍ତେ ଆବଶ୍ୟକ କରୁଥିବା ଯନ୍ତ୍ରପାତିର ଦାମ୍ ବହୁତ ଅଧିକ ରହୁଛି। ମାତ୍ର ଉକ୍ତ ପରୀକ୍ଷାର ଆବଶ୍ୟକତା ଯଥେଷ୍ଟ କମ୍ ରହୁଛି। ତେଣୁ ଏ କ୍ଷେତ୍ରରେ ସରକାର ଅଯଥା ଖର୍ଚ୍ଚାନ୍ତ ନ ହୋଇ ମେଡିକାଲଗୁଡ଼ିକରୁ ରୋଗୀଙ୍କଠାରୁ ସାମ୍ପୁଲ ସଂଗ୍ରହ କରି ଉକ୍ତ ସଂସ୍ଥା ଜରିଆରେ ପରୀକ୍ଷା କରାଇବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଏସ୍‌ସିବି ମେଡିକାଲର ବିଭାଗୀୟ ମୁଖ୍ୟମାନଙ୍କୁ ଆର୍ଥିକ କ୍ଷମତା ଦେବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାବାଦ ଗୋଟିଏ ଛାତ ତଳେ କିଭଳି ସମସ୍ତ ରୋଗର ଚିକିତ୍ସା ସମ୍ଭବ ହୋଇପାରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ମେଡିକାଲର ମାନବ ସମ୍ବଳ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅନୁଯାୟୀ ବର୍ତ୍ତମାନର ରୋଗୀ ଭାର ଅନୁପାତରେ ନର୍ସିଂ ଷ୍ଟାଫଙ୍କ ଆବଶ୍ୟକତା ୨୩୫୩ ଥିବାବେଳେ ୮୯୪ ଜଣ ଥିବା ଜଣାପଡ଼ିଛି। ସେହିପରି ଗ୍ରୁପ ଡି' କର୍ମଚାରୀଙ୍କ ଆବଶ୍ୟକତା ୩୯୨୧ ଥିବାବେଳେ ବର୍ତ୍ତମାନ ସ୍ଥିତିରେ ୯୬୬ ଥିବା ଜଣାପଡ଼ିଛି। ଏହାବାଦ ଅନେକ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ପଦବୀ ଫାଙ୍କା ପଡ଼ିଥିବାବେଳେ ସେଗୁଡିକ ପୂରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶୁକ୍ରବାରଠାରୁ ମେଡିକାଲର କାଜୁଆଲ୍ଟି ସାମ୍ନା (ଆଞ୍ଚଳିକ ନିଦାନ କେନ୍ଦ୍ର ପରିସରରେ) ଏକ ବିଏସ୍‌କେୱାଇ କାଉଣ୍ଟର ଖୋଲିଛି। ଆଗାମୀ ଦିନରେ ମେଡିକାଲର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ କାଉଣ୍ଟର ଖୋଲିବ ବୋଲି ବ୍ୟବସ୍ଥା କରାଯାଇଛି। ରୋଗୀମାନେ ଏଣିକି ସରକାରୀ ସହବନ୍ଧିତ ଔଷଧ ଦୋକାନକୁ ନ ଯାଇ ୨୪ଘଣ୍ଟିଆ କାର୍ଯ୍ୟକ୍ଷମ ହେବାକୁ ଥିବା ଏହି କାଉଣ୍ଟରରୁ ସମସ୍ତ ପ୍ରକାର ଔଷଧ ଓ ଉପକରଣ ପାଇପାରିବେ।

# ବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଢେଙ୍କାନାଳ ଅଫିସ, ୨୪।୧

ଢେଙ୍କାନାଳ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଶୁକ୍ରବାର ୨୦୧୬ରେ ସଂଘଟିତ ଏକ ନାବାଳିକା ବଳାତ୍କାର ଏବଂ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ରାଜକିଶୋର ମହାପାତ୍ର ମାମଲାର ଅଭିଯୁକ୍ତ ଶିବାନନ୍ଦ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପୋକ୍‌ସୋ ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାଁ ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଜାନୁୟାରୀ ୨୪ ରାତି ପ୍ରାୟ ୯ଟାରେ ଭୁବନ ଥାନା ମାଲୁଆଗୋଡ଼ା ଗ୍ରାମର ସମ୍ପୃକ୍ତା ୧୦ ବର୍ଷୀୟା ନାବାଳିକା ନିଜ ଭାଇଙ୍କ ସହ ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିଲେ। କିଛି ସମୟରେ ପରେ ତାଙ୍କ ଭାଇ ଘରକୁ ଫେରିଥିଲେ। ହେଲେ ନାବାଳିକାଙ୍କ ଖୋଜଖବର ମିଳି ନ ଥିଲା। ଘଟଣା ପରଦିନ ତାଙ୍କ ମୃତଦେହ ଗ୍ରାମର ଜଣେ ବ୍ୟକ୍ତିଙ୍କ ପାଳଗଦା ପାଖରୁ ଠାବ କରାଯାଇଥିଲା। ହେଲେ ଘଟଣା ସମ୍ପର୍କରେ ପୋଲିସକୁ ଅବଗତ ନ କରାଇ ପରିବାର ଲୋକେ ପୋତି ଦେଇଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ତଦନ୍ତରୁ ନାବାଳିକାଙ୍କୁ ବଳାତ୍କାର ପରେ ସେ ପିନ୍ଧିଥିବା ପୋଷାକରେ ତଣ୍ଟିଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏ ନେଇ ନଂ. ୧୮/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ ଶିବାନନ୍ଦଙ୍କୁ ଗିରଫ କରିଥିଲା। ତତ୍କାଳୀନ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଘଟଣାର ତଦନ୍ତ କରିଥିଲେ। ପଚରାଉଚୁରା ପରେ ଶିବାନନ୍ଦ ଦୋଷ ସ୍ୱୀକାର କରିଥିଲେ। ମାମଲାର ସିଟି ସ୍ପେଶାଲ (ପୋକ୍‌ସୋ) କେସ୍ (ନଂ. ୮/୧୬) ଅନୁଯାୟୀ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ଅନ୍ୟାନ୍ୟ ତଥ୍ୟ ଆଧାରରେ ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଏହି ରାୟ ଶୁଣାଇଛନ୍ତି।



କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଓ ଅନ୍ୟ ଅଧିକାରୀମାନେ ଶୁକ୍ରବାର କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି।

# ପଦୋନ୍ନତି ଅଦାଲତ: ହସ୍ତଗତ ହେଲାଣି ୮୯୦୯ ଆବେଦନ

- ୧ମ ପର୍ଯ୍ୟାୟରେ ୨୨୭୩ର ବିଚାର
- ୨ୟ ପର୍ଯ୍ୟାୟ ଅଦାଲତ ଫେବୃୟାରୀ ୨୭, ୨୮, ୨୯

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଚଳିତ ମାସ ୨୮,୨୯ ଏବଂ ୩୧ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଗତବର୍ଷ ଡିସେମ୍ବର ୩୧ ସୁଦ୍ଧା ଯେଉଁ କର୍ମଚାରୀ ପଦୋନ୍ନତି ପାଇବାକୁ ଯୋଗ୍ୟ ହୋଇସାରିଛନ୍ତି, ସେମାନଙ୍କ ପାଇଁ ଏହା ଉପାଦେୟ ହେବ। ପଦୋନ୍ନତି ପାଇଁ ନିଜ ନିଜର ଯୋଗ୍ୟତା ସମ୍ପର୍କିତ ଆବେଦନ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଗତ ୨୩ ତାରିଖ(ଗୁରୁବାର)ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ୮୯୦୯ ପଦୋନ୍ନତି ଆବେଦନ ସାଧାରଣ ପ୍ରଶାସନ ବିଭାଗର ହସ୍ତଗତ ହୋଇଥିବା ଜଣାପଡ଼ିଛି। ଏଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୨୭୩ ଗୋଟି ଆବେଦନକୁ ବିଚାର କରାଯିବ। ଆସନ୍ତା ୨୮,୨୯ ଏବଂ ୩୧ରେ ଏହି ଆବେଦନକୁ ଯାଞ୍ଚ କରାଯିବା ସହ ଆବଶ୍ୟକ ନିର୍ଦ୍ଦେଶ ଦିଆଯିବ। ଏହି ସମସ୍ତ ଆବେଦନର ଇ-ମେଲ୍‌ରେ ପ୍ରାପ୍ତି ସ୍ୱୀକାର କରାଯିବା ସହ କେଉଁ ତାରିଖରେ ବିଚାର କରାଯିବ, ସେ ନେଇ ଜଣାଇ ଦିଆଯାଇଛି। ପଦୋନ୍ନତି ଅଦାଲତ ନିଜ ସମ୍ପର୍କିତ ଦାବି ଉପସ୍ଥାପନ ସମୟରେ କର୍ମଚାରୀମାନେ ଏହି ପ୍ରାପ୍ତି ସ୍ୱୀକାରର ଏକ ନକଲ ଆଣିବାକୁ ନିର୍ଦ୍ଦେଶ ରହିଛି। ପଦୋନ୍ନତି ସମ୍ପର୍କିତ ସମସ୍ତ ଆବେଦନ ସାଧାରଣ ପ୍ରଶାସନର ବିଭାଗୀୟ ୱେବସାଇଟ୍‌ରେ ଉପଲବ୍ଧ ହେଉଛି। ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାପ୍ତି ସ୍ୱୀକାର କରାଯାଇ ନାହିଁ, ସେମାନଙ୍କ ଆବେଦନ ପରବର୍ତ୍ତୀ ସମୟରେ ବିଚାର କରାଯିବ। ଆସନ୍ତା ଫେବୃୟାରୀ ୨୭, ୨୮ ଏବଂ ୨୯ରେ ପୁନଶ୍ଚ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



'କୃଷି ଓଡ଼ିଶା-୨୦୨୦'ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ କୃତୀ କୃଷକ ଉତ୍ପାଦକ ସଙ୍ଗଠନକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା, ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲ, କୃଷି ବିଭାଗ ସଚିବ ସୌରଭ ଗର୍ଗ ସମ୍ମାନିତ କରୁଛନ୍ତି।

# 'ମାଟିର ସୁରକ୍ଷା ଜରୁରୀ'

**'କୃଷି ଓଡ଼ିଶା-୨୦୨୦' ଉଦ୍‌ଯାପିତ**

- ଜୈବିକ ସାର ପ୍ରୟୋଗ କରିବାକୁ ରାଜ୍ୟପାଳଙ୍କ ପରାମର୍ଶ
- କୃଷି ଶିଳ୍ପୋଦ୍ୟୋଗୀଙ୍କ ସହ ସରକାରଙ୍କ ଆଲୋଚନା

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ପ୍ରାକୃତିକ ଦୁର୍ବିପାକ ଏବେ ଆମର ଚିର ସହଚର ପାଲଟି ଯାଇଛି। ବାତ୍ୟା, ସୁନାମି, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ଦୁର୍ବିପାକ ସାମାଜିକ ଓ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଏସବୁ ବିପତ୍ତି ପାଇଁ ଆମେ ସମସ୍ତେ ଦାୟୀ। ଏବେ ଚାରିଆଡ଼େ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ଚାଷ ଜମି ମଧ୍ୟ ପ୍ରଦୂଷଣ କବଳରୁ ମୁକୁଳି ପାରିନି। ତେଣୁ ପ୍ରଦୂଷଣର ମାତ୍ରା କିପରି କମିବ ସେଥିପାଇଁ ସମସ୍ତେ ସଚେତନ ହେବାର ସମୟ ଆସିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୦' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଟିକୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଚାଷ ଜମିରେ ବହୁଳ କୀଟନାଶକ ଏବଂ ରାସାୟନିକ ସାର ବ୍ୟବହାର ହେଉଥିବାରୁ ମାଟି ବିଷାକ୍ତ ହୋଇଯାଇଛି। ଏହା କେବଳ ଚାଷୀ ପାଇଁ ନୁହେଁ, ସମଗ୍ର ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି। ଚାଷ ଜମିରେ ସୁନାର ଫସଲ ଫଳେଇବାକୁ ହେଲେ ମାଟିକୁ ପ୍ରଥମେ ସୁରକ୍ଷିତ ରଖିବାକୁ ପଡ଼ିବ। ଚାଷ ଜମିରେ ଜୈବିକ ସାର ପ୍ରୟୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରି କହିଥିଲେ ଯେ, ଉନ୍ନତମାନର ଜ୍ଞାନକୌଶଳ, ଉନ୍ନତମାନର ବିହନ ଓ ସାର ଏବଂ କୃଷି ଯନ୍ତ୍ରାଂଶ ବ୍ୟବହାର କରି ଚାଷ କଲେ ଚାଷୀ ଅଧିକ ଲାଭ ପାଇବ। କୃଷି ଓଡ଼ିଶାରେ ଯେଉଁ ଚାଷୀ ଭାଇଭଉଣୀମାନେ ସାମିଲ ହୋଇଥିଲେ ସେମାନେ ନିଜ ଅଞ୍ଚଳର ଅନ୍ୟ ଚାଷୀଙ୍କୁ ଲାଭଜନକ ଚାଷ କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ। ଅଧିକରୁ ଅଧିକ ଶିକ୍ଷିତ ଯୁବକ ଚାଷ କ୍ଷେତ୍ରକୁ ଆସିଲେ, ଓଡ଼ିଶା କୃଷି କ୍ଷେତ୍ରରେ ଅନ୍ୟ ରାଜ୍ୟକୁ ଦିଗ୍‌ଦର୍ଶନ ଦେବ। ଉତ୍ସବରେ ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ବିଶେଷକରି ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି ଉପରେ ଚାଷୀମାନଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ। କମ୍ ଜମିରେ କିପରି ଅଧିକ ଉତ୍ପାଦନ ହୋଇପାରିବ ତାହା ହିଁ ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ସଫଳ ଚାଷୀ ଓ କୃତୀ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର କୃଷି ଶିଳ୍ପୋଦ୍ୟୋଗୀଙ୍କ ସହ ରାଜ୍ୟ ସରକାର ଆଲୋଚନା କରିଥିଲେ। ଏହାସହ 'ଷ୍ଟାର୍ଟ ଅପ୍' ମିଟ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଷ୍ଟାର୍ଟଅପ୍ ସଂସ୍ଥା ସାମିଲ ହୋଇଥିଲେ। ପ୍ରତିଦିନ ପରି ଶୁକ୍ରବାର ମଧ୍ୟ ଦୁଇଟି ଶୀର୍ଷକକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ 'ଋତୁକାଳୀନ ଉତ୍ପାଦନ ଓ ଆୟ ବୃଦ୍ଧି ସଂରକ୍ଷିତ ଚାଷ' ଏବଂ ଦ୍ୱିତୀୟ ଅଧିବେଶନରେ 'ଜଳବାୟୁ ସମ୍ବେଦନଶୀଳତା ଓ ଜଳବାୟୁ ନିରୋଧୀ କୃଷି' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ବାମଣ୍ଡା ବାୟୋଟେକର ନିର୍ଦ୍ଦେଶକ ନିରଞ୍ଜନ ପ୍ରଧାନ, ଢେଙ୍କାନାଳ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ଓ ଓୟୁଏଟି ଫଳଚାଷ ଏବଂ ଭୂ-ନିର୍ମାଣ ବିଭାଗର ମୁଖ୍ୟ ଡ. ଶଶିକଳା ବେଉରା ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଆଇଆଇଡବ୍ଲ୍ୟୁଆର ବୈଜ୍ଞାନିକ ଡ. ଆତ୍ମାରାମ ମିଶ୍ର ଓ କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଅମରେଶ କୁମାର ଯୋଗ ଦେଇଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ତୁରନ୍ତ ଆବଶ୍ୟକ
କୁଳାଡ଼ ଅନୁଗୋଳସ୍ଥିତ ଫ୍ୟାସନ ବୁଟିକ୍‌ରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଓ ସିଲେଇ ସହାୟକ ଆବଶ୍ୟକ।
ଦରମା ଅଭିଜ୍ଞତା ଅନୁସାରେ
ଯୋଗାଯୋଗ: 7735732645

URGENT REQUIRED
A Guest House required following experience staffs only.
- Tourist Car Driver -5 Nos. (License with heavy badge)
- Accountant-cum-Cashier -1 No.
- Receptionist- -1 No (M/F).
- House Keeper -1 No.
Contact:- 9938329002
(11 AM to 4 PM)

ଆବଶ୍ୟକ
A Division of Furniture & Timber Unit.
ଡ୍ରାଇଭର- 2 Nos.
MANAGER - 2 Nos.
Qualification : Any Graduate.
Contact : 9692676868

ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ (Married).
ଯୋଗାଯୋଗ: 9937203178

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମର୍ଡଣ୍ଡ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ, ଗୁଜୁରାଟ
9157012447, 9157312448

PART / FULL TIME
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
9777010045

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ।
ଯୋଗ୍ୟତା: 10th/ above. ବୟସ: (18-35)yrs. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

WANTED
Sales Man for Dhenkanal Hindustan Jewellers, age must be 30-35. Walk-In-Interview with your Bio-data at HINDUSTAN JEWELLERS, Bhubaneswar, 27.01.2020 & 28.01.2020, time 11 A.M. to 5 P.M. Please Contact No.
9437033691

SHREE SAI ASHRIBAD ENTERPRISES
DEALS IN AGARBATI AND ALL CHEMICAL PRODUCTS REQUIRES DISTRIBUTORS & MARKETING EXECUTIVES FOR ALL DISTRICTS OF ODISHA.
Contact : 9938512002, 8106029138

Officially Staff
For BBSR, CTC, Berhampur, Puri .
Qualification 10th above.
Salary upto Rs.25,000/-
M-9938699963

WANTED
Male Candidate having knowledge of computer typing and internet to work in xerox and internet shop.
Salary Rs.7500 to 10000
Walk-in with Bio-data
PRUDENT ONLINE, Badambadi
New Lic Colony, Cuttack-753012
Mob: 9337273594

ମାର୍ବଲ ଦୋକାନ ପାଇଁ ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ।
ଭୁବନ, ଢେଙ୍କାନାଳ।
ଦରମା: ୧୦,୦୦୦ ରୁ ୧୫,୦୦୦ ଟଙ୍କା
ମାର୍ବଲ ମାର୍କେଟିଙ୍ଗ୍‌ରେ ୨ବର୍ଷର ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
ଯୋଗାଯୋଗ: 9777339411, 8895455851

REQUIRED
Marketing Executive and Delivery Boy for Hardware Materials Company at Bhubaneswar.
Apply with C.V. in yashviagencies@hotmail.com
Contact No. 9090098989

BANABASI SEVA SAMITI, DANGARIGUDA ( KALAHANDI) BRANCH
Ph. 06846-243637, Web : www. banabasi.org
WANTED : Superintendent, Counselor, Child Welfare Officer, Paramedical Staff, Store Keeper-cum-Accountant for Children's Home (CCIs),Dangariguda, Kalahandi. Details may be download from website : www.banabasi.org
Last Date for submission of Application: 4.02.2020 (5 PM)
Sd/- Secretary

ଭୁବନେଶ୍ୱରଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ପୁରୁଷ ସ୍ୱାସ୍ଥ୍ୟ ସହାୟକ (Male Medical Attendant) ଆବଶ୍ୟକ। ନିମ୍ନଲିଖିତ ଦୈନନ୍ଦିନ କାର୍ଯ୍ୟରେ ସହାୟତା କରିବା ସହାୟକଙ୍କ ଦାୟିତ୍ୱ ହେବ - ଯଥା ସ୍ନାନ, ଶୌଚ, ହ୍ୱିଲ୍-ଚେୟାର୍‌ରେ ଘର ଭିତରେ ଚଳପ୍ରଚଳ କରାଇବା, ଖାଦ୍ୟ, ପାଣି ଓ ଔଷଧ ସେବନରେ ସାହାଯ୍ୟ କରିବା ଇତ୍ୟାଦି ।
କାର୍ଯ୍ୟ ସମୟ: ସକାଳ ୮ରୁ ସନ୍ଧ୍ୟା ୮ (ସୋମ-ଶନି), ସକାଳ ୮ରୁ ଦିନ ୧୨ (ରବି)
କାର୍ଯ୍ୟ ସ୍ଥାନ : ୟୁନିଟ୍ ୯, ଭୁବନେଶ୍ୱର
ସହାୟକ ଅତି କମ୍‌ରେ ମାଟ୍ରିକ ପାସ୍ କରିଥିବା ଆବଶ୍ୟକ। ଇଂରାଜୀରେ ମୌଳିକ ଦକ୍ଷତା ଓ ମୋବାଇଲ ଫୋନ୍‌ରେ ଖବର ପଠାଇବାର ସାମର୍ଥ୍ୟ ରହିଥିବା ଉଚିତ। ନର୍ସିଂ କିମ୍ବା ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଲିମପ୍ରାପ୍ତ ତଥା ରୋଗୀଙ୍କ ଯତ୍ନ ନେବାରେ ପୂର୍ବ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ।
ବେତନ - ମାସିକ ୧୦୦୦୦ ଟଙ୍କା (ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ବୃଦ୍ଧି କରାଯାଇପାରେ)। ଦିନରେ ଥରେ ନିରାମିଷ ଭୋଜନ ଦିଆଯିବ।
ଇଚ୍ଛୁକ ବ୍ୟକ୍ତି ଏହି ନମ୍ବରରେ ଯୋଗାଯୋଗ କରିପାରନ୍ତି: 0 8902061087 / 0 9748464894

VIJAYA DIAGNOSTIC CENTRE
India's Largest Comprehensive Diagnostic Network
Vijaya Diagnostic Centre is the Pioneers in diagnostic medicare with NABL & NABH accredited Labs and diagnostic centre spread across 12 Cities in India. We offer most comprehensive range of diagnostic services and equipped with the state-of-the-art equipment in diagnostic technology including 14 Numbers of 1.5 & 3.0 T high field MRI, 13 Numbers of 128 Slice CT, 4 Numbers of Dual Head SPECT Gamma Camera, one 16 Slice PET CT, more than 80 Numbers of USG and 70 Numbers of Digital X-ray in addition to highly specialized lab testing services including Flow Cytometry, RT-PCR DNA testing, Immunohistochemistry, Tumour Marker analysis, Hormonal Assays and more.
Hiring for Hyderabad Centres
We invite applications for Full Time/ Part Time Consultant Radiology
- MD/ DNB/ DMRD with 1-5 years post graduate experience with any reputed Hospital or Diagnostic center. Freshers also can be considered.
Vacancies also available for: Nandyal, Vizag, Kurnool, Nellore, Karimnagar, Hanumakonda, Warangal
Resumes to be forwarded to Careers@Vijayadiagnostic.in or reach out to +91 91 6060 5191

WALK-IN-INTERVIEW ON
08th & 09th FEBRUARY 2020 at 10:00 A.M
Venue :
GURUKUL INTERNATIONAL PUBLIC SCHOOL
GOODS SHED ROAD, LANJIPALLI, BERHAMPUR, GANJAM, ODISHA, PIN-760008 Affiliated to CBSE New Delhi, Affiliation No.1530283, Contact : 9937885234, e-mail : info.gurukulinternational@gmail.com, website : www.gurukulinternational.net
Inviting Applications
for the following posts for Berhampur, Kabisurya Nagar, Khalikote, Digapahandi, Mendhrajpur (Ganjam), Phulbani & Nabarangpur.

| POST | SUBJECT & NO. OF VACANCIES | QUALIFICATIONS |
| --- | --- | --- |
| TGT | English(10), Physics(10), Odia(7), Chemistry(10), Hindi(7), Social Science(10), Mathematics(10), Computer(7), Physical Education(7) | Master Degree or Graduation with B.Ed. for all subjects, Graduation with B.P.Ed for Physical Education teacher |
| PRT PRE-PRT | EVS(10), Mathematics(10), English(10), Hindi(7), Odia(7), Social Science(10), Computer(7) | Graduation with B.Ed./D.E.Ld (for PRT) NTT or Trained in Montessori (for pre-PRT) |
| RECEPTIONIST (FEMALE) (7) | Graduation with Computer Knowledge & Spoken English | |
| HOSTEL WARDEN (FEMALE) (7) | Graduation | |
| LIBRARIAN (7) | Bachelor Degree or Master Degree in Library Science | |
| DEALING ASSISTANT (7) | PGDCA, Good Hand in Official works | |
| BUS DRIVER (5) | Heavy Licence, Transport | |

Principal

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 7 ↑ 71.33 | 226.79 ↑ 41,613.19 | 67.90 ↑ 12,248.25 | ₹96 ↑ 40,780.00 | ₹238 ↑ 47,277.00 |

“ ପତଞ୍ଜଳୀକୁ ଆଗାମୀ ୫ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର କାରବାର ସହ ଦେଶର ସର୍ବ ବୃହତ୍ ଏଫ୍‌ଏମ୍‌ସିଜି କମ୍ପାନୀ କରିବାକୁ ଲକ୍ଷ୍ୟ ରହିଛି।
– ବାବା ରାମଦେବ, ପ୍ରତିଷ୍ଠାତା ପତଞ୍ଜଳି ଆୟୁର୍ବେଦ



“ ବିଶ୍ୱ ସ୍ତରରେ ଡଲାରର ପ୍ରଭାବ କମ୍ କରିବାକୁ ହେଲେ ଏକ ସ୍ଥିର ଭରସାଯୋଗ୍ୟ ମୁଦ୍ରା ଆବଶ୍ୟକ।
– ଗୀତା ଗୋପିନାଥ, ମୁଖ୍ୟ ଅର୍ଥନୀତିଜ୍ଞ, ଆଇଏମ୍‌ଏଫ୍



## ସଂକ୍ଷେପରେ

### ଧର୍ମଘଟ ଯୋଗୁ ପ୍ରଭାବିତ ହେବ ବ୍ୟାଙ୍କ କାରବାର



**ମୁମ୍ବାଇ,୨୪-୧:** ୩୧ ଜାନୁୟାରୀଠାରୁ ଆରମ୍ଭ ହେଉଥିବା ୨ ଦିନିଆ ଦେଶ ବ୍ୟାପୀ ବ୍ୟାଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍ କାରବାର ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏହି ସମୟରେ ବ୍ୟାଙ୍କିଙ୍ଗ ସେବା ପ୍ରଭାବିତ ହେବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ବିଆଇ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଧର୍ମଘଟ ସମୟରେ ବ୍ୟାଙ୍କ କାର୍ଯ୍ୟାଳୟ ଏବଂ ଶାଖାଗୁଡିକର କାର୍ଯ୍ୟସ୍ଥିତି ଯେଭଳି ସ୍ୱାଭାବିକ ରହେ ସେ ଦିଗରେ ଉଦ୍ୟମ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବେତନ ସଂଶୋଧନ ନେଇ ସରକାରଙ୍କ ସହ ଆଲୋଚନା ବିଫଳ ହେବା ଯୋଗୁ ବ୍ୟାଙ୍କ ସଙ୍ଗଠନଗୁଡିକ ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି।

### ୧୦% କମିପାରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ




**ନୂଆଦିଲ୍ଲୀ,୨୪-୧:** ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ବାବଦ ସଂଗ୍ରହ ୧୦% କମିପାରେ। ଦେଶର କର୍ପୋରେଟ ଏବଂ ଆୟକର ସଂଗ୍ରହ ଗତ ୨ ଦଶନ୍ଧି ମଧ୍ୟରେ ପ୍ରଥମ ଥର କମିପାରେ ବୋଲି ରୟଟର୍ସକୁ ପ୍ରାୟ ୧୨ ବରିଷ୍ଠ ଟିକସ ଅଧିକାରୀ ସୂଚନା ଦେଇଛନ୍ତି। କର୍ପୋରେଟ ଆୟକର ହ୍ରାସ ଏବଂ ଅର୍ଥନୈତିକ ଅଭିବୃଦ୍ଧି କମିବା ଯୋଗୁ ଏଭଳି ସ୍ଥିତି ଉପୁଜିବାର ବିଶେଷ ସମ୍ଭାବନା ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ବାବଦକୁ ୧୩.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବା ନେଇ ଲକ୍ଷ୍ୟ ରହିଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୭% ଅଧିକ। ଚାହିଦା କମିବାରୁ ଏହା ବ୍ୟାପାର ଉପରେ ପ୍ରଭାବ ପକାଇଛି। ଏହା ଫଳରେ କମ୍ପାନୀଗୁଡିକ ନିବେଶ ଏବଂ ନିଯୁକ୍ତି କମାଇଛନ୍ତି। ଜାନୁୟାରୀ ଶେଷ ସୁଦ୍ଧା ଟିକସ ବିଭାଗ ୭.୩ ଲକ୍ଷ କୋଟି ରାଜସ୍ୱ ସଂଗ୍ରହ କରିଛି। ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ରାଜସ୍ୱ ଆଦାୟ ୫.୫% କମିଛି। ଚଳିତ ବର୍ଷ ଟିକସ ସଂଗ୍ରହ ୧୧.୫ ଲକ୍ଷ କୋଟି ଟଙ୍କାରୁ କମିବ ବୋଲି ଅଧିକାରୀ କହିଛନ୍ତି।

# ଶୀଘ୍ର ଅଭିବୃଦ୍ଧି ପଥକୁ ଫେରିବ ଭାରତ

**ଡାଭୋସ,୨୪-୧**

ମାନ୍ଦାବସ୍ଥା ଦେଇ ଗତି କରୁଥିବା ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଶୁକ୍ରବାର ଆଶ୍ୱସ୍ତିଭରା ଖବର ଆଣିଛି। ଭାରତରେ ଲାଗି ରହିଥିବା ମାନ୍ଦାବସ୍ଥା ଅସ୍ଥାୟୀ। ଶୀଘ୍ର ଘରୋଇ ଅର୍ଥ ବ୍ୟବସ୍ଥା ଅଭିବୃଦ୍ଧି ପଥକୁ ଫେରିବ। ସୁଇଜରଲାଣ୍ଡର ଡାଭୋସଠାରେ ଚାଲିଥିବା ୱାର୍ଲଡ ଇକୋନୋମିକ ଫୋରମ (ଡବ୍ଲ୍ୟୁଇଏଫ)ର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଓ୍ୱା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ବିଶ୍ୱ ଆର୍ଥିକ ସ୍ଥିତିକୁ ନେଇ ଆଇଏମ୍‌ଏଫ୍ ୨୦୧୯ ଅକ୍ଟୋବରରେ ଯେଉଁ ପୂର୍ବାନୁମାନ କରିଥିଲା ସେହି ତୁଳନାରେ ୨୦୨୦ ଜାନୁୟାରୀରେ ବିଶ୍ୱର ଅର୍ଥ ବ୍ୟବସ୍ଥା ଉନ୍ନତ ସ୍ଥିତିରେ ରହିଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଭାରତର ବିକାଶ ହାର ୪.୫%କୁ ଖସିଛି। ଏହା ସାଢେ ୬ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର। ଏଭଳି ସ୍ଥିତିରେ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ୩.୩% ବିକାଶ ହାର ଆଖିଦୃଶିଆ ନୁହେଁ। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଏବେ ଅଗ୍ରଗତି କରୁଥିବା ସେ ମତ ରଖିଛନ୍ତି। ମାତ୍ର ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଏବେ ବି ଲାଗିରହିଛି। ବିତ୍ତୀୟ ନୀତି ଏବଂ ଢାଞ୍ଚାଗତ ସୁଧାର ଉପରେ ଦେଶଗୁଡିକ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଆଗାମୀ ଦିନଗୁଡିକରେ ଭାରତୀୟ ଅର୍ଥ ବ୍ୟବସ୍ଥା ଦ୍ରୁତ ହେବା ନେଇ ଆଶାବାଦୀ ଥିବା ସେ ମତ ରଖିଛନ୍ତି। ଇଣ୍ଡୋନେସିଆ ଏବଂ ଭିଏତନାମ ଭଳି ଦେଶର ବିକାଶ ହାର ଚମକିବା ସ୍ଥିତିକୁ ଫେରିଛି। କିଛି ଆଫ୍ରିକୀୟ ଦେଶ ଭଲ ପ୍ରଦର୍ଶନ କରୁଥିବା ବେଳେ ମେକ୍ସିକୋ ଭଳି ଦେଶର ବିକାଶ ହାରରେ କୌଣସି ସୁଧାର ଆସିନାହିଁ। ଏବେ ବିଶ୍ୱର ବିଭିନ୍ନ ଦେଶ ଆର୍ଥିକ ଚ୍ୟାଲେଞ୍ଜ ସ୍ଥିତି ଆଡକୁ ଗତି କରୁଥିବା ସେ ମତ ରଖିଛନ୍ତି। ସୂଚନା ଯୋଗ୍ୟ, ଚଳିତ ଆର୍ଥିକବର୍ଷ ଲାଗି ଭାରତର ବିକାଶ ହାର ୫% କିମ୍ବା ଏହାର ନିକଟବର୍ତ୍ତୀ ରହିବ ବୋଲି ଅନେକ ଅନ୍ତର୍ଜାତୀୟ ଏଜେନ୍ସି କହିଛନ୍ତି। ଏହା ମଧ୍ୟରେ ଆଇଏମ୍‌ଏଫ୍, ଜାତିସଂଘ, ଫିଚ୍ ସହ ଅନ୍ୟ କେତେକ ଏଜେନ୍ସି ରହିଛନ୍ତି।




- ମାନ୍ଦାବସ୍ଥା ଅସ୍ଥାୟୀ
- ବିତ୍ତୀୟ ନୀତି, ଢାଞ୍ଚାଗତ ସୁଧାର ଆଣିବାକୁ ପରାମର୍ଶ
- ୫% ରହିବ ଭାରତର ବିକାଶ ହାର

### ଅଧିକ ଢାଞ୍ଚାଗତ ସଂସ୍କାର ଲୋଡା: ଶକ୍ତିକାନ୍ତ

**ମୁମ୍ବାଇ,୨୪-୧:** ଆର୍ଥିକ ବର୍ଷ ୨୦୨୦-୨୧ ବର୍ଷ ଲାଗି ସାଧାରଣ ବଜେଟ ଆସିବାକୁ ଆଉ ଗୋଟିଏ ସପ୍ତାହ ବାକି ରହିଛି। ଦେଶର ଜିଡିପି ଅଭିବୃଦ୍ଧିକୁ ବଢାଇବା ଲାଗି ଅଧିକ ଢାଞ୍ଚାଗତ ସଂସ୍କାର ଲୋଡା। ଏହା ହେଲେ ଚାହିଦା ବୃଦ୍ଧିରେ ସହାୟକ ହେବ। କେବଳ ମୁଦ୍ରାନୀତି ପଦକ୍ଷେପ ଦ୍ୱାରା ଲକ୍ଷ୍ୟ ହାସଲ କରିବା କଷ୍ଟକର ବୋଲି ଶକ୍ତିକାନ୍ତ ଦାସ ଶୁକ୍ରବାର ସେଣ୍ଟ ଷ୍ଟିଫେନ୍ସ କଲେଜର ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ଆସନ୍ତା ବଜେଟ ଫେବୃୟାରୀ ପହିଲା (ଶନିବାର)ରେ ଉପସ୍ଥାପନ ହେବ। ଏବେ ନୋମିନାଲ ଜିଡିପି ୪୮ ବର୍ଷର ସର୍ବନିମ୍ନ ସ୍ତର ଏବଂ ପ୍ରକୃତ ଜିଡିପି ଅଭିବୃଦ୍ଧି ୧୧ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିବ ବୋଲି ସରକାର ଆକଳନ କରିଛନ୍ତି।



# ବିଏସ୍-୬ ଟୁହ୍ୱିଲର୍ସ ବିକ୍ରିରେ ହୋଣ୍ଡାର ରେକର୍ଡ

**ଭୁବନେଶ୍ୱର,୨୪-୧**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ) ଦେଶ ମଧ୍ୟରେ ବିଏସ୍-୬ ଟୁହ୍ୱିଲର୍ସ ବିକ୍ରିରେ ରେକର୍ଡ ହାସଲ କରିଛି। କମ୍ପାନୀ ବିଏସ୍-୬ ଇଞ୍ଜିନ ବର୍ଗରେ ଆକ୍ଟିଭା ୧୨୫, ଏସ୍‌ପି ୧୨୫ ଏବଂ ଆକ୍ଟିଭା ୬ଜି ବଜାରକୁ ଛାଡିଛି। ଏହି ମଡେଲଗୁଡିକର ୬ ଲକ୍ଷ ମଡେଲ କମ୍ପାନୀ ବିକ୍ରି କରିଛି। ପ୍ରଥମ ଟୁହ୍ୱିଲର୍ସ କମ୍ପାନୀ ଭାବେ ଏହି ବିକ୍ରି ରେକର୍ଡ ହାସଲ କରିବାକୁ ହୋଣ୍ଡା ସକ୍ଷମ ହୋଇଛି। ଏପ୍ରିଲ୧ ୨୦୨୦ରେ ସାରା ଦେଶରେ ବିଏସ୍-୬ ମାନକ ବାଧ୍ୟତାମୂଳକ ଲାଗୁ କରାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ଏହି ବର୍ଗରେ ୩ ମଡେଲ ବଜାରରେ ଉପଲବ୍ଧ କରାଇଛି। ଧାର୍ଯ୍ୟ ସମୟର ୬ ମାସ ପୂର୍ବରୁ ପ୍ରଡକ୍ଟ ପ୍ରସ୍ତୁତି କରିବା ସହ ଉପଲବ୍ଧ କରାଇଥିବା ହୋଣ୍ଡାର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

# ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

**ଭୁବନେଶ୍ୱର,୨୪-୧**

Reliance digital
PERSONALISING TECHNOLOGY

ସାଧାରଣତନ୍ତ୍ର ଦିବସ ଲାଗି ରିଲାଏନ୍ସ ଡିଜିଟାଲ ପକ୍ଷରୁ ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୬ ତାରିଖ ଯାଏ ଚାଲିବ। ସାରା ଦେଶରେ ଥିବା ଷ୍ଟୋରଗୁଡିକରେ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ। ବିଭିନ୍ନ ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଗ୍ରାହକ ଆକର୍ଷଣୀୟ ଡିଲ ଏବଂ କ୍ୟାଶବ୍ୟାକ ଲାଭ କରିପାରିବେ। ନିର୍ଦ୍ଦିଷ୍ଟ ବର୍ଗ କ୍ରୟରେ ୨୬% କ୍ୟାଶବ୍ୟାକ, ୧୦% ମଲ୍ଟି ବ୍ୟାଙ୍କ କ୍ୟାଶବ୍ୟାକ, ରିଲାଏନ୍ସ ଡିଜିଟାଲର ୧୬% କ୍ୟାଶବ୍ୟାକ ଉପଲବ୍ଧ। ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ରିଲାଏନ୍ସ ଡିଜିଟାଲ ଡଟ୍ ଇନରୁ ସାମଗ୍ରୀ କ୍ରୟରେ ଏହି ଅଫର ଉପଲବ୍ଧ ହେବ।

# ସିଭି ରମଣରେ ବିଦ୍ୟାନ୍ତ୍ରିକ ୨୦୨୦

**ଭୁବନେଶ୍ୱର,୨୪-୧**



ସିଭି ରମଣ ଇଞ୍ଜିନିୟରିଂ କଲେଜରେ ଜାତୀୟ ଟେକ୍ ଫେଷ୍ଟ ବିଦ୍ୟାନ୍ତ୍ରିକ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କଲେଜରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ରୋବଟିକ୍ସ, ହାକାଥନ, ଅଷ୍ଟେଲଙ୍ଗ, ଟେକ୍ ବକ୍ସ ଭଳି ପ୍ରତିଯୋଗିତା ଏହି ଅବସରରେ ଅନୁଷ୍ଠିତ ହେବ। ମଣିପାଲ ଗ୍ଲୋବାଲ ଏଜୁକେଶନ ସର୍ଭିସ ଏବଂ ଆରିନ କ୍ୟାପିଟାଲ୍ ପାର୍ଟନରର ଅଧ୍ୟକ୍ଷ ଟିଭି ମୋହନଦାସ ପାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ୱିନିଂ ଇନ ଏ ଡିଜିଟାଲ ୱାର୍ଲଡ ଏବଂ ଇଣ୍ଡିଆ ୨୦୩୦ ବିଷୟ ବସ୍ତୁ ଉପରେ ପାଇ ଅଭିଭାଷଣ ରଖିଥିଲେ। ୨୦୩୦ ସୁଦ୍ଧା ନୂଆ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ପ୍ରତିଷ୍ଠା ଦ୍ୱାରା ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସେ ପୁରସ୍କୃତ କରିଥିଲେ। ନୂଆ ଟେକ୍ନୋଲୋଜି ଉପରେ କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ ମତ ରଖିଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଭବେଶ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚାପଗ୍ରସ୍ତ ଖଣି କ୍ଷେତ୍ର ଯୋଗୁ ଜୀବନଜୀବିକା ପ୍ରଭାବିତ

**ଭୁବନେଶ୍ୱର,୨୪-୧**

ଦେଶରେ ଖଣି କ୍ଷେତ୍ରରେ ପଡୁଥିବା ଚାପ ଯୋଗୁ ଜୀବନ ଜୀବିକାରେ ବାଧା ସୃଷ୍ଟି ହେଉଛି। ଫୋରମ ଫର ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ (ଏଫ୍‌ଆଇଡିଆର) ରିପୋର୍ଟରେ ଏହା ପ୍ରକାଶ ପାଇଛି। ମାଇନିଂ ଏ ପ୍ରୁଡେଣ୍ଟ ପ୍ରସପେକ୍ଟିଭ ନାମକ ଏହି ରିପୋର୍ଟରେ ଓଡିଶା ସମେତ ଗୋଆ, ଛତିଶଗଡ, ଝାଡଖଣ୍ଡ, କର୍ଣ୍ଣାଟକରେ ସର୍ଭେ କରାଯାଇଛି। ସର୍ଭେରେ ସବୁ ବର୍ଗ ଲୋକଙ୍କୁ ସାମିଲ କରାଯାଇଥିଲା। ଖଣି କ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା ସେଠାରେ କାର୍ଯ୍ୟରତ ଲୋକଙ୍କ ଜୀବନ ଶୈଳୀକୁ ପ୍ରଭାବିତ କରିବା ସହ ସେମାନଙ୍କ ପରିବାରର ଜୀବନ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଇଛି।

# ବିଗ୍‌ବଜାର ଦେଉଛି ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୨୪-୧**




ଫ୍ୟୁଚର ଗ୍ରୁପର ପ୍ରମୁଖ ଷ୍ଟୋର ବିଗ୍ ବଜାର ପକ୍ଷରୁ ସବ୍‌ସେ ଶସ୍ତେ ୫ ଦିନ ଅଫର ଏବେ ଚାଲୁ ରହିଛି। ଆସନ୍ତା ୨୬ ତାରିଖ ଯାଏ ଏହି ଅଫରର ଲାଭ ଗ୍ରାହକମାନେ ବିଗ୍ ବଜାର ଷ୍ଟୋରଗୁଡିକରେ ଉଠାଇ ପାରିବେ। ଏହି ଅଫର୍‌ରେ କମ୍ପାନୀ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଫ୍ୟାଶନ ଉପରେ ଫ୍ଲାଟ ୫୦% ରହିଛି। ସେହିଭଳି ଫୁଡ ଏବଂ ଗ୍ରୋସରିରେ ବାଏ ୨ ଗେଟ୍ ୧, ରୁପେ କାର୍ଡରେ ଅତିରିକ୍ତ ୧୦% ରିହାତି ଦିଆଯାଉଛି। ୫୯୯ ଟଙ୍କାର ଲେଡିଜ କୁର୍ତ୍ତି ଅଫର ମୂଲ୍ୟରେ ୨୯୯ ଟଙ୍କାରେ ମିଳୁଛି। ୨୯୯ ଟଙ୍କାର କିଡସ ଟି-ଶାର୍ଟ ୧୪୯ ଟଙ୍କା, ୫୯୯ ଟଙ୍କାର ପୁରୁଷଙ୍କ ଡେନିମ ୩୯୯ ଟଙ୍କାରେ, ୪୯୯୯ ଟଙ୍କାରେ କିଚେନ କମ୍ବୋ ସେଟ୍, ୨୯୯୯ ଟଙ୍କାରେ ଡାଇନିଂ କମ୍ବୋ ସେଟ, ୩୯,୯୯୦ ଟଙ୍କାର ୪୩ ଇଞ୍ଚ କରଯୋ ଟେଲିଭିଜନ ଅଫର ମୂଲ୍ୟରେ ୧୪,୯୯୯ ଟଙ୍କାରେ, ନିର୍ଦ୍ଦିଷ୍ଟ ବର୍ଗର ଟ୍ରଲି ବ୍ୟାଗ ଉପରେ ୭୦% ଫ୍ଲାଟ ଅଫର ରହିଛି। ଚଳିତ ବର୍ଷ ଅଫର୍‌କୁ ଆହୁରି ସ୍ୱତନ୍ତ୍ର କରି ପ୍ରସ୍ତୁତ କରାଯାଇଥିବା ବିଗ୍ ବଜାର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

# ୧ କୋଟି ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିବ ମାଷ୍ଟରକାର୍ଡ

**ଭୁବନେଶ୍ୱର,୨୪-୧:** ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ ପୂର୍ବକ ପ୍ରମୁଖ କମ୍ପାନୀ ମାଷ୍ଟର କାର୍ଡ ସାରା ଦେଶରେ କ୍ୟାଶଲେସ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛି। ଏହା ଦ୍ୱାରା କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୧ କୋଟି ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନକୁ କମ୍ପାନୀ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ପ୍ରାୟ ୭୦ ଲକ୍ଷ ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିଥିବା ଏହାର ଦକ୍ଷିଣ ଏସିଆ ପ୍ରଡକ୍ଟ ପରିଚାଳନା



ଉପସଭାପତି ଅମନ ଆହୁଜା ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, କନଫେଡେରେଶନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସହ ଚୁକ୍ତିରେ ସାମିଲ ହୋଇଛୁ। ମର୍ଚ୍ଚାଣ୍ଟଙ୍କୁ ଡିଜିଟାଲ ନେଣଦେଣ ଗ୍ରହଣ ଦିଗରେ ପ୍ରୋତ୍ସାହିତ କରାଯାଉଛି। ଏଥି ଲାଗି ସାରା ଦେଶରେ ରୋଡ ଶୋ ଆୟୋଜନ ହେଉଛି। ଭୁବନେଶ୍ୱର ୟୁନିଟ -୧ ମାର୍କେଟ ଏବଂ ବାପୁଜୀ ନଗରରେ ଏଭଳି ରୋଡ ଶୋ ଆୟୋଜନ କରାଯାଇଛି। ଡିଜିଟାଲ ପେମେଣ୍ଟ ବୃଦ୍ଧି ଉପରେ ସୂଚନା ଦେଇ ସେ କହିଛନ୍ତି, ବିମୁଦ୍ରୀକରଣ ପରେ ବଡ ସହର ସମେତ ଟାୟାର ୨ ସହରଗୁଡିକରେ ଡିଜିଟାଲ କାରବାର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଜାତୀୟ ହାର ତୁଳନାରେ ଓଡିଶା ଏ କ୍ଷେତ୍ରରେ ଭଲ ଅଭିବୃଦ୍ଧି କରୁଛି। ଡିଜିଟାଲ ପେମେଣ୍ଟ ଲାଗି କମ୍ ଖର୍ଚ୍ଚରେ ଡିଭାଇସ ପ୍ରଦାନ, ତାମିଲନାଡୁରେ ଇରାଇଡୁ ଆପ ଦ୍ୱାରା ଡିଜିଟାଲ ନେଣଦେଣ ପଦକ୍ଷେପ ଏବଂ ବିହେଭିୟରାଲ ବାୟୋମେଟ୍ରିକ ଭିତ୍ତିକ ଟେକ୍ନୋଲୋଜି ଭାରତରେ ଆଣିବାକୁ ପଦକ୍ଷେପ ନିଆଯାଉଥିବା ସେ ସ୍ପଷ୍ଟ କରିଛନ୍ତି।

# ଡ୍ୟୁକ୍‌ର ନୂଆ ସ୍ପୋର୍ଟ୍ସ ସୁ କଲେକ୍ସନ

**ଭୁବନେଶ୍ୱର,୨୪-୧:** ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡ ପକ୍ଷରୁ ନୂଆ ସ୍ପୋର୍ଟ୍ସ ସୁ' ବଜାରକୁ ଆସିଛି। ଏଥିରେ ଗ୍ରାହକ ଷ୍ଟାଇଲ ଏବଂ ଅତ୍ୟାଧୁନିକ ମଡର୍ନ ଟେକ୍ନୋଲୋଜି ପ୍ରଡକ୍ଟ ଲାଭ କରିପାରିବେ। ଏହି ପ୍ରିମିୟମ ଫୁଟୱେର କଲେକ୍ସନ ଅନ୍ତର୍ଜାତୀୟ ଫ୍ୟାଶନ ଏବଂ ଟ୍ରେଣ୍ଡକୁ ଆଧାର କରି



ପ୍ରସ୍ତୁତ କରାଯାଇଛି। ଏହି ପ୍ରଡକ୍ଟକୁ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ମାଟେରିଆଲରେ ପ୍ରସ୍ତୁତ କରାଯାଇଛି। ଏଥିରେ ଫାଇଲନ ରବର ସୁ ରହିଛି ଯାହା ପାଦକୁ ଆରାମ ପ୍ରଦାନ କରିବ। ଏହି ସୁ'ର ବଜାର ଦର ୧୦୪୯ ଟଙ୍କାରୁ ୩୪୯୯ ଟଙ୍କା ରହିଛି। ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ବିଚାର କରି ଷ୍ଟାଇଲ ଏବଂ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଥିବା କମ୍ପାନୀର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି। ଟ୍ରେଣ୍ଡ, ଷ୍ଟାଇଲ ଏବଂ ଡିଜାଇନକୁ ପ୍ରାଥମିକତା ଦେଉଥିବା ଗ୍ରାହକଙ୍କୁ ଏହା ପସନ୍ଦ ଆସିବ ବୋଲି ସେ ମତ ଦେଇଛନ୍ତି।

Phone-06842-253708
E-mail: rw_phulbani@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, PHULBANI**

No.239...RWDP Dated the 20.01.2020

**Government of Odisha e-Procurement Notice**
**Bid Identification No. Online Tender/05/EERWD PHULBANI/ 2019-20**

No.O-889 :-

| | | | |
| --- | --- | --- | --- |
| 1 | Name of the work | : | Road Works |
| 2 | Estimated cost | : | Rs. 7.61 Lakhs to Rs. 44.25 Lakhs |
| 3 | Period of Completion | : | One Calendar Month |
| 4 | Date & Time of availability of Bid documents in the Portal | : | From 01.02.2020 at 10.00 AM to 10.02.2020 up to 5.00 PM |
| 5 | Last Date/ Time for receipt of Bids in the Portal | : | 10.02.2020 up to 5.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division, Phulbani |

Further details can be seen from the e-procurement portal website **https://tenders.ori.nic.in/nicgep/app**

Executive Engineer
Rural Works Division, Phulbani

25077/11/0005/1920

**OFFICE OF THE EXECUTIVE ENGINEER**
**R.W.S.&.S. DIVISION, JAJPUR, AT: CHANDIKHOL**
Po- Dhanmandal, Dist- Jajpur, PIN-754024
Phone- 06725-221454, E-mail-eerwss_jpr@ori.nic.in

**E-PROCUREMENT NOTICE**
**Bid Identification No. 26 / 2019-20 dt. 20.01.2020**

No.: O-897: The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in on-line mode from eligible contractors.

| | | |
| --- | --- | --- |
| 1. | Nature of work: | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 17 (Seventeen) |
| 3. | Estimated Cost: | Rs.8.00 lakhs to Rs.68.00 lakhs |
| 4. | Time for completion: | 3 (three), 6 (six) & 9 (nine) months |
| 5. | Cost of bidding document: | Rs.4000/-, Rs.6000/- & Rs.10000/- |
| 6. | Class of Contractors eligible: | ‘D’ & ‘C’, ‘C’ & ‘B’ and ‘B’ & ‘A’ |
| 7. | Availability of bids on-line: | 11.00 hour of 03.02.2020 to 17.00 hours of 15.02.2020. |
| 8. | Last date and time for seeking clarification: | up to 17.00 hours of 14.02.2020 |
| 9. | Date & time of opening of Technical Bid online: | 11.00 hour of 17.02.2020. |
| 10. | Date & time of opening of Financial Bid | To be announced latter |

Further details can be seen in the website **https://www.tendersorissa.gov.in**.

Sd./- Executive Engineer
R.W.S & S Division, Jajpur
(At: Chandikhol)

25027/11/0012/1920

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲି଼.
**ODISHA POWER TRANSMISSION CORPORATION LTD.**
OPTCL Lifeline of Orissa
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, PH.: 0680-2296100

Advt.No.09/2019-20 **NOTICE INVITING TENDER**

For and on behalf of OPTCL sealed tenders are invited from Manufacturer/Suppliers (Having valid authorised Dealership Certificate) with IT. PAN, GST Registration Certificate for **A)** supply of 4-Bolted reputed make PG Clamps for ACSR Zebra to Zebra conductor required for L-Cut jumpering in Tension Towers of 220 KV Narendrapur -ATRI DC Line under EHT (O&M) Division, Berhampur **(Lot-I)** & **B)** supply of sliding link disconnecting terminal blocks, for CT and PT/CVT Console Boxes, of reputed make like ELMEX/CONNECTWELL required for various Grid Sub-Stations under EHT (O&M) Circle, Berhampur**(Lot-II)**. Commencement of Sale of Tender Paper : From Dated 27.01.2020 to Dated 17.02.2020 up to 5.30 PM. (GST Registration No. is to be produced at the time of purchase of Tender Specification). Last Date of Submission of Tender Paper : Dated 18.02.2020 up to 02.00 PM. Date of Opening of Tender Paper : Dated 18.02.2020 at 3.00 PM. Cost of Tender Paper : Rs.4,000 + GST @ 12 %= Rs.4,480/- for each LOT. For details please visit our website **www.optcl.co.in**. Corrigendum if any will be published in the website only

*General Manager (Elect.)*

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲି଼.
**ODISHA POWER TRANSMISSION CORPORATION LTD.**
OPTCL Lifeline of Orissa
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist-Ganjam (Odisha),Pincode-761020 CIN:U40102OR2004SGC007553

Advt. No. 03/2019-20 **NOTICE INVITING TENDER**

Sealed tenders are invited from VEHICLE QWNEkS/TRAVEL AGENCIES for engagement of one No. Diesel run commereial registered light vehicles A/C Bolero or equivalent which shall not be more than 3 years old from the date of Registration required for the office of DGM EHT (O&M) Division Chatrapur on monthly basis with daily hiring rate along with copies of relevant documents of the Vehicle, GST registration certificate & copy of valid PAN of the owner. Cost of Tender Paper : Rs.2000/-+ GST@12% (Rs.2240/-) EMD @1% of estimated cost : Rs.4610/- Sale of Tender documents : **From Dt.25,01,20 to Dt.07.02.20 up tp 5.00PM** on working days only. Lastdateof submission of tender : **Dt.08.02.20 upto 1.00PM**. Date of opening of tender: **Dt.08.02.20 at 3.30PM**. For details pleasjp visit our web site : **www.optcl.co.in**. Corrigendum if any will be published in the web site only.

*Dy.General Manager, EHT(O&M) Div.*

CAD-869

**SHORT QUOTATION CALL NOTICE NO. 36 OF 2019--20**
**DISTRICT WATER AND SANITATION MISSION, DRDA, KHORDHA**

Sealed quotations are invited from interested registered firms having experiences in execution of awareness related projects in rural areas through IEC activities which includes wall painting in rural areas of Khordha District as per the requirement given below :

| Detail of activity | Nos. | Remarks |
| --- | --- | --- |
| Wall painting minimum size not less than(6 feet x 4 feet) | 5448 nos. | Rate to be quoted for one Sqft inclusive of all charges and taxes |

1. The details of the tender and bid documents can be downloaded from the website **www. Khordha.nic.in**.
2. The documents to be submitted through Registered/speed post only.
3. Last date of submission of bids is 31.01.2020 up to 3 PM.
4. Opening of the Bids Dt. 04.02.2020 at 3:00 PM.
5. The undersigned reserves the right to cancel the tender any time without assigning any reason thereof.

Sd/- Project Director, DRDA-cum-MS
DWSM, Khordha

13042/11/0002/1920

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A **ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

ସଂଖ୍ୟା ନଂ 762/କ.ଉ.କ./ତା 24.01.20

**ସୂଚନା**

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ 05.02.2020 ଅଟେ ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନମାନେ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅର୍ନ୍ତଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – **www.cdacuttack.nic.in** ରେ ଉପଲବ୍ଧ ଅଟେ ।

ସ୍ୱା /–
ସଚିବ



ଶାକାହାରୀ ଖାଦ୍ୟ ଗ୍ରହଣ କରିଥିବାରୁ ମୁଁ ୟୋଶିତୋ ନିଶିଓକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛି ।

–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି



ପ୍ରଥମ ଟି୨୦ରେ ଛୋଟ ଗ୍ରାଉଣ୍ଡରେ ଆମ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରି ନ ପାରିବା ଦୁର୍ଭାଗ୍ୟଜନକ ବିଷୟ ।

–ରସ୍ ଟେଲର, ନ୍ୟୁଜିଲାଣ୍ଡ କ୍ରିକେଟର

## ସଂକ୍ଷେପରେ

### ଶୀର୍ଷରେ କୋହଲି, ଉପରକୁ ଉଠିଲେ ରାହାନେ

ଦୁବାଇ,୨୪।୧(ପି.ଟି.)- ଭାରତୀୟ ଅଧିନାୟକ ବିରାଟ କୋହଲି ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନଙ୍କ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଉପରକୁ ଉଠି ୮ମ ସ୍ଥାନ ଅଧିକାର କରିଛନ୍ତି। କୋହଲିଙ୍କ ନିକଟରେ ସର୍ବାଧିକ ୯୧୮ ପଏଣ୍ଟ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଷ୍ଟିଭ ସ୍ମିଥଙ୍କଠାରୁ କୋହଲି ୧୭ ପଏଣ୍ଟ ଆଗରେ ଅଛନ୍ତି। ଚେତେଶ୍ୱର ପୂଜାରା ୭୯୪ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛନ୍ତି। ସେହିଭଳି ୭୫୯ ପଏଣ୍ଟ ସହ ରାହାନେ ଟପ୍ ୧୦ରେ ତୃତୀୟ ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା ଶ୍ରେଷ୍ଠ ର୍ୟାଙ୍କଧାରୀ ବୋଲର। ସେ (୭୯୪ ପଏଣ୍ଟ) ୬ଷ୍ଠ ସ୍ଥାନରେ ରହିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ୮ମ ସ୍ଥାନରେ ରହିଥିବାବେଳେ ମହମ୍ମଦ ଶାମି ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ୪୩୮ ପଏଣ୍ଟ ସହ ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡରଙ୍କ ତାଲିକାରେ ୩ୟ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ଟପ୍ ୨୦ ବ୍ୟାଟ୍ସମ୍ୟାନଙ୍କ ତାଲିକାକୁ ଫେରିଛନ୍ତି।

### ୧୫୦୦ କୋଚ୍ ପଦ ପୂରଣ କରାଯିବ: ରିଜିଜୁ

ନୂଆଦିଲ୍ଲୀ, ୨୪।୧ (ପି.ଟି.)- ଦେଶର କ୍ରୀଡ଼ାବିତ୍‌ଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇଦେବା ପାଇଁ ଖାଲିଥିବା ୧୫୦୦ କୋଚ୍ ପଦ ପୂରଣ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। 'ପାଖାପାଖି ୧୫୦୦ କୋଚ୍ ପଦ ଖାଲି ପଡ଼ିଛି, ଯାହା ଟେକ୍‌ନିକାଲ ସମସ୍ୟା ଲାଗି ପୂରଣ ହୋଇପାରୁ ନାହିଁ। ଆଗାମୀ ଦିନରେ ଖାଲି ପଡ଼ିଥିବା ଏହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛୁ' ବୋଲି ଜାତୀୟ ବାଳିକା ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରିଜିଜୁ ଏହା କହିଛନ୍ତି।

# ଭାରତର ଚମକପ୍ରଦ ବିଜୟ

ଅକ୍‌ଲାଣ୍ଡ,୨୪।୧(ପି.ଟି.)

ଇନ୍‌ଫର୍ମ ଓପନର ଲୋକେଶ ରାହୁଲ ଓ ପ୍ରତିଭା ସମ୍ପନ୍ନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାରଙ୍କ ଧୂଆଁଧାର ଅର୍ଦ୍ଧଶତକ ସହାୟତାରେ ଭାରତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ହରାଇଛି। ୬ଟି ବଲ୍ ବାକି ରଖି ୬ ଉଇକେଟରେ ସହଜରେ ବିଜୟୀ ହେବା ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ଇଡେନ ପାର୍କରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଟସ୍ ଜିତି ଭାରତ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଅନ୍ତିମ ଭାଗରେ ଭାରତୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ନ୍ୟୁଜିଲାଣ୍ଡକୁ ଅଧିକ ବଡ଼ ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ। ଜବାବରେ ଭାରତ ଗୋଟିଏ ଓଭର ବାକି ରଖି ୪ ଉଇକେଟ ହରାଇ ୧୯ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୨୯ ବଲରୁ ୫ ଚୌକା ଓ ୩ ଛକା ସହ ଦ୍ରୁତ ତଥା ଉପଯୋଗୀ ଅପରାଜିତ ୫୮ ରନର ପାଳି ଖେଳିଥିବା ଆୟାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅପେକ୍ଷାକୃତ ଏହି ଛୋଟ ବାଉଣ୍ଡାରୀର ଫାଇଦା ଉଠାଇ ଉଭୟ ଦଳର ବ୍ୟାଟ୍ସମ୍ୟାନ ଚତୁର୍ଦ୍ଦିଗକୁ ଶଟ୍ ଖେଳିଥିଲେ। ରବିବାର ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶ୍ରେୟାସ ଆୟାର।

**ଟି୨୦ରେ ଭାରତ ଦ୍ୱାରା ସର୍ବାଧିକ ରନ ଚେଜ୍**

| | | | |
|---|---|---|---|
| ୨୦୮ | ବନାମ ୱେଷ୍ଟଇଣ୍ଡିଜ | ହାଇଦ୍ରାବାଦ | ୨୦୧୯ |
| ୨୦୭ | ବନାମ ଶ୍ରୀଲଙ୍କା | ମୋହାଲି | ୨୦୦୯ |
| ୨୦୪ | ବନାମ ନ୍ୟୁଜିଲାଣ୍ଡ | ଅକ୍‌ଲାଣ୍ଡ | ୨୦୨୦ |
| ୨୦୨ | ବନାମ ଅଷ୍ଟ୍ରେଲିଆ | ରାଜକୋଟ | ୨୦୧୩ |
| ୧୯୯ | ବନାମ ଇଂଲଣ୍ଡ | ବ୍ରିଷ୍ଟଲ | ୨୦୧୮ |
| ୧୯୮ | ବନାମ ଅଷ୍ଟ୍ରେଲିଆ | ସିଡ୍‌ନୀ | ୨୦୧୬ |

**ଗୋଟିଏ ଟି୨୦ରେ ୫ଟି ୫୦ରୁ ଉର୍ଦ୍ଧ୍ୱ ସ୍କୋର**

| | |
|---|---|
| କଲିନ୍ ମୁନରୋ | ୫୯ |
| କେନ୍ ୱିଲିୟମସନ | ୫୧ |
| ରସ୍ ଟେଲର | ୫୪* |
| ଲୋକେଶ ରାହୁଲ | ୫୬ |
| ଶ୍ରେୟାସ ଆୟାର | ୫୮* |

୨୦୪ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଭାରତର ପ୍ରଥମେ ଇନ୍‌ଫର୍ମ ତାରକା ଓପନର ରୋହିତ ଶର୍ମାଙ୍କୁ ହରାଇଥିଲା। ୬ ବଲରୁ ଗୋଟିଏ ଛକା ସହ ୭ ରନ କରିଥିବା ବେଳେ ରୋହିତ ସ୍ପିନର ମିଚେଲ ସାଣ୍ଟନରଙ୍କ ବଲ୍‌କୁ ସ୍ଲଗ୍ ସୁଇପ୍ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ବଲ୍ ବ୍ୟାଟ୍‌ର ସଂଯୋଗ ହୋଇ ନ ଥିଲା। ଫଳରେ ସେ ବ୍ୟାକ୍‌ୱାର୍ଡ ପଏଣ୍ଟରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ରାହୁଲ ୫୧ ବଲରୁ ୯୯ ରନ ସଂଗ୍ରହ କରି ବିଜୟର ମୂଳଦୁଆ ପକାଇଥିଲେ। ତେବେ ରାହୁଲ ୪ ଚୌକା ଓ ୩ ଛକା ସହ ୨୭ ବଲରୁ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଲେଗ୍ ସ୍ପିନର ଇଶ୍ ସୋଧୀଙ୍କ ବଲ୍‌ରେ ଟମ୍ ସୌଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାର ୬ଟି ବଲ୍‌ପରେ କୋହଲିଙ୍କ ପାଳି ପଡିଥିଲା। ୩୨ ବଲରୁ ୩ ଚୌକା ଓ ଗୋଟିଏ ଛକା ସହ ୪୫ ରନ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ଦ୍ରୁତ ବୋଲର ବ୍ଲେୟାର ଟିକ୍‌ନରଙ୍କ ବଲ୍‌ରେ ମିଡ୍‌ଉଇକେଟ ଉପରେ ଦେଇ ଶଟ୍ ଖେଳିବାକୁ ଯାଉଥିବା ବେଳେ ମାର୍ଟିନ ଗୁପ୍ଟିଲଙ୍କ ହାତରେ ଧରାପଡିଥିଲେ। ଗୁପ୍ଟିଲ ସୁନ୍ଦର କ୍ୟାଚ୍ ନେଇ ଗତ ବିଶ୍ୱକପ୍ ସେମିଫାଇନାଲ କଥା ସ୍ମରଣ କରାଇଥିଲେ। ଗୁପ୍ଟିଲ ବିଶ୍ୱକପ୍ ସେମିରେ ଜବରଦସ୍ତ ଥ୍ରୋ କରି ମହେନ୍ଦ୍ର ସିଂ ଧୋନୀଙ୍କୁ ରନ୍ ଆଉଟ କରିଥିଲେ ଓ ଏହା ସେତେବେଳେ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। କୋହଲି ଆଉଟ ହେବା ଦ୍ୱାରା ଭାରତ ଉପରେ ଚାପ ବଢିଥିଲା। ଲାଗୁଥିଲା ଘରୋଇ ଦଳ ପାଇଁ ଏହା ଟର୍ନିଂ ପଏଣ୍ଟ ହେବ। କିନ୍ତୁ ଏହାପରେ ଆୟାର ଦୃଢ଼ ବ୍ୟାଟିଂ କରିଥିଲେ। ଶିବମ୍ ଦୁବେ ୯ ବଲରୁ ୧ ଚୌକା ଓ ୧ ଛକା ସହ ୧୩ ରନ କରି ଆଉଟ ହୋଇଥିଲେ। ତେବେ ପଞ୍ଚମ ଉଇକେଟରେ ଆୟାର ଓ ମନୀଷ ପାଣ୍ଡେ ୩୪ ବଲ୍‌ରୁ ଦ୍ରୁତ ଅପରାଜିତ ୬୨ ରନ ସଂଗ୍ରହ କରିଥିଲେ। ଆୟର ୫୮ ଓ ପାଣ୍ଡେ ୧୨ ବଲରେ ଏକ ଛକା ସହ ୧୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଇଶ୍ ସୋଧୀ ୨, ସାଣ୍ଟନର ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ କଲିନ ମୁନରୋ, ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ରସ୍ ଟେଲର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମୁନରୋ ୫୯ (୪୨ ବଲ, ୬ ଚୌକା, ୨ ଛକା), ୱିଲିୟମସନ ୫୧ (୨୬ ବଲ, ୪ ଚୌକା, ୪ ଛକା) ରନ କରି ଆଉଟ ହୋଇଥିବା ବେଳେ ଟେଲର ୫୪ (୨୭ ବଲ, ୩ ଚୌକ, ୩ ଛକା) ରନ କରି ଅପରାଜିତ ରହିଥିଲେ। ତେବେ ଏହାପୂର୍ବରୁ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୧୯ ବଲରୁ ୪ ଚୌକା ଓ ୧ ଛକା ସହ ୩୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ପ୍ରଥମ ଉଇକେଟରେ ମୁନରୋ ଓ ଗୁପ୍ଟିଲ ୪୩ ବଲରୁ ୮୦ ରନ ସଂଗ୍ରହ କରିଥିଲେ। କଲିନ ଡି ଗ୍ରାଣ୍ଡହୋମ ଖାତା ଖୋଲିପାରି ନ ଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସେଇଫର୍ଟ ୧ ରନ କରି ଆଉଟ ହୋଇଥିଲେ। ସାଣ୍ଟନର ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ୟୁଜବେନ୍ଦ୍ର ଚହଲ, ଶିବମ୍ ଦୁବେ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ ବୋଲରମାନେ ବେଶ୍ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

## ପ୍ରଥମ ଟି୨୦ ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପ୍ଟିଲ-କ-ରୋହିତ-ବୋ-ଦୁବେ-୩୦
ମୁନ୍‌ରୋ-କ-ଚହଲ-ବୋ-ଶାର୍ଦ୍ଦୁଳ-୫୯
ୱିଲିୟମସନ-କ-କୋହଲି-ବୋ-ଚହଲ-୫୧
ଗ୍ରାଣ୍ଡହୋମ୍-କ-ଶିବମ୍-ବୋ-ଜାଡେଜା-୦
ଟେଲର-ନଟଆଉଟ-୫୪
ଟିମ୍ ଶିଫର୍ଟ-କ-ଶ୍ରେୟାସ-ବୋ-ବୁମ୍‌ରା-୧
ସାଣ୍ଟନର-ନଟ ଆଉଟ-୨
ଅତିରିକ୍ତ-୬
ମୋଟ: (୨୦ ଓଭର,୫ ଉଇକେଟ) ୨୦୩।
**ଉଇକେଟ ପତନ:** ୧/୮୦, ୨/୧୧୬, ୩/୧୧୭, ୪/୧୭୮, ୫/୧୮୧।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୪-୦-୩୧-୧
ଶାର୍ଦ୍ଦୁଳ ଠାକୁର ୩-୦-୪୪-୧
ମହମ୍ମଦ ଶାମି ୪-୦-୫୩-୦
ୟୁଜବେନ୍ଦ୍ର ଚହଲ ୪-୦-୩୨-୧
ଶିବମ୍ ଦୁବେ ୩-୦-୨୪-୧
ରବୀନ୍ଦ୍ର ଜାଡେଜା ୨-୦-୧୮-୧

**ଭାରତ ଇନିଂସ**

ରୋହିତ-କ-ଟେଲର-ବୋ-ସାଣ୍ଟନର-୭
ଲୋକେଶ-କ-ସୌଦି-ବୋ-ସୋଧି-୫୬
କୋହଲି-କ-ଗୁପ୍ଟିଲ-ବୋ-ଟିକ୍‌ନର-୪୫
ଶ୍ରେୟାସ-ନଟ ଆଉଟ-୫୮
ଶିବମ୍-କ-ସୌଦି-ବୋ-ସୋଧି-୧୩
ମନୀଷ-ନଟ ଆଉଟ-୧୪
ଅତିରିକ୍ତ-୧୧
**ମୋଟ:** (୧୯ ଓଭର, ୪ ଉଇକେଟ) ୨୦୪।
**ଉଇକେଟ ପତନ:** ୧/୧୬, ୨/୧୧୫, ୩/୧୨୧, ୪/୧୪୨।

**ବୋଲିଂ (ନ୍ୟୁଜିଲାଣ୍ଡ)**

ଟିମ୍ ସୌଦି ୪-୦-୪୮-୦
ମିଚେଲ ସାଣ୍ଟନର ୪-୦-୫୦-୧
ହାମିଶ ବେନେଟ ୪-୦-୩୬-୦
ବ୍ଲେୟାର ଟିକ୍‌ନର ୩-୦-୩୪-୧
ଈଶ୍ ସୋଧି ୪-୦-୩୬-୨।

## ୬ ବର୍ଷରେ ଟେଲରଙ୍କ ପ୍ରଥମ ଟି୨୦ ଅର୍ଦ୍ଧଶତକ

ଅକ୍‌ଲାଣ୍ଡ,୨୪।୧

ଭାରତ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ବରିଷ୍ଠ ବ୍ୟାଟ୍ସମ୍ୟାନ ରସ ଟେଲର ୨୭ ବଲରେ ବିସ୍ଫୋରକ ୫୪ ରନ୍‌ର ଇନିଂସ ଖେଳିଥିଲେ। ଏହି ଅର୍ଦ୍ଧଶତକୀୟ ଇନିଂସରେ ସାମିଲ ଥିଲା ୩ଟି ଲେଖାଏ ଚୌକା ଓ ଛକା। ଗତ ୬ ବର୍ଷ ମଧ୍ୟରେ ଏହା ଟେଲରଙ୍କ ପ୍ରଥମ ଟି୨୦ ଅର୍ଦ୍ଧଶତକ। ଅନ୍ତିମ ଥର ୨୦୧୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ୩୭ ବଲରୁ ୬୨ ରନ୍ କରିଥିଲେ। ତେବେ ମୋଟ ଟି୨୦ କ୍ୟାରିୟରରେ ୫ ଥର ଅର୍ଦ୍ଧଶତକ ସେ ହାସଲ କରିପାରିଛନ୍ତି।

## ଭାରତ ଏ' ହାରିଲା

ଖ୍ରୀଷ୍ଟଚର୍ଚ୍ଚ,୨୪।୧(ପି.ଟି.)

ଭାରତ ଏ' ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ପାଇଥିବା ଭଲ ଷ୍ଟାର୍ଟକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ନ୍ୟୁଜିଲାଣ୍ଡ ଏ' ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ୨୯ ରନ୍‌ରେ ଜିତିନେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଏବେ ୧-୧ରେ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ରବିବାର ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଜର୍ଜ ୱାର୍କର ୧୩୫ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୯୫ ରନ୍ କରିଥିଲା। ଦଳ ପାଇଁ କୋଲ ମ୍ୟାକ୍‌କୋନଚି ୫୬ ଓ ଜେମ୍ସ ନିଶାମ ୩୩ ରନ୍ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ବୋଲିଂରେ ଇଶାନ ପୋରେଲ ୩ ଓ ମହମ୍ମଦ ସିରାଜ ୨ ଉଇକେଟ ନେଇଥିଲେ। ୨୯୬ ରନ୍‌ର ବିଜୟଲକ୍ଷ୍ୟ ନେଇ ଓହ୍ଲାଇଥିବା ଭାରତ ଏ' ଦଳର ଫର୍ମରେ ଥିବା ପୃଥ୍ୱୀ ଶ' (୨) ଏଥର ବିଫଳ ହୋଇଥିଲେ। ତାଙ୍କ ପରେ ଅଧିନାୟକ ମୟଙ୍କ ଅଗ୍ରୱାଲ (୩୭), ସୂର୍ଯ୍ୟକୁମାର ଯାଦବ (୨୦), ଇଶାନ କିଷନ (୪୪), ବିଜୟ ଶଙ୍କର (୪୧)ଙ୍କୁ ଭଲ ଆରମ୍ଭ ମିଳିଥିଲା। କିନ୍ତୁ କେହି ବଡ଼ ଇନିଂସ ଖେଳିପାରି ନ ଥିଲେ। ନିମ୍ନଭାଗରେ କ୍ରୁନାଲ ପାଣ୍ଡ୍ୟା ୫୧ ଓ ଅକ୍ଷର ପଟେଲ ୨୪ ରନ୍‌ର ଇନିଂସ ଖେଳିଥିଲେ। କିନ୍ତୁ ତାହା ବିଜୟ ଲାଗି ଯଥେଷ୍ଟ ହୋଇ ନ ଥିଲା। ଫଳରେ ଭାରତ ଏ' ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୬୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ଲାଗି କାଇଲ ଜାମିସନ, ଜ୍ୟାକବ ଡଫି ଓ ନିଶାମ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ପ୍ରଥମ ଟି୨୦ରେ ପାକିସ୍ତାନ ବିଜୟୀ

ଲାହୋର, ୨୪।୧

ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ପାକିସ୍ତାନ ୫ ଉଇକେଟ୍‌ରେ ଜିତିନେଇଛି। ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ଲକ୍ଷ୍ୟକୁ ବାବର ଆଜାମଙ୍କ ନେତୃତ୍ୱାଧୀନ ପାକିସ୍ତାନ ୩ଟି ବଲ୍ ଓ ୫ ଉଇକେଟ୍ ସୁରକ୍ଷିତ ଥାଇ ହାସଲ କରିନେଇଛି। ଏହି ବିଜୟ ସହ ଘରୋଇ ପାକିସ୍ତାନ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ସିରିଜର ୨ୟ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ।

ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୪୧ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ତମିମ୍ ଇକ୍‌ବାଲ (୩୯) ଓ ମହମ୍ମଦ ନଇମ (୪୩) ଭଲ ପ୍ରାରମ୍ଭ ଦେଇଥିଲେ। ତେବେ ମଧ୍ୟକ୍ରମରେ ଲିଟନ ଦାସ (୧୨), ଅଧିନାୟକ ମହମ୍ମଦୁଲ୍ଲା (୧୯), ସୌମ୍ୟ ସରକାର (୯) ପ୍ରମୁଖ ବିଫଳ ହୋଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଆଫ୍ରିଦି, ହାରିସ ରୌଫ୍ ଓ ଶାଦବ ଖାଁ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟ୍ସମ୍ୟାନ ସୋଏବ ମଲିକ (୫୮ ରନ, ୪୬ ବଲ, ୫ ଚୌକା)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ପାକିସ୍ତାନ ୧୯.୩ ଓଭରରେ ୫ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହଶାନ ଅଲି ୩୬, ମହମ୍ମଦ ହାଫିଜ ୧୭, ଇଫ୍‌ତିକାର ଅହମ୍ମଦ ୧୬ ରନ କରିଥିବାବେଳେ ଅଧିନାୟକ ଆଜମ ଖାତା ଖୋଲିପାରି ନ ଥିଲେ। କ୍ୟାରିୟରର ୮ମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ସୋଏବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପରବର୍ତ୍ତୀ ୨ଟି ମ୍ୟାଚ୍‌ରୁ ଯଦି ଗୋଟିଏରେ ପାକିସ୍ତାନ ପରାସ୍ତ ହୁଏ ତେବେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ହରାଇବ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବ୍ୟାକ୍ ଫୁଟ୍‌ରେ ପଞ୍ଚ ଶଟ ଖେଳୁଛନ୍ତି ସୋଏବ ମଲିକ।

## ବଦଳିପାରେ ଆଇପିଏଲ ମ୍ୟାଚ୍ ଟାଇମିଂ

ମୁମ୍ବାଇ,୨୪।୧

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଗଭର୍ନିଂ କାଉନ୍‌ସିଲ(ଜିସି)ବୈଠକ ନୂଆଦିଲ୍ଲୀଠାରେ ସୋମବାର ଅନୁଷ୍ଠିତ ହେବ। ଏହାର ମୁଖ୍ୟ ଏଜେଣ୍ଡା ହେଉଛି ଆଇପିଏଲ ମ୍ୟାଚ୍ ଟାଇମିଂ। ୨୦୨୦ ସଂସ୍କରଣର କାର୍ଯ୍ୟସୂଚୀ ପ୍ରକାଶ ପାଇବାକୁ ଥିବାବେଳେ ଗୁଆହାଟୀ ଷ୍ଟାଡିୟମରେ ଖେଳିବାକୁ ରାଜସ୍ଥାନ ରୟାଲ୍ସର ଅନୁରୋଧ ଉପରେ ମଧ୍ୟ ବିଚାର କରାଯିବ। ଆଇପିଏଲ ମ୍ୟାଚ୍ ପୂର୍ବଭଳି ରାତି ୮ଟା ବଦଳରେ ୭.୩୦ରେ ଆରମ୍ଭ କରିବାକୁ ପ୍ରସାରଣକାରୀ ଚ୍ୟାନେଲ ଅନୁରୋଧ କରିଛି। ମ୍ୟାଚ୍ ଟାଇମିଂ ପରିବର୍ତ୍ତନ ନେଇ ଗତ ଦୁଇ ସିଜନ ହେଲା ବିଚାର ଜାରି ରହିଛି। ପୂର୍ବରୁ ପ୍ରସାରଣକାରୀ ଚ୍ୟାନେଲ 'ଷ୍ଟାର' ୭ଟାରେ ମ୍ୟାଚ୍ ଆରମ୍ଭ କରିବାକୁ ବିସିସିଆଇ ନିକଟରେ ନିବେଦନ କରିଥିଲା। ପରେ ସମୟରେ ପରିବର୍ତ୍ତନ କରି ୭.୩୦ ଦିଆଯାଇଛି। ଏ ସମ୍ପର୍କରେ ବିସିସିଆଇ ଚୂଡ଼ାନ୍ତ ନିଷ୍ପତ୍ତି ନେବ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଫ୍ରାଞ୍ଚାଇଜ ସହ ଟାଇମିଂ ସମ୍ପର୍କରେ ଆଲୋଚନା କରାଯାଇନାହିଁ। ପ୍ରସାରଣକାରୀ ଚ୍ୟାନେଲର ଦାବି ପଛରେ ୩ କାରଣ ରହିଛି। ପ୍ରଥମଟି ହେଲା ଶୀଘ୍ର ଆରମ୍ଭ ହେଲେ ଦେଖଣାହାରିଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇବ ଓ ରେଟିଂସ ମଧ୍ୟ ବଢ଼ିବ। ଦ୍ୱିତୀୟଟି ହେଉଛି ଲିଗ୍‌ର ପ୍ରାୟୋଜକ ଓ ଫ୍ରାଞ୍ଚାଇଜଙ୍କୁ ଅଧିକ ସମୟ ମିଳିବ। ତୃତୀୟ ତଥା ଅନ୍ତିମ କାରଣ ହେଲା ମ୍ୟାଚ୍‌ବେଳେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ମଧ୍ୟରାତି ପୂର୍ବରୁ ଘରେ ପହଞ୍ଚି ପାରିବେ। ମାତ୍ର ମ୍ୟାଚ୍ ଶୀଘ୍ର ଆରମ୍ଭ ହେବା ଦ୍ୱାରା କିଛି ସମସ୍ୟା ମଧ୍ୟ ଉପୁଜିବ। ସେଗୁଡ଼ିକ ହେଲା ରାତ୍ର ମ୍ୟାଚ୍‌ରେ କାକର ବିଶେଷ ସମସ୍ୟା ସୃଷ୍ଟି କରେ। ଏହା ଗୋଟିଏ ଦଳକୁ ଅଧିକ ଫାଇଦା ଦେବ। ମୁମ୍ବାଇ ଓ ବାଙ୍ଗାଲୋର ଭଳି ସହରରେ ଷ୍ଟାଡିୟମ ଫୁଲ ହେବାକୁ ଅଧିକ ସମୟ ଲାଗେ। ସେଠାରେ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେଲେ ଷ୍ଟାଡିୟମରେ ୮.୩୦ ବେଳକୁ ଦର୍ଶକ ସଂଖ୍ୟା ବଢ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଟିଭି ରେଟିଂ ପାଇଁ କ୍ରିକେଟ କମ୍ପ୍ରୋମାଇଜ କରିପାରିବ ନାହିଁ।

## ଜାତୀୟ ଚୟନକର୍ତ୍ତା ଦୌଡ଼ରେ ଅଗରକର ସାମିଲ

ନୂଆଦିଲ୍ଲୀ, ୨୪।୧ (ପି.ଟି.)



ଜାତୀୟ କ୍ରିକେଟର ଚୟନକର୍ତ୍ତା ପାଇଁ ଶୁକ୍ରବାର ଆବେଦନର ଅନ୍ତିମ ଦିବସ ଥିଲା। ପୂର୍ବତନ ଭାରତୀୟ ପେସ୍ ବୋଲର ଅଜିତ ଅଗରକର ଶେଷ ମୁହୂର୍ତ୍ତରେ ଦରଖାସ୍ତ କରିଛନ୍ତି। ଫଳରେ ଚେୟାରମ୍ୟାନ ପଦବୀ ପାଇଁ ସେ ଦୌଡ଼ରେ ଅନ୍ୟମାନଙ୍କଠାରୁ ଆଗରେ ରହିବେ। ପୂର୍ବତନ ମିଡିୟମ ପେସ୍ ବୋଲର ତଥା ଜୁନିୟର ଚୟନ କମିଟି ଚେୟାରମ୍ୟାନ କର୍ନାଟକର ଭେଙ୍କଟେଶ ପ୍ରସାଦ ସିନିୟର ଚୟନକର୍ତ୍ତା ପଦବୀ ପାଇଁ ଆବେଦନ କରିଥିବା ଜଣାଯାଇଛି। ତେବେ ସେ ଏହି ପଦବୀରେ ଦେଢ ବର୍ଷ ରହିପାରିବେ। କାରଣ ନୂଆ ସମ୍ବିଧାନ ଅନୁସାରେ ଚୟନ କମିଟି ପଦବୀରେ ଜଣେ ସର୍ବାଧିକ ୪ ବର୍ଷ ରହିପାରିବେ। ଆବେଦନକାରୀଙ୍କ ମଧ୍ୟରେ ୪୨ବର୍ଷୀୟ ଅଗରକର ସବୁଠାରୁ ହାଇପ୍ରୋଫାଇଲ ଖେଳାଳି। ସେ ୨୬ଟି ଟେଷ୍ଟ, ୧୯୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳି ୩୪୯ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ମୁମ୍ବାଇର ଅଗରକର ହେଉଛନ୍ତି ଦେଶର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ସେ ଅନିଲ କୁମ୍ବଲେ (୩୩୪ ଉଇକେଟ) ଏବଂ ଜାଭାଗଲ ଶ୍ରୀନାଥ (୩୧୫ ଉଇକେଟ)ଙ୍କ ପଛରେ ରହିଛନ୍ତି। ଅଗରକର ଏବଂ ପ୍ରସାଦଙ୍କ ବ୍ୟତୀତ ଚୟନକର୍ତ୍ତା ପାଇଁ ଆବେଦନ କରିଥିବା ଅନ୍ୟମାନେ ହେଲେ ଲକ୍ଷ୍ମଣ ଶିବରାମକ୍ରିଷ୍ଣନ (ତାମିଲନାଡୁ), ନୟନ ମୋଙ୍ଗିଆ (ବରୋଦା), ଚେତନ ଶର୍ମା (ହରିୟାଣା) ଓ ରାଜେଶ ଚୌହାନ।

# ସମୀର, ପାର୍ବତୀଙ୍କୁ ଓଡ଼ିଶାର ନେତୃତ୍ୱ





କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ଜୁନିୟର ଭଲିବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ବାଳକ ଓ ବାଳିକା ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର୍ କଡପ୍ପା ଜିଲାସ୍ଥିତ ରାଜାମପେଟ୍‌ଠାରେ ଆସନ୍ତା ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ଭଲିବଲ୍ (ବାଳକ/ବାଳିକା) ଚାମ୍ପିୟନଶିପ୍‌ର ୪୬ତମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୮ରେ ଥିବା ଭଲିବଲ୍ କ୍ୟାମ୍ପସରେ ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୀର ରଞ୍ଜନ ପାଲ୍ ଓ ପାର୍ବତୀ ଗଡ଼ବାଙ୍କୁ ଯଥାକ୍ରମେ ଓଡ଼ିଶା ବାଳକ ଓ ବାଳିକା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଚୟନ ପ୍ରକ୍ରିୟା ଅବସରରେ ଓଡ଼ିଶା ଭଲିବଲ୍ ଆସୋସିଏଶନ (ଓଭା)ର ସମ୍ପାଦକ ଡ. ଗଗନେନ୍ଦୁ ଦାସ, ସଭାପତି ସୁବୋଧ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଶା ଦଳ ଶୁକ୍ରବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି।

### ଜାତୀୟ ଜୁନିୟର ଭଲିବଲ

**ଓଡ଼ିଶା ବାଳକ ଦଳ:** ସମୀର ରଞ୍ଜନ ପାଲ୍ (ଅଧିନାୟକ), ବିଶ୍ୱଜିତ୍ ମଣ୍ଡଳ, ଦୀନବନ୍ଧୁ ନାହକ, ସୂରଯ କରୁଆନ, ନିଶିକାନ୍ତ ପରିଡ଼ା, ରାଜୁ ପଟ୍ଟନାୟକ, ସୁଶାନ୍ତ ସିଂ, ଅମିତ୍ କୁମାର ହରିଜନ, ୱାସିଉଜ ଜମାନ ଖାଁ, ଟି. ଧନରାଜ, ବିବେକ ସାହୁ, ରମେଶ କୁଡୁକୁ (ଲିବେରୋ), ରଶ୍ମିରଞ୍ଜନ ନନ୍ଦ (କୋଚ୍), ଆଶିଷ କୁମାର ବିହାରୀ (ମ୍ୟାନେଜର)।

**ଓଡ଼ିଶା ବାଳିକା ଦଳ:** ପାର୍ବତୀ ଗଡ଼ବା (ଅଧିନାୟିକା), ଆଶା ମୁଣ୍ଡାରି, ଦୀପ୍ତିମୟୀ କବାସି, କୌଶଲ୍ୟା ମାଝି, ସରସ୍ୱତୀ ଝୋଡ଼ିଆ, ମାମାଲି ନାଗ୍, ବି. ଅନିଶା, ପାୟଲ କାଣ୍ଡି, ରୋଜାଲିନ ଆଣ୍ଡିଆ, ଆରତୀ ହେମ୍ପିକା, ସଞ୍ଜନା ସାହୁ, ଲିପ୍‌ସାରାଣୀ ମିଶ୍ର (ଲିବେରୋ), ଗୋବିନ୍ଦ ଚନ୍ଦ୍ର ସାହୁ (କୋଚ୍) ଓ ଜୟଶ୍ରୀ ପଲାଇ (ସହାୟକ କୋଚ୍)।

# ସେରେନା, ଓସାକାଙ୍କ ବିପର୍ଯ୍ୟୟ

**ମେଲବୋର୍ନ,୨୪।୧ (ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଶୁକ୍ରବାର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ, ଡେନ୍‌ମାର୍କର କାରୋଲିନ୍ ଓଜନିଆକି ଓ ଗତଥରର ଚାମ୍ପିୟନ ତଥା ଜାପାନର ତୃତୀୟ ସିଡ ଖେଳାଳି ନାଓମି ଓସାକା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟୁର୍ନମେଣ୍ଟର ପଞ୍ଚମ ଦିବସରେ ଅଷ୍ଟମ ସିଡ ସେରେନା ୪-୬, ୭-୬, ୫-୭ ସେଟ୍‌ରେ ୨୭ତମ ସିଡ୍ ଖେଳାଳି ଚାଇନାର କିଆଙ୍ଗ୍ ୱାଙ୍ଗ୍‌ଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ୱାଙ୍ଗ୍ ଏବେ ଚତୁର୍ଥ ରାଉଣ୍ଡରେ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ଭେଟିବେ। ବିଶ୍ୱର ୭୮ ନମ୍ବର ଖେଳାଳି ଜାବେଉର ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୭-୫, ୩-୬, ୭-୫ ସେଟ୍‌ରେ ଓଜନିଆକିଙ୍କୁ ପରାସ୍ତ କରିଛନ୍ତି। ୩୬ ନମ୍ବର ଖେଳାଳି ଓଜନିଆକି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ସେହିପରି ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ଓସାକା ଆମେରିକୀୟ ଟିନ୍ ସେନସେସନ କୋକୋ ଗଫ୍‌ଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱର ୬୭ ନମ୍ବର ଖେଳାଳି ଗଫ୍ ୬-୩, ୬-୪ ସେଟ୍‌ରେ ଓସାକାଙ୍କୁ ଅତି ସହଜରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗଫ୍ ଏବେ ନିଜ ଦେଶର ୧୪ତମ ସିଡ୍ ଖେଳାଳି ସୋଫିଆ କେନିନଙ୍କୁ ଭେଟିବେ। କେନିନ ଅନ୍ୟ ଏକ ମ୍ୟାଚ୍‌ରେ ଚାଇନାର ଶୁଆଇ ଝାଙ୍ଗଙ୍କୁ ୭-୫,୭-୬ ସେଟରେ ହରାଇ ଅଗ୍ରଗତି କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଆସଲେ ବାର୍ଟି ୬-୩, ୬-୨ ସେଟ୍‌ରେ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଓ ଆମେରିକାର ୧୮ତମ ସିଡ୍ ଖେଳାଳି ଅଲିସନ ରିସ୍‌କେ ୧-୬, ୭-୬,୬-୨ ସେଟ୍‌ରେ ଜର୍ମାନୀ ଜୁଲିଆ ଜର୍ଜେସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ରିସ୍‌କେ ଓ ବାର୍ଟି ମୁହାଁମୁହିଁ ହେବେ। ଅନ୍ୟପଟେ ସପ୍ତମ ସିଡ ଖେଳାଳି ଚେକ ରିପବ୍ଲିକ୍‌ର ପେଟ୍ରା କ୍ୟୁଟୋଭା ୬-୧, ୬-୨ ସେଟ୍‌ରେ ରୁଷିଆର ଏକାଟେରିନା ଆଲେଜାଣ୍ଡ୍ରୋଭଙ୍କୁ ଏବଂ ୨୨ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରୀ ୬-୪, ୬-୪ ସେଟ୍‌ରେ ଦଶମ ସିଡ ଆମେରିକାର ମାଡିନସନ କେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏବେ କ୍ୟୁଟୋଭା ଓ ସାକାରୀ ପରସ୍ପରକୁ ଭେଟିବେ।




ପରାଜୟ ଗ୍ଲାନି: ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ହାରିଯିବା ପରେ ମର୍ମାହତ ସେରେନା ୱିଲିୟମ୍ସ ଓ ନାଓମି ଓସାକା।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ଇଶାନ)
ଦେବାଂଶ ଦାଶ
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୁମର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ବ୍ରହ୍ମେଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା ଯେ, ତୁମର ଚଲାପଥ କୁସୁମିତ ହେବାସହ ତୁମେ ଯଶସ୍ୱୀ, ଦୀର୍ଘାୟୁ ଓ ନୀରୋଗ ରୁହ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମମାନାନୀ, ଗୁନୁନାନୀ, ଆନନ୍ଦ ମାମୁ, ତିତିଲି, ସାଇ ଓ ଶ୍ରଦ୍ଧା।
ଧ-୬୭୨୮

**୬୪ତମ ଜନ୍ମଦିନ ଶୁଭେଚ୍ଛା**



ନାରାୟଣ ଚନ୍ଦ୍ର ସିହ୍ନା ଖୋକନ/ ବାବୁ
କିରନ୍-ଜ୍ୟୋତି ଭବନ, ଉପରମାଳି ସାହି, ପୁରୀ
ତା. ୨୫।୦୧।୨୦୨୦ ରିଖ ଶନିବାର ଦିନ ୬୪ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଅମ୍ବିକେଶ୍ୱରୀ ଏବଂ ସ୍ୱର୍ଗତ ପିତା, ମାତା, ଗୁରୁ ଓ ଇଷ୍ଟଦେବାଦେବୀଙ୍କ ଆଶୀର୍ବାଦରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ନୀରୋଗ ରହିବ ଏବଂ ତୁମକୁ ଈଶ୍ୱରଙ୍କର ଅଲୌକିକ ଶକ୍ତି ପ୍ରାପ୍ତ ହେବ, ଏହାହିଁ ଅନନ୍ତ କୋଟିର ବିଶ୍ୱ ନିଅନ୍ତାଙ୍କ ନିକଟରେ ପ୍ରାର୍ଥନା । କିରନ-ଜ୍ୟୋତି ପରିବାରବର୍ଗ, ଉପରମାଳି ସାହି, ବଡ ଡାକ୍ତରଖାନା ଛକ ନିକଟ, ପୁରୀ ।
ଧ-୬୮୮୧୪

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଶୁଭିକ୍ସା ବେହେରା (ସାନ୍‌ଭି)
ଗ୍ରାମ: ରାଣୀପଡ଼ା, ବାଣପୁର (ଖୋର୍ଦ୍ଧା)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଇ, ମାମୁ, ମାଈଁ, ମଉସା, ମାଉସୀ, ବାବା, ମାମା, ସିନ୍ଟୁ, ଟିଙ୍କି, ମାମାଲି ଏବଂ ତପନ ପ୍ରଧାନ ଓ ପରିବାରବର୍ଗ ।
ଧ-୧୬୨୭୫

# ଟେନିସରୁ ଓଜନିଆକିଙ୍କ ଅବସର

**ମେଲବୋର୍ନ,୨୪।୧(ଏଏଫ୍‌ପି)**

କାରୋଲିନା ଓଜନିଆକିଙ୍କ ଉଜ୍ଜ୍ୱଳମୟ ଟେନିସ କ୍ୟାରିୟର ଅଷ୍ଟ୍ରେଲିଆନ ଓପନରେ ଶେଷ ହୋଇଛି। ଶୁକ୍ରବାର ନିମ୍ନ ର୍‍ୟାଙ୍କଧାରୀ ଟ୍ୟୁନିସିଆ ଖେଳାଳି ଓନ୍ସ ଜାବେଙ୍କଠାରୁ ୭-୫, ୩-୬, ୭-୫ ସେଟ୍‌ରେ ପରାଜୟ ସହ ଓଜନିଆକି ଅନ୍ତର୍ଜାତୀୟ ଟେନିସରୁ ବିଦାୟ ନେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଡେନମାର୍କ ଖେଳାଳି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆନ ଓପନ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ଘୋଷଣା କରିଥିଲେ। ୨୯ ବର୍ଷୀୟା ଓଜନିଆକି କ୍ୟାରିୟରରେ ୩୦ ଡବ୍ଲ୍ୟୁଟିଏ ଓ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୨୦୧୮ରେ ଏଠାରେ ହିଁ ପ୍ରଥମ ଓ ଅନ୍ତିମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ। ତିନି ସେଟ ବିଶିଷ୍ଟ ମ୍ୟାଚ୍ ଓ ତ୍ରୁଟିପୂର୍ଣ୍ଣ ଫୋରହ୍ୟାଣ୍ଡ ଶଟ୍ ସହ ମୁଁ କ୍ୟାରିୟର ଶେଷ କରିଛି। କୋର୍ଟରେ ମୋର ଅବିଶ୍ୱସନୀୟ ଅଭିଜ୍ଞତା ରହିଛି। ମୋତେ ପ୍ରଶଂସକ ଓ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। କୋର୍ଟରେ ବହୁତ ସ୍ମୃତି ରହିଛି, ଯାହା ମୋର ଶେଷ ପର୍ଯ୍ୟନ୍ତ ମନେ ରହିବ ବୋଲି ଭାବବିହ୍ୱଳ ହୋଇ ଓଜନିଆକି ମ୍ୟାଚ୍ ପରେ କହିଛନ୍ତି।



# ବିଏମ୍‌ସିସି-ଷ୍ଟଡ୍ ଫାଇନାଲ ଆଜି

## ସର୍ବଭାରତୀୟ ଚଞ୍ଚଳା ଟ୍ରଫି

**ରାଜନଗର,୨୪।୧**

ରାଜନଗର ବ୍ଲକର ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଖୋର୍ଦ୍ଧାର ଷ୍ଟଡ ଟିମ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମି ଫାଇନାଲରେ ଟସ ଜିତି ଷ୍ଟଡ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳର ରବି କିରଣ ୧୯ ବଲରୁ ଗୋଟିଏ ଛକା, ୩ଟି ଚୌକା ସାହାଯ୍ୟରେ ୨୭ରନ ଓ ଏସ. ପ୍ରବୀଣ କୁମାର ୩୫ ବଲରୁ ଗୋଟିଏ ଛକା ଓ ୫ଟି ଚୌକା ସହାୟତାରେ ୩୪ରନ କରିଥିଲେ। ସ୍କାନର ଲୋହିତ ମହାନ୍ତି ଓ ତାପସ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

୨୦୭ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ସ୍କାନ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ମନୋଜ ସାହୁ ୪୦ ବଲରୁ ୩ ଲେଖାଏଁ ଛକା ଓ ଚୌକା ସହାୟତାରେ ୩୯ ରନ, ସାଗର ବିଶ୍ୱାଳ ୩୨ ବଲରୁ ୨ଟି ଛକା ଓ ଗୋଟିଏ ଚୌକା ସହାୟତାରେ ୩୩ ରନ କରିଥିଲେ। ଷ୍ଟଡ୍‌ର ସୌରଭ ଶ୍ରୀବାସ୍ତବ ୪ ଓଭରରେ ୨୬ ରନ ଦେଇ ୬ଟି ଓ ଟି. ସୁରେଶ ୩ ଓଭରରେ ୧୭ ରନ ଦେଇ ୩ ଉଇକେଟ ନେଇଥିଲେ। ସୌରଭଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ମେଗା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫାଇନାଲରେ ଷ୍ଟଡ ସହିତ ଯାଜପୁରର ବିଏମସିସି ମଧ୍ୟରେ ମୁକାବିଲା ହେବ। ଶନିବାର ଭଦ୍ରକ ଓ ଭୁବନେଶ୍ୱର ମଧ୍ୟରେ ମହିଳା ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ମହିଳା ପ୍ରଦର୍ଶନୀ ମ୍ୟାଚରେ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ମ୍ୟାଚ୍‌ରେ କୋଇଲିପୁର ସେବା ସମବାୟ ସମିତିର ସମ୍ପାଦକ ଘନଶ୍ୟାମ ଜେନା ଓ ସମିତିର ସଭାପତି ଊର୍ମିଳା ରାଉତ ଅତିଥି ଭାବେ ଯୋଗଦେଇଥିଲେ।

# ରାଜ୍ୟ ଜୁନିୟର ବାଳକ ଫୁଟ୍‌ବଲ ଦଳ ଘୋଷିତ

**କଟକ ଅଫିସ,୨୪।୧**

ମେଘାଳୟର ସିଲଂଠାରେ ଜାନୁୟାରୀ ୨୮ରୁ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ଡ. ବି.ସି. ରାୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଫୁଟ୍‌ବଲ ଆସୋସିଏଶନ(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଆକାଶ ଦେଙ୍କୁ ଏହି ଦଳର ଅଧିନାୟକ କରାଯାଇଛି। ଶନିବାର ପୂର୍ବାହ୍ନରେ ଦଳ ମେଘାଳୟ ଅଭିମୁଖେ ଯାତ୍ରା କରିବ।

**ଓଡ଼ିଶା ଜୁନିୟର ଫୁଟ୍‌ବଲ ଦଳ–** ଦେବ ସାମଲ, ସ୍ୱୟମ ରାଉତରାୟ, ରାହୁଲ କିଶନ, ଜଗନ୍ନାଥ ଟୁଡୁ, ଡବ୍ଲ୍ୟୁ ଲାମା, ସମୟ କୁମାର ବସ୍କି, ଜି. ଜ୍ୟୋତିର୍ମୟ, ବିକାଶ ବେହେରା, ଲେସନ କୁମାର ମୁଣ୍ଡା, ଆକାଶ ଦେ (ଅଧିନାୟକ), କାହ୍ନୁ ମଲ୍ଲିକ, ଜଗଦିଶ ଓରାମ, ଏମ ତ୍ରିନାଥ, ଝୁନୁ କୁଲଡ଼ି, ଅଜୟ ବରୱା, ପ୍ରିୟାଂଶୁ କୁମାର ବିଶ୍ୱାଳ, ଅବିନାଶ ସାମଲ, ପରୟୁ ମୁର୍ମୁ, ଯଦୁନାଥ ହାଁସଦା, ପିୟୁଷ ପଟ୍ଟନାୟକ। ସୂରଜ ଥାପ୍ପା (ମୁଖ୍ୟ କୋଚ୍), ସେକ୍ ମନଜୁର (ସହକାରୀ କୋଚ୍)।

# ଚତୁର୍ଥ ରାଉଣ୍ଡରେ ଫେଡରର, ଜୋକୋଭିଚ୍

**ମେଲବୋର୍ନ, ୨୪।୧(ଏଏଫପି)**

ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସରେ ଶୁକ୍ରବାର ସିଡେଡ ଖେଳାଳିମାନେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ତୃତୀୟ ସିଡ୍ ରୋଜର ଫେଡରର ମାରାଥନ ୪-୬, ୭-୬, ୬-୪, ୪-୬, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ହଙ୍ଗେରୀର ମାର୍ଟନ ଫୁକ୍‌ସୋଭିକ୍ସଙ୍କୁ ଭେଟିବେ। ମାର୍ଟନ ୬-୧,୬-୧,୬-୪ ସେଟ୍‌ରେ ଟୋମି ପଲ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ କ୍ରୋଏସିଆର ମାରିନ ସିଲିକ ଓ ୩୨ତମ ସିଡ୍ କାନାଡାର ମିଲୋସ ରାଓନିକ ପରସ୍ପରକୁ ଭେଟିବେ। ସିଲିକ ତୃତୀୟ ରାଉଣ୍ଡରେ ନବମ ସିଡ ରବର୍ଟ ବାତିସ୍ତା ଅଗୁଟଙ୍କୁ ୬-୭, ୬-୪,୬-୦, ୫-୭, ୬-୩ ସେଟ୍‌ରେ ଓ ରାଓନିକ ୭-୫, ୬-୪, ୭-୬ ସେଟ୍‌ରେ ଷଷ୍ଠ ସିଡ୍ ଗ୍ରୀସର ଷ୍ଟିଫାନୋସ ସିଟିସ୍‌ପାସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସର୍ବିଆର ଦ୍ୱିତୀୟ ସିଡ ଖେଳାଳି ନୋଭାକ ଜୋକୋଭିଚ୍ ୬-୩, ୬-୨, ୬-୨ ସେଟ୍‌ରେ ଜାପାନର ୟୋସିହିଟୋ ନିଶିଓକାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଏବେ ୧୪ତମ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ଭେଟିବେ। ସ୍ୱାର୍ଜମ୍ୟାନ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୬-୩, ୭-୬ ସେଟ୍‌ରେ ୨୪ତମ ସିଡ୍ ସର୍ବିଆର ଡୁସାନ ଲାଜୋଭିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ଦ୍ୱାଦଶ ସିଡ ଖେଳାଳି ଫାବିଓ ଫୋଗୋନିନି ଓ ଆମେରିକାର ଟେନ୍ନିସ ସାଣ୍ଡଗ୍ରୀନ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଫୋଗୋନିନି ୭-୬, ୬-୨, ୬-୩ ସେଟ୍‌ରେ ୨୨ତମ ଆର୍ଜେଣ୍ଟିନାର ଗୁଇଡୋ ପେଲାଙ୍କୁ ଓ ସାଣ୍ଡଗ୍ରୀନ ୬-୪, ୬-୪, ୬-୦୪ ସେଟ୍‌ରେ ଆମେରିକାର ସାମ କ୍ୟୁରେଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଜିକିସ୍ତା ଓଡ଼ିଶା କ୍ରିକେଟ ଲିଗ୍: କୋଷ୍ଟାଲ ଥଣ୍ଡର ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ କୋଷ୍ଟାଲ ଥଣ୍ଡର ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୪।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ସହିଦ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଅନୁଷ୍ଠିତ ଜିକିସ୍ତା ଓଡ଼ିଶା କ୍ରିକେଟ ଲିଗ୍‌ରେ କୋଷ୍ଟାଲ ଥଣ୍ଡର ଚାମ୍ପିୟନ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସାଉଥ୍ ୱେଷ୍ଟର୍ନ ଷ୍ଟାରକୁ ୯ ଉଇକେଟରେ ହରାଇ କୋଷ୍ଟାଲ ବାଜି ମାରିଛି। ଦୁଇ ଫାଇନାଲଷ୍ଟଙ୍କ ସମେତ ଏହି ଲିଗ୍‌ରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଜିକିସ୍ତା ହେଲ୍‌ଥ କେୟାର ଆନୁକୂଲ୍ୟରେ ୧୦୮ ଆମ୍ବୁଲାନ୍ସ ସେବାର ସମସ୍ତ ସଦସ୍ୟଙ୍କ ମଧ୍ୟରେ ବନ୍ଧୁତା, ଏକତା, ଖେଳୁଆଡ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଲିଗ୍ ଆୟୋଜନ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ଦଳଗୁଡିକ ହେଲେ ମେଣ୍ଟେନାନ୍ସ ଏକ୍ସଆଇ, ରିଜିଓନାଲ ୱାରିୟର୍ସ ଓ ନର୍ଥ ବ୍ଲାଣ୍ଡ। ଜିକିସ୍ତା ହେଲଥ୍ କେୟାର ଲିମିଟେଡର ଷ୍ଟେଟ୍ ହେଡ୍ ସବ୍ୟସାଚୀ ବିଶ୍ୱାଳ ଓ ଓଡ଼ିଶା ଏଚ୍‌ଆର ହେଡ୍ ଦୀପକ ଶ୍ରୀବାସ୍ତବ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ ଓ ମ୍ୟାଚ୍ ଶେଷରେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ସାଉଥ୍ ୱେଷ୍ଟର୍ନ ଷ୍ଟାର ୬୦ ରନରେ ରିଜିଓନାଲ ୱାରିୟର୍ସକୁ ଓ କୋଷ୍ଟାଲ ଥଣ୍ଡର ୨ ଉଇକେଟରେ ମେଣ୍ଟେନାନ୍ସ ଏକ୍ସଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ କୋଷ୍ଟାଲର ଦୀପକ ରଞ୍ଜନ ମିଶ୍ର ୩୫ ରନକରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସାଉଥ୍ ୱେଷ୍ଟର୍ନର ରାଜେଶ ସାହୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ସେମିରେ ୭୨ ରନ ସଂଗ୍ରହ କରିଥିଲେ।

# କଟକରେ ଓଡ଼ିଶା ଏଫ୍‌ସିର ଚୟନ ଶିବିର

**କଟକ ଅଫିସ,୨୪।୧**

ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସିର ଜୁନିୟର ଖେଳାଳି ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩, ୧୫ ଓ ୧୮ବର୍ଷରୁ କମ୍ ବୟସ ବର୍ଗର ୩୦୦ ବାଳକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ପ୍ରାୟ ୧୦୦ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟକୁ ବଛାଯିବେ। ପୂର୍ବରୁ ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସିର ଜୁନିୟର ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଉଭୟ ଶିବିରକୁ ଆଧାର କରି ଜୁନିୟର ଓଡ଼ିଶା ଏଫ୍‌ସି ଦଳ ଖୁବଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏହି ଦଳ ଆସନ୍ତା ସଂସ୍କରଣର ବିଭିନ୍ନ ଟୁର୍ନାମେଣ୍ଟରେ ଭାଗ ନେବ। ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍ ଥାଙ୍ଗବୋଇ ସିଙ୍ଗଟୋ ଶିବିରରେ ଉପସ୍ଥିତ ରହି କହିଥିଲେ ଯେ, ତୃଣମୂଳସ୍ତରରୁ ଖେଳାଳି ବାଛିବା ଆମ କ୍ଲବର ଲକ୍ଷ୍ୟ। ଜୁନିୟର ବର୍ଗରୁ ପ୍ରତିଭାବାନ ଖେଳାଳି ବାଛିବା ଆରମ୍ଭ କରିଛୁ। ରାଜ୍ୟ ସରକାରଙ୍କ ସହଯୋଗ ଜାରି ରହିଛି। କଟକରେ ଏହା ପ୍ରଥମ ପର୍ଯ୍ୟାୟ ଚୟନ ଶିବିର। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବ ବୋଲି ସିଙ୍ଗଟୋ କହିଛନ୍ତି। ଓଡ଼ିଶା ଏଫ୍‌ସିର ମୁଖ୍ୟ ଫୁଟବଲ ଉନ୍ନୟନ ଅଧିକାରୀ ଆକାଶ ନାରୁଲା କହିଥିଲେ ଯେ, ଜୁନିୟର ଓ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଓଡ଼ିଶା ଏଫ୍‌ସିର ମୂଳ ଲକ୍ଷ୍ୟ। ଏହି ଖେଳାଳିମାନେ ଉଚ୍ଚମାନର ପ୍ରଶିକ୍ଷଣ ହାସଲ କରି ଆଗାମୀ ଦିନରେ ଜାତୀୟ ତଥା ବିଭିନ୍ନ ନାମିଦାମୀ କ୍ଲବରେ କିପରି ଦେଖିବାକୁ ମିଳିବେ ସେଥିନିମନ୍ତେ ପ୍ରଚେଷ୍ଟା କରାଯିବ। ଏହି ଅବସରରେ ଗ୍ରାସରୁଟ କୋଚ୍ ସୌରଭ ଭିରଡ଼ି, ସେଖ୍ ସହନୱାଜ ଆଲାମ, ଐଶ୍ୱର୍ଯ୍ୟନ ପିଲାଇ, ସହକାରୀ ଗ୍ରାସରୁଟ ମ୍ୟାନେଜର ଶୁଭମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକର ସତ୍ୟବ୍ରତ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଅନୁଷ୍ଠିତ ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଫୁଟବଲ ଖେଳାଳି।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୋପାଳ ଚନ୍ଦ୍ର ସେଠୀ
ଗୌତମ ନଗର- ୮୫, ଭୁବନେଶ୍ୱର
ତିରୋଧାନ: ତା. ୨୮।୦୧।୨୦୧୭
ସପନ ହଜିଲା ଦୁଃଖ ସାଗରରେ
ସୁଖ ଶାନ୍ତି ଗଲାସରି
ତିନିଟି ବରଷ ବିତିଗଲା ଏବେ
ଦିନେ ନ ଆସିଲ ଫେରି।
ବାପା, ଭାଇ, ଅଜା, ଜେଜେ ଡାକ ଆଉ
ଏ ଘରେ ଶୁଭିଲା ନାହିଁ
କେତେ ଧର୍ଯ୍ୟ ଧରି ରହିଅଛି ମୁହିଁ
ଟିକେବି ଭୁଲିବି ନାହିଁ
ଆଖି ଲୁହସାଥେ ପ୍ରଣତି ଜଣାଉଁ
ଦୁଃଖର ପ୍ରଦୀପ ଜାଳି
ଯେଉଁଠିବି ଥିବ ଭଲରେ ରହିବ
ଆଶୀର୍ବାଦ ଦିଅ ଢାଳି।
ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ, ସେଠୀ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୬୫୩୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ହରିହର ଦାସ
କୁସୁନପୁର, ଜି- କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୮।୧୯୩୨
ତିରୋଧାନ: ୧୯।୦୧।୨୦୨୦
ଆପଣଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ। ଆପଣଙ୍କୁ ହରାଇ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ମାର୍ଗଦର୍ଶନ, ନିଷ୍ଠା, ସତ୍ୟାନୁରାଗ, ସଂସ୍କାର, ସ୍ନେହ, ଶ୍ରଦ୍ଧା ଆମର ଚିର ପାଥେୟ ହେଉ। ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ଦାସ ପରିବାର ଓ ବନ୍ଧୁବାନ୍ଧବ।
ଧ-୧୬୩୬୫

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତା ସେବତୀ ଦାଶ
ସ୍ୱାମୀ: ସ୍ୱର୍ଗତ ଦାମୋଦର ଦାଶ
ଗ୍ରାମ: ଦହିଅଣ୍ଡା, ଗ୍ରା.ପ: ସହିରା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୨୮
ତିରୋଧାନ: ୧୪।୦୧।୨୦୨୦
ଆପଣଙ୍କ ମୃତ୍ୟୁ ଆମକୁ ବହୁତ ଦୁଃଖ ଓ କଷ୍ଟ ଦେଉଅଛି। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ସର୍ବଦା ମନେ ପଡୁଅଛି। ଆମ୍ଭେମାନେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଜ୍ୟେଷ୍ଠପୁତ୍ର: ପୂର୍ଣ୍ଣଚନ୍ଦ୍ର (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ), ପୁତ୍ରବଧୂ: ଜ୍ୟୋତ୍ସ୍ନା, କନିଷ୍ଠ ପୁତ୍ର: ଇଂ. ରାମଚନ୍ଦ୍ର, (ଓୟୁଏଟି କୃଷି ଇଞ୍ଜିନିୟରିଂ କଲେଜ ପ୍ରଫେସର), ପୁତ୍ରବଧୂ: ବନଶ୍ରୀ, ଝିଅ: ହେମବତୀ, ଭାରତୀ, କନକ, ଭଗବତୀ, ଜ୍ୱାଇଁ: ନିରଞ୍ଜନ, ସ୍ୱର୍ଗତ: କଳ୍ପତରୁ, କୃଷ୍ଣଚନ୍ଦ୍ର, ବଳରାମ, ନାତି- ନାତୁଣୀମାନେ ଓ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।
ଧ-୬୮୩୩୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ବିଜୟ କୁମାର ସାହୁ
ପୁରୁଣା ଭୁବନେଶ୍ୱର, ଓଲ୍ଡ ଟାଉନ୍
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ହଠାତ୍ ଆରପାରିକୁ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମର ପାଥେୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଦାଦା: ବାବାଜୀ, ଭ୍ରାତା: ସଞ୍ଜୟ, ଦେବେନ୍ଦ୍ର, ଝିଅ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୬୫

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୁଶୀଳା ସାହୁ
ତିରୋଧାନ: ୨୪।୦୧।୨୦୧୨
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୬୭୪୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



କୃଷ୍ଣ ଚନ୍ଦ୍ର ସାହୁ
ଭୁବନପୁର, ବାଲିଅନ୍ତା, ଖୋର୍ଦ୍ଧା
ଆର୍ବିଭାବ :- ୧୫/୦୭/୧୯୪୨
ତିରୋଧାନ :- ୧୫/୦୧/୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ, ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଶଶାଙ୍କ ଶେଖର ସାହୁ(ପୁଅ), ସସ୍ମିତା ସାହୁ(ବୋହୂ) ଓ ପରିବାର ବର୍ଗ
ଧ-୧୬୩୬୬

**ଏକାଦଶାହ ଉପଲକ୍ଷେ..**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର
ଆବିର୍ଭାବ - ୦୧-୦୭-୧୯୩୭
ତିରୋଧାନ -୧୫.୦୧.୨୦୨୦
ଆପଣଙ୍କ ଅଗାଧ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ନିସ୍ୱାର୍ଥପରତା, ପରୋପକାରିତା, ମାର୍ଗଦର୍ଶନ ଏବଂ କର୍ମତତ୍ପର ଜୀବନ ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣା ଓ ଆଶିର୍ବାଦ ହୋଇ ରହିଥାଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପ୍ରିୟଜନ, ବନ୍ଧୁ ଓ ପରିବାର ବର୍ଗ
ଧ-୧୬୩୫୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



କୋଶଳୀ ଧନୁଯାତ୍ରାର ଷଷ୍ଠ ସନ୍ଧ୍ୟାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ସହ ଅତିଥିମାନେ ।

# ବନ୍ଧୁକ ଦେଖାଇ ୪୦ଭରି ସୁନା ଗହଣା ଲୁଟ୍

## କୁଡାସିଂହାରେ ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି

**ଦେଓଗାଁ,୨୪।୧(ଡି.ଏନ.ଏ.):** ବଲାଙ୍ଗୀର-ଦେଓଗାଁ ୨୬ ନମ୍ବର ଜାତୀୟ ରାଜପଥରେ ଏକ କାରକୁ ଅଟକାଇ କାଚ ଭାଙ୍ଗି ୪ଲକ୍ଷ ଟଙ୍କା ଲୁଟ ଘଟଣାର ୪ ଦିନ ନ ପୁରୁଣୁ ପୁଣି ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହାରେ ଏକ ସଶସ୍ତ୍ର ଡକାୟତି ହୋଇଛି। ଜଣେ ବ୍ୟବସାୟୀଙ୍କ ଘରୁ ପ୍ରାୟ ୪୦ ଭରି ଓଜନର ଗହଣା ଓ ନଗଦ ଟଙ୍କା ଡକାୟତମାନେ ଲୁଟି ନେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୨ଟାରେ ସୁନା ଗହଣା ବ୍ୟବସାୟୀ ଉଜ୍ଜଳ ସାହୁଙ୍କ ଘରକୁ ୧୩ରୁ ୧୪ଜଣ ଯୁବକ ପଶି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇବା ସହ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ପରେ ଦୁର୍ବୃତ୍ତମାନେ ଘରୁ ସୁନା ଗହଣା ଓ ନଗଦ ଟଙ୍କା ଲୁଟ ନେଇଥିବା ଦେଓଗାଁ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ବ୍ୟବସାୟୀଙ୍କ ସ୍ତ୍ରୀ ବୈଦେହୀ ସାହୁ,



ବ୍ୟବସାୟୀଙ୍କ ଘର।

ଝିଅ ମିତାରାଣୀ ଓ ପୁତୁରା ଭୋଜରାଜ ସାହୁ ଆହତ ହୋଇଛନ୍ତି। ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତି କରି ଦେଓଗାଁ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୯/୨୦୨୦) ରୁଜୁ କରିଛି। ଡକାୟତିର ଶିକାର ହୋଇଥିବା କୁଡାସିଂହାର ବ୍ୟବସାୟୀ ଉଜ୍ଜଳ ସାହୁଙ୍କ ଅଭିଯୋଗ ମୁତାବକ, ରାତି ପ୍ରାୟ ୧୨ଟାରେ ୧୨ରୁ ୧୫ ଜଣ ଯୁବକ ୨ଟି ଚାରିଚକିଆ ଗାଡିରେ ଆସି ଘର କବାଟ ଭାଙ୍ଗି ଭିତରକୁ ପଶି ଥିଲେ। ସେମାନେ ପରିବାର ଲୋକଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇବା ସହ ଆକ୍ରମଣ କରି ନଗଦ ୪୦ ହଜାର ଟଙ୍କା ଓ ପ୍ରାୟ ୪୦ଭରି ଓଜନର ସୁନା ଗହଣା ଲୁଟ ନେଇଥିବା ବ୍ୟବସାୟୀ ସାହୁ ଅଭିଯୋଗ କରିଛନ୍ତି।

# ଯୁବକଙ୍କୁ ରୋଜଗାରକ୍ଷମ କରାଯିବ: ମନ୍ତ୍ରୀ

## କୋଶଳୀ ଧନୁଯାତ୍ରାର ୬ଷ୍ଠ ସନ୍ଧ୍ୟା

**ନୂଆପଡା ଅଫିସ,୨୪।୧**

ନୂଆପଡା ଏକ ଉପାନ୍ତ ଜିଲା। ଏଠିକାର ଯୁବକମାନଙ୍କ ମଧ୍ୟରେ ଅଦମ୍ୟ ଇଚ୍ଛା ଏବଂ ପ୍ରତିଭା ଭରି ରହିଛି। ସେମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ନୂଆପଡାଠାରେ ଚାଲିଥିବା କୋଶଳୀ ଧନୁଯାତ୍ରାର ୬ଷ୍ଠ ସନ୍ଧ୍ୟାରେ ଆୟୋଜିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ଶୁକ୍ରବାର ସନ୍ଧ୍ୟା ୭ଟାରେ ଧନୁଯାତ୍ରା ମଞ୍ଚ ଚମକି ଉଠିଥିଲା। ଏଥିରେ ପ୍ରଥମେ ଟିଟୁ ଜିମ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଆୟୋଜିତ ମଞ୍ଚରେ କୋଶଳୀ



ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଉଛି।

ଧନୁଯାତ୍ରା ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀ ଅଧ୍ୟକ୍ଷତା କରିଥିବାବେଳେ ମନ୍ତ୍ରୀ ମିଶ୍ର ମୁଖ୍ୟଅତିଥି, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷ ନମିତା ପ୍ରଧାନ, ଧନୁଯାତ୍ରା କମିଟି ସମ୍ପାଦକ ହରିଶ୍ଚନ୍ଦ୍ର ପଣ୍ଡା, ଓଡିଶା ବଡି ବିଲଡିଂ ଫେଡେରେଶନର ସମ୍ପାଦକ ସନ୍ତୋଷ ମହାନ୍ତି, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବନୀ ରଞ୍ଜନ ଯୋଷୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଲୋକନାଥ ରଥ, ସଞ୍ଜୟ କୁମାର ପାଢୀ, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ହରିଶ୍ଚନ୍ଦ୍ର ପଣ୍ଡା, ସୁରଜିତ ସିଂ ମହାରଥା, ଯାଜ୍ଞସେନୀ ମହାପାତ୍ର, ସଞ୍ଜୟ ପାଢୀଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ମହାରାଜ କଂସ ଦରବାରକୁ ଆସିଥିଲେ। ଏହି କ୍ରମରେ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ କରାଯାଇଛି। ସେ ଶ୍ରୀକୃଷ୍ଣ ବଳରାମଙ୍କୁ ଧନୁଯାତ୍ରାକୁ ବରଣ କରିବାକୁ ଯାଇଛନ୍ତି। ଅନ୍ୟପଟେ ଗୋପପୁର ଭାବେ ଅଭିହିତ କରାଯାଇଥିବା ମହୁଲଭଟାଗାଁରେ ରାସ ଲୀଳା, ଗୋପିଙ୍କ ବସ୍ତ୍ରହରଣ କାର୍ଯ୍ୟକ୍ରମ ବେଶ ଆନନ୍ଦଦାୟକ ଥିଲା। ତାକୁ ଦେଖିବାକୁ ମନ୍ତ୍ରୀ ମିଶ୍ର ଯାଇଥିଲେ। ତାଙ୍କ ସହ ସ୍ଥାନୀୟ ବିଧାୟକ, ବିଜେଡିରୁ ଅବନୀ ରଞ୍ଜନ ଯୋଷୀ, ସ୍ଥାନୀୟ କାର୍ଯ୍ୟକ୍ରମ ସଂଯୋଜକ ଶଙ୍କରଲାଲ ଦଣ୍ଡସେନା, ଜନାର୍ଦ୍ଦନ ରଣା ପ୍ରମୁଖ ଯୋଗଦେଇଥିଲେ।




# ଧାନ କିଣାରେ ଅନିୟମିତତା

**ପଦ୍ମପୁର,୨୪।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର ସେବା ସମବାୟ ସମିତିରେ ଧାନ କିଣାରେ ଅନିୟମିତତା ନେଇ ଚାଷୀମାନେ ଶୁକ୍ରବାର ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ, ନାୟକାଣିଡିହୀ ଥାନାଧିକାରୀ ଓ କଷିଆ ସାମୁଦ୍ରିକ ଥାନାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ସମିତିରେ ଧାନ ବିକ୍ରୟ ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ଅନେକ ଚାଷୀ ଏଯାଏ ଟୋକନ୍ ପାଇନାହାନ୍ତି। ଅନ୍ୟପକ୍ଷେ ଟୋକନ୍ ପାଉଥିବା ଚାଷୀମାନେ ଠିକ୍ ସମୟରେ ଆବଶ୍ୟକ ବସ୍ତା ପାଉ ନ ଥିବାରୁ ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିପାରୁ ନାହାନ୍ତି। ଅନ୍ୟ ସେବା ସମବାୟ ସମିତିରେ ୬ ପ୍ରତିଶତ ଧାନ କଟାଯାଉଥିବା ବେଳେ ଏହି ସମିତିରେ ୭ ପ୍ରତିଶତ କଟାଯାଉଛି। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଟ୍ରେନ ଲାଇନରେ କଟି ଯୁବକ ମୃତ

**ବ୍ରଜରାଜନଗର,୨୪।୧ (ଡି.ଏନ.ଏ.):**ବ୍ରଜରାଜନଗର ଥାନା ଅନ୍ତର୍ଗତ ଲିଜକୁରା ଫାଟକପଡା ପାଖରେ ରେଳ ଲାଇନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ନାମ ରବିଶଙ୍କର ଗୋପ (୩୦)। ସେ ଝାଡ଼ଖଣ୍ଡର ମୂଳ ବାସିନ୍ଦା। ସେ ଲମତିବାହାଲରେ ଭଡାରେ ରହି ପଙ୍ଖା ମିସ୍ତ୍ରି କାମ କରୁଥିଲେ। ସେ କୌଣସି କାରଣରୁ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଶ୍ରମିକ ନେତା, ଡାକ୍ତର, ବ୍ୟବସାୟୀଙ୍କ ଘରୁ ଚୋରି

ସୋନପୁର,୨୪।୧(ନି.ପ୍ର.)
ସୋନପୁର ସହରରେ ଚୋରି ଘଟଣା ବୃଦ୍ଧି ପାଉଛି । ବୁଧବାର ରାତିରେ ଶ୍ରମିକ ନେତା ଗୋବିନ୍ଦ ମହାରଣାଙ୍କ ରାମଜୀନଗରସ୍ଥିତ ବାସଭବନରେ ଚୋରି ହୋଇଛି । ଶ୍ରମିକ ନେତା ମହାରଣା ସ୍ତ୍ରୀ ଜ୍ୟୋତିର୍ମୟୀଙ୍କ ସହିତ ସାଂଗଠନିକ କାର୍ଯ୍ୟରେ ୨୦ ତାରିଖରୁ କଲିକତା ଯାଇଥିଲେ । ୨୩ ତାରିଖରେ ଘରକୁ ଫେରିବା ପରେ ପଛପଟ ଝରକା ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ତାଙ୍କର ନଗଦ ୧୨ ହଜାର ୫ଶହ ଟଙ୍କା, ୪ ଭରିରୁ ଊର୍ଦ୍ଧ୍ୱ ସୁନା ଓ ରୂପା ଅଳଙ୍କାର, ରୂପା କଏନ ଓ ଶାଢୀ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି । ସେହିପରି ପୂର୍ବ ରାତିରେ ବଡବଜାରର ବ୍ୟବସାୟୀ ରମୁ ଅଗ୍ରୱାଲାଙ୍କ ଘରୁ ଚୋରି ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗୋକର୍ଣ୍ଣେଶ୍ୱର ପଡାର ଡାକ୍ତର ତ୍ରିବିକ୍ରମ ପାଣ୍ଡିଆଙ୍କ ଘରୁ ଚୋରି ହୋଇଛି । ଡାକ୍ତର ପାଣ୍ଡିଆ ଝିଅ ବାହାଘର ପାଇଁ ବାଙ୍ଗାଲୋର ଯାଇଥିଲେ। ଘରେ କେହି ନ ଥିବା ସମୟରେ ଚୋରି ହୋଇଥିବା ଜଣାପଡିଛି । ସେ ଶୁକ୍ରବାର ବାଙ୍ଗାଲୋରରୁ ସୋନପୁର ଫେରିଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘରେ କେହି ନ ଥିବା ସମୟରେ ଏକ ର୍ୟାକେଟ୍ ଚୋରି କରୁଛନ୍ତି। ସହରରେ ବାରମ୍ବାର ଏଭଳି ଘଟୁଛି ।

# ଜଙ୍ଗଲ ରହିଲେ ଜୀବନ ଜୀବିକା ସୁରକ୍ଷିତ ରହିବ

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା

ସୋନପୁର,୨୪।୧(ନି.ପ୍ର.)



ବାର୍ଷିକ ସମୀକ୍ଷା ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଖଣ୍ଡୀୟ ବନ ଅଧିକାରୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଭାଗ-୨ର ବାର୍ଷିକ ସମୀକ୍ଷା ବୈଠକ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ୨୦୧୯ ଆର୍ଥିକ ବର୍ଷରେ କରାଯାଇଥିବା କାର୍ଯ୍ୟର ସମୀକ୍ଷା ହୋଇଥିଲା । ଜିଲାପାଳ ବାନାର୍ଜୀ କହିଥିଲେ ଜଙ୍ଗଲ ରହିଲେ ଜୀବନ ଜୀବିକା ସୁରକ୍ଷିତ ରହିବ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆର୍‌ଡିଏ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ଜଙ୍ଗଲର ଅଭିବୃଦ୍ଧି ଓ ଏହାର ଉପକାରିତା ବିଷୟରେ ଆଲୋଚନା କରିଥିଲେ । ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟ ସଭାରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ୨୦୧୮ଜାନୁୟାରୀ ୧୯ ତାରିଖରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ଏବଂ ଖଣ୍ଡୀୟ ପରିଚାଳନା କାର୍ଯ୍ୟାଳୟ ବିନିକା, ସୋନପୁର ଓ ଉଲୁଣ୍ଡା ଏଫଏମ୍‌ୟୁ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା । ବନ ପରିଚାଳନା ୟୁନିଟ୍ ଦ୍ୱାରା ଗଠନ କରାଯାଇଥିବା ବନ ସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବର୍ଗୀକରଣ, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ବନ ସୁରକ୍ଷା ସମିତିର ଦକ୍ଷତା ବୃଦ୍ଧି, ଜଙ୍ଗଲ ସନ୍ନିକଟ ଗ୍ରାମର ଅଧିବାସୀଙ୍କ ଜୀବନ ଜୀବିକାର ଉନ୍ନତିକରଣ, ଜଙ୍ଗଲ ପରିଚାଳନା ସମ୍ବନ୍ଧୀୟ ତାଲିମ, ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କ ଜୀବନ ଧାରଣର ମନୋବୃତ୍ତି ଏବଂ ସ୍ଥାନୀୟ ପ୍ରଶାସନର ସହଯୋଗିତାରେ ବିଭିନ୍ନ ରୋଜଗାର କ୍ଷମ ପନ୍ଥା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗତ ୧ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା(ଜାଇକା) ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ୧୦ ବର୍ଷ ପାଇଁ ଏହି ପ୍ରକଳ୍ପ ଜରିଆରେ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ସହ ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଡିଏଫଓ ସାମନ୍ତରାୟ କହିଥିଲେ। ଜିଲାର ମୋଟ ୭୫ଟି ବନ ସଂରକ୍ଷଣ ସମିତି ମଧ୍ୟରୁ କିଛି ସକ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଗଡିଆ ବନ ସୁରକ୍ଷା ସମିତିର କରମଚାନ୍ଦ ମହାନ୍ତି, ବାଲପୁରର ଶଙ୍କର ସା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ରେବତୀ ଡନସେନା ନିଜ ଅନୁଭୂତିକୁ ଅତିଥିଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ କ୍ଷେତ୍ରୀୟ ପରିଚାଳନା ସଂସ୍ଥା(ଏଫଏମ୍‌ୟୁ) ଅନ୍ତର୍ଗତ ବିଭିନ୍ନ ଭିଏସ୍‌ଏସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏଫଏମ୍‌ୟୁ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ଉପକରଣ, ସାମଗ୍ରୀ ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ ଫଟୋଚିତ୍ରକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଉଲୁଣ୍ଡା ବନାଞ୍ଚଳ ଅଧୀନରେ ଥିବା ବନ ସୁରକ୍ଷା ସମିତିକୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସୋନପୁର ରେଞ୍ଜର ଶିବ ପ୍ରସାଦ ନାଏକ, ବିନିକା ରେଞ୍ଜର ପ୍ରେମରାଜ ଧରୁଆ ଓ ବୀରମହାରାଜପୁର ରେଞ୍ଜର ଅବିନାଶ ଧରୁଆଙ୍କ ସମେତ ସମସ୍ତ ବନପାଳ ସହଯୋଗ କରିଥିଲେ।


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

## ପାତାଳି ମହୋତ୍ସବ କଳସ ଯାତ୍ରା

ଉଲୁଣ୍ଡା,୨୪।୧(ଡି.ଏନ.ଏ.)
ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରେ ପଞ୍ଚଦଶ ପାତାଳି ମହୋତ୍ସବ ପାଇଁ କଳସ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦର ପକ୍ଷରୁ ଆୟୋଜିତ କଳସ ଯାତ୍ରାରେ କୋଟସମଲାଇ, ଖୁଣ୍ଟୁଲାପାଲି, ରେଡମ, ଖଜୁରିଆପାଲି, ଗୁଲାବନ୍ଧ ଗ୍ରାମରୁ ୧୫୧ଜଣ ମହିଳା ସାମିଲ ହୋଇଥିଲେ। ଜଗନ୍ନାଥ ପୋଖରୀରୁ ମହିଳାମାନେ କଳସରେ ପାଣି ଧରି ନଗର ପରିକ୍ରମ କରିଥିଲେ। ଏଥିରେ ପାଣି ସୁବଲୟାର କୀର୍ତ୍ତନ ଦଳ, କୋଟସମଲାଇର ମହିଳା କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ପଞ୍ଚକୁଣ୍ଡିଆ ମଣ୍ଡପରେ ମହିଳାମାନେ ପହଞ୍ଚିବା ପରେ କଳସ ସ୍ଥାପନ କରାଯାଇଥିଲା। ଦେବାର୍ଚ୍ଚନ ଦାସ ପୂଜାକାର୍ଯ୍ୟ ତୁଲାଉଛନ୍ତି। କର୍ତ୍ତା ଭାବେ ଚମରା ଅମାତ ଏବଂ ତାଙ୍କ ସ୍ତ୍ରୀ ସୈଳେନ୍ଦ୍ରି ଦାୟିତ୍ୱ ତୁଲାଉଛନ୍ତି। ଶନିବାରଠାରୁ ୭ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ୫୬ ପ୍ରହର ନାମଯଜ୍ଞ, ପଞ୍ଚକୁଣ୍ଡୀୟ ଘୃତଯଜ୍ଞ, ଭଜନ, ପ୍ରବଚନ, ଧର୍ମସଭା ଆଦି କାର୍ଯ୍ୟକ୍ରମ ରହିଛି। ଆୟୋଜକ ପରିଚାଳନା ଟ୍ରଷ୍ଟର ସମ୍ପାଦକ ଉତ୍ତର କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢୀ, ଜାନକୀରାମ ଦେହୁରୀଙ୍କ ସମେତ ବହୁ ସଦସ୍ୟ ସହଯୋଗ କରୁଛନ୍ତି।

## ବାଘରତୈଳାରେ ସ୍ୱଚ୍ଛତା ଚାମ୍ପିୟନ ଦିବସ ପାଳିତ



ବାଘରତୈଳାରେ ସ୍ୱଚ୍ଛତା ଚାମ୍ପିୟନ ଦିବସ ପାଳନରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ।

ଅମରପାଲି,୨୪।୧(ଡି.ଏନ.ଏ)
ବୀରମହାରାଜପୁର ବ୍ଲକ ଅଧୀନ କେଞ୍ଜିରିଆପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ ବାଘରତୈଳା ଗାଁ କଲ୍ୟାଣ ସମିତି ପକ୍ଷରୁ ବିଶ୍ୱାସ କାର୍ଯ୍ୟକ୍ରମର ଦଶମ ଅଭିଯାନ ସ୍ୱଚ୍ଛତା ଚାମ୍ପିୟନ ଦିବସ ପାଳିତ ହୋଇଯାଇଛି । ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ, ସରପଞ୍ଚ ସନ୍ତୋଷ କୁମାର ପଧାନ, ନାଏବ ସରପଞ୍ଚ ଚପଳା ପଲତା, ସ୍ୱାସ୍ଥ୍ୟକର୍ମୀ ଅଳକା ମହାକୁର, ଆଶାକର୍ମୀ ସରସ୍ୱତୀ ପଲତା, ପୁଷ୍ପାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ଶୌଚାଳୟର ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଶେଷରେ ଅଙ୍ଗନୱାଡି କର୍ମୀ ମଞ୍ଜୁ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଚେତନତା ଦ୍ୱାରା କନ୍ୟା ଶିଶୁ ସୁରକ୍ଷା ସମ୍ଭବ

### ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳନ

ସୋନପୁର,୨୪।୧(ନି.ପ୍ର.)
ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କନ୍ୟା ସନ୍ତାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଯୋଗଦେଇ ସଚେତନତା ଦ୍ୱାରା କନ୍ୟା ଶିଶୁ ସୁରକ୍ଷା ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଭାରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ଶିକ୍ଷାହାର ବୃଦ୍ଧି ସହିତ ଜନସଚେତନତା ସୃଷ୍ଟି କରାଯାଇ ପାରିଲେ କନ୍ୟା ଶିଶୁ ସୁରକ୍ଷା ସମ୍ଭବ ହୋଇପାରିବ ବୋଲି କହିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଲିଙ୍ଗ ଅନୁପାତ ହ୍ରାସ ଦେଶରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ସୁବର୍ଣ୍ଣପୁର ଜିଲାରେ ସେ ସମସ୍ୟା ନାହିଁ ବୋଲି କହିଥିଲେ । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ସିନେ ପ୍ରଯୋଜକ ସୁଶାନ୍ତ ମହାପାତ୍ର, କଳା ନିର୍ଦ୍ଦେଶକ ମଣ୍ଟୁ ମହାପାତ୍ର, ଅଭିନେତ୍ରୀ ଚନ୍ଦନା ସିଂ, ଗାୟିକା ପ୍ରତିତି ମିଶ୍ର, ଜିତେନ୍ଦ୍ର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ କନ୍ୟା ଶକ୍ତି ଅବର୍ଣ୍ଣନୀୟ ଏବଂ ଅଦମ୍ୟ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମ୍ଭକାର ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସ୍ୱୟଂ ଶ୍ରୀୟା ପୂଜାରୀ ପ୍ରଥମ, ପ୍ରତିମା ପାତ୍ର ଦ୍ୱିତୀୟ ଓ ସୁଜାତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରମୋଦ ଚନ୍ଦ୍ର ସାହୁ ଓ ମନୋଜ ପ୍ରଧାନ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ ।


ମୁଖ୍ୟଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ରାଜ୍ୟସ୍ତରୀୟ ଫୁଟବଲ: ରାଉରକେଲା ବିଜୟୀ

ପୁରୁଣାକଟକ,୨୪।୧(ଡି.ଏନ.ଏ)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମରେ ପୁରୁଣାକଟକ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମା ଭୈରବୀ କପ୍ ଫୁଟବଲ୍ ପ୍ରତିଯୋଗିତା ଉଦଘାଟିତ ହୋଇଛି। ପ୍ରଥମ ଦିବସରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ୟୁନାଇଟେଡ୍ ସ୍ପୋର୍ଟିଂ ରାଉରକେଲା ସହିତ ସଂଘର୍ଷ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧର ୧୬ ମିନିଟରେ ରାଉରକେଲା ଦଳର ୬ ନମ୍ବର ଓ ୨୫ ମିନିଟରେ ୮ନମ୍ବର ଖେଳାଳି ଗୋଲ ସ୍କୋର କରିଥିଲେ। ଫଳରେ ରାଉରକେଲା ଦଳ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ମୁଖ୍ୟଅତିଥି, ପୁରୁଣାକଟକ ଥାନାଧିକାରୀ ଜୋସ୍ନା କାଉଁରୀ, ପୁରୁଣାକଟକ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୁରଲୀଧର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷଦେବ ବେହେରା ମୁଖ୍ୟ ରେଫରୀ ଭାବେ ଖେଳ ପରିଚାଳନା କରିଥିବା ବେଳେ ପ୍ରବୀଣ କୁମାର ବେହେରା, ସୁରେନ୍ଦ୍ର କୁମାର ବେହେରା, ଶ୍ରୀକାନ୍ତ ବହିଦାର, ସଞ୍ଜୟ କୁମାର ଜେନା ଲାଇନ ମ୍ୟାନ କାର୍ଯ୍ୟ ତୁଲାଇଥିଲେ । ଆସୋସିଏଶନ ସଭାପତି ସୁରେନ୍ ପ୍ରଧାନ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ସଂଯୋଜକ ସୁକାନ୍ତ ପଟ୍ଟନାୟକ, ଆବାହକ ପ୍ରଦତ୍ତ ଭୋକ୍ତା, କ୍ୟାସିୟର ଶତୀଶ ବେହେରା, କୈଳାସ ଅଗ୍ରୱାଲା, ଅଜିତ୍ ଦେହୁରୀ, ଶୁଭ୍ରଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଯୁକ୍ତ ୨ କଲେଜର ଅଧ୍ୟକ୍ଷ ମନୋଜ କୁମାର ପାଠୀ ଧାରା ବିବରଣୀ ପାଠ କରିଥିଲେ । ଶନିବାର ପୁରୁଣାକଟକ ଭୈରବୀ କ୍ଲବ ବନାମ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ


ରାଜ୍ୟସ୍ତରୀୟ ସମ୍ବଲପୁରୀ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍/ଭେଡ଼େନ,୨୪।୧
ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମରେ ୫୦ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନୋହର ସାଂସ୍କୃତିକ ସଂସଦ ଏବଂ ଶହୀଦ କ୍ଲବ, ତାଲମେଣ୍ଡାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭେଡ଼େନ ରାମଲୀଳା ଉତ୍ସବର ରାବଣ ଅଭିନେତା ଜଗଦାନନ୍ଦ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଭାଷା ସଙ୍ଗଠକ ଦିଲୀପ ଦେବତାଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ନାଟ୍ୟକାର ମୋହନ ସିଂ କନ୍ହେଇ, କବି ଦେବେନ୍ଦ୍ର ସାହୁ, ହରିଲାଲ ସାହୁ, ରଞ୍ଜିତ ପ୍ରଧାନ, ଶିବଶଙ୍କର ପ୍ରଧାନ, ରାମପ୍ରସାଦ ବାଗ, ବୃନ୍ଦାବନ ସାହୁ ଅତିଥି ଭାବେ ମଞ୍ଚାସୀନ ଥିବାବେଳେ ପ୍ରଫୁଲ୍ଲ ସାହୁ, ଅଧ୍ୟାପକ ନାରାୟଣ ଭୋଇ, ସଙ୍ଗୀତା ଷଡ଼ଙ୍ଗୀ କବିତା ଗୁଡ଼ିକର ସଂଯୋଜନା କରିଥିଲେ । ଅଧ୍ୟାପକ ସୁକୁମାର ଭୋଇ ବକ୍ତା ଭାବେ ଯୋଗଦେଇ ସମୀକ୍ଷାମୂଳକ ଉଦବୋଧନ ଦେଇଥିଲେ । କବି ସୋନାଲି ପାଢ଼ୀ, ଅହଲ୍ୟା ପ୍ରଧାନ, ମଞ୍ଜୁଲତା ସାହୁ, ନବନିତା ମହାପାତ୍ର, ନମିତା ଯାଦବ, ଅଞ୍ଜଳି ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ରଞ୍ଜିତ ପ୍ରଧାନ, ଅଧିକାରୀ ସା, ପ୍ରବୀଣ ସାହୁ, ରୋହିତ ନାଏକ, ସୁବାସ ମେହେର, ଗୁଣନିଧି ଭେଇ, ସୁଶୀଲ ବୁଧିଆ ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ଉପେନ୍ଦ୍ର କୁମାର ଭୋଇ ଅଧ୍ୟକ୍ଷତା କରିଥିବାବେଳେ ସୁରେନ୍ଦ୍ର ସାଏ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ, ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ବର୍ଷିୟାନ ଅଭିନେତା ଡଃ ଅଟଳ ବିହାରୀ ପଣ୍ଡା ମୁଖ୍ୟଅତିଥି, କଥାକାର ଧନପତି ମହାପାତ୍ର, ନରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଲିଟୁ ମହାନ୍ତି, ଅଶ୍ୱିନୀ କୁମାର ପଣ୍ଡାଙ୍କୁ ମନୋହର ନାଟ୍ୟ ସମ୍ମାନ ନିର୍ଦ୍ଦେଶକ, ଛତିଶଗଡ଼ର ପଙ୍କଜ ଭୋଇଙ୍କୁ ମନୋହର ପ୍ରତିଭା ସମ୍ମାନ, ଅଧ୍ୟାପକ ରାଜେଶ ରାୟଙ୍କୁ ନାଟ୍ୟ ସମ୍ମାନ, ସାଗରିକା ଯୋଶୀଙ୍କୁ ମନୋହର କୁନି ପ୍ରତିଭା ସମ୍ମାନ, ଅତୀଶ ଶତପଥୀଙ୍କୁ ବୁଦ୍ଧଦେବ ଦାସ ନାଟ୍ୟ ସମ୍ମାନ, କବି ଅଧିକାରୀ ସାଙ୍କୁ ସଞ୍ଜୀବ ବଣିଆଁ ସ୍ମୃତି ସମ୍ମାନ, ବିନୋଦ ବୈକାରଙ୍କୁ ଫେସବୁକ୍ କବି ସମ୍ମାନ, ଅର୍ଜୁନ ମେହେରଙ୍କୁ ମନୋହର କବିତା ସମ୍ମାନ, ଅଲକା ଦାଶଙ୍କୁ ଗଳ୍ପ ସମ୍ମାନ, ଯଶୋବନ୍ତ ବିଶ୍ୱାଳଙ୍କୁ ପ୍ରବନ୍ଧ ସମ୍ମାନ ପ୍ରଦାନ କରାଯାଇଥିଲା । ତେଜରୁ ବାରିକ ମାନପତ୍ର ପାଠ କରିଥିବାବେଳେ ଖଗେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅଜିତ କୁମାର ପାଣିଗ୍ରାହୀ ସଙ୍ଗୀତ ପରିବେଷଣ କରିଥିଲେ । ସେହିପରି ପଦ୍ମପୁରର 'ଲୁ' ନାଟ୍ୟ ସଂସଦ ଗାନ୍ଧୀଛକ, କଟାପାଲି ସ୍ପେଶ ଥିଏଟର କିଛିଗୁଟେ ନାଟକ ପରିବେଷଣ କରିଥିବାବେଳେ ଶିବଶଙ୍କର ପୂଜାରୀଙ୍କ କବିତା ପୁସ୍ତକ, ନାଟ୍ୟକାର ପବିତ୍ର ମୋହନଙ୍କ ନାଟକ ମାଏଟ୍ ଉନ୍ମୋଚିତ ହୋଇଥିଲା ।

## ଲୋକମହୋତ୍ସବ ମାଲେଶ୍ରୀର ପ୍ରସ୍ତୁତି ବୈଠକ

ଅମରପାଲି,୨୪।୧(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡୀୟ ଲୋକମହୋତ୍ସବ ମାଲେଶ୍ରୀର ପ୍ରସ୍ତୁତି ବୈଠକ ସ୍ଥାନୀୟ ମୈତ୍ରୀ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ଉପଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଅଶୋକ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡୀୟ ପୋଲିସ ଅଧିକାରୀ ତଥା ମହୋତ୍ସବର ସାଂସ୍କୃତିକ କମିଟି ସମ୍ପାଦକ ଧିରୋଜ ଚୌପଦାର, ସହକାରୀ ଜିଲାପାଳ ଅଭିଳାଷ ପୁରୋହିତ, ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ, ବୀରମହାରାଜପୁର ତହସିଲଦାର ସୂର୍ଯ୍ୟାଂଶୁ ରୁତ, ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଉଲୁଣ୍ଡା ବ୍ଲକର ଆକାଉଣ୍ଟ ଅଧିକାରୀ ଶ୍ୟାମଲାଲ ବନରାଜ, ସାଂସ୍କୃତିକ କମିଟି କାର୍ଯ୍ୟକାରୀ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ସମ୍ପାଦକ ଭୂଷଣ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ଶିକ୍ଷାବିତ ଡ. ପ୍ରଫୁଲ୍ଲ କୁମାର ରଥ, ରାମକୃଷ୍ଣ ହୋତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ସନ୍ତୋଷ ଷଡଙ୍ଗୀ, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସଭାପତି ସରୋଜ ବାରିକ, ଅଯତ୍ନ କଲତା, ପୂର୍ବତନ ସରପଞ୍ଚ ନାରାୟଣ ଲୁହା, ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର, ନାରାୟଣ ଦେହେରୀ, ଦୟାନିଧି ହୋତା, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ଯୋଗଦେଇ ନିଜ ମତ ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ମାଲେଶ୍ରୀ ଖୋଲା ମଞ୍ଚରେ ବିଭିନ୍ନ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏପରି କି ସାଂସ୍କୃତିକ ଆଲୋଚନା ଚକ୍ର, ପୁସ୍ତକମେଳା, ଉନ୍ନୟନ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ମାଲେଶ୍ରୀ ଅଷ୍ଟମ ବର୍ଷରେ ପହଞ୍ଚିଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ମରଣିକା ପ୍ରକାଶ କରାଯିବ। ମହୋତ୍ସବ ପରିଚାଳନା ନେଇ ବିଭିନ୍ନ କମିଟି ଗଠନ କରାଯାଇଛି । ଆଗାମୀ ବୈଠକରେ ମନ୍ତ୍ରୀଙ୍କ ସମେତ ବୀରମହାରାଜପୁର ଉପଖଣ୍ଡର ସମସ୍ତ ଲୋକପ୍ରତିନିଧି ଯୋଗଦେବେ ଏବଂ ମାଲେଶ୍ରୀର ବୃତ୍ତାନ୍ତ ରୂପରେଖ ପ୍ରସ୍ତୁତି କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି ।


ଲୋକମହୋତ୍ସବ ମାଲେଶ୍ରୀର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀ ଓ କର୍ମକର୍ତ୍ତାମାନେ।

## ବାଉଁଶ ଚାଷ ତାଲିମ ଶିବିର

ସୋନପୁର,୨୪।୧(ନି.ପ୍ର.)
ସୁବର୍ଣ୍ଣପୁର ବନଖଣ୍ଡ ପକ୍ଷରୁ ଏକ ଦ୍ୱିଦିବସୀୟ ବାଉଁଶ ଚାଷ ତାଲିମ ଶିବିର ଶୁକ୍ରବାର ବନଖଣ୍ଡ ଅଧିକାରୀଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ଷେତ୍ର ପରିଚାଳନା ନିମନ୍ତେ ଜାତୀୟ ବାଉଁଶ ମିଶନର ବାର୍ଷିକ କାର୍ଯ୍ୟ ଖସଡା ୨୦୧୯-୨୦ ଗୃହୀତ ହୋଇଥିଲା। ବନଖଣ୍ଡ ଅଧିନସ୍ଥ ବାଉଁଶ ଚାଷୀମାନଙ୍କ ଉପସ୍ଥିତିରେ ଉଦ୍ୟମୀ ଚାଷୀ ବ୍ରଜ ପ୍ରଧାନ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଭବାନିପାଟଣାର ପ୍ରତ୍ୟୁଷ ଜ୍ୟୋତି ଯୋଶୀ ନିଜ ଅନୁଭୂତି ଓ ବାଉଁଶ ଚାଷ ଉପରେ ନୂତନ କୌଶଳ ବିଷୟରେ ଆଲୋଚନା କରିଥିଲେ । ଶିବିରରେ ଡିଏଫ୍‌ଓ ସୁଶାନ୍ତ କୁମାର ସାମନ୍ତରାୟ, ସୋନପୁର ରେଞ୍ଜର ଶିବ ପ୍ରସାଦ ନାଏକ, ବିନିକା ରେଞ୍ଜର ପ୍ରେମରାଜ ଧରୁଆ ଓ ବୀରହମାରାଜପୁର ରେଞ୍ଜର ଅବିନାଶ ଧରୁଆ ଉପସ୍ଥିତ ଥିଲେ। ଜିଲାର ମୋଟ ୮୪ ଜଣ ବାଉଁଶ ଚାଷୀ ଓ ବାଉଁଶ ଶିଳ୍ପୀ ଶିବିରରେ ଅଂଶଗ୍ରହଣ କରିଥିଲେ।

ତୁମେ ନିଜେ ଯେଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ...

### ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକୋତ୍ସବ

ଝାରବନ୍ଧ, ୨୪।୧ (ଡି.ଏନ.ଏ)
ଝାରବନ୍ଧ ଶ୍ରୀମା ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଅଇଁଠୁ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡା, ବିଇଓ ରଣଜିତ ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ହୃଷିକେଶ ବରିହା, ଜୁନିୟର କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁ, ଧୃବଚରଣ ହାତୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଗୋବିନ୍ଦ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାକେନ୍ଦ୍ରର ଅଧକ୍ଷ କୈଳାଶ ରଣା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଶିବପ୍ରସାଦ ପଟେଲ ବିବରଣୀ ପଠନ କରିଥିଲେ ଓ ବିଶିକେଶନ ଧରୁଆ ସଭା ପରିଚାଳନା କରିଥିଲେ। ଗୁଣମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଜୟନାରାୟଣ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ରସାନନ୍ଦ ପ୍ରଧାନ, ଦଶରଥ ବାରିକ, ସଞ୍ଜୟ ବରିହା ସହଯୋଗ କରିଥିଲେ ।

### କୁଳିତା ସମାଜର ବାର୍ଷିକ ସଭା

ଝାରବନ୍ଧ, ୨୪।୧ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ଚଣ୍ଡୀଭଟା କେନ୍ଦ୍ରର ମହଗାଁଠାରେ ସର୍କଲ ସ୍ତରୀୟ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସହ ସଂଯୋଜକ ବାସୁଦେବ ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲା ଉପସଭାପତି ହେମସାଗର ମୁଖ୍ୟଅତିଥି, କାର୍ଯ୍ୟକାରିଣୀ ସଭାପତି ଭୋଳାନାଥ ପ୍ରଧାନ, ଟାଇଲ ଚନ୍ଦ୍ର ଭୋଇ, କୋଡିନା କେନ୍ଦ୍ର ସଭାପତି ତୁଳସୀରାମ ପ୍ରଧାନ, ଗୌଡମାଳ କେନ୍ଦ୍ର ସଭାପତି ରସାନନ୍ଦ ପ୍ରଧାନ, ଓମ୍ପ୍ରକାଶ ପ୍ରଧାନ, ଡା. ନରେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସୁରେନ୍ଦ୍ର ପ୍ରଧାନ, ଦୁର୍ବାଦଳ ପ୍ରଧାନ, ଅରୁଣ ପ୍ରଧାନ, ଜଳଧର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉପେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିବମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ

ସୋହେଲା,୨୪।୧(ଡି.ଏନ.ଏ)
ସୋହେଲା ବ୍ଲକ ଡୁମ୍ବେରପାଲି ପଞ୍ଚାୟତ ଖଇରପାଲି ଗ୍ରାମରେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ନବନିର୍ମିତ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅପରାହ୍ନରେ ମନ୍ଦିରରେ ଲିଙ୍ଗ ସ୍ଥାପନ ସହିତ ସମାପନ ହୋଇ ଯାଇଛି । ନବନିର୍ମିତ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ୨୧ତାରିଖ ସକାଳେ ଯଜ୍ଞସ୍ଥଳରେ କଳସ ସ୍ଥାପନ ପରେ ପ୍ରତିଷ୍ଠା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ଯୁଧିଷ୍ଠିର ସାହୁ ଏବଂ ତାଙ୍କ ସ୍ତ୍ରୀ ହେମଲତା ସାହୁ ପୂଜା କର୍ତ୍ତା ଥିବାବେଳେ ପୂଜକ ସରୋଜ ଦେବତା, ରବିନାରାୟଣ ଦେବତା, ଗୌତମ ଆଚାର୍ଯ୍ୟ, ରାଧେଶ୍ୟାମ ଦେବତା, ସୁମନ୍ତ ପାଣିଗ୍ରାହୀ, ରବି ମହାପାତ୍ର ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ଜଳନ୍ଧର ଦରବାର କାର୍ଯ୍ୟକ୍ରମ ସାଙ୍ଗକୁ ଅପେରା, ମୀନାବଜାର, ନୃତ୍ୟଗୀତ ପରିବେଷିତ ହୋଇଥିଲା ।







ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗରସ୍ଥିତ ବିକାଶ ସ୍କୁଲ ଛାତ୍ରୀମାନେ କ୍ଷୁଦ୍ର ନାଟିକା ପରିବେଷଣ କରୁଛନ୍ତି ।

# କନ୍ୟା ସନ୍ତାନ ସୁରକ୍ଷା ଲାଗି ଉଦ୍ୟମ ଲୋଡ଼ା

ବରଗଡ଼ ଅଫିସ୍,୨୪।୧
ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ଜିଲା ପ୍ରଶିକ୍ଷଣ ପ୍ରକୋଷ୍ଠରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡା. କେ. ଆର୍ ରାଓ, ଶିଶୁରୋଗ ବିଶେଷଜ୍ଞ ଡା. କେ.ସି ମହାକୁଡ଼ ପ୍ରମୁଖ ଜାତୀୟ ଶିଶୁ କନ୍ୟା ସନ୍ତାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ, ଉଭୟ ମା' ଶିଶୁର ଯତ୍ନ ନେବାର ଆବଶ୍ୟକତା ରହିଛି। ସମାଜରେ କନ୍ୟା ଶିଶୁ ପ୍ରତି କିଛିଲୋକଙ୍କ ମଧ୍ୟରେ ଯେଉଁ ବିକୃତ ମାନସିକତା ରହିଛି, ତାର ଦୂରୀକରଣ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ସେମାନେ ମତପ୍ରକାଶ କରିଥିଲେ । କନ୍ୟାଶକ୍ତିର ବାର୍ତ୍ତା ବୁଝି ସମସ୍ତେ ଦୈନନ୍ଦିନ ଜୀବନରେ ଦୂରଦୃଷ୍ଟି ଅବଲମ୍ବନ କଲେ କନ୍ୟାଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ଦୂର ହୋଇପାରିବ ବୋଲି ଡା. ରାଓ ଏବଂ ଡା. ମହାକୁଡ଼ ନିଜ ବକ୍ତବ୍ୟରେ କହିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ସିଡ଼ିଏମଓ ଡା. ମେହେର କନ୍ୟା ଶିଶୁ ପ୍ରତି ଭେଦଭାବ ନ ରଖିବା ଉଦ୍ଦେଶ୍ୟରେ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଡିପିଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିବଲେ। ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗରସ୍ଥିତ ଏସିସି ବିକାଶ ଇଂଲିଶ ମିଡ଼ିୟମ ସ୍କୁଲରେ ଅଧ୍ୟକ୍ଷ ସନାତନ ମହାପାତ୍ର ଜାତୀୟ ଶିଶୁକନ୍ୟା ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଷ୍ଟମ ଶ୍ରେଣୀ ଛାତ୍ରୀ ମେହଜବୀନ ବେଗମ୍ ସାମ୍ପ୍ରତିକ କାଳରେ ନାରୀମାନଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ କ୍ଷୁଦ୍ର ନାଟିକା ପରିବେଷଣ କରିଥିଲେ। ଶିକ୍ଷକ ଦିଲୀପ ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଅନୀତା ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବରଗଡ଼ ଚାଇଲ୍ଡ ଲାଇନ ପକ୍ଷରୁ ଗୁଡ଼େଶିରା ଗ୍ରାମରେ ଜାତୀୟ କନ୍ୟା ଦିବସ ପାଳନ କରାଯାଇଥିଲା। ଶିଶୁମାନଙ୍କ ଅଧିକାର, ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୁଡ଼େଶିରା ଉନ୍ନୀତ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ବିବସ୍ୱ ସାହୁ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷେ ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ଧ୍ୟାରାଣୀ ପତି, ପ୍ରୀତମ ସାହୁ, ଚନ୍ଦ୍ରମଣି ପେରା ପ୍ରମୁଖ ସହଯୋଗ କରିଥିଲେ ।




ଜିଲା ମୁଖ୍ୟ ଡାକ୍ତରଖାନାରେ ଅନୁଷ୍ଠିତ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଚିଚୋଲି ଧନୁଯାତ୍ରା ଉଦ୍‌ଘାଟିତ

ଅମ୍ବାଭୋନା, ୨୪।୧ (ଡି.ଏନ.ଏ)
ବରଗଡ ଜିଲା ଅମ୍ବାଭୋନା ବ୍ଲକର ୨୪ତମ ଚିଚୋଲି ଧନୁଯାତ୍ରା ମହୋତ୍ସବ ବ୍ଲକ ଅଧକ୍ଷା ନୀଳ କୁମାରୀ ନାଏକଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ରଜନୀରେ ମଥୁରାନଗରୀରେ ଉଗ୍ରସେନଙ୍କ ରାଜାଭିଷେକ, ବସୁଦେବ ଓ ଦେବକୀଙ୍କ ବିବାହ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ରାଜୁତି ଆରମ୍ଭ ହୋଇଛି। ଚିଚୋଲି ଗ୍ରାମର କୁମ୍ଭାରପଡା ମଥୁରାନଗରୀ ଏବଂ ସ୍କୁଲପଡା ଗୋପପୁର ହୋଇଛି। ନୂଆବନ୍ଧ ଯମୁନା ନଈ ପାଲଟିଛି। ଚିଚୋଲି ଗ୍ରାମରୁ ଶିବଙ୍କୁ ପୂଜାର୍ଚ୍ଚନା କରି ମହାରାଜ ଉଗ୍ରସେନ ହାତୀ ପିଠିରେ ବସି ନଗର ପରିକ୍ରମା କରି ରାଜଦରବାରକୁ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀ ପାରିଷଦଙ୍କ ଉପସ୍ଥିତିରେ ଉଗ୍ରସେନଙ୍କ ରାଜାଭିଷେକ କରାଯାଇଥିଲା। ମହାରାଜ ଉଗ୍ରସେନ ଦେବକୀ ଓ ବସୁଦେବଙ୍କୁ ବିବାହ କରାଇଥିଲେ। ଏହି ସମୟରେ ଶୂନ୍ୟରୁ ଦୈବବାଣୀ ଶୁଣି କଂସ ମର୍ମାହତ ହୋଇ ପଡିଥିଲେ। ତେଣୁ ପ୍ରବଳ ପ୍ରତାପୀ କଂସ ଦେବକୀ ବସୁଦେବଙ୍କୁ କାରାଗାରେ ବନ୍ଦୀ କରିଥିଲେ ଏବଂ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ନିଜେ ରାଜ୍ୟଭାର ଗ୍ରହଣ କରିଥିଲେ। କଂସ ରାଜ ଦରବାରରେ ରମ୍ଭା, ମେନକା, ଉର୍ବଶୀ ଆଦିଙ୍କ ନୃତ୍ୟ ବେଶ ଚିତ୍ତାକର୍ଷକ ଥିଲା । ଧନୁଯାତ୍ରା କମିଟି ସଭାପତି ଦୀନମଣି ସା, ଶିବ ଭୋଇ, ରାଜ ପାତ୍ର, ବଳରାମ ସା, ଗଣେଶ ସା, ସୁରେନ୍ଦ୍ର ପଧାନ, କିଶୋର ସାହୁ ପ୍ରମୁଖ ସହଯୋଗ କରୁଛନ୍ତି । ଶାନ୍ତି ଶୃଙ୍ଖଳା ପାଇଁ ଅମ୍ବାଭୋନା ପୋଲିସ ତରଫରୁ ଅସ୍ଥାୟୀ ବିଟ୍ ହାଉସ ଖୋଲାଯାଇଛି ।



ଚିଚୋଲି ଧନୁଯାତ୍ରାର ଦୃଶ୍ୟ ।

## ବରପାଲି କଲେଜର ବାର୍ଷିକୋତ୍ସବ

ବରପାଲି, ୨୪।୧ (ଡି.ଏନ.ଏ)
ବରପାଲି କଲେଜର ୪୫ତମ ନାଟ୍ୟ ମହୋତ୍ସବ ସହ ବାର୍ଷିକୋତ୍ସବ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଧକ୍ଷ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତା ଓ ଅଧାପକ ଉତ୍ତର କୁମାର ଗଡତିଆଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ବିଜେପୁର ବିଧାୟିକା ରୀତା ସାହୁ ଓ କଂସ ଅଭିନେତା ଗୋପାଳ ସାହୁ ସମ୍ମାନିତ ଅତିଥି ଏବଂ କାଦୋବାହାଲ କଲେଜ ଅଧାପକ ଡ. ସୁଶାନ୍ତ କୁମାର ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧକ୍ଷ ରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଅଲେଖ ମହାନନ୍ଦ ପରିଚୟ ପ୍ରଦାନ, ସୌଦାମିନୀ ପାଣ୍ଡେ ବିବରଣୀ ପ୍ରଦାନ ଓ ଅଧାପିକା ମମତା ସାହୁଉଦ୍ଦେଶ୍ୟଜ୍ଞାପନ କରିଥିଲେ । ନାଟ୍ୟ କଳାକାର ଭୁବନ ଭୋଇଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ 'ଧରତି' ପ୍ରଭୁ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା ।

## ଜାମସେଠରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ପାଇକମାଲ,୨୪।୧(ଡି.ଏନ.ଏ)
ବରଗଡ ଜିଲା ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡିଆରେ ୩୧ତମ ଜାତୀୟ ସଡକ ସୁରକ୍ଷା ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର, ଗ୍ରାମବାସୀ, ଯୁବକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଛାତ୍ରୀଛାତ୍ରମାନେ ଜାମସେଠ ବଜାର ଛକରେ ଦୁଇ ଚକିଆ ଓ ଚାରି ଚକିଆ ଯାନକୁ ଅଟକାଇ ହେଲମେଟ ଓ ସିଟ୍ ବେଲ୍ଟ ପିନ୍ଧିବାକୁ ପରାମର୍ଶ ଦେବା ସହିତ ଗାଡିରେ ଷ୍ଟିକର ଲଗାଇଥିଲେ। ସଭାରେ ସରପଞ୍ଚ ରମ୍ଭା ତାଣ୍ଡୀ ସଭାପତିତ୍ୱ କରିଥିବାବେଳେ ମାଣ୍ଡୋସିଲ ଯୁକ୍ତ ଦୁଇ କଲେଜର ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ମୁଖ୍ୟଅତିଥି, ଅଧ୍ୟାପକ ରବିନ୍ଦ୍ର ଶତପଥୀ, ଅଧ୍ୟାପିକା ଜୟଶ୍ରୀ ମେହେର, ଜାମସେଠ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧଦେବ ବିଶି, ବରତୁଣ୍ଡା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ ଯୋଷୀ, ସମାଜସେବୀ ଗିରିଶ ଦଣ୍ଡସନା, ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ସୁମିତାଭ ନାୟକ, ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋକୁଳା ଦଣ୍ଡସନା, ଭରୁଆମୁଣ୍ଡା ବିଦ୍ୟାଳୟର ନରସିଂହ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ବିଷୟରେ ଅବଗତ କରାଇଥିଲେ। ସଭା ଆରମ୍ଭରୁ ମାଣ୍ଡୋସିଲ ଯୁକ୍ତ ଦୁଇ କଲେଜର ଅଧକ୍ଷା ମହାପାତ୍ର ଟ୍ରାଫିକ ନିୟମ ଉପରେ ଶପଥ କରାଇଥିଲେ। ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ । ଦୁର୍ଯ୍ୟୋଧନ ବିଶି, ରେବତୀ ରାଉତ, କେଶବ ଦଣ୍ଡସନା, ଅନୀଲ କୁମାର ସାହୁ, ତଅପୋଇ ମାଝି ସହଯୋଗ କରିଥିଲେ ।




ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସୁମଣିଷ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବିଜେପୁର, ୨୪।୧ (ଡି.ଏନ.ଏ)
ବରଗଡ ଜିଲା ବିଜେପୁର ବ୍ଲକ ଶିକ୍ଷକ ଭବନରେ ସିଟି ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ହିମାଂଶୁ ସାହୁ ସଭାରେ ଅଧକ୍ଷତା କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷକ ସମାଜର ଏକ ଜାଗ୍ରତ ପ୍ରହରୀ। ଉନ୍ନତ, ପ୍ରଗତିଶୀଳ ସମାଜ ଗଠନରେ ଶିକ୍ଷକମାନଙ୍କ ଭୂମିକା ଅତୁଳନୀୟ। ତେଣୁ ଶିକ୍ଷକତାକୁ ବୃତ୍ତି ନୁହେଁ ବରଂ ପ୍ରବୃତ୍ତି ଭାବେ ଗ୍ରହଣ କରିବା ଉଚିତ। ସୁତରାଂ କେବଳ ପରୀକ୍ଷାକୁ ଲକ୍ଷ୍ୟ ନ ରଖି ସୁମଣିଷ ଗଠନରେ ଶିକ୍ଷକମାନେ ବ୍ରତୀ ହେବାକୁ ମୁଖ୍ୟଅତିଥି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅବସରଗ୍ରହଣ କରିଥିବା ଫୁଲସର ବାରିକ, ଗଙ୍ଗାଧର ସାହୁ, ଗୌରଚନ୍ଦ୍ର ମେହେର, ରମେଶ ଚନ୍ଦ୍ର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପରିଡା, ମୋହନ ସିଂ କହ୍ନେଇ, ଲୋକେଶ୍ୱର ଭୋଇ, ପପଟଲାଲ ଭୋଇ, ଧନଞ୍ଜୟ ସାହୁ, ଯୁବରାଜ ପଧାନ, ସୁଚିତ୍ରା ଶତପଥି, ସୁବାଷିନୀ ଗୁରୁ, ପ୍ରିୟବତୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଗଙ୍ଗାଧର ପଧାନ ଅତିଥି ପରିଚୟ ପ୍ରଦାନ, ଅକ୍ଷୟ ସାହୁ ସଭା ସଂଯୋଜନା ଏବଂ ସଂଯୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଜୀବିକା ହରାଉଛନ୍ତି କମାର ପରିବାର

ଜାମଟିକ୍ରା, ୨୪।୧ (ଡି.ଏନ.ଏ)
ବରଗଡ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ବିଲୁପ୍ତ ହେବାକୁ ଯାଉଛି କମାରଶାଳ। ଫଳରେ ବହୁ କମାର ପରିବାର ଏହାର ପ୍ରଭାବରେ ଜୀବିକା ହରାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତାବିରା ବ୍ଲକ ଏକ ଚାଷ ପ୍ରାଧାନ୍ୟ ଅଞ୍ଚଳ । ଚାଷୀଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ତିଆରି କରୁଥିବା ବିଭିନ୍ନ ଜାତି ଓ ସମ୍ପ୍ରଦାୟ ଯଥା କୁମ୍ଭାର, କମାର, ବଢ଼େଇ, ଧୋବା, ସୁନାରୀ ସେମାନଙ୍କ କୌଳିକ ବେଉସା କରି ଜୀବିକା ନିର୍ବାହ କରି ଆସୁଥିଲେ। ହେଲେ ସମୟ କ୍ରମେ ମେଶିନ ତିଆରି ଜିନିଷ ସବୁ ବଜାରରେ ବହୁଳ ତଥା ଶସ୍ତାରେ ଉପଲବ୍ଧ ହେବା ପରେ ହାତ ତିଆରି ସାମଗ୍ରୀ ଗୁଡିକର ଚାହିଦା କମିବାରେ ଲାଗିଛି । ଗାଁ ମାନଙ୍କରେ ଥିବା କମାର ପରିବାର ଶୂନ୍ୟହସ୍ତ ହୋଇ ଆଉ କୌଳିକ ବୃତ୍ତି ପ୍ରତି ମନୋନିବେଶ କରୁନାହାନ୍ତି । ଜମି ଚାଷ ପାଇଁ ଟ୍ରାକ୍ଟର, ପାୱାରଟିଲର ଭଳି କୃଷି ଯନ୍ତ୍ରପାତିର ଉଦ୍ଭାବନ ପରେ ଦେଶୀ ଲଙ୍ଗଳ ଆଉ ଦେଖିବାକୁ ମିଳୁନି। କାଁ ଭାଁ ଦେଶୀ ସାମଗ୍ରୀ ଯେଉଁଠି ଦୃଶ୍ୟମାନ ହେଉଛି ଚାଷୀ ବଜାରରୁ ମେସିନ ତିଆରି ଜିନିଷ କିଣି ଆଣୁଛି । ପ୍ଲାଷ୍ଟିକ ଓ ଲୁହାର ଇଟା ଛାଞ୍ଚରୁ ଆରମ୍ଭ କରି ଶାବଳ, ମିସ୍ତ୍ରୀମାନଙ୍କ ବ୍ୟବହାର ପାଇଁ ଲୁହା କରଣୀ, ଲଙ୍ଗଳରେ ବ୍ୟବହାର ହେଉଥିବା କସନା, ଟାଙ୍ଗିଆ, ଦାଆ, ବାରିଶି, ବିନ୍ଧାଣୀ, କୁରାଢ଼ି ଆଦି ଲୁହା ଉପକରଣ ସାମଗ୍ରୀ ମଧ ମେଶିନରେ ତିଆରି ହୋଇ ବଜାରରେ ଉପଲବ୍ଧ ହେଉଛି । ଚାଷୀ ଏସବୁ ପୂର୍ବାପେକ୍ଷା ଶସ୍ତା ମନମତାଣିଆ, ଚକଚକିଆ ଜିନିଷ ତୁରନ୍ତ ପାଇଯାଉଥିବାରୁ କମାର ଦ୍ୱାରା ହାତ ତିଆରି ଲୁହା ଜିନିଷ ପ୍ରତି ମନ ବଳାଉନାହିଁ । ଫଳରେ ଗାଁ ମାନଙ୍କରେ ବସତି ସ୍ଥାପନ କରି ଆବହମାନ କାଳରୁ ବିଭିନ୍ନ ଚାଷ ଉପକରଣ ଜିନିଷ ତିଆରି କରୁଥିବା କମାରମାନେ ଜୀବିକା ହରାଇ ବସିଲେଣି । ଫଳରେ ସେମାନେ ପେଟ ପୋଷିବା ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ରାଜ୍ୟ ସରକାର ଏମାନଙ୍କ ପ୍ରତି ଆନ୍ତରିକତା ଦେଖାଇ ଏହି ଉପକରଣ ସବୁ ତିଆରି କରୁଥିବା ଏହି କମାର ସମ୍ପ୍ରଦାୟ ମାନଙ୍କୁ ଯଦି ପ୍ରୋତ୍ସାହନ ଯୋଗାଇ ଦିଅନ୍ତେ ତେବେ ଏମାନଙ୍କ କଳା କୌଶଳ ବଞ୍ଚି ରହିବା ସହିତ ହାତ ତିଆରି ଦେଶୀ ଚାଷ ଉପକରଣ ସାମଗ୍ରୀ ବିଲୁପ୍ତ ହେବାରୁ ବଞ୍ଚି ଯାଆନ୍ତା। ଆଉ ଗରିବ ପରିବାରଙ୍କ ପାଇଁ କର୍ମ ସଂସ୍ଥାନ ମଧ ଯୋଗାଡ ହୋଇପାରନ୍ତା ।



ଅତାବିରା ଅଞ୍ଚଳରେ ଜଣେ କମାର ଲୁହା ସାମଗ୍ରୀ ତିଆରି କରୁଛନ୍ତି ।



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।

-ଚେଷ୍ଟର ଫିଲ୍ଡ

# କୋସଲ ପ୍ରଦେଶ ଗଠନ ଏକମାତ୍ର ବିକଳ୍ପ

**ବରଗଡ଼ ଅଫିସ୍,୨୪।୧**

ତେଲେଙ୍ଗାନା ପ୍ରଦେଶ ଗଠନ ହେବାର ଅବ୍ୟବହିତ ପୂର୍ବରୁ ସେଠାରେ ଯେଭଳି ପରିସ୍ଥିତି ପରିଲକ୍ଷିତ ହୋଇଥିଲା, ଏବେ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବି ନେଇ ତେଜି ଉଠୁଥିବା ଆନ୍ଦୋଳନ ସେହି ମୋଡ଼ରେ ପହଞ୍ଚିଛି। କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ତେଲେଙ୍ଗାନା ଯୁଗ୍ମ କ୍ରିୟାନୁଷ୍ଠାନ କମିଟିର ପ୍ରଫେସର କେ. ଭେଙ୍କଟେଶ ସ୍ୱାମୀ ଯୋଗଦେଇ ଏହା କହିଛନ୍ତି । ଖବରଦାତା ସମ୍ମିଳନୀରେ ସେ ଆହୁରି କହିଥିଲେ, କୋସଲ ରାଜ୍ୟ ଗଠନ ନେଇ ସମସ୍ତ କୋସଲାଞ୍ଚଳବାସୀଙ୍କ ସହମତି ରହିଛି। ବିଗତ ଦିନରେ ହୋଇ ଆସୁଥିବା କୋସଲ ବନ୍ଦ ଆନ୍ଦୋଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନରୁ ଏହା ସ୍ପଷ୍ଟ ହୋଇ ସାରିଛି । ତେବେ ନିଜର ହକ୍ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବିକୁ ହାସଲ ପାଇଁ ସ୍ଥାନୀୟ ସବୁବର୍ଗର ଲୋକଙ୍କୁ ଆଗେଇ ଆସିବାର ଅଛି ବୋଲି ସେ କହିଥିଲେ । ଏପରିକି କୋସଲ ପ୍ରଦେଶ ଦାବି ନେଇ ଏହି ପ୍ରସଙ୍ଗକୁ ବିଧାନସଭା, ସଂସଦ ଅଧିବେଶରେ ଉଠାଇବାକୁ ସ୍ଥାନୀୟ ସାଂସଦ, ବିଧାୟକ ଏବଂ ଅନ୍ୟ ନିର୍ବାଚିତ ଜନ ପ୍ରତିନିଧିଙ୍କ ଉପରେ ଚାପ ସୃଷ୍ଟି କରିବାକୁ ମଧ୍ୟ ପଡ଼ିବ ବୋଲି ସେ କହିଥିଲେ ।

ଏହାସହିତ ତେଲେଙ୍ଗନା ପ୍ରଦେଶ ଗଠନ ପାଇଁ ସେଠାରେ ଯେଉଁସବୁ ଆନ୍ଦୋଳନ ହୋଇଥିଲା, ଏଠାରେ ମଧ୍ୟ ସେହି ଆନ୍ଦୋଳନ କରାଯିବ ଏବଂ ତେଲେଙ୍ଗାନା ଯୁଗ୍ମ କ୍ରିୟାନୁଷ୍ଠାନ କମିଟି ଏଥିରେ ସାମିଲ ହେବ ବୋଲି ପ୍ରଫେସର ଭେଙ୍କଟେଶ ସ୍ୱାମୀ କହିଥିଲେ। କୋସଲାଞ୍ଚଳରୁ ଅଧିକ ରାଜସ୍ୱ ରାଜକୋଷକୁ ଯାଉଛି । ହେଲେ ଏଠାରେ ବିକାଶ ପଛରେ ପଡ଼ି ଯାଉଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନାମକୁ ମାତ୍ର ରହିଛି । ଦୀର୍ଘଦିନରୁ ଓକିଲଙ୍କ ଦାବି ସତ୍ତ୍ୱେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇପାରିନାହିଁ । ସ୍ୱତନ୍ତ୍ର କୋସଲ ପ୍ରଦେଶ ହିଁ ଏକମାତ୍ର ବିକଳ୍ପ ଏବଂ ଏହାହେଲେ କୋସଲାଞ୍ଚଳର ବିକାଶରେ ଦ୍ରୁତ ଅଗ୍ରଗତି ହେବା ସହିତ ଏଠାରେ ହାଇକୋର୍ଟ ବେଞ୍ଚ ନୁହେଁ, ହାଇକୋର୍ଟ ପ୍ରତିଷ୍ଠା ହୋଇ ପାରିବ । ଫଳରେ ଏଥିପାଇଁ କୋସଲ ଆନ୍ଦୋଳନରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ କରିଥିଲେ ।

ସେହିପରି କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲମାନେ ଦଶନ୍ଧି ଧରି ଯେଉଁ ଆନ୍ଦୋଳନ ଚଳାଇ ଆସିଛନ୍ତି, ତାକୁ ପୃଥିବୀର ଏକ ବଡ଼ ଆନ୍ଦୋଳନ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଅପପ୍ରୟାସ ଚାଲିଛି ଏବଂ ଏହାର ପ୍ରତିବାଦରେ କୋସଲାଞ୍ଚଳର ଆଇନଜୀବୀମାନେ ଆସନ୍ତା ଫେବୃୟାରୀ ୫ତାରିଖ ଦେଇଥିବା ବନ୍ଦ ଡାକରାକୁ କୋସଲ ରାଜ୍ୟ ସମନ୍ୱୟ ସମିତି ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଛି ବୋଲି ସେ କହିଥିଲେ । ସେହିପରି ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବି ନେଇ ଚାଲିଥିବା ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ମଧ୍ୟ ମିଶ୍ର କୋସଲାଞ୍ଚଳର ଓକିଲମାନଙ୍କୁ ଆହ୍ୱାନ କରିଥିଲେ । ଏହା ସହିତ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବି ନେଇ ଆସନ୍ତା ଫେବୃୟାରୀ ମାସରେ ଭୁବନେଶ୍ୱରରେ ଏକ ବିରାଟ ଗଣଧାରଣାର କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଥିଲେ । କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ସଭାପତି ମଣ୍ଡଳୀ ସଦସ୍ୟ ବୁନ୍ଦେ ଧରୁଆ, ବରଗଡ଼ ଜିଲା କାର୍ଯ୍ୟକାରୀ ସଭାପତି କେଦାର ମିଶ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ରହିଥିଲେ ।




ଖବରଦାତା ସମ୍ମିଳନୀରେ କୋସଲ ଆନ୍ଦୋଳନ ଉପରେ ସୂଚନା ଦେଉଛନ୍ତି ।

- ଫେବୃୟାରୀ ୫ ବନ୍ଦକୁ ପୂର୍ଣ୍ଣ ସମର୍ଥନ
- ଫେବୃୟାରୀରେ ଭୁବନେଶ୍ୱରରେ ଗଣଧାରଣା
- ତେଲଙ୍ଗାନା ଆନ୍ଦୋଳନ ନେତା ସାମିଲ ହେବେ

## ସଂକ୍ଷେପରେ...

### ନିର୍ଯାତନା ମାମଲା, ଆଶ୍ରମ ଅନ୍ତେବାସୀଙ୍କୁ ପଚରାଉଚୁରା

ବରଗଡ଼ ଅଫିସ୍,୨୪।୧

ବରଗଡ଼ ଜିଲାର ଏକ ଆଶ୍ରମର ୩ଜଣ ଅନ୍ତେବାସିନୀଙ୍କୁ ନିର୍ଯାତନା ଅଭିଯୋଗ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଅଭିଯୋଗର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଉଭୟ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ତଦନ୍ତ ଚଳାଇଛନ୍ତି। ଶୁକ୍ରବାର ବରଗଡ଼ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା, ତଦନ୍ତକାରୀ ଏସ୍‌ଆଇ ସଙ୍ଗୀତା ମହାପାତ୍ର, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ହେମସାଗର ନାୟକ, ଡିସିପିଓ ପ୍ରମୁଖ ସମ୍ପୃକ୍ତ ଆଶ୍ରମକୁ ଯାଇଥିଲେ । ଆଶ୍ରମ ପରିଚାଳକଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ଉପରୋକ୍ତ ଅଧିକାରୀବୃନ୍ଦ ଅନ୍ତେବାସିନୀମାନଙ୍କୁ ପଚରାଉଚୁରା କରିଥିଲେ। ଅନ୍ୟପଟେ ୩ ଅନ୍ତେବାସିନୀ ଆଶ୍ରମ ପରିଚାଳକଙ୍କ ବିରୋଧରେ ଅଭିଯୋଗ ଆଣିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଘରକୁ ଫେରିଥିବା ଏବଂ ଅନ୍ୟ ୨ଜଣଙ୍କୁ ଏବେ ଜିଲା ମୁଖ୍ୟ ଡାକ୍ତରଖାନା ପରିସରସ୍ଥ ୱାନ ଷ୍ଟେପ୍ ସେଣ୍ଟରରେ ରଖାଯାଇଥିବା ଜଣାପଡ଼ିଛି। ତେବେ ଘରକୁ ଫେରିଥିବା ଅନ୍ତେବାସୀ ଜଣକ ଆଶ୍ରମ ପରିଚାଳକଙ୍କ ବିରୋଧରେ ଦୃଢ଼ତାର ସହିତ ଅଭିଯୋଗ ଆଣୁଥିବାବେଳେ ଏବେ ସେ ଘରକୁ ଫେରିଯାଇ ଥିବାରୁ ଘଟଣାଟି ଭିନ୍ନ ମୋଡ଼ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅପରପକ୍ଷେ ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହିତ ସମ୍ପୃକ୍ତ ଆଶ୍ରମର କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ରବି ନାରାୟଣ ଦାଶ, ଡା. ଅରୂପାନନ୍ଦ ସାହୁ, ସୌରୀଚରଣ ବାରିକ, ସୁକାନ୍ତ କୁମାର ଦାଶ, ପ୍ରୀତମ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

### ଆଇନଜୀବୀଙ୍କ ପରଲୋକରେ ଶୋକ

ବୌଦ୍ଧ,୨୪।୧(ସ୍ୱ.ପ୍ର)

ବୌଦ୍ଧର ବରିଷ୍ଠ ଆଇନଜୀବୀ ରାଜ କିଶୋର ମିଶ୍ରଙ୍କ ଗତ ଗୁରୁବାର ରାତ୍ରିରେ ୫୫ ବର୍ଷ ବୟସରେ ପରଲୋକ ହୋଇଛି। ସେ ଘରେ ଥିବା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଡାକ୍ତରଖାନା ନେବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ସାହି ପଡିଶା, ଆଇନଜୀବୀମାନେ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ବୌଦ୍ଧ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କରି ପରଲୋକରେ ଜିଲା ସାମ୍ବାଦିକ ସଂଘରେ ଉପସଭାପତି ରବିନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଦେବାଶିଷ ପୁରୋହିତ, ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ସେହିପରି ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କୋର୍ଟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଆଇନଜୀବୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ରାଜକିଶୋରଙ୍କ ସମ୍ମାନରେ ସମସ୍ତ ଓକିଲ ଆଜି ଦିନକ ପାଇଁ କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ଫଳରେ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା।

### ନେତାଜୀ କ୍ଲବର ୪୧ତମ ବାର୍ଷିକୋତ୍ସବ

ଅତାବିରା, ୨୪।୧ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ପୋଡବାଡି ନେତାଜୀ କ୍ଲବର ୪୧ତମ ବାର୍ଷିକୋତ୍ସବ ଗୁରୁବାର ମହାଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଜୀବର୍ଦ୍ଧନ କ୍ଷେତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି,ଏନଏସସି କାର୍ଯ୍ୟନିର୍ବାହୀ ଅଧିକାରୀ ତପସ୍ୱିନୀ ଗୁରୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାଧା ମହାକୁର ସମ୍ମାନିତ ଅତିଥି ଯୋଗଦେଇ ମଞ୍ଚାସୀନ ଥିଲେ । କ୍ଲବ ସମ୍ପାଦକ ରାମଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧାପକ କେଶବ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଣ୍ଡିଆପାଲିର ସଂକୀର୍ତ୍ତନ ଗାୟକ ରାଜେନ୍ଦ୍ର ବେହେରାଙ୍କୁ ସ୍ୱର୍ଗତ ଗୋପାଳ କମ୍ପ ସ୍ମୃତି ସମ୍ମାନ, ଲରମ୍ବା ହାଇସ୍କୁଲର ଅଜନୀ କମ୍ପଙ୍କୁ ଭାରତୀ ସ୍ମୃତି ମେମୋରିଆଲ ସ୍ମୃତି ସମ୍ମାନ ଓ କାଦୋବାହାଲ ହାଇସ୍କୁଲର କିରଣ କୁମାର ଦାଶଙ୍କୁ ହରିଦାଶ ସ୍ମୃତି ମେମୋରିଆଲରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗୃହିଣୀ ପ୍ରତିଯୋଗିତା କରାଯାଇଥିଲା ଏବଂ କୃତୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଖଗେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷା ବ୍ୟବସ୍ଥାର ମାସିକ ସମୀକ୍ଷା ବୈଠକ

**ବୌଦ୍ଧ,୨୪।୧(ସ୍ୱ.ପ୍ର)**

ବୌଦ୍ଧ ବ୍ଲକରେ ଶିକ୍ଷା ବ୍ୟବସ୍ଥାର ମାସିକ ସମୀକ୍ଷା ବୈଠକ ବିଇଓ ଧ୍ରୁବ ଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର, ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର କୁମାର ମେହେର, ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର କୁମାର ଦେହୁରୀ ଅତିଥି ଭାବେ ଯୋଗଦେଇ ସରକାରୀ ବିଦ୍ୟାଳୟ ଗୁଡିକରେ ଶିଶୁ ସଂଖ୍ୟା ବୃଦ୍ଧି, ଗୁଣାତ୍ମକ ଶିକ୍ଷା, ବିଦ୍ୟୁତୀକରଣ, ଶୌଚାଳୟ, ପାନୀୟଜଳ ଆଦି ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ପ୍ରତି ଶିଶୁର ଆଧାର ନିଶ୍ଚିତ କରିବା, ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରୀଛାତ୍ରଙ୍କ ପ୍ରମାଣପତ୍ର ନିଶ୍ଚିତ କରିବା ଆଦି ଉପରେ ଆଲୋକପାତ କରିଥିଲେ। ଏହାସହ ମୋ ସ୍କୁଲ ଅଭିଯାନ, କୌଣସି ଶିକ୍ଷକ ବିଦ୍ୟାଳୟ କାର୍ଯ୍ୟ ସମୟରେ ବାହାରେ ନ ବୁଲିବା ଆଦି ଉପରେ ଦୃଷ୍ଟି ଦେବାକୁ ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ ଶିକ୍ଷକ ସନତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଞ୍ଚ ଅଭିଯୋଗ ଆଣିଲେ ଜିଲା ପରିଷଦ ଅଧ୍ୟକ୍ଷା

**ବରଗଡ଼ ଅଫିସ୍,୨୪।୧**

ବରଗଡ଼ ଡିଆରଡିଏ ଅଧୀନ ବିଭିନ୍ନ ପଞ୍ଚାୟତରେ ଆଉଟ୍‌ସୋର୍ସିଂ କର୍ମଚାରୀ ନିଯୁକ୍ତିରେ ଲାଞ୍ଚ କାରବାର ହେଉଥିବା ନେଇ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଅଭିଯୋଗ କରିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସେ କହିଥିଲେ, ପାଇକମାଳ ବ୍ଲକରେ ଆଉଟ୍‌ସୋର୍ସିଂ କର୍ମଚାରୀ ପଦବୀ ଜିପିଟିଏ ନିଯୁକ୍ତି ପ୍ରକ୍ରିୟା ଚାଲିଛି । ଉକ୍ତ ବ୍ଲକର ୧୬ଟି ପଞ୍ଚାୟତରେ ଜଣେ ଲେଖାଏଁ ଏଭଳି କର୍ମଚାରୀଙ୍କୁ ନିଯୁକ୍ତି କରାଯିବ। ତେବେ ଡିପ୍ଲୋମାଧାରୀଙ୍କୁ ଏଥିପାଇଁ ଆବେଦନ କରିବା ପାଇଁ କୁହାଯାଇଥିବା ବେଳେ ଟେଣ୍ଡର ନେଇଥିବା ଅନ୍ୟ ଏକ ସଂସ୍ଥା ଅଧୀନରେ ସେମାନେ ନିଯୁକ୍ତି ପାଇ କାର୍ଯ୍ୟ କରିବେ । ତେବେ ସମ୍ପୃକ୍ତ ସଂସ୍ଥା ଏହି ନିଯୁକ୍ତି ପ୍ରକ୍ରିୟାରେ ଆବେଦନକାରୀଙ୍କ ଯୋଗ୍ୟତା, ଦକ୍ଷତା ବଦଳରେ ଲାଞ୍ଚ କାରବାରକୁ ପ୍ରୋତ୍ସାହିତ କରୁଛି ଏବଂ ଯେଉଁ ଆବେଦନକାରୀ ୨ଟି ପର୍ଯ୍ୟାୟରେ ମୋଟ୍ ୧ଲକ୍ଷ ୨୦ହଜାର ଟଙ୍କା ସମ୍ପୃକ୍ତ ସଂସ୍ଥାକୁ ଦେବେ ସେମାନଙ୍କୁ ହିଁ ସେହି ନିଯୁକ୍ତି ଦିଆଯିବ ବୋଲି ଉକ୍ତ ସଂସ୍ଥାର ଜଣେ ଅଧିକାରୀ କହୁଛନ୍ତି ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଖବରଦାତା ସମ୍ମିଳନୀରେ କହିଥିଲେ । ଏହାର ରେକର୍ଡିଂ ହୋଇଥିବା ଏକ ଫୋନ ବାର୍ତ୍ତାଳାପକୁ ଖବରଦାତା ସମ୍ମିଳନୀରେ ଅଧକ୍ଷା ଶୁଣାଇଥିଲେ ଏବଂ ସେଥିରେ ଟଙ୍କା ଦାବି କରୁଥିବା ଲୋକ ଜଣକ ସମ୍ପୃକ୍ତ ସଂସ୍ଥାର ଜଣେ ଅଧିକାରୀ ବୋଲି କହିଥିଲେ। ଏ ନେଇ ସେ ଗତ କିଛିଦିନ ତଳେ ଜିଲାପାଳଙ୍କୁ ଅବଗତ କରିଥିଲେ । ମାତ୍ର ସମ୍ପୃକ୍ତ ସଂସ୍ଥା ବିରୋଧରେ ସେଭଳି ଅଭିଯୋଗ ଆସି ନ ଥିବା ଜିଲାପାଳ ସେତେବେଳେ କହିଥିଲେ ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସାହୁ ପ୍ରକାଶ କରିଛନ୍ତି । କେବଳ ଏହି ନିଯୁକ୍ତି ପ୍ରକ୍ରିୟା ନୁହେଁ, ଜିଲାର ଅନ୍ୟ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତିରେ ମଧ୍ୟ ଏଭଳି ଟଙ୍କା କାରବାର ହେଉଥିବା ଯୋଗୁ ଯୋଗ୍ୟ ଆବେଦନକାରୀମାନେ ନିଯୁକ୍ତିରୁ ବଞ୍ଚିତ ହେଉଥିବା ସେ କହିଥିଲେ । ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗକୁ ଜିଲାପାଳ ଅଫିସ ଘେରାଉ କରାଯିବ ବୋଲି ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଚେତାବନୀ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ପରଷଦ ସଭ୍ୟ ଶଙ୍କର ଖାଲକୋ, ଅଶୋକ କୁମାର ସାହୁ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ ।

## ତାଲପାଲି ଧନୁଯାତ୍ରା ଉଦ୍‌ଘାଟିତ

**ଗାଇସିଲେଟ୍,୨୪।୧(ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ତାଲପାଲିରେ ଶୁକ୍ରବାର ବୋଡ଼ାସମ୍ବର ବିରାଟ ଧନୁଯାତ୍ରା ଉଦଘାଟିତ ହୋଇଛି । ଏହି ଅବସରରେ ଏକ ଶୋଭାଯାତ୍ରାରେ ଯାଇ ଗ୍ରାମର ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଶୋଭାଯାତ୍ରା ତାଲପାଲି ମିନି ଷ୍ଟାଡ଼ିୟମ (ଧନୁଯାତ୍ରା ପଡ଼ିଆ)ରେ ପହଞ୍ଚିବା ପରେ ଅସ୍ଥାୟୀ ଶିବ ମନ୍ଦିରରେ ଗ୍ରାମର ଗୌନ୍ତିଆ ମନୋରଞ୍ଜନ ସାହୁ ପୂଜାର୍ଚ୍ଚନା କରିଥିଲେ। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ବିଜେପୁର ବିଧାୟିକା ରୀତା ସାହୁ, ଗାଇସିଲେଟ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତିଆ, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ମନୋଜ ପଣ୍ଡା, କୀର୍ତ୍ତନ ଦାସ, ଯାତ୍ରା କମିଟି ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ନୀଳମଣି ବରିହା ଉପସ୍ଥିତ ଥିଲେ । ଯାତ୍ରା କମିଟି ଉପସଭାପତି ନାରଦ କୁମାର ବରିହା ସଭା ପରିଚାଳନା କରିଥିଲେ। ଉଦଘାଟନୀ ଦିବସରେ ରାଜା ଉଗ୍ରସେନଙ୍କ ଗାଦିଚ୍ୟୁତ ଏବଂ କଂସଙ୍କ ରାଜାଭିଷେକ ଦୃଶ୍ୟ ଅଭିନୀତ ହୋଇଥିଲା।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସୋହେଲା,୨୪।୧(ଡି.ଏନ.ଏ)**

ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି, ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ, ପଦ୍ମପୁର ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ, ପରିଚାଳନା କମିଟି ସଦସ୍ୟ ଟଙ୍କଧର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ମୀନକେତନ ପାଣିଗ୍ରାହୀ, ଗୋପାଳ ପାତ୍ର, ପ୍ରିୟକାନ୍ତ ଦେବତା, ଆଦିତ୍ୟ ମାଝୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଛାତ୍ର ଅଜିତ ପଧାନ ବ୍ୟକ୍ତିଗତ ଚାମ୍ପିୟନ ହୋଇଥିଲେ । ଏହା ପୂର୍ବରୁ ଗତ ୨୨ତାରିଖ ସକାଳେ ବିଦ୍ୟାଳୟର ଛାତ୍ରମାନେ ସ୍ଥାନୀୟ ଦୁର୍ଗା ମନ୍ଦିରରୁ ଶୋଭାଯାତ୍ରାରେ କ୍ରୀଡା ମଶାଲ ଖେଳ ପଡିଆକୁ ନେଇ ସ୍ଥାପନ କରିଥିଲେ। ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ ।




ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଘଣ୍ଟାପଡା, ୨୪।୧(ଡି.ଏନ.ଏ.)**

କଣ୍ଟାମାଳ ବ୍ଲକ ଘଣ୍ଟାପଡା ହାଇସ୍କୁଲ ଖେଳ ପଡିଆରେ ଜମ୍ବେଶ୍ୱର ଓ ପ୍ରକାଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏସ.ଏସ ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଗ୍ରୁପ୍ 'ଏ'ର ୮ଟି ଦଳକୁ ନେଇ ଚାରୋଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ଘଣ୍ଟାପଡା ଏବଂ ମଲିକୁଦ ମଧ୍ୟରେ ହୋଇ ମଲିକୁଦ ଦଳ ବିଜୟୀ ହୋଇଥିଲା । ସେହିପରି କର୍ଲାମୁହାନ ଏବଂ କେନ୍ଦୁଗୁଡା ମଧ୍ୟରେ ମ୍ୟାଚ୍ ହୋଇ କର୍ଲାମୁହାନ ଦଳ, ବାଲିଖମାର ଓ ବଡଯୋର ମଧ୍ୟରେ ମ୍ୟାଚ୍ ହୋଇ ବାଲିଖମାର ଦଳ ଜିତିଥିଲା। ଶେଷ ମ୍ୟାଚ୍ ସିଂଘାରି ଏବଂ କମସରା ମଧ୍ୟରେ ହେବାର ଥିଲା । ସିଙ୍ଗାରି ଦଳ ନ ଆସିବାରୁ କମସରାକୁ ବିଜୟୀ ଘୋଷିତ କରାଯାଇଥିଲା। ମଲିକୁଦ ଏବଂ କର୍ଲାମୁହାନ ମଧ୍ୟରେ କ୍ୱାର୍ଟରଫାଇନାଲ ହୋଇଥିଲା। ଟାଇବ୍ରେକରରେ ମଲିକୁଦ ସେମିଫାଇନାଲକୁ ପ୍ରବେଶ କରିଛି। ସେହିପରି ବାଲିଖମାର ଏବଂ କମସରା ମଧ୍ୟରେ କ୍ୱାର୍ଟର ଫାଇନାଲ ହୋଇ କମସରା ଦଳ ବିଜୟୀହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ସମାଜସେବୀ ଶ୍ରୀକାନ୍ତ କୁମାର ମାଝି ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ । ଆଜିର ଖେଳରେ ଘଣ୍ଟାପଡା କଲେଜର ଅଧକ୍ଷ ପରମାନନ୍ଦ ଡାଙ୍ଗ ମୁଖ୍ୟଅତିଥି ଏବଂ ଘଣ୍ଟାପଡା ଓଆଇସି ପ୍ରଶାନ୍ତ କୁମାର ମଲିକ, ପ୍ରଧାନ ଶିକ୍ଷକ ଦିଗମ୍ବର ସାହୁ, ଶିକ୍ଷକ ନେତା ନୀଳାଞ୍ଚଳ ଭୋଇ, ଅଧ୍ୟାପକ ପରେଶ କୁମାର ସାହୁ, ସମିତିସଭ୍ୟ ନିତ୍ୟାନନ୍ଦ ସେନାପତି, ତପନ ମହଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୀବ ପୋଢ, ବୀରବାହୁ ମାଝି, ଆଭାଷ ନାଏକ ମ୍ୟାଚ୍ ପରିଚାଳନା କରିଥିବାବେଳେ ମହେନ୍ଦ୍ର ଦାସ, ମନ୍ଦରଧର ବେହେରା, ଅଶୋକ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଆରତ ବାଇ, ଦେବେନ୍ଦ୍ର ରଣା, ରମେଶ ପୋଢ, ଦାମୋଦର ଭୋଇ, ରାଧେଶ୍ୟାମ ମାଝୀ, ପ୍ରଶାନ୍ତ ପାଣ୍ଡେ, ଅକ୍ଷୟ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ରାମଲୀଳା: ତରଣୀସେନ, କୁମ୍ଭକର୍ଣ୍ଣ ନିହତ



ବରଗଡ଼ ଜିଲା ଭେଡେନରେ ଚାଲିଥବବା ରାମଲୀଳାର ଦୃଶ୍ୟ ।



ରାବଣ ଦରବାରରେ ଉପସ୍ଥିତ ରାଜଅତିଥି ।

**ଭେଡ଼େନ, ୨୪।୧(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନରେ ଚାଲିଥିବା ଶ୍ରୀ ଶ୍ରୀ ଅଖଣ୍ଡ ବିଶ୍ୱଶାନ୍ତି ନାମଯଜ୍ଞ ତଥା ବିରାଟ ରାମଲୀଳା ମହୋତ୍ସବର ଶୁକ୍ରବାର ଥିଲା ଅଷ୍ଟମ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଅଙ୍ଗଦଙ୍କ ଲଙ୍କାରେ ପ୍ରବେଶ, ରାମ ରାବଣ ସମର ଆରମ୍ଭ, ଶୁକ ସାରଣ ପ୍ରେରଣ, ରାମ ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତ ଦ୍ୱାରା ନାଗଫାଶରେ ବନ୍ଧନ, ଗରୁଡ଼ଙ୍କ ଆଗମନ, ନାଗଫାଶରୁ ମୁକ୍ତି, ତରଣୀସେନ ନିହତ, କୁମ୍ଭକର୍ଣ୍ଣଙ୍କ ନିଦ୍ରାଭଙ୍ଗ, ଯୁଦ୍ଧରେ କୁମ୍ଭକର୍ଣ୍ଣ ନିହତ ଆଦି ରାମାୟଣର କଥାବସ୍ତୁ ଅଭିନୀତ ହୋଇଥିଲା। ଏହି ଦୃଶ୍ୟାଭିନୟ ପାଇଁ ଉଭୟ ମଞ୍ଚ ଲୋକାରଣ୍ୟ ହୋଇପଡିଥିଲା। ରାବଣ ଦରବାରରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ପ୍ରଦୀପ ଦେବତା, ନିପନ ଦାଶ ପ୍ରମୁଖ ରାଜଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ବରଗଡ଼ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପୋ ଏବଂ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡ଼ନସନା ପ୍ରମୁଖ ମଧ ରାଜଅତିଥି ଭାବେ ଯୋଗ ଦେଇଥିଲେ। ରାଜଦରବାରରେ ଅନ୍ୟତମ ଆକର୍ଷଣ ଥିଲା ଭୁବନେଶ୍ୱର ବୈଷ୍ଣବୀ କଳା ନିକେତନର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ। ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚାଲିଥିବା ନାମଜପରେ ଭେଡ଼େନ ବିଡ଼ିଓ ଏବଂ ବ୍ଲକ ଅଫିସ ପକ୍ଷରୁ ଅନ୍ନପ୍ରସାଦ ବିତରଣ କରାଯାଇଛି।

## ଜାଣ୍ଡୋଲରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ଭେଡ଼େନ, ୨୪।୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଜାଣ୍ଡୋଲ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଶତପଥି ଏବଂ ଭେଡ଼େନ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ ମଞ୍ଚାସୀନ ଥିଲେ। ଆସନ୍ତା ମାଟ୍ରିକ ପରୀକ୍ଷାରେ ସମସ୍ତ ସ୍କୁଲରେ ପରୀକ୍ଷାଫଳ କିପରି ଭଲ ହେବ, ପାସ୍ ହାର ବଢ଼ାଇବା ଦିଗରେ ପଦକ୍ଷେପ ଗ୍ରହଣ, ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା, ବ୍ଲକସ୍ତରୀୟ ବିଦାୟ ସମ୍ବର୍ଦ୍ଧନା କମିଟି ଗଠନ ଉପରେ ଆଲୋଚନା ହୋଇଥିଲା। ଶେଷରେ କୁବେଡ଼େଗା ହାଇସ୍କୁଲ ପ୍ରଧାନ ଶିକ୍ଷକ ରୁଦ୍ରଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଯେତେବେଳେ ନିଜ ଶକ୍ତିର ବହିର୍ଭିତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ଖପ୍ରାଖୋଲ,୨୪।୧(ଡି.ଏନ.ଏ.):** ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ବଡଉଡେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଉଗ୍ରେସନ ପଧାନଙ୍କ ବିୟୋଗରେ ଶିକ୍ଷକ ସଂଘ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ଲକ ସଂଘ ସଭାପତି ସତ୍ୟବାନ ସାହୁ ସଭାପତିତ୍ୱ କରିଥିଲେ। ସଭାରେ ସ୍ୱର୍ଗତ ଶିକ୍ଷକ ପଧାନଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏଥିରେ ମୋତିଲାଲ ତାଣ୍ଡି, ପ୍ରଫୁଲ୍ଲ କୁମାର ପଧାନ, ପ୍ରଭାତ ସାହୁ, ଭଗବାନ ସେଠ, ଶିବ ନାଏକ, ଦେବାନନ୍ଦ ବରିହା, ଜଗନାତ ପାଣ୍ଡେ, ପରିକ୍ଷିତ ମେହେର, ସଞ୍ଜୀବ ସାହୁ, ସପ୍ତା ସାହୁ , ଧରମ ସିଂ ଧରୁଆ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

## ଧାନ ଅଛି, ଟାର୍ଗେଟ କି ଟୋକନ୍ ନାହିଁ

**ବଲାଙ୍ଗୀର ଅଫିସ, ୨୪।୧**

ବଲାଙ୍ଗୀର ଜିଲା ଆଗଲପୁର ଓ ସଦର ବ୍ଲକର ଶତାଧିକ ଚାଷୀ ଶୁକ୍ରବାର ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ଭିତରକୁ ପଶି ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ । ଆଗଲପୁର ବ୍ଲକର ଶତାଧିକ ଚାଷୀ ଡୁଡୁକା ମଣ୍ଡି ସହ ଏହି ବ୍ଲକର ଅନ୍ୟାନ୍ୟ ମଣ୍ଡିରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ଘେରାଉ କରିଥିଲେ । ଚାଷୀ ପାଖରେ ଧାନ ମହଜୁଦ ରହିଥିବାବେଳେ ଯୋଗାଣ ବିଭାଗ ଓ ସମବାୟ ବିଭାଗ ଟାର୍ଗେଟ ନାହିଁ ଓ ଟୋକନ୍ ନାହିଁ କହି ଚାଷୀଙ୍କ ଧାନ କିଣୁ ନାହାଁ। ଫଳରେ ଚାଷୀଙ୍କ ଶତାଧିକ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି । ଅନେକ ଚାଷୀ ମଣ୍ଡିରେ ଧାନ ରଖିଛନ୍ତି। ହେଲେ ଧାନ କିଣାଯାଉ ନାହିଁ । ଏନେଇ ପ୍ୟାକ୍ସ ସମ୍ପାଦକ, ଯୋଗାଣ ଅଧିକାରୀଙ୍କୁ ପଚାରିଲେ ଟାର୍ଗେଟ ନଥିବାରୁ ଧାନ କିଣାଯାଇ ପାରୁ ନ ଥିବା କୁହାଯାଉଛି। ଠିକ୍ ସେହିପରି ଚାଷୀଙ୍କ ଟୋକନ୍ ସମସ୍ୟାକୁ ନେଇ ସଦର ବ୍ଲକର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ଭିତରକୁ ପଶିଥିଲେ । ଚାଷୀଙ୍କ ଧାନ କିଣା ନ ହେବା ଯାଏଁ ସେମାନେ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଏହା ପରେ ଜିଲା ଯୋଗାଣ ଅଧିକାରୀ ପ୍ରଧାନ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ । ଅତିରିକ୍ତ ଟାର୍ଗେଟ ଦିଆଯିବା ସହିତ ଚାଷୀମାନଙ୍କ ଟୋକନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଥିଲେ । ଜିଲାର ଚାଷୀମାନଙ୍କ ଧାନ ଯେପରି କିଣାଯାଇ ପାରିବ ସେ ନେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଜିଲା କୃଷକ ମହାସଂଘ ସଭାପତି ଡା. ସୁଧୀର କୁମାର ପରିଚ୍ଛା ଚାଷୀଙ୍କୁ ନେଇ ଟାଉନହଲରେ ଚାଲିଥିବା ସମବାୟ ବିଭାଗର ବୈଠକରେ ଜିଲାଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଆଗାମୀ ଦିନରେ ଚାଷୀଙ୍କ ସମସ୍ତ ଧାନ କିଣା ନ ଗଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।



ଧାରଣାରେ ବସିଥିବା ଚାଷୀମାନେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଦିବ୍ୟାଙ୍ଗ ଦମ୍ପତିକେ ସାହାଯ୍‌ର ହାତ୍ ବଢ଼ାଲା ପରଶାସନ

**କଣ୍ଟାବାଞ୍ଜି, ୨୪।୧ (ଡି.ଏନ୍.ଏ)**

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚଟୁଅନକା ପଁଚେତ୍‌ର ଦିବ୍ୟାଙ୍ଗ ଦମ୍ପତି ପବିତ୍ର ପୁଟେଲ ଆର ପରମାବତୀ ପୁଟେଲ। ଇ ଦିବ୍ୟାଙ୍ଗ ଦମ୍ପତି ଗୁରସ୍ ବେପାର କରି ବଡ଼ା ଦୁଖେ ନିଜର ଦୁଇ ଝିଁପୁଓଙ୍କୁଁ ପାଠ୍ ପଢ଼ଉଛନ୍। ସେନ୍‌ତା ପରମାବତୀ ଦିବ୍ୟାଙ୍ଗ ଭତାରୁ ବଁଚିତ୍ ଥିଲାବେଲେ ପରିବାରଟା ଅନେକ ସରକାରୀ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଗଲା ଜାନୁୟାରୀ ୯ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ'ମନ୍‌ବଲ ଥିଲେ ସବୁ ସମ୍‌ଭବ, ପର୍‌ମାନ କରି ଦେଖେଇଛନ୍ ଦିବ୍ୟାଙ୍ଗ ଦମ୍ପତି' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବରଗଡ଼ ଜିଲାର ଝନେ ସାମାଜିକ କରମୀ ଦିବସ କୁମାର ସାହୁ ଇ ଖବରକେ ନେଇ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଟୁକୁନି ସାହୁ, ଜିଲାପାଳ, ବଲାଙ୍ଗୀର ଆର ତୁରେକେଲା ବିଡିଓଙ୍କୁଁ ଟୁଇଟ୍ କରି ଇ ଦିବ୍ୟାଙ୍ଗ ଦମ୍ପତିକୁଁ ସରକାରୀ ସାହାଯ୍ ଯୁଗେଇ ଦେବାକେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ଅଧିକାରୀମାନକର ନିରଦେଶ ଅନ୍‌ସାରେ ଦିବ୍ୟାଙ୍ଗ ପବିତ୍ରକୁଁ ଡି.ଆର୍.ଆଇ ରୁଣ, ପରମାବତୀକୁଁ ଦିବ୍ୟାଙ୍ଗ ଭତା, ଖାଏଦ୍ ସୁରକ୍ଷା ଯୋଜନାରେ ଅଧିକା ଚାଉଲ ଆର ଏସ୍.ଇ.ସି.ସି. ତାଲିକାରେ ସାମିଲ କରି ତାହାକୁ ଆବାସ ଯୋଜନାରେ ଘର ଯୁଗେଇ ଦେବାକେ କୁହାଯାଇଛେ। ଇ ଖବର ପରକାଶ ପାଏଲା ଉତାରୁ ଧରିତ୍ରୀ ଖବର କାଗଜ ସଂଗେ ଖବରଦାତାକଁର ଚେଷ୍ଟାକେ ବୁଧିଜୀବୀ ମହଲ ପରଶଁସା କରିଛନ୍।

# ମଠଖାଇ ମହୋତ୍ସବ ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୨୪।୧**

ବଲାଙ୍ଗୀର କୋଶଳ କଳାମଣ୍ଡଳ ନୂଆମଞ୍ଚରେ ୫ ଦିନ ଧରି ଚାଲିଥିବା ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଯେଉଁ ମହାନ ଲକ୍ଷ୍ୟ ନେଇ ମଠଖାଇ ମହୋତ୍ସବର ପରିକଳ୍ପନା କରାଯାଇଥିଲା ତାହା ପୂରଣ ହୋଇଛି ଓ ଆଗକୁ ମଧ ଏହି ପ୍ରୟାସ ଜାରି ରହିବ । ମଠଖାଇ ମହୋତ୍ସବ ଜରିଆରେ କଳା, ସଂସ୍କୃତିର ଉନ୍ନତି, ସମାଜର ପ୍ରଗତି ଓ ଭାଇଚାରା ପ୍ରତିଷ୍ଠା ହୋଇ ଚାଲିଛି ବୋଲି ଉଦ୍‌ଯାପନୀ ସନ୍ଧ୍ୟାର ମଞ୍ଚାସୀନ ଅତିଥି ମତବ୍ୟକ୍ତ କହିଥିଲେ । ମହୋତ୍ସବ କମିଟି ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଠଖାଇ ମହୋତ୍ସବ କମିଟି ଅଧକ୍ଷ ନରସିଂହ ମିଶ୍ର, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ। ଏହି ଅବସରରେ ନାଟ୍ୟଶ୍ରୀ ଗଦାଧର ବାରିକଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଦୁର୍ଗାପୂଜା ସମୟରେ ଆକର୍ଷଣୀୟ ମେଢ଼ ଓ ତୋରଣ ତିଆରି କରିଥିବା ରାଜେନ୍ଦ୍ରପଡ଼ା ଦୁର୍ଗାପୂଜା କମିଟି ପ୍ରଥମ, ରାଧାରାଣୀପଡ଼ା ଦୁର୍ଗାପୂଜା କମିଟି ଦ୍ୱିତୀୟ ଓ ଜଗନ୍ନାଥପଡ଼ା ଦୁର୍ଗାପୂଜା କମିଟି ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟା ମଞ୍ଚକୁ ନାଟ୍ୟକର୍ମୀ ତଥା ଯୁବ ସଙ୍ଗଠନ ମନୀଷ ମିଶ୍ରଙ୍କୁ ଉତ୍ସର୍ଗ କରାଯାଇଥିଲା। ସଭା ପୂର୍ବରୁ ଦୁଲଦୁଲି କଳା ପରିଷଦ ପକ୍ଷରୁ ନଚ୍‌ନିଆ ନୃତ୍ୟ ପରିବେଷଣ କରାଯାଇଥିଲା। ଅଶୋକ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋପାଳ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭା ପରେ ସମ୍ବଲପୁର କଖଗ ଅନୁଷ୍ଠାନ ପକ୍ଷରୁ ବ୍ରଜେନ୍ଦ୍ର ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ କୋଶଲୀ ନାଟକ ପାଗଲ ହେଇଯିବ ମଞ୍ଚସ୍ଥ ହୋଇଥିଲା। ବସ୍ତୁବାଦୀ ମଣିଷ ଉପଭୋକ୍ତା ସାଜି ଉପଭୋଗରେ ମାତିଥିଲା ବେଳେ ମୃତ୍ୟୁ ଚେତନା ସ୍ୱାର୍ଥପର ମଣିଷ ଦେହରେ କିଭଳି ମଣିଷ ପଣିଆ ଭରିଦିଏ ଓ ଆଦର୍ଶ କଥା କହେ ଏହା ପ୍ରଦର୍ଶିତ ହୋଇଥିଲା । ତେବେ ସଂକ୍ଷିପ୍ତ ସମୟ ମଧରେ ଏହି ମୃତ୍ୟୁ ଚେତନା କିଭଳି ପୁଣି ଉପଭୋକ୍ତାବାଦୀ ମଣିଷ କରିଦିଏ ଏଭଳି କଥାବସ୍ତୁକୁ ନେଇ ନାଟକ ପାଗଲ ହେଇଯିବ ଗତିଶୀଳ। ହାସ୍ୟରସାତ୍ମକ ଓ ମଧୁର ସଂଳାପଯୁକ୍ତ ଏହି ନାଟକ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା । ପରେ ଅତିଥିମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।





ମଠଖାଇ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ କୋଶଲୀ ନାଟକ ପାଗଲ ହେଇଯିବର ଏକ ଦୃଶ୍ୟ (ବାମ) । ନାଟ୍ୟଶ୍ରୀ ଗଦାଧର ବାରିକଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଉଛି ।



ଜନ୍ମ, ମୃତ୍ୟୁ ପଞ୍ଜୀକରଣ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

# ଜନ୍ମ, ମୃତ୍ୟୁ ପଞ୍ଜୀକରଣ କର୍ମଶାଳା

**ଲୋଇସିଂହା,୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆରଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସିଓ୍ୱାଇଏସ୍‌ଡି, ୟୁନିସେଫ ଓ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରର ମିଳିତ ଆନୁକୂଲ୍ୟରେ ଜନ୍ମ, ମୃତ୍ୟୁ ପଞ୍ଜୀକରଣ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଏଏନ୍‌ଏମ୍, ଆଶା, ଅଙ୍ଗନଓ୍ୱାଡି କର୍ମୀ ଓ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ। ପାଠାଗାର ସଭାପତି ହିରାଲାଲ ମିଶ୍ରଙ୍କ ସଂଯୋଜନାରେ ସଭା କାର୍ଯ୍ୟ ହୋଇଥିଲା । ଏଥିରେ ଲୋଇସିଂହା ସିଡିପିଓ ପ୍ରଜ୍ଞା ବାରିକ, ଆଗଲପୁର ସିଡିପିଓ ଜ୍ୟୋତିର୍ମୟୀ ନାଏକ, ନବନୀତା ଦାସ, ସରୋଜ କୁମ୍ଭାର , ଉପାଧ୍ୟକ୍ଷ ମନମୋହନ ପଟେଲ, ସରପଞ୍ଚ ଗଣେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋଇସିଂହା ଓ ଆଗଲପୁର ସିଡିପିଓ କହିଥିଲେ, ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପ୍ରତ୍ୟକଙ୍କ ପାଇଁ ଆବଶ୍ୟକତା ରହିଥିବା କହିଥିଲେ। ଭରସୁଜା ସରପଞ୍ଚ ଗଣେଶ ସାହୁ ସରକାର ଆଧାର କାର୍ଡରେ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଜନ୍ମମୃତ୍ୟୁ ପ୍ରମାଣପତ୍ର ଦିଗରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଥିଲେ। ଏପରି କି ପ୍ରମାଣପତ୍ର ହାସଲ ପାଇଁ ବଲାଙ୍ଗୀର ମ୍ୟୁନିସିପାଲିଟିରେ ଦଲାଲରାଜ ଚାଲିଥିବା କହିଥିଲେ। ନୂନିଆପାଲି ସରପଞ୍ଚ ସହଦେବ ସାହୁ ପଞ୍ଚାୟତର ଜନ୍ମମୃତ୍ୟୁ ପଞ୍ଜୀକରଣ କରିବାକୁ ଦାବି କରିଥିଲେ। ଉପାଧ୍ୟକ୍ଷ ପଟେଲ ଏନେଇ ପଞ୍ଚାୟତ ଓ ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରିବାକୁ ମତବ୍ୟକ୍ତ କରିଥିଲେ । ଜନ୍ମ ଏବଂ ମୃତ୍ୟୁ ପ୍ରମାଣପାତ୍ର କିପରି ଲୋକେ ଠିକ୍ ସମୟରେ ପାଇବେ ସେ ଦିଗରେ ଯତ୍ନବାନ ହେବାକୁ ଜନପ୍ରତିନିଧି ଓ ଆଇସିଡିଏସ୍ ଅଧିକାରୀ ଓ କର୍ମଚାରୀମାନଙ୍କୁପରାମର୍ଶ ଦେଇଥିଲେ। ସିଓ୍ୱାଇଏସ୍‌ଡିର ସରୋଜ କୁମ୍ଭାର ଜନ୍ମ, ମୃତ୍ୟୁ ପଞ୍ଜୀକରଣର ଆବଶ୍ୟକତା ଏବଂ ପ୍ରକ୍ରିୟା ଉପରେ କହିଥିଲେ । ୟୁନିସେଫ ଦାସ ବ୍ଲକସ୍ତରୀୟ କୋଅର୍ଡିଶନ କମିଟି ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଗୋବିନ୍ଦ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଭତାରୁ ବଁଚିତ୍ ବୁରୁଧ୍ ଦମ୍ପତି

**ଲୋଇସିଂହା, ୨୪।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ସଦର ଗାଁର ବୁରୁଧ୍ ଦମ୍ପତି ଯଦୁମଣି ହରପାଲ(୬୩) ଆର ଉଷା ହରପାଲ(୬୦) ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଇ ଦମ୍ପତି ଭତାର ଲାଗି ଅନେକ ଥର ପଁଚେତ୍‌ରୁ ବ୍ଲକ ତକ୍ ଦରକାରୀ କାଗଜପତର ଦେଇ ନିରାଶ ହେଇଥିବାର ଅଭିଯୋଗ କରିଛନ୍।

ସୂଚନା ହିସାବେ ନଅଗାଁ(ଖ) ପଁଚେତ୍ ସଦର ଗାଁର ଯଦୁମଣି ହରପାଲ। ପରିବାର କହେଲେ ମାଏକିନା ଉଷା, ୫ ଝିଁ ଆର ୩ ପୁଓଙ୍କୁଁ ନେଇ ସଁସାର। ଦୁଖସୁଖ କରି ବୁରୁଧ୍ ଦମ୍ପତି ଝିଁପୁଓମାନକୁ ବିହାଚୁରା କରି ସାରିଛନ୍। ପୁଓମାନେ କମେଇ ଖାଏବାର ଲାଗି ନିଜର କୁଟୁମ ଧରି ବରଗଡ଼ ଅଂଚଲରେ ରହୁଛନ୍। ଏନ୍‌ତାଥି ବୁରୁଧ୍ ଦମ୍ପତି ନଅଗାଁ(ଖ)ରେ ରହୁଛନ୍। ଦମ୍ପତି ପଁଚେତ୍‌ରୁ ପିଡିଏସ୍ ଚାଉଲ ପାଉଥିଲାବେଲେ ଯଦୁମଣି କୁଲିମଜୁରି କରି ଦୁଇପଏସା ରୁଜ୍‌ଗାର କରୁଛନ୍। ସେ ପଏସାରେ ତାକର ତେଲ୍‌ନୁନ୍, କପଡ଼ାଲତା, ଉଷୋକଷା ଖରଚ୍ ତୁଲଉଛନ୍। ଯଦୁମଣିକଁର ଆଧାର କାର୍ଡ ଅନ୍‌ସାରେ ତାହାକୁ ୬୩ ବଛର ହେଉଥିଲାବେଲେ ଉଷାକୁଁ ୫୭ ବଛର ହେଉଛେ। ହେଲେ ଆଧାର କାର୍ଡରେ ବଏସ୍ ଭୁଲ୍ ଥିବାର ଦମ୍ପତି କହିଛନ୍। ଅନେକ ଲୋକ୍ ଘରକେ ଆସି ଭତା କରେଇଦେବାର ବାହାନାରେ ଟଁକା ଆର କାଗଜପତର ନେଇକରି ଯାଉଛନ୍। ହେଲେ ପଛେ ଦିନାକେତେ ଉତାରୁ ଜାନ୍‌ବାକେ ମିଲୁଛେ ଆମେ ଠକେ ପଡ଼ିଛୁଁ ବଲି ଯଦୁମଣି କହିଛନ୍। ସେନ୍‌ତା ଆଏଜ୍‌କେ ୪ ମାସ ତଲେ ବ୍ଲକରୁ ଗୁଟେ ପରତିନିଧି ଦଲ ଆସି କାଗଜପତର ନେଇ ଭତା ଦେବାକେ କଥା ଦେଇଥିଲେ। ହେଲେ ଆଏଜ୍‌ତକ ଭତା ନାଇଁ ମିଲବାରତାଲ ବଲି ବୁରୁଧ୍ ଦମ୍ପତି କହିଛନ୍। ଇ ଦିଗେ ବିଡିଓ ଆର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ପଡ଼ାବାସୀ ଦାବି କରିଛନ୍।



# ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ

## ଧାନ କିଣା ଟାର୍ଗେଟ ବୃଦ୍ଧି ଦାବି

**ଲୋଇସିଂହା,୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ପ୍ରାଥମିକ କୃଷି ସମବାୟ ସମିତିରେ ଧାନ କିଣା ଟାର୍ଗେଟ ସରି ଯାଇଛି। ଫଳରେ ସମିତି ଅଧୀନ ବହୁଚାଷୀ ଧାନବିକ୍ରି କରିବାରୁ ବଞ୍ଚିତ ରହିଛନ୍ତି। ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ବହୁ ଚାଷୀ ଜିଲା ଯୋଗାଣ ଅଧିକାରୀ ଅଭିରାମ ପଧାନଙ୍କୁ ଭେଟି ଟାର୍ଗେଟ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଚାଷୀଙ୍କ ଅଭିଯୋଗ ମୁତାବକ, ଡୁଡୁକା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଡୁଡୁକା, ରାମପୁର, କେଶାଇପାଲି ଡୁଡୁକାମୁଣ୍ଡା ଗାଁ ରହିଛି। ସମ୍ପୃକ୍ତ ଗ୍ରାମର ୫୧୭ଜଣ ଚାଷୀ ଧାନ ବିକ୍ରି ସକାଶେ ଚଳିତ ବର୍ଷ ପଞ୍ଜୀକୃତ ହୋଇଥିଲେ। ଇତି ମଧ୍ୟରେ ୧୭୬ଜଣ ଚାଷୀଙ୍କ ୧୨୬୩୦.୩୦ କୁଇଣ୍ଟାଲ ଧାନ କିଣାଯାଇଛି। ହେଲେ ପ୍ୟାକ୍ସରେ ଆଉ ଧାନ କିଣା ଟାର୍ଗେଟ ନାହିଁ। ଫଳରେ ବାକି ୩୪୧ ଜଣ ଚାଷୀ ଧାନ ବିକ୍ରି କରି ନ ପାରି ହତାଶ ହୋଇପଡିଛନ୍ତି। ଦୀରେନ ପଟେଲ, ଦୀପାଂଶୁ ପଟେଲ, ଜଗନ୍ନାଥ ନାଏକ, ପ୍ରମୋଦ କୁମାର ପଟେଲ, ରଜନୀକାନ୍ତ ପଟେଲଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଧାନ କିଣିବା ନେଇ ଦାବି କରିଥିଲେ। ଆଗାମୀ ଦିନରେ ଧାନ କିଣା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଦୈତାରିମୁଣ୍ଡା ଦଳ ଚାମ୍ପିୟନ

**ପାଟଣାଗଡ,୨୪।୧(ଡି.ଏନ.ଏ.)**

**ତମିଆଁ ସିବିଆଇ କପ୍ କ୍ରିକେଟ ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅଧୀନ ତମିଆଁ ଗ୍ରାମରେ ଚାଲିଥିବା ନବମ ଚାମ୍ପିୟନ ସିବିଆଇ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଦୈତାରୀମୁଣ୍ଡା ଦଳ ଏବଂ ତମିଆଁ ଦଳ ମଧରେ ହୋଇଥିଲା। ଏଥିରେ ଦୈତାରୀମୁଣ୍ଡା ଦଳ ତମିଆଁ ଦଳକୁ ୯ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ କଂଗ୍ରେସ ଯୁବ ନେତା ରମେଶ କୁମାର ପୁରୋହିତ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଲାୟନ୍ସ କ୍ଲବ ପାଟଣାଗଡ଼ର ସଦସ୍ୟ ମନୋଜ ନନ୍ଦ, ଶଙ୍କର ପ୍ରସାଦ ପଣ୍ଡା, ସୁଧୀର କୁମାର ଦାସ, ଚତୁର୍ଭୁଜ ମେହେର, ଗୋପାଳ ବେହେରା, ତପନ କୁମାର ଗଡନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ତ୍ରିଲୋଚନ ସାହୁ, ଭକ୍ତ ପଧାନ, ଅନିଲ ପଣ୍ଡା, ସୁବାସ ସାହୁ, ସରୋଜ ଭୋଇ, ପ୍ରଦୀପ, କୃଷ୍ଣ, କୁନୁ ଭାଟି, ଶକ୍ତି ସାହୁ, ତ୍ରିଲୋଚନ ରଣା, ଗୁପ୍ତେଶ୍ୱର ଲେଙ୍କା, ଚକ୍ର ବାଗ, ମଦନ ବାଗ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରୁଛନ୍ତି।

# ଦଦ୍‌ରା ଘରେ ମୁଡ଼ ଗୁଁଜିଛନ୍ ଗରିବ୍ ପରିବାର

**ଲାଠୋର, ୨୪।୧ (ଡି.ଏନ୍.ଏ.)**

**ସାତ୍‌ସପନ ହେଇଛେ ଆବାସ ଘର**

କେନ୍ଦ୍ର ଆର ରାଏଜ୍ ସରକାର ଉଭଏ ଗରିବ୍ ଦୁଖି, ବାସହୀନ ପରିବାରମାନକୁ ଆବାସ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ସର୍ଭେରେ ଭୁଲଭଟକା, ପରଶାସନିକ ଅଧିକାରୀକଁର ଉଦାସିନ୍‌ତା ଲାଗି ଅନେକ୍ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାରୁ ବାଦ୍ ପଡୁଛନ୍। ଏନ୍‌ତାଥି ହକ୍‌ଦାର ହିତାଧିକାରୀ ଇ ଅଫିସରୁ ସେ ଅଫିସ ଦଉଡ଼ି ଦଉଡ଼ି ନିହାଲ ହେଇଯାଉଥିଲେ ବି କେହି ତାକର କଥା ନାଇଁ ଶୁନୁଥିବାର ଅଭିଯୋଗ ହେଉଛେ।

ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ସାନଗୁର୍ଜିଭଟା ଗାଁର କୁମର କୁମ୍ଭାର। ପରିବାର କହେଲେ ମାଏକିନା ଶାନ୍ତି ଆର ଦୁଇ ପୁଓ ମଦନ, ପପୁକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। କୁମର କୁଲିମଜୁରି କରି ଯେନ୍ ଦୁଇ ପଏସା ରୁଜ୍‌ଗାର କରୁଛନ୍ ସେଥିରେ ପରିବାର ଚଲ୍‌ବାର ସଂଗେ ଛୁଆପିଲାକର ପାଠ୍‌ପଢ଼ା ଖରଚ୍ ତୁଲଉଛନ୍। ଘରେ ଅଭାବ ଅନାଟନ ସବୁବେଲେ ଲାଗି ରହିଛେ। ଏନ୍‌ତାଥି ସେ ଭଲ ଘରଖଁଡ଼େ ତିଆରି କରବାର ସପନ୍ ବି ଦେଖି ନାଇଁପାରବାର। ଯେନ୍ ମାଏଟ୍ ଖପର ଘରଖଁଡ଼େରେ ପରିବାରଟା ମୁଡ଼ ଗୁଁଜିଛନ୍ ସେଟା ବି ଅନେକ ସମିଆରେ ମରାମତି କରି ନାଇଁପାରବାର। ଏନ୍‌ତାଥି ସେ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଅନେକ ଥର ଅନେକ ସରକାରୀ ବାବୁକୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ପଁଚେତ୍‌ରୁ ଫିମାସ ମିଲୁଥିବାର ୨୦ କେ.ଜି. ଚାଉଲକେ ଛାଡ଼ିଦେଲେ ପରିବାରଟା ବାକି କେହେନ୍‌ସି ସରକାରୀ ଯୋଜନାର ଲାଭ ନାଇଁ ପାଏବାର। ଏନ୍‌ତାଥି କୁମର ବଛରକ ଛ'ମାସ ବାହାର ରାଏଜ୍‌କେ ଦାଦନ ଖଟି ଯାଉଥିଲାବେଲେ ବାକି ସମିଆ ପତର ବଁଧା କାମ୍ ଲାଗି ବାହାରକେ ଯାଉଛନ୍। ଚଲତି ବଛର ବି କୁମର ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଆଶ୍‌ରେ ଅନ୍‌ଲାଇନ ଆବେଦନ କରିଛନ୍। ଦୁଇ ପୁଓକେ ନିଜର ଝନେ ଲାଗେଲେସର ଘରେ ପାଠ୍‌ପଢ଼ବାର ଲାଗି ଛାଡ଼ି ଦେଇ ଦୁଇ ମାଏଝି ମୁନୁଷ ବାହାରକେ ପତର ବାଁଧି ଯାଇଛନ୍। ଏନ୍‌ତା ଥିତିରେ ଥିବାର ପରିବାରକେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଦାବି ହେଉଛେ।



ନିଜର ଦଦ୍‌ରା କୁରିଆ ଆଗେ ଦୁଇ ପୁଓର ସଂଗେ କୁମର।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ



### ୬୪ ବର୍ଷୀୟା ବୃଦ୍ଧା ରଇବାରୀଙ୍କୁ ମିଳିନି ବାର୍ଦ୍ଧକ୍ୟ ଭତ୍ତା

**କୋମନା,୨୪।୧(ଡି.ଏନ.ଏ.):** ରାଜ୍ୟ ସରକାର ବୃଦ୍ଧାବୃଦ୍ଧଙ୍କୁ ମାସିକ ୫ ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବା ବ୍ୟବସ୍ଥା କରିଛନ୍ତି। ହେଲେ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁ ଅନେକ ଗାଁରେ ବୃଦ୍ଧାବୃଦ୍ଧମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ନୂଆପଡା ଜିଲା କୋମନାସ୍ଥିତ ଜୁନାଗଡ ପଡାର ରଇବାରୀ ପହରିଆ(୬୪) ବୃଦ୍ଧା ଭତ୍ତା ପାଉ ନ ଥିବା ଅଭିଯୋଗ କରିଛନ୍ତି। ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ସରପଞ୍ଚଙ୍କଠୁ ଆରମ୍ଭ କରି ଜିଲାପାଳଙ୍କୁ ମଧ୍ୟ ଭତ୍ତା ପ୍ରଦାନ ପାଇଁ ଗୁହାରୀ କରି ହାରିଯାଇଛନ୍ତି। ତାଙ୍କ ଜମିବାଡି କିଛି ନାହିଁ। ଗୋଟିଏ ପୁଅ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ନିଜେ ଚଳିବାକୁ ଏହି ବୟସରେ ମଧ୍ୟ କୁଲି ମଜୁରି କାମ କରୁଛନ୍ତି। ଜିଲା ପ୍ରଶାସନ ଖୁବ ଶୀଘ୍ର ରଇବାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଆବାସ ଜୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି।

# ବିଦ୍ୟାଳୟ ମାନ ବୃଦ୍ଧି ପାଇଁ ସାଥ-ଇ କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୨୪।୧**

ନୂଆପଡା ଭଳି ଉପାନ୍ତ ଜିଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସାମଗ୍ରିକ ମାନ ବୃଦ୍ଧି ସକାଶେ ସାଥ-ଇ କାର୍ଯ୍ୟକ୍ରମ ଚାଲିଥିବାବେଳେ ଏଥିରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରୁଥିବା ବିଦ୍ୟାଳୟଗୁଡିକୁ ପୁରସ୍କାର ପ୍ରଦାନ କରାଯାଉଛି। ଏହିକ୍ରମରେ ନୂଆପଡା ବ୍ଲକରେ ସାଥ-ଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ ସଭାପତିତ୍ୱ କରିଥିବାବେଳେ ଡ. ଶିବ ପ୍ରସାଦ ବେହେରା ମୁଖ୍ୟ ଅତିଥି, ଏବିଇଓ ରାଧେଶ୍ୟାମ ମେହେର, ନୋଡାଲ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜିତ କୁମାର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ବିଦ୍ୟାଳୟ ଉପସ୍ଥାନ, ଶିକ୍ଷକମାନଙ୍କ ଶିକ୍ଷାଦାନ, ଆନୁଷଙ୍ଗିକ ବ୍ୟବସ୍ଥା ଭଳି ବିଦ୍ୟାଳୟ ମାନବୃଦ୍ଧି ପାଇଁ ୩୨ଟି ପାରା ମିଟର ରଖାଯାଇଛି। ଏସବୁରେ ବିଦ୍ୟାଳୟଗୁଡିକ କିପରି ଶତପ୍ରତିଶତ ରେକର୍ଡ ରଖିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ନଭେମ୍ବରରେ ପ୍ରଥମ ହୋଇଥିବା




କୋମନା ବ୍ଲକର ସାଥ୍- ଇ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

### ପ୍ରଗତି ପାଇଁ ବିଦ୍ୟାଳୟ ପୁରସ୍କୃତ

ଜୁନାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମନ୍ତ କୁମାର ପାଢୀ, ଡିସେମ୍ବରରେ ପ୍ରଥମ ହୋଇଥିବା ସମାନ ଗ୍ରେଡ ରଖିଥିବା ୪ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚଟାନପଡାର ଶାନ୍ତିଲତା ପାତ୍ର, ଟାଣ୍ଡାପଡା ବିଦ୍ୟାଳୟର ସାବିତ୍ରୀ ଦେଇ, ଭୁତକାପଡା ପ୍ରାଥମିକ ବିଦ୍ୟାଳୟ ଧର୍ମେନ୍ଦ୍ର ଚୌହାନ, ସର୍ଗିପଡା ପ୍ରାଥମିକ ବିଦ୍ୟାଳୟ ବଳରାମ ନାଏକଙ୍କୁ ଡ. ବେହେରା ପୁରସ୍କୃତ କରିଥିଲେ। ବିଦ୍ୟାଳୟଗୁଡିକ ମନିଟରିଂ ଆପ ବିଷୟରେ ବ୍ଲକ ଶିକ୍ଷାଧିକାରୀ ନାଏକ ବିଷଦ ଭାବେ ଉପସ୍ଥାପନ କରିଥିଲେ। ବିଦ୍ୟାଳୟଗୁଡିକରେ ବିଦ୍ୟୁତ ସଂଯୋଗ, ଛାତ୍ର ଉପସ୍ଥାନ, ମୋ ସ୍କୁଲ ଅଭିଯାନକୁ ବିଶେଷ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଶରତ କୁମାର ପଣ୍ଡା, ଜିତେନ୍ଦ୍ର ଖମାରୀ ସଂଯୋଜନା କରିଥିଲେ। ଶିକ୍ଷକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ପୁରସ୍କାର ବିତରଣୀରେ ସିଆରସିସି ଅମୀୟ କୁମାର ପାଢୀ ଏବଂ ତାଙ୍କ ସହଯୋଗୀ ପରିଚାଳନା କରିଥିଲେ। ଏହିଭଳି କୋମନା ବ୍ଲକ ଜିତାମିତ୍ର ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୨୩୦ଜଣ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ୧୭ଟି କ୍ଲଷ୍ଟରରୁ ୧୭ଜଣ ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଏବିଇଓ ଜ୍ୟୋତିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟଅତିଥି, ପ୍ରବୋଧ କୁମାର ହୋତା ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ଅଶୋକ କୁମାର ମିଶ୍ର, ସୁଧାଂଶୁ ଶେଖର ବାରିକ ସାଥ-ଇ ମେମ୍ବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଆରସିସି ସୁବଳଶ୍ୟାମ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।




ବିଜୟୀ ଖଡ଼ିଆଳ ଏ' ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ ।

# ମା'ସମଲେଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ: ଖଡିଆଳ ଏ' ଦଳ ବିଜୟୀ

**ଖଡିଆଳ,୨୪।୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରସ୍ଥିତ ଖଡିଆଳ ଯୁବାମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ହୋଇଥିବା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଖଡିଆଳ ଏ ଦଳ ଏବଂ ଦର୍ଲିମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଖଡିଆଳ ଏ ଦଳ ବିଜୟ ହାସଲ କରିଛି। ଖେଳରେ ମୁଖ୍ୟଅତିଥି ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଅମୂଲ୍ୟ ପଟ୍ଟନାୟକ, ବବ୍ରୁବାହାନ ବର୍ମା, ବିଜୟ କୁମାର ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ଖେଳକୁ ସରୋଜ ପଣ୍ଡା, ସୌରଭ ପଣ୍ଡା ଓ ଉଦିତ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅନୁଷ୍ଠାନ ଦ୍ୱାରା ବ୍ୟାଡମିଣ୍ଟନ ପ୍ରତିଯୋଗୀତା ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି । ଏହି ଖେଳରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ଅନ୍ୟତମ ଅତିଥି ଭାବେ ମନୋଜ ପଟ୍ଟନାୟକ ଏବଂ ଖଡିଆଳ ପୂର୍ବତନ ଏନଏସି ଚେୟାରମ୍ୟାନ ନିମାଇଁ ଚରଣ ତାଣ୍ଡି ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ପୋଖରୀରେ ପଡ଼ି ଶିଶୁ ମୃତ

**ବାସୁଦେବପୁର, ୨୪।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ପଞ୍ଚୁରିଖି ଗ୍ରାମର ଆଦିତ୍ୟ ବାରିକ(୨)ଙ୍କର ପୋଖରୀରେ ପଡ଼ି ମୃତ୍ୟୁ ଘଟିଛି। ମୃତ ଶିଶୁପୁତ୍ର ଆଦିତ୍ୟ ଗ୍ରାମର ଗଣେଶ ବାରିକଙ୍କ ପୁଅ। ଶୁକ୍ରବାର ଆଦିତ୍ୟ ଅସାବଧାନତାବଶତଃ ନିକଟସ୍ଥ ଏକ ପୋଖରୀରେ ପଡ଼ିଯାଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରି ପରିବାର ଲୋକ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଝିଅମାନେ ।

# ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ

**କୋମନା,୨୪।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଗନିଆରି ଅଙ୍ଗନୱାଡି କେନ୍ଦ୍ରରେ ନେହେରୁ ଯୁବକେନ୍ଦ୍ର କୋମନା ପକ୍ଷରୁ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗନିଆରି ଅଙ୍ଗନୱାଡି କର୍ମୀ ଜିରାମତି ପ୍ରଧାନୀ, ଆଶାକର୍ମୀ ବେଳମତୀ ମାଝି ଓ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଟିକେଶ୍ୱର ହଂସ ପ୍ରମୁଖ ଯୋଗଦେଇ ଝିଅମାନଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଏହାପରେ ବେଟି ବଚାଓ ବେଟି ପଢାଓ ଉପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗନିଆରି ଗାଁ ପରିକ୍ରମା କରାଯାଇଥିଲା। ଏଥିରେ କଳ୍ପନା ହଂସ, ଲକ୍ଷ୍ମୀ ନାଗ, ଯଶୋବନ୍ତି ହଂସ, କବିତା ବାଗ, ବାସନ୍ତି ହଂସ, ବବିତା ଅଦା, ବୁଲେଶ୍ୱରୀ ନାଗ ପ୍ରମୁଖ ଶତାଧିକ ଗାଁ ଝିଅ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ରୟାଲ କ୍ଲବ ରମେଶ ନାଗ, ଇନ୍ଦ୍ରମଣି ଛତ୍ରିଆ, ଉମେଶ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ଲୋକକଳା ମାଧ୍ୟମରେ ଦାଦନ ସମସ୍ୟା ରୋକିବା ପ୍ରୟାସ

**ଖଡିଆଳ,୨୪।୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ୧୧୫ଟି ରାଜସ୍ୱ ଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ଦାଦନ ସମସ୍ୟା ରୋକିବା ପାଇଁ ସଚେତନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଥିରେ ୧୪ଟି ଲୋକକଳା ପାଲା, ସଞ୍ଚାର, ଘୁମୁରା, କର୍ଣ୍ଣେଇନାଚ ଭଳି ବିଭିନ୍ନ ଲୋକକଳା ମାଧ୍ୟମରେ ଗାଁ ଗାଁ ବୁଲି ସଚେତନତା କରାଯାଇଛି। ଦାଦନ ସମସ୍ୟାରୁ ଓଡିଶାକୁ ମୁକ୍ତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଦୁଃସ୍ଥ ଦାଦନ ନିରାକରଣ କାର୍ଯ୍ୟକ୍ରମ ନୂଆପଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲାରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦାଦନ ରୋକିବା ସହ ଏମ୍‌ଜିଏନ୍‌ଆରଇଜିଏସ୍ ଓ ଅନ୍ୟାନ୍ୟ ସରକାରୀ ଯୋଜନାରେ ସାମିଲ ହୋଇ ଲୋକଙ୍କୁ ଆର୍ଥିକ ଓ ଆତ୍ମ ନିର୍ଭରଶୀ ହେବାକୁ ପ୍ରଚେଷ୍ଟା କରାଯାଇଛି । ସେହିପରି ପାଲ ମାଧ୍ୟମରେ କଳାକାର ଅର୍ଜୁନ ଛତ୍ରିଆ, ଅମୂଲ୍ୟ ମଣ୍ଡ, କୁନାଳଚରଣ ବେହେରା, ଫଗଣୁ ପୋଢ଼, ଡୋଳାମଣି ଦଣ୍ଡସେନା, ସଞ୍ଚାର ମାଧ୍ୟମରେ ଜଗତ ନାଗ, କଦାରଚନ ସୁନାନୀ, ଭୂଷଣ୍ଡ ଜଗତ ଓ ହଳଧର ଏବଂ ଘୁମୁରାରେ ଲୋଚନ, ତୀବ୍ର ମୋହନ, ଦେବେନ୍ଦ୍ର ଶବର ପ୍ରମୁଖ ଲୋକକଳା ପରିବେଷଣ ସହ ଗ୍ରାମ୍ୟ ବୈଠକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା ଓ ଘରକୁ ଘର ବୁଲି ଦାଦନ ନ ଯିବା ପାଇଁ ଅନୁରୋଧ କରାଯାଉଛି । ପ୍ରକାଶ ଯେ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବର୍ଷକୁ ୧୦୦ ଦିନର କାମ ଯୋଗାଣ ସହ ୧୮୮ ଟଙ୍କା ମଜୁରୀର ନିୟମ ଥିବା ବେଳେ ଦାଦନ ପ୍ରବଣ ଏହି ଜିଲା ସବୁରେ ୨୦୦ ଦିନ କାର୍ଯ୍ୟ ଦିବସ ସହ ୧୮୬ ଟଙ୍କା ୩୦ ପଇସାର ମଜୁରୀ ଦର ବୃଦ୍ଧି କରାଯାଇଛି। ବେକାର ଯୁବତୀ ଯୁବକମାନଙ୍କୁ ଆତ୍ମ ନିର୍ଭରଶୀ ପାଇଁ ତାଲିମ ବ୍ୟବସ୍ଥା ରହିଛି । ବିଭିନ୍ନ ସମୟରେ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିବା ସହିତ ସେଠାରେ ନିର୍ଯାତନାର ଶିକାର ହେବାକୁ ପଡୁଛି । ଏଥି ପାଇଁ ରାଜ୍ୟ ସରକାର ବିଭିନ୍ନ ଲୋକକଳା ମାଧ୍ୟମରେ ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।



ପାଲା ମାଧ୍ୟମରେ ଦାଦନ ସମସ୍ୟା ରୋକିବା ପାଇଁ ସଚେତନତା କରାଯାଉଛି।



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଜାତୀୟ ବାଳିକା ଦିବସ ପାଳିତ

**କୋମନା, ୨୪।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ମେଣ୍ଢାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମମତା ସଂସ୍ଥା ଆନୁକୂଲ୍ୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏସଏମସି ସଭାନେତ୍ରୀ ଯଶୋବନ୍ତି ବାଗ, ସମ୍ମାନିତ ଅତିଥି ଧ୍ରୁବଚରଣ ରଣା, ଜିଲା ସଂଯୋଜକ ସଉମ୍ୟ ଶେଖର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଗୋପାଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଜାତୀୟ ବାଳିକା ଦିବସର ମହତ୍ୱ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ମିଳିତ ଭାବେ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବ୍ଲକ ସଂଯୋଜକ ଆଲୋକ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଚାନ୍ଦବାଲି, ୨୪।୧ (ଡି.ଏନ.ଏ.)**

ଚାନ୍ଦବାଲି ଗୋପବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ସେଠୀ କମ୍ପ୍ଲେକ୍ସରେ ୨୦ତମ ବାର୍ଷିକ ଉତ୍ସବ ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିତ୍ତରଞ୍ଜନ କବି ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କବି କମଳାକାନ୍ତ ମହାନ୍ତି ଓ ସାହିତ୍ୟିକ ରଜନୀକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରୁଣ ସାହୁ, ସୁବାସ ଚନ୍ଦ୍ର ନାୟକ, ସୁବାସ ମହାନ୍ତି, ଅମିତାଭ ପରିଡା ଓ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ।

# ପଲିଥିନ ତଳେ ମୁଣ୍ଡ ଗୁଁଜିଛନ୍ ୫ ପରାନୀ କୁଟୁମ

**ପଲମ, ୨୪।୧ (ଡି.ଏନ୍.ଏ.)**

କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗରିବ୍ ଦୁଖିକର ଲାଗି ଯୋଜନା ଉପରେ ଯୋଜନା ତିଆର କରି ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ଅନେକ ଜାଗାରେ ଇ ସରକାରୀ ଯୋଜନାମାନକର ସୁଫଲ ଗରିବ୍ ଦୁଖି ହକ୍‌ଦାର ହିତାଧିକାରୀକଁର ପାସକେ ପୁହୁଁଚି ନାଇଁପାରବାର। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଗିଗନା ପଁଚେତ୍ ସଦର ଗାଁରେ। ସୂଚନା ହିସାବେ ଗିଗନା ଗାଁର ଇନ୍ଦ୍ରମଣି ହେର୍ଣ୍ଣା(୪୦)। ପରିବାର କହେଲେ ମାଏକିନା ମଞ୍ଜୁରୀ(୩୮), ଦୁଇ ପୁଓ ମୁନା(୨୦), ଛୁଟୁ(୧୮) ଆର ଝିଁ ଅନିତା(୧୭)କେ ନେଇ ସଁସାର। ଇନ୍ଦ୍ରମଣି ଝନେ ନିହାତି ଗରିବ୍ ଲୋକ୍, ଜମିବାଡ଼ି ବଲି କିଛି ନାଇଁ। ଦାଦନ ଯାଇ କୁଟୁମ ପୁଷୁଥିଲେ। ଆଏଜ୍‌କେ ୫ ବଛର ତଲେ ସେ ଗାଁକେ ଫିରିଥିଲେ। ଦୁଖ୍‌ସୁଖ କରି ଗାଁର ଝନ୍‌କରନୁ ୫ ଡେସିମିଲ ଘରଡିହ ଘିନିଛନ୍। ହେଲେ ଅଭାବ ଅନାଟନ ଲାଗି ସେ ଭଲ ଘରଟେ ତିଆରି



ନିଜର ଦଦ୍‌ରା କୁରିଆ ଆଘେ ଝିଁ ଆର ମାଏକିନାର ସଂଗେ ଇନ୍ଦ୍ରମଣି।

### ଆବାସ ଯୋଜନା ବାଟ୍‌ବନା

ନାଇଁପାରବାର। ଏନ୍ତାଥି ଝାଟିମାଟିର କୁରିଆଟେ କରି ଉପରେ ପଲିଥିନ୍ ଢାପି ପରିବାରଟା ବଡ଼ା ଗୁଲ୍‌ଗୁଲା ହେଇ ରହୁଛନ୍। ଇନ୍ଦ୍ରମଣି ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଗିଗନା ପଁଚେତ୍ ପିଇଓ ଶନିଶ୍ଚର ସୂରାଜ ଆର ନର୍ଲା ବିଡିଓ ବ୍ୟାସଦେବ ବେହେରାକୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ସରକାରୀ ସାହାଯ୍ କହେଲେ ଫିମାସ ପଁଚେତ୍‌ରୁ ମିଲୁଥିବାର ୨୫ କେ.ଜି. ଚାଉଲ ନ ସାହାଭରସା। ଏନ୍ତା ପରିସ୍ଥିତିରେ ସେ ଗଣମାଧ୍ୟମ ଜରିଆରେ ଜିଲାପାଳକୁଁ ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଅନୁରୋଧ କରିଛନ୍। ଇ ବାବ୍‌ଦେ ଗିଗନା ପଁଚେତ୍‌ର ପିଇଓ ଶନିଶ୍ଚର ସୂରାଜକୁଁ ପଚ୍‌ରାଲାରୁ ବରଷା ଦିନେ ତାକର ଘର ଭାଂଗି ଯାଇଥିଲା। ତାହାକୁ ପଲିଥିନ୍ ଯୁଗେଇ ଦିଆଯାଇଛେ। ଏସ୍‌ଇସିସି ତାଲିକାରେ ତାକର ନାଁ ନାଇଁନ। ସେ ସରକାରୀ ଯୋଜନାରେ ଯେନ୍‌ଥେଇ ଘରଖଁଡ଼େ ପାଇପାରବେ ତାର ବେବସ୍ତା କରବାକେ ବିଡିଓ ବି କଥା ଦେଇଛନ୍ ବଲି ସେ କହିଥିଲେ।

# ବୁଢାରଜା କ୍ରିକେଟ କପ୍ : ଟିଟିଲାଗଡ଼ ବିଜୟୀ

**ସିନାପାଲି, ୨୪।୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସିଂଗଝରଠାରେ ଚତୁର୍ଥ ସିଜନ୍ ବୁଢାରଜା କ୍ରିକେଟ କପ୍ ସ୍ଥାନୀୟ ବିୟର୍ ଭଟା ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ଜଗଦଳପୁର ଏକାଦଶ ଓ ଟିଟିଲାଗଡ ଏକାଦଶ ମଧ୍ୟରେ ଖେଳ ହୋଇଥିଲା। ଟିଟିଲାଗଡ଼ ଦଳ ପ୍ରଥମେ ଟସ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା। ଜଗଦଳପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୮ ଓଭର ଚାରି ବଲ ଖେଳି ସମସ୍ତ ଉଇକେଟ ହରାଇ ୧୫୯ରନ ସଂଗ୍ରହ କରିଥିଲେ। ଟିଟିଲାଗଡ଼ ଦଳ ୧୬ ଓଭର ୫ ବଲ ଖେଳି ୫ ଉଇକେଟ ବିନିମୟରେ ୧୬୧ ରନ ସଂଗ୍ରହ କରଥିଲା। ମ୍ୟାଚର ଟିଟିଲାଗଡ଼ ଦଳକୁ ବିଜୟ ଘୋଷିତ କରାଯାଇଥିଲା। ମ୍ୟାଚରେ ଟିଟିଲାଗଡ଼ ଦଳର ରୁଦ୍ର ବାଗଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ କରାଯାଇଥିଲା। ଭୁତେଶ୍ୱର ନାଏକ ଓ ପର୍ଶୁ ମାଝି ଖେଳ ପରିଚାଳନା କରିଥିବା ବେଳେ ବିଜୁ ସେଠି ଓ ପ୍ରକାଶ ପାତ୍ର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଆସନ୍ତ ୧ ତାରିଖରେ ଉଦ୍‌ଯାପିତ ହେବ ବୋଲି କମିଟି ସୂତ୍ରରୁ ଜଣାପଡ଼ିଛି। ମ୍ୟାଚରେ ବୁଢ଼ାରଜା କ୍ରିକେଟ ପରିଚାଳନା କମିଟି ସଭାପତି ଲୋକେଶ୍ୱର ମାଝି, ସମ୍ପାଦକ ଦେବର୍ଚ୍ଚନ ବୈଠାରୁ ତଥା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ପୂର୍ବତନ ବିଧାୟକ ଡମ୍ବରୁଧର ମାଝି (ଛଗ), ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝି, ଜିଲା ପରିଷଦ ସଭ୍ୟ ଗିରିରାଜ ମାଝି, ଅଧ୍ୟାପକ ବ୍ରଜମୋହନ ଧାକଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




ବୁଢାରଜା କ୍ରିକେଟ କପ୍ ଉଦ୍‌ଘାଟିତ ମ୍ୟାଚ୍‌ର ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ ଦାବି

**ରିଷିଡ଼ା,୨୪।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପିଡବ୍ଲ୍ୟୁ ରାସ୍ତାଠାରୁ ଉପରବହଲମୁଣ୍ଡା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବାକୁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି । ଏହି ରାସ୍ତାରେ ଶତାଧିକ ଛାତ୍ରୀଛାତ୍ର ବିଦ୍ୟାଳୟକୁ ପଢ଼ିବାକୁ ଯାଉଛନ୍ତି । ସେହିପରି ରାମମନ୍ଦିର-ଗାନ୍ଧୀନଗର ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ଏହି ରାସ୍ତାଗୁଡିକ ମରାମତି କରାଗଲେ ଲୋକେ ବିଶେଷ ଉପକୃତ ହେବେ ।

### ସୁଶାନ୍ତ ପଧାନ ମେମୋରିଆଲ କ୍ରିକେଟ ଆଜିଠାରୁ

**ରିଷିଡା,୨୪।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଖେଳ ପଡିଆଠାରେ ଶନିବାରରୁ ସୁଶାନ୍ତ ପଧାନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟକୁ ମା' ମାହେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜନ କରାଯାଉଛି। ଏଥିରେ କଳାହାଣ୍ଡି ଜିଲାର ୧୬ଟି ଦଳ ଭାଗ ନେଉଛନ୍ତି। ଉଦଘାଟନୀ ମ୍ୟାଚ କର୍ଲାମୁଣ୍ଡା ବନାମ ଏସଆରସି ବଡଡୁଙ୍ଗୁରୀଗୁଡା ଦଳ ମଧରେ ଅନୁଷ୍ଠିତ ହେବ। ଆୟୋଜକ ଗୋପୀନାଥ, ପ୍ରଶାନ୍ତ, ଦାମୋଦର, ଶିଶିର, ଅଲୋକ, ଜ୍ୟୋତି ପ୍ରମୁଖ ପରିଚାଳନା କରୁଛନ୍ତି।

### ମୃତଦେହ ରଖି ରାସ୍ତାରୋକୋ କରିବା ଘଟଣା, ୭ କୋର୍ଟ ଚାଲାଣ

**କୋକସରା,୨୪।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ମୋଟେର ୨୬ ନଂ. ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ଆହତ କୃଷ୍ଣ ପୁଞ୍ଜି (୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭବାନୀପାଟଣା ଡାକ୍ତରଖାନାରେ ଗୁରୁବାର ମୃତ୍ୟୁ ଘଟିଛି। ମୃତଦେହ ଗାଁରେ ପହଞ୍ଚିବା ପରେ କ୍ଷତିପୂରଣ ଦାବିରେ ପରିବାରବର୍ଗ ଓ ଗ୍ରାମବାସୀ ମୋଟେର ୨୬ନଂ ଜାତୀୟ ରାଜପଥକୁ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ପ୍ରଶାସନରେ ନ ଜଣାଇ ବେନିୟମ ଭାବେ ଜାତୀୟ ରାଜପଥ ଅବରୋଧ କରିବା ଅଭିଯୋଗରେ ଶୁକ୍ରବାର କୋକସରା ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମୋଟେର ଗ୍ରାମର ଭଜମନ ଦୁର୍ଗା (୪୫), କାଲିଆ ନାଏକ (୫୦), କୈଳାସଚନ୍ଦ୍ର ପାନ (୩୮), ମଣ୍ଟୁ ନାଏକ (୨୩), ଦୟାନିଧି ଝାଙ୍କର (୪୫), ମୁନିନ୍ଦ୍ର ପଟେଲ (୪୮) ଓ କୁମୁଦ ବେମାଲ (୩୬)। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୧୮/୨୦) ରୁଜୁ ହୋଇଥିବା ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା ସୂଚନା ଦେଇଛନ୍ତି ।

# ମଣ୍ଡିରେ ପଡ଼ିଛି ଲକ୍ଷାଧିକ କୁଇଣ୍ଟାଲ ଧାନ

**ଭବାନୀପାଟଣା,୨୪।୧(ଡି.ଏନ.ଏ.)**



ମଣ୍ଡିରେ ଜମା ହୋଇରହିଥିବା ଧାନ।

- ଦୈନିକ ୬୦ ହଜାର କୁଇଣ୍ଟାଲ ଧାନ ଉଠୁଛି
- କେନ୍ଦ୍ର ଓ ରାଜ୍ୟ ସଚିବଙ୍କ ଗସ୍ତ ପରେ ବି ସୁଧୁରୁନି ବ୍ୟବସ୍ଥା
- ଟୋକେନ ଉଭାନ ପରେ ଏବେ ଟାର୍ଗେଟ୍ ବିଭ୍ରାଟ

କଳାହାଣ୍ଡି ଜିଲାର ମଣ୍ଡିଗୁଡିକରୁ ଦୈନିକ ୬୦ ହଜାର କୁଇଣ୍ଟାଲ ଲେଖାଁଏ ଧାନ ଉଠୁଛି ବୋଲି ସରକାରୀ ଭାବେ ଦର୍ଶାଯାଉଛି। ତଥାପି ଚାଷୀଙ୍କ ଲକ୍ଷାଧିକ କୁଇଣ୍ଟାଲ ଧାନ ମଣ୍ଡିଗୁଡିକରେ ପଡିରହିଥିବା ଦେଖିବାକୁ ମିଳିଛି। ଏଥିରୁ ମଣ୍ଡିରେ ଅନିୟମିତତା ହେଉଥିବା ଅନୁମାନ କରାଯାଉଛି। ମଣ୍ଡିରେ ପଡିଥିବା ଧାନ ନ କିଣି କାଗଜପତ୍ରରେ ଫଲ୍ସ ଏଣ୍ଟ୍ରି କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଅଭିଯୋଗ ଅନୁସାରେ, ବହୁ ଦିନ ହେଲା ଚାଷୀମାନେ ମଣ୍ଡିରେ ଧାନ ପକାଇ ଜଗିରହିଛନ୍ତି । ଟୋକନ୍ ଆସି ନ ଥିବା, ଟାର୍ଗେଟ ନ ଥିବା ଆଦି ସମସ୍ୟା ଦର୍ଶାଇ ଧାନ ଉଠାଯାଉ ନାହିଁ। ଏହାର ସୁଯୋଗ ନେଇ କିଛି ମିଲ୍ ମାଲିକ ଓ ଦଲାଲ ଅନ୍ୟ ଜିଲା ଓ ପଡୋଶୀ ରାଜ୍ୟରୁ ଧାନ କିଣୁଛନ୍ତି। ଏହାକୁ ଫଲସ୍ ଏଣ୍ଟ୍ରି କରୁଥିବାରୁ ମଣ୍ଡିଗୁଡିକରେ ଲକ୍ଷ ଲକ୍ଷ କୁଇଣ୍ଟାଲ ଧାନ ପଡିରହୁଛି। ଗତ କିଛି ଦିନ ତଳେ କେନ୍ଦ୍ର ଓ ରାଜ୍ୟ ଯୋଗାଣ ଖାଦ୍ୟ ସଚିବ ଜିଲା ଗସ୍ତ ପରେ ଅବସ୍ଥା ସୁଧୁରିବ ବୋଲି ଆଶା କରାଯାଉଥିଲା । ହେଲେ ତାହା ବି ହୋଇପାରି ନାହିଁ। ବହୁ ଚାଷୀ ଟୋକନ ପାଇ ମଣ୍ଡିକୁ ଧାନ ବିକିବାକୁ ଆଣିଥିଲେ । ଟୋକନ ଉଭାନ୍ ହୋଇଯାଇଥିବା ଜାଣି ନିରାଶ ହୋଇଥିଲେ। ସେହି ଚାଷୀମାନଙ୍କୁ ଆଜି ପର୍ଯ୍ୟନ୍ତ ଟୋକନ୍ ମିଳି ନାହିଁ। ସଚିବ ଆସିବା ପରେ ଚାଉଳ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। କିନ୍ତୁ ଚାଷୀ କିଛି ଉପକୃତ ହେଲେ ନାହିଁ। ଟୋକନ ଉଭାନ ଓ ଟୋକନ ଅବ୍ୟବସ୍ଥା ପରେ ଏବେ ପୁଣି ଟାର୍ଗେଟର ଅଭାବ ଦେଖାଗଲାଣି। ଜିଲାକୁ ୪୦ ଲକ୍ଷ ୪୪ ହଜାର ୧୧୭ କୁଇଣ୍ଟାଲ ଧାନ ପାଇଁ ଟାର୍ଗେଟ ଆସିଛି। ଏଯାଏ ୩୭ ଲକ୍ଷ ୨୦ ହଜାର ୨୨୦ କୁଇଣ୍ଟାଲରୁ ଅଧିକ ଉଠିଲାଣି । କିଛି ମଣ୍ଡିରେ ଟାର୍ଗେଟ ସରିଲାଣି। ଫଳରେ ଧାନ ଉଠାଣ ହୋଇପାରୁ ନାହିଁ। ଟାର୍ଗେଟ ପ୍ରଥମରୁ ଅଧିକ ଆସି ନ ଥିବାରୁ ସବୁ ସମୟରେ ଧାନ କିଣା ମନ୍ଥର ଦେଖାଯାଇଛି। ସୂଚନାଯୋଗ୍ୟ ଯେ, ଜିଲାରେ ଆରମ୍ଭରୁ କୃଷି ବିଭାଗ ୬୦ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବା ସୂଚନା ଦେଇଥିଲା। କିନ୍ତୁ ଟାର୍ଗେଟ କର୍ଯ୍ୟାୟକ୍ରେମ ଆସିବାରୁ ଧାନ କିଣାରେ ବହୁ ଅବ୍ୟବସ୍ଥା ଦେଖାଦେଇଛି । ବହୁ ଚାଷୀ ଟୋକଟ ଅପେକ୍ଷାରେ ଏବେ ବି ରହିଛନ୍ତି। କିଛି ଚାଷୀ ଧାନକିଣା ଆରମ୍ଭର ମାସ ମାସ ପରେ ବି ଟୋକନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଚାଷୀ ପଞ୍ଜୀକୃତ ହୋଇଥିଲେ ମଧ୍ୟ ଟୋକନ ପାଇ ନାହାନ୍ତି। ଏମାନଙ୍କ ଅଭିଯୋଗ ବି କେହି ଶୁଣୁ ନାହାନ୍ତି ବୋଲି କେସିଙ୍ଗା ଅଞ୍ଚଳର କିଛି ଚାଷୀ ଅଭିଯୋଗ କରିଛନ୍ତି । ଅନ୍ୟ ଜିଲା ଓ ରାଜ୍ୟରୁ ଚୋରାରେ ଆସୁଥିବା ଧାନକୁ ଦଲାଲ ଓ ଅସାଧୁ ମିଲର୍ କାଗଜପତ୍ର କରିବା ପାଇଁ ଏବେ ଲାଗିପଡିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରାଙ୍କୁ ପଚାରିବାରୁ ଟୋକନ୍ ନ ଥିବାରୁ ଧାନ ପଡ଼ିରହିଛି, ବର୍ତ୍ତମାନ ଶୀଘ୍ର ଧାନ ଉଠୁଛି ଓ ଅଧିକ ଟାର୍ଗେଟ ପାଇଁ ରାଜ୍ୟ ଯୋଗାଣ ବିଭାଗକୁ ଲେଖାଯାଇଛି ବୋଲି ସେ କହିଥିଲେ। ଅନ୍ୟ ଜିଲା ଓ ରାଜ୍ୟରୁ ଧାନ ଅସୁଥିବା କଥାକୁ ସେ ଅସ୍ୱୀକାର କରିଥିଲେ।



ଖଲିଦନା ପ୍ରସ୍ତୁତ ମେଶିନ ପ୍ରଦାନ କରାଯାଇଛି ।

# ଏସ୍ଏଚ୍ଜି ମହିଳାମାନଙ୍କୁ ଖଲିଦନା ମେଶିନ ପ୍ରଦାନ

**ଭବାନୀପାଟଣା,୨୪।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣା ବନାଞ୍ଚଳ ଅଧିକାରୀଙ୍କ ପକ୍ଷରୁ ସିଆଁ ବନ ସଂରକ୍ଷଣ ସମିତି ଏସ୍ଏଚ୍ଜି ମହିଳାମାନଙ୍କୁ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଖଲିଦନା ପ୍ରସ୍ତୁତ ମେଶିନ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳ ମହିଳାଙ୍କ ସ୍ୱାଲମ୍ବୀ କରିବା ଲକ୍ଷ୍ୟରେ ବନ ବିଭାଗ ଆଉ ପାଦେ ଆଗେଇ ଆସି ଏହି ମେଶିନ ପ୍ରଦାନ କରିଥିବା ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଜୋନ-୨ ସଦସ୍ୟା ରୀନା ଭୋଇ ଓ ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ନୃତ୍ୟରାଜ ମାଝି, ସମିତି ସଭ୍ୟ ନନ୍ଦିନୀ ଭୋଇ, ଶାନ୍ତପୁର ବନପାଳ ରତ୍ନାକର ଧରୁଆ, ବନରକ୍ଷକ ଦିଆଲୁ ରାଉତ, ଏନ୍ଜିଓ କର୍ମକର୍ତ୍ତା ପ୍ରୀତିଶ ତିର୍କି, ଉମେଶ ଚନ୍ଦ୍ର ଗଉଡ, ସରିଆଁ ବନ ସଂରକ୍ଷଣ ସମିତି ସଭାପତି ପ୍ରମୋଦ ଜାନୀ, କୋଷାଧକ୍ଷ ବିଜୟ ଭୋଇ, ସଂଯୋଜକ ରାମେଶ୍ୱର ଭୋଇ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ସେହିପରି ଲୁହାଯୋର, ଖମନପଡା, ଦର୍ଲିପଡା, ଶଙ୍କରମାଲ, ଗଛଖୋଲା, ଶର୍ଗିମାଲ, ବନ ସୁରକ୍ଷା ସମିତିରେ ମଧ ସିଲେଇ ମେସିନ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନେହରୁ ଯୁବକେନ୍ଦ୍ରର ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଳନ ଭୋଇ ସହଯୋଗ କରିଥିଲେ।



ଜାତୀୟ କନ୍ୟାସନ୍ତାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ଭବାନୀପାଟଣା,୨୪।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରଠାରେ ଶୁକ୍ରବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ସ୍ଥାନୀୟ ଗାନ୍ଧୀଚୈକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କନ୍ୟା ସନ୍ତାନ ପ୍ରଚାର ଓ ପ୍ରସାର ପାଇଁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ଏକ ସଚେତନତା ରଥ ମଧ ଉଦ୍ଘାଟିତ ହୋଇଇଥିଲା। ସ୍ଥାନୀୟ ଏଏନ୍ଏମ୍ ଟ୍ରେନିଂ ସେଣ୍ଟରରେ କନ୍ୟା ସନ୍ତାନ ସମ୍ପର୍କୀତ ଏକ କର୍ମଶାଳା ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା ସଭାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜଗୁଲାଲ ଅଗ୍ରୱାଲ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଡିଏମ୍ ଅରସିଏଚ୍ ଭବାନୀଶଙ୍କର ସାହୁ, ଡିଏଏମ୍ ସୁବାଷ ଚନ୍ଦ୍ର ମିଶ୍ର, ଆଶା ମେନେଜର ଅକ୍ଷୟ କୁମାର ରଣା, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧରକାରୀ ଖଗେନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ସମାଜ ପ୍ରତି କନ୍ୟା ସନ୍ତାନର ଗୁରୁତ୍ୱ ପରିବାର ଲୋକେ ଉପଲବ୍ଧ କରନ୍ତୁ, ଝିଅମାନଙ୍କ ଉପଯୁକ୍ତ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଯତ୍ନବାନ ହୁଅନ୍ତୁ। ସମାଜର ପ୍ରମୁଖସ୍ତରରେ ଝିଅମାନଙ୍କ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରନ୍ତୁ। ଲିଙ୍ଗଗତ କୁସଂସ୍କାରରୁ ଦୂରେଇ ରୁହନ୍ତୁ। ଉପଯୁକ୍ତ ଯତ୍ନ ଓ ପ୍ରୋତ୍ସାହନ ଦ୍ୱାରା ଝିଅମାନେ ଅନେକ କ୍ଷେତ୍ରରେ ସଫଳତାର ସହ ଶୀର୍ଷ ସ୍ଥାନରେ ପହଞ୍ଚିପାରିଛନ୍ତି। ଆପଣମାନେ ମଧ ଝିଅମାନଙ୍କ ଯତ୍ନ ପ୍ରତି ବିଶେଷ ଧାନ ଦିଅନ୍ତୁ ଓ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ଗଠନରେ ସାମିଲ ହୁଅନ୍ତୁ ବୋଲି ଅତିଥିମାନେ କହିଥିଲେ। ପ୍ରତିଯୋଗିତା ବରିଷ୍ଠ ବିଭାଗରେ କୁମାରୀ ସୁଶ୍ରୀତା ବେହେରା ପ୍ରଥମ, କୁମାରୀ ଶୁଭସ୍ମିତା ସାମଲ ଦ୍ୱିତୀୟ ଓ କୁମାରୀ ସ୍ୱପ୍ନାରାଣୀ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନୀଷ୍ଠ ବିଭାଗରେ କୁମାରୀ ପଲ୍ଲବୀ ରଣା ପ୍ରଥମ, କୁମାରୀ ଅନିତା ମହାରଣା ଦ୍ୱିତୀୟ ଓ କୁମାରୀ ଜୟନ୍ତୀ ହନ୍ସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ରଇନଗୁଡାଠାରେ ଶିଶୁ କନ୍ୟା ଦିବସ ପାଳିତ

**ପର୍ଲା,୨୪।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଅଙ୍ଗନୱାଡି କେନ୍ଦ୍ରଠାରେ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ଭବାନୀ ନାଏକଙ୍କ ଅଧକ୍ଷତାରେ ଗ୍ରାମ ସ୍ୱୟଂ ସହାୟିକା ଗୋଷ୍ଠୀ ସହ ଜନସାଧାରଣମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିଶୁ କନ୍ୟା ଉପରେ ଆଲୋଚନା କରାଯାଇଥିଲା । ଶିଶୁ କନ୍ୟାର ଆଦରତା ଓ ବାଳ ବିବାହ ପ୍ରତି ସଚେତନତା ଜାଗ୍ରତ କରିବା ସମସ୍ତଙ୍କ ଦାୟିତ୍ୱ ରହିବା ଆବଶ୍ୟକତା ବୋଲି ଅଙ୍ଗନୱାଡି କର୍ମୀ ବୁଝାଇଥିଲେ। ସର୍ବ ପ୍ରଥମେ ଶିଶୁ କନ୍ୟା ଜନ୍ମକୁ ସମ୍ମାନ ଦେଇ ସୁରକ୍ଷା ସହ ସମାଜରେ ତାର ମୌଳିକ ଅଧିକାର ଦେବା ସହ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେଲେ ହିଁ ସମାଜର ପ୍ରତିଷ୍ଠିତ ହୋଇ ପାରିବ ବୋଲି ବୁଝାଇଥିଲେ। ଅନ୍ୟପଟେ ପୁଅ ଝିଅ ଭିତରେ ପ୍ରଭେଦ ନ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଖଗେଶ୍ୱର ସେଠିଆ, ମାଟି ମା ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ନାଏକ, ଜୟରାମ ଦୁରିଆ, ଚିତ୍ରସେନ ନାଏକ, ଐରାବତ ନାଏକ ଗ୍ରାମ୍ୟ, ଏସଏସଜି ସଭାନେତ୍ରୀ ସମ୍ପାଦିକା ସଦସ୍ୟ ସହ ଆଶା କର୍ମୀ ସହ ଜନସାଧାରଣ ଉପସ୍ଥିତ ଥିଲେ ।

# ଫିରି ପାଏଲେ ବଁଧା ପଡ଼ିଥିବାର ରାଶନକାର୍ଡ

**ପର୍ଲା, ୨୪।୧ (ଡି.ଏନ୍.ଏ.)**




ସୁଲୋଚନା ଫିରି ପାଇଥିବାର ରାଶନକାର୍ଡ ଦେଖଉଛନ୍।

**ସୁଲୋଚନାକୁଁ ସାହାୟ୍ର ହାତ୍ ବଢ଼ାଲେ ଭିନେ ଭିନେ ସଂଗଠନ**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲ ଛଞ୍ଚାଣବାହାଲି ପଁଚେତ୍ ବେହେରାଗୁଡ଼ାର କୁଷ୍ଠ ରୋଗ୍ରେ ପୀଡ଼ିତ ସୁବାସ ଦୋରୁଆନ(୫୦)କଁର ଦିନାକେତେ ତଲେ ମୁରତୁ ହେଇଥିଲା। ଏନ୍ତାଥି ବିଧବା ବୁଢ଼ୀ ମା'ଟଁକା ପଏସା ଅଭାବୁ ପୁଓର ଶୁଧିକାୟ୍ ଲାଗି ନିଜର ରାଶନ କାର୍ଡ ବଁଧା ପକେଇଥିଲେ। ଇ ଘଟନା ଗଣମାଧମରେ ପରଚାରିତ ହେଲା ଉତାରୁ ଭିନେ ଭିନେ ସ୍ୱେଚ୍ଛାସେବୀ ସଂଗଠନ ଇ ଦୁଖି ପରିବାରକେ ସାହାୟ୍ର ହାତ୍ ବଢ଼େଇଛନ୍।

ସୂଚନା ଅନ୍ସାରେ ବେହେରାଗୁଡ଼ା ଗାଁର ସୁଲୋଚନା ଦୋରୁଆନ ପୁଓବହ, ନାତିନାତେନକୁଁ ନେଇ ଖୁସିରେ ଥିଲେ। ପୁଓ ବି ଦୁଖ୍ସୁଖ୍ କରି ଦୁଇପଏସା ରୁଜଗାର କରୁଥିଲେ। ହେଲେ ଆଏଜ୍କେ ୪ ବଛର ତଲେ ସେ କୁଷ୍ଠ ରୋଗ୍ରେ ଆକ୍ରାଁତ ଥିବାର ଜାନ୍ବାକେ ପାଇଥିଲେ। ଅନେକ ଚିକିତ୍ସା କଲା ଉତାରୁ ବି ସେ ସବୁବେଲେ ମାନ୍ସିକ୍ ଚାପରେ ରହୁଥିଲେ। ଏନ୍ତା ପରିସ୍ଥିତିରେ ଗଲା ୧୭ ତାରିଖ ସୁବାସ ଆରପାରକେ ଚାଲିଗଲେ। ସୁବାସ କୁଷ୍ଠ ରୋଗ୍ରେ ପୀଡ଼ିତ ଥିବାର ଘଟନାକେ ନେଇ ଜାତିଭାଇ ସେ ମଲା ଉତାରୁ ବି କେହି ଖଁଦ୍ ନାଇଁଦେଲେ। ଇଆଡ଼େ ଜାତିଭାଇ, ସମାଜ ପରିବାରକେ ଅଜେତ୍ କରିଥିଲା। ଜାଏତ୍ ହେବାର ଲାଗି ସମାଜ ଲୋକ୍ ଭୁଜିଭାତ ସଂଗେ ଛେଲ୍ମେଢ଼ି ମାଗିଥିଲେ। ଏନ୍ତାଥି ଉପେ ଶୁଇନ୍ ସୁବାସକଁର ମା' ସୁଲୋଚନା ନିଜର ରାଶନ କାର୍ଡ ପଡ଼ିଶାଘରେ ବଁଧା ପକେଇଥିଲେ। ଇ ବାବ୍ଦେ ଗୁରୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ପୁଓର ଶୁଧିକାୟ୍ ଲାଗି ବଁଧା ପଡ଼ଲା ରାଶନକର୍ଡ' ଶୀରଷକ୍ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଧର୍ମଗଡ଼ର ସ୍ୱେଚ୍ଛାସେବୀ ସଂଗଠନ ଜଗନ୍ନାଥ ସେବା ସମିତିର ସଦସିଅମାନେ ବେହେରାଗୁଡ଼ାରେ ପୁହୁଁଚି ସୁଲୋଚନାକୁଁ ଆଶାସନା ଦେବାର ସଂଗେ ଦଶା କାୟ୍ ଲାଗି ଚାଉଲ, ଡାଲି, ତେଲନୁନ୍ ଆର କିଛି ଟଁକା ପଏସା ସାହାୟ୍ ଦେଇଛନ୍। ସେନ୍ତା ମୂଲ ନିବାସୀ ଯୁବ ଫେଡେରେଶନ ତରଫୁ ସୁବାସକଁର ଝିଁପୁଓର ଲାଗି କୁରତା, ପେଁଟ୍, ସୁଲୋଚନାକଁର ଲାଗି ଶାଢ଼ି, ଚାଉଲ ଆର କିଛି ଟଁକା ପଏସା ସାହାୟ୍ ଦେଇଛନ୍। କଳାହାଣ୍ଡି ଜିଲା କୃଷକ ସଂଘର ଆବାହକ ଦିଗାମ୍ବର ଦୁରିଆ, ଧର୍ମଗଡ଼ ଅଂଚଲର ଖବରଦାତାମାନେ ବି ଇ ଅସାହା ପରିବାରକେ କିଛି ଟଁକା ପଏସା ସାହାୟ୍ ଦେଇଥିବାର ଜନାଯାଇଛେ। ସୁଲୋଚନା ଲୁକ୍କରନୁ ସାହାୟ୍ ପାଏଲା ଉତାରୁ ବଁଧା ପକେଇଥିବାର ରାଶନକାର୍ଡ ମୁକ୍ଲେଇଥିବାର କହିଛନ୍। ହେଲେ ଏନ୍ତା ଗୁଟେ ଦୁଖଦ୍ ଘଟନାରେ ଜିଲା ଆର ଥାନୀଅ ପରଶାସନ ଚୁପ୍ ମାରି ବସି ରହିବାର ଘଟନାକେ ଭିନେ ଭିନେ ସଂଗଠନ, ବୁଧିଜୀବୀ ଆର ଅଂଚଲବାସୀ ନିନ୍ଦା କରିଛନ୍।



ବିଶ୍ୱନାଥପୁର ନିକଟ ଡେପଗୁଡ଼ାଠାରେ ଅନୁଷ୍ଠିତ ବ୍ଲକ ସଭାପତି ଚୟନ ।

# ଲାଞ୍ଜିଗଡ଼ ବ୍ଲକ ବିଜେଡି କମିଟି ଗଠିତ

**ଲାଞ୍ଜିଗଡ଼,୨୪।୧ (ଡି.ଏନ.ଏ.)**

**ବ୍ଲକ ସଭାପତି ପଦବୀ ଭାବେ ଗୋବିନ୍ଦ ପ୍ରଧାନୀ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ୨୬ଟି ପଞ୍ଚାୟତରେ ବିଜେଡିର ପଞ୍ଚାୟତ ସଭାପତି ଚୟନ ଶେଷ ହୋଇଥିବା ବେଳେ ଶୁକ୍ରବାର ବିଶ୍ୱନାଥପୁର ନିକଟସ୍ଥ ଡେପଗୁଡାଠାରେ ବ୍ଲକ ସଭାପତି ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନୀ ଅଧିକାରୀ ଭାବେ ଜଗଦିଶ ବେନିଆ ଯୋଗଦେଇ ବ୍ଲକ ସଭାପତି ଚୟନ କିଭଳି ଭାବେ କରାଯିବ ସେ ବିଷୟରେ ସମସ୍ତ ପଞ୍ଚାୟତ ସଭାପତିମାନଙ୍କୁ ବୁଝାଇ ଥିଲେ। ପୂର୍ବତନ ସଭାପତିଙ୍କ କାର୍ଯ୍ୟକାଳ ସରିଯାଇଥିବାରୁ ସମସ୍ତ ବିବରଣି ପାଠ କରି ନିଜ କାର୍ଯ୍ୟରୁ ଓହରି ଯାଇଥିଲେ। ପରେ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ସଭାପତି ଚୟନ ଆରମ୍ଭ ହୋଇଥିଲ। ସମସ୍ତ ପଞ୍ଚାୟତରୁ ଆସିଥିବା ସଭାପତି ଓ ସଦସ୍ୟମାନେ ନିଜ ଭିତରେ ଆଲୋଚନା ପରେ ପୁଣିଥରେ ଗୋବିନ୍ଦ ପ୍ରଧାନୀଙ୍କୁ ଲାଞ୍ଜିଗଡ ବ୍ଲକ ବିଜେଡି ସଭାପତି ଭାବେ ମନୋନୀତ କରାଯାଇଥିଲା। ପ୍ରଧାନୀ ବର୍ତ୍ତମାନ ତୃତୀୟ ଥର ପାଇଁ ବିଜେଡିର ବ୍ଲକ ସଭାପତି ଭାବେ ମନୋନୀତ ହୋଇଛନ୍ତି। ନୂତନ ସଭାପତି ପ୍ରଧାନୀ ଅଞ୍ଚଳର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ନବୀନଙ୍କ ସ୍ୱପ୍ନକୁ ସାକାର କରିବା ଓ ନିଜ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା କିପରି ଦୂର ହେବ ସେ ଦିଗରେ କାମ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି, ଲାଞ୍ଜିଗଡ ବିଧାୟକ ବ୍ଲକ ପ୍ରତିନିଧି ପ୍ରଦିପ ଘଡେଇ, ଜିଲା ଯୁବ ସମ୍ପାଦକ ଲବଣି ମହାନନ୍ଦ, ବ୍ଲକ ବିଜୁ ଛାତ୍ର ଯୁବ ସଭାପତି ଦେବାଶିସ ରଞ୍ଜନ ବିଶି, ରାଜ୍ୟ ଟିଡିସିସି ସଭାପତି ଡମ୍ବରୁଧର ମାଝି, ଲାଞ୍ଜିଗଡ ବ୍ଲକ ମହିଳା ସଭାନେତ୍ରୀ ସରସ୍ୱତୀ ମୁଣ୍ଡା, ସରପଞ୍ଚ ସଂଘ ସଭାପତି ଟଙ୍କଧର ମାଝି, ବିଜେପୁର ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୂତନ ସଭାପତିଙ୍କୁ ସମସ୍ତ ବିଜେଡି କର୍ମୀ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ ବିଜେଡି କର୍ମୀ ଯୋଗଦେଇଥିଲେ। ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝିଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷ୍ଠୀଭିତ୍ତିକ ପାଇପ ଜଳ ଯୋଗାଣ ସେବା ଠପ୍

**କର୍ଲାମୁଣ୍ଡା,୨୪।୧ (ଡି.ଏନ.ଏ.)**

**କର୍ଲାମୁଣ୍ଡା ବ୍ଲକ**

- ଟ୍ରାନ୍ସଫର୍ମର ପୋଡ଼ିବାର ୬ ମାସ ବିତିଲା
- ୪ ନଳକୂଅରୁ ଗୋଟିଏ ସମ୍ପୂର୍ଣ୍ଣ ବନ୍ଦ
- ୫୦୦ ମିଟର ଦୂରରେ ଥିବା କୂଅ ଉପରେ ନିର୍ଭର

ସାଧାରଣ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରିବାକୁ ସରକାର ଯୋଜନା ଉପରେ ଯୋଜନା ତିଆରି କରୁଛନ୍ତି । କିନ୍ତୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟର ଅଭାବ ଯୋଗୁ ଯୋଜନାଗୁଡିକ ଠପ୍ ହୋଇ ପଡିରହିଛି। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ସିଲେଟପଡାରେ ଦେଖିବାକୁ ମିଳିଛି। ବ୍ଲକ ସଦରଠାରୁ ୧୫ କି.ମି. ଦୂରରେ ଅବସ୍ଥିତ ସିଲେଟପଡା ଗ୍ରାମ। ଏହି ଗାଁର ଲୋକଙ୍କୁ ଘରକୁ ଘର ପାଇପ୍ ଯୋଗେ ପିଇବା ପାଣି ଯୋଗାଇବା ଲକ୍ଷ୍ୟ ନେଇ ୨୦୦୬-୨୦୦୭ରେ ଗ୍ରାମବାସୀଙ୍କ ସହଯୋଗରେ ଗୋଷ୍ଠୀ ଭିତ୍ତିକ ପାଇପ ଜଳ ଯୋଗାଣ ଓ ପରିମଳ ପ୍ରକଳ୍ପ ଗ୍ରାମ ବିକାଶ ସହାୟତାରେ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଆରମ୍ଭରେ ପ୍ରକଳ୍ପ ଠିକ୍ ଚାଲିଥିବା ବେଳେ ବର୍ତ୍ତମାନ ଆଜକୁ ୬ ମାସ ହେବ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ପାଇପ୍ ଜଳ ଯୋଗାଣ ସେବା ଠପ୍ ହୋଇ ରହିଛି। ଫଳରେ ଗ୍ରାମର ୫୦୦ ମିଟର ଦୂରରେ ଥିବା ଭାଗିରଥିପଡାର କୂଅକୁ ନିର୍ଭର କରୁଛନ୍ତି ଗ୍ରାମବାସୀ।

ଅନ୍ୟପଟେ ଗାଁରେ ଥିବା ୪ ନଳକୂଅରୁ ଗୋଟିଏ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଅନ୍ୟ ନଳକୂଅଗୁଡିକ ପାଣି ପିଇବା ପାଇଁ ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଯୋରାଡବ୍ରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚମାର ନାଏକଙ୍କୁ ପଚାରିବାରୁ ବିଦ୍ୟୁତ ବାବଦକୁ ବକେୟା ରାଶି ଜମା କରାଯାଇ ନୂତନ ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଅନ୍ୟପେକ୍ଷ ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ସୁଜିତ ପଟେଲଙ୍କୁ ପଚାରିବାରୁ ସିଲେଟପଡାର ଟ୍ରାନ୍ସଫର୍ମର ପୋଡିଥିବା ଅଭିଯୋଗ ମୁଁ ପାଇନାହିଁ ବୋଲି କହିଥିଲେ।





ଗୋଷ୍ଠୀ ଭିତ୍ତିକ ପାଇପ ଜଳ ଯୋଗାଣ ଓ ପରିମଳ ପ୍ରକଳ୍ପ। ସିଲେଟପଡାବସ୍ତି ମହିଳାମାନେ ୫୦୦ ମିଟର ଦୂର ନଳକୂଅରୁ ପାଣି ଆଣୁଛନ୍ତି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ମାନସିକ ଅନଗ୍ରସର ବାଳକଙ୍କୁ ପରିବାରକୁ ହସ୍ତାନ୍ତର

**ଭବାନୀପାଟଣା,୨୪।୧(ଡି.ଏନ.ଏ.):** ମାନସିକ ଅନଗ୍ରସର ବାଳକଙ୍କୁ ପରିଚୟ ଖୋଜି ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଗତ ୧୬ ତାରିଖରେ ଭବାନୀପାଟଣା ଚାଇଲ୍ଡ ଲାଇନ ଜଣେ ୧୫ ବର୍ଷର ବାଳକଙ୍କୁ ଉଦ୍ଧାର କରିଥିଲେ। ମାନସିକ ଭାବେ ଠିକ ନ ଥିବାରୁ କିଛି ପରିଚୟ ମିଳିପାରି ନ ଥିଲା। ପରିଚୟ ନ ମିଳିବାରୁ ବାଳକଙ୍କୁ ଡିଏସ୍ଏସ୍ଓ କଳାହାଣ୍ଡିଙ୍କ ସହାୟତାରେ ବିଜୁ ପଟ୍ଟନାୟକ ହୋମ୍ ଟୁ ମେଣ୍ଟାଲ ଗୃହରେ ରଖାଯାଇଥିଲା। ସେ ଛତିଶଗଡ ରାଜ୍ୟ ମହାସମୁନ୍ଦ ରେଲୱେ ଷ୍ଟେଶନ ପାଖ ଗୁଜାପରାର ବୋଲି ଡିଏସ୍ଏସ୍ଓ କଳାହାଣ୍ଡି ଓ ଚାଇଲ୍ଡ ଲାଇନଙ୍କ ପ୍ରଚେଷ୍ଟାରେ ଜଣାପଡିଥିଲା । ପରେ ଡିଏସ୍ଏସ୍ଓଙ୍କ ସହାୟତାରେ ସିଡବ୍ଲୁସି ମହାସମୁନ୍ଦରେ ହାଜର କରାଯାଇଥିଲା। ବାଳକଙ୍କୁ ମା'ବାପାଙ୍କୁ ସିଡବ୍ଲୁସି ଓ ବିସିପିଓଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା।

# ରକ୍ଷଣାବେକ୍ଷଣ ଅଭାବରୁ ମରୁଛି ଚାରା

**ଜୁନାଗଡ, ୨୪।୧ (ଡି.ଏନ.ଏ.)**



ରକ୍ଷଣାବେକ୍ଷଣ ଅଭାବରୁ ଚାରାଗଛଗୁଡିକ ଶୁଖିଯାଇଛି।

- ମତାମତ ବଦଳରେ ଉପଦେଶ ଦେଲେ ଫରେଷ୍ଟର
- ଜୁନାଗଡ ରେଞ୍ଜ-ଜାରିଙ୍ଗ କେନ୍ଦ୍ରୀୟ ନର୍ସରୀ

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୁନାଗଡ ରେଞ୍ଜ ଜାରିଙ୍ଗ କେନ୍ଦ୍ରୀୟ ନର୍ସରୀରେ ରଖାଯାଇଥିବା ଚାରାଗୁଡିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଶୁଖି ମରିବାକୁ ବସିଛି। ଦାୟିତ୍ୱରେ ଥିବା ଫରେଷ୍ଟରଙ୍କ ଅବହେଳା ଯୋଗୁ ଏପରି ହୋଇଥିବା ଜଣାପଡିଛି। ଏହି ନର୍ସରୀର କେତେକ ସ୍ଥାନରେ ରଖାଯାଇଥିବା ଚାରାଗୁଡିକ ପାଣି ଅଭାବରୁ ଶୁଖି ଯାଇଛି। ଆଉ କେତେକ ସ୍ଥାନରେ ଖାଲି ମାଟି ଭର୍ତ୍ତି ପଲିଥିନ ଥିବାବେଳେ ସେଥିରେ ଚାରା ନ ଥିବା ଦେଖିବାକୁ ମିଳିଛି। କିଛି ସ୍ଥାନରେ ମାଟି ଭର୍ତ୍ତି ପଲିଥିନଗୁଡିକୁ ଏଣେତେଣେ ମଧ୍ୟ ଫିଙ୍ଗି ଦିଆଯାଇଛି। ଏଭଳି କାର୍ଯ୍ୟକଳାପକୁ ନେଇ ସାଧାରଣରେ ବନବିଭାଗ ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଦାୟିତ୍ୱରେ ଥିବା ଫରେଷ୍ଟର ସକିଲ ଖାନଙ୍କ ମତାମତ ନିଆଯିବାରୁ କେମିତି ଚାରା ବଞ୍ଚାଯାଏଁ ତାହା ଆପଣ ଆସି ଶିଖାଇ ଦିଅନ୍ତୁ ବୋଲି ସେ ଉପଦେଶ ଦେଇଥିଲେ। ପ୍ରକାଶ ଯେ, ଜିଲାର ଦକ୍ଷିଣ ବନଖଣ୍ଡର ବିଭିନ୍ନ ବନାଞ୍ଚଳକୁ ସବୁଜିମା କରିବା ଲକ୍ଷରେ ଏଠାରେ ଚାରା ରଖାଯାଇ ନର୍ସରୀ କରାଯାଇଛି। ବିଭିନ୍ନ ସମୟରେ ଏଠାରୁ ଉକ୍ତ ଜଙ୍ଗଲଗୁଡିକୁ ଚାରା ଯୋଗାଣ ହୋଇଥାଏ। ଏପରିକି ବ୍ୟକ୍ତିଗତ ଭାବରେ ମଧ୍ୟ ଲୋକଙ୍କୁ ଚାରା ଯୋଗାଣ କରାଯାଇଥାଏ। ଏଠାରେ ଚାରା ରୋପଣ ଓ ଏହାର ରକ୍ଷାଣବେକ୍ଷଣ କରିବା ପାଇଁ ପ୍ରତିବର୍ଷ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ଘଟଣାକୁ ଦେଖିଲେ ଚାରାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଉଠେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଭିଜିଲାନ୍ସ ବିଭାଗ ଦୃଷ୍ଟିଦେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ପରୀକ୍ଷା ପର୍ବ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

**ଭବାନୀପାଟଣା,୨୪।୧ (ଡି.ଏନ.ଏ.)**

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ମିଳିତ ଆନୁକୂଲ୍ୟରେ 'ପରୀକ୍ଷା ପର୍ବ' ସମ୍ପର୍କୀୟ ଏକ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଓ ନୂଆପଡା ଜିଲାର ମୋଟ ୧୫୦ ଜଣ ପ୍ରଧାନଶିକ୍ଷକ, ବ୍ଲକଶିକ୍ଷା ଅଧିକାରୀମାନଙ୍କୁ ନେଇ କର୍ମଶାଳା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ସେଖର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ସଭ୍ୟା ଦୀବ୍ୟା ଶ୍ୱାସତୀ, ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ, ନୂଆପଡା ଜିଲା ଶିକ୍ଷାଧିକାରୀ କୁଳମଣି ଭୋଇ, ନୂଆପଡା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବୈଦେଇ ରଥ ପ୍ରମୁଖ ଯୋଗଦେଇ ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ କିପରି ଚାପମୁକ୍ତ ହେବା ସହ ଏକ ଭୟମୁକ୍ତ ପରିବେଶରେ ପରୀକ୍ଷା ଦେବେ ଓ ସଫଳତା ପାଇବେ ସେ ଉପରେ ପରାମର୍ଶ ଦେବା ସହ ଆଲୋକପାତ କରିଥିଲେ। ମ୍ୟୁନିସିପାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅମରେଶ ନେଗୀ, ଶିକ୍ଷକ ସଞ୍ଜୟ କୁମାର ମିଶ୍ର, ବିଜୟଲକ୍ଷ୍ମୀ ତ୍ରିପାଠୀ, ଭଗବାନ ବିଶୋଇ ଓ ଦୁଃଖିଶ୍ୟାମ ଦାସ କର୍ମଶାଳାରେ ସହଯୋଗ କରିଥିଲେ।

# କ୍ଷତିପୂରଣ ଦେବାକୁ ଏନ୍ଏଚ୍ଆର୍ସିଙ୍କ ନିର୍ଦ୍ଦେଶ

**ଭବାନୀପାଟଣା,୨୪।୧(ଡି.ଏନ.ଏ.)**

## ବିଦ୍ୟୁତ୍ ଆଘାତରେ ହେମନ୍ତ ହଂସଙ୍କ ମୃତ୍ୟୁ ଘଟଣା

କଳାହାଣ୍ଡି ଜିଲା ଜୟପାଟଣା ଥାନା ଠେଲକୋମୁଣ୍ଡା ଗାଁରେ ଟ୍ରାନ୍ସଫର୍ମରରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ୨୦୧୭ ନଭେମ୍ବର ୧୮ରେ ଠିକା ଶ୍ରମିକ ହେମନ୍ତ ହଂସଙ୍କ ମୃତ୍ୟୁ ଘଟିଥିଲା । ମୃତ ଠିକା ଶ୍ରମିକ ହଂସଙ୍କ ପରିବାରକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି) ଗତ ୧୪ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନର ପ୍ରମାଣ କମିଶନଙ୍କ ନିକଟରେ ଦାଖଲ କରିବାକୁ କହିଛନ୍ତି। କୋକସରା ବ୍ଲକ ମାଝିଗୁଡା ଗାଁର ଯୁବକ ହେମନ୍ତ ହଂସ ୱେସକୋ ଅଧୀନରେ କାମ କରୁଥିବା ଠିକା ସଂସ୍ଥା ଲେଜର ପାୱାର କମ୍ପାନୀରେ ଜଣେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ହେମନ୍ତଙ୍କ ଇଲେକ୍ଟ୍ରିସିଆନ ଲାଇସେନ୍ସ ନ ଥିଲେ ମଧ୍ୟ ଠିକା କମ୍ପାନୀ ତାଙ୍କୁ ଟ୍ରାନ୍ସଫର୍ମର ମରାମତି କାମ କରିବାକୁ ବାଧ୍ୟ କରୁଥିଲେ। ଘଟଣା ଘଟିବା ଦିନ ଠେଲକୋମୁଣ୍ଡା ଗାଁରେ ବି.ପି.ଏଲ ପରିବାରକୁ ଲାଇନ ସଂଯୋଗ କାର୍ଯ୍ୟରେ ଲଗାଇଥିଲେ। ଟ୍ରାନ୍ସଫର୍ମରରେ କାମ କରୁଥିବା ବେଳେ ବିଦ୍ୟୁତ୍ ଚାର୍ଜ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜନଅସନ୍ତୋଷ ଦେଖା ଦେବାକୁ କମ୍ପାନୀ ପକ୍ଷରୁ ଶ୍ରମିକ ସଂଘ ସଭାପତି ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ହେମନ୍ତଙ୍କ ପରିବାରକୁ ୧ ଲକ୍ଷ ଚାଳିଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରକାଶିତ ଖବରକୁ ଭିତ୍ତି କରି ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ହେମନ୍ତଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ଦେବାକୁ ଦାବି କରିବା ସହିତ ୱେସକୋ ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ଚଳାଇବା ପାଇଁ ନିବେଦନ କରିଥିଲେ। ଅଭିଯୋଗକୁ ଆଧାର କରି କେଶ ନଂ.୫୨୭୭/୧୮/୬/୨୦୧୭ ପଞ୍ଜୀକରଣ କରି ମାନବାଧିକାର କମିଶନ କଳାହାଣ୍ଡି ଏସ୍.ପି ଓ ଶକ୍ତି ବିଭାଗ ସଚିବଙ୍କୁ ରିପୋର୍ଟ ତଲବ କରିଥିଲେ। ଘଟଣା ସମ୍ପର୍କରେ ଏସ୍.ପି କଳାହାଣ୍ଡିଙ୍କ ରିପୋର୍ଟ ମାନବାଧିକାର କମିଶନ ପାଇବା ପରେ ଶକ୍ତି ବିଭାଗକୁ ବାରମ୍ବାର ତାଗିଦ କରିଥିଲେ ମଧ୍ୟ ୱେସକୋ ପକ୍ଷରୁ ୨୦୧୯ ନଭେମ୍ବରରେ ରିପୋର୍ଟ ଦାଖଲ ହୋଇଥିଲା । ଯେଉଁ ଥିରେ କି ୱେସକୋ କର୍ତ୍ତୃପକ୍ଷ ଲେଜର ପାୱାର କମ୍ପାନୀ ଦୋଷ ଦୁର୍ବଳତାକୁ ଘୋଡାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ମାନବାଧିକାର କମିଶନ କଳାହାଣ୍ଡି ଏସ୍.ପିଙ୍କ ରିପୋର୍ଟ ଓ ଅଭିଯୋଗକାରୀଙ୍କ ମତାମତକୁ ଭିତ୍ତି କରି ୱେସକୋ ଅଧିକାରୀ ଅବହେଳା ଓ ନିମ୍ନମାନର ତଦାରଖ ବ୍ୟବସ୍ଥା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ହୃଦୟଙ୍ଗମ କରି ମାମଲାର ଫଇସଲା କରିଛନ୍ତି।

### ଜିଲାସ୍ତରୀୟ ସିନିୟର ଆନ୍ତଃକ୍ଲବ ଟୁର୍ନାମେଣ୍ଟ ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ

**ଭବାନୀପାଟଣା,୨୪।୧ (ଡି.ଏନ.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏଶନ ନୂତନ ନିୟମ ଅନୁସାରେ ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ କେବଳ ଦଶଟି ଦଳକୁ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ। ୨୩ ବର୍ଷରୁ କମ ଏବଂ ସିନିୟର କ୍ରିକେଟ ଖେଳାଳିଙ୍କୁ ନେଇ ସିନିୟର ଦଳ ଗଠନ କରାଯିବ। ୨୩ ବର୍ଷରୁ କମ ୬ ରୁ ୭ ଜଣ ଖେଳାଳି ରହିବା ବାଧ୍ୟତାମୂଳକ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ଅନୁଷ୍ଠାନ ନିଜ ଦଳର ୧୫ ଜଣ ଖେଳାଳିଙ୍କ ନାମ ତାଲିକା ସହ ଜନ୍ମ ପ୍ରମାଣପତ୍ର ଜାନୁୟାରୀ ୨୫ରୁ ୨୮ ତାରିଖ ସୁଧା ଷ୍ଟାଡିୟମ ଅଫିସରେ ପୂର୍ବାହ୍ନ ୧୧ଟାରୁ ୨ ମଧ୍ୟରେ ପ୍ରବେଶିକା ପତ୍ର ଦାଖଲ କରିପାରିବେ। ଜିଲା ଓ ରାଜ୍ୟସ୍ତରୀୟ ଖେଳାଳି ଚୟନ କରାଯିବା ଏହି ଟୁର୍ନାମେଣ୍ଟ ମୂଳ ଲକ୍ଷ୍ୟ ବୋଲି କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ପ୍ରକାଶ କରିଛନ୍ତି।




ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ ।

# ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଶୁଭାରମ୍ଭ

**ଭବାନୀପାଟଣା,୨୪।୧ (ଡି.ଏନ.ଏ.)**

ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଓ ବେଟି ବଚାଓ ବେଟି ପଢାଓ ଯୋଜନା ଶୁକ୍ରବାର ଭବାନୀପାଟଣାସ୍ଥିତ ବ୍ରଜମୋହନ ହାଇସ୍କୁଲ ସଭାଗୃହରେ ଶୁଭାରମ୍ଭ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ କଳାହାଣ୍ଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମୁଖ୍ୟଅତିଥି ଭାବେ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ସଦସ୍ୟା ଦିବ୍ୟା ଶାଶ୍ୱତି, ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ରାଜେଶ କୁମାର ନାୟକ, ଭବାନୀପାଟନା ପଞ୍ଚାୟତ ସମିତି ଅଧକ୍ଷା ସନ୍ତୋଷୀନି ଦାଶ, ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ, ଜିଲା ସମାଜ କଲ୍ୟାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ମୁଖ୍ୟଅତିଥି ବେଟି ବଚାଓ ବେଟି ପଢାଓ, ଝିଅମାନଙ୍କ ସୁରକ୍ଷା ନିମିତ୍ତ ସାମୂହିକ ଶପଥ ପାଠ କରାଇଥିଲେ। ଏହି ଅବସରରେ କନ୍ୟା ସନ୍ତାନମାନଙ୍କୁ ଜନ୍ମ ଦେଇଥିବା ୫ ଜଣ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ତଥା ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ୬ ଜଣ ଛାତ୍ରୀ ରଞ୍ଜିତା ମାଝି, ଗୀତାଞ୍ଜଳୀ ନାଏକ, ପୂଜା ମାହାର, ଲଳିତା ଜାନି, ସୁନାମଣୀ ମାଝି ଓ ସୁଶୀଳା ରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ବେଟି ବଚାଓ ବେଟି ପଢାଓ ସ୍କିମର ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିଳେନ୍ଦୁ ଶେଖର ମହାପାତ୍ର ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜୁନାଗଡ଼ ସାଇନିଂ କିଡ୍ସ ୱାର୍ଲଡର ବାର୍ଷିକୋତ୍ସବ

**ଜୁନାଗଡ,୨୪।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନରେ ଗୁରୁବାର ସନ୍ଧ୍ୟାରେ ଜୁନାଗଡ ସାଇନିଂ କିଡ୍ସ ୱାର୍ଲଡ୍ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ନିର୍ଦ୍ଦେଶକ ଇଂ ପ୍ରବୀର କୁମାର ଗୋୟଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡ. ଏ ସୁରେଶ କୁମାର, ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ବେଦ ପ୍ରକାଶ ଗୋୟଲ, ମୁଖ୍ୟବକ୍ତା ଟିକେଲାଲ ତ୍ରିପାଠୀ, ସ୍କୁଲ ଅଧକ୍ଷ ବିଜୟ କୁମାର ମହାଲିକ ପ୍ରମୁଖ ଯୋଗଦେଇ ଶିକ୍ଷାର ଉନ୍ନତି ଦିଗରେ ସାଇନିଂ କିଡ୍ସ ୱାର୍ଲଡର ବିଭିନ୍ନ ପ୍ରୟାସ ଉପରେ ଉଦ୍‌ବୋଧନ ଦେଇଥିଲେ। ବାର୍ଷିକ କ୍ରୀଡାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟାଳୟ ସହ ବିଭିନ୍ନ କ୍ଷେତ୍ରରେ ଜଡିତ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ବିଦ୍ୟାଳୟ ଶ୍ରେଷ୍ଠ ଛାତ୍ରୀ ଭାବେ ସୋନାଲ ଶର୍ମା ଓ ଛାତ୍ର ଝଲକ ଜୈନ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଯୋଷୀ ଓ ଶିକ୍ଷକ ଇନ୍ଦ୍ରଜିତ ସିଂ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ନିର୍ଦ୍ଦେଶକ ପ୍ରବୀର ଗୋୟଲ ଓ ସରିତା ଗୋୟଲଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଶିକ୍ଷକ ହିରାକ୍ଷ ବାଣୁଆ, ସୁଶାନ୍ତ ଦଣ୍ଡସେନା, ସୁଦୀପ୍ତ ପୁରୋହିତ, ରାକେଶ ମେହେର, ଶିକ୍ଷୟିତ୍ରୀ ସ୍ୱାତୀ ସଲିଲା ଝୁଣ୍ଟିଆ, ମୁସକାନ ଅଗ୍ରୱାଲ, ଜ୍ୟୋତି ସାହୁ, ଗୋସିଆ ବାଇ, ଗାୟତ୍ରୀ ପୂଝାରୀ, ମିତା ମାଝି, ଦେବହୁତୀ ଚିନ୍ଦା, ଅପର୍ଣ୍ଣା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍କୁଲ ଅଧକ୍ଷ ବିଜୟ କୁମାର ମହାଲିକ ଧନ୍ୟବାଦ ଦେଇଥିଲେ।




ସାଇନିଂ କିଡସ୍ ୱାଲଡ୍ର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଶିଶୁ ଚାଲାଣ ମୁକ୍ତ ଭାରତ ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ର

**ଭବାନୀପାଟଣା,୨୪।୧ (ଡି.ଏନ.ଏ.)**



ଆଲୋଚନାଚକ୍ରରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଉଦ୍‌ବୋଧନ ଦେଉଛନ୍ତି ।

ଭବାନୀପାଟଣାସ୍ଥିତ ଜିଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ସଭା ଗୃହରେ ଶିଶୁ ଚାଲାଣ ମୁକ୍ତ ଭାରତ ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୈଳାସ ସତ୍ୟାର୍ଥୀ ଚିଲଡ୍ରେନସ ଫାଉଣ୍ଡେଶନ ଓ ପିକକ୍ ସଂସ୍ଥା ସହାୟତାରେ ସେବା ନିକେତନ ଜିଲାର ଶିଶୁ ଚାଲାଣ ସମ୍ପର୍କୀତ ଉପସ୍ଥାପିତ କେତୋଟି ସତ୍ୟ ଘଟଣା ଉପରେ ଆଲୋଚନା କରାଯାଇଥିଲା । ଶିଶୁ ଚାଲାଣକୁ ବନ୍ଦ କରିବା ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ ଓ ନିୟମର ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଶିଶୁ ଚାଲାଣ ମୁକ୍ତ ଭାରତ ଗଠନ ପାଇଁ ମହତ୍ତ୍ୱପୂର୍ଣ୍ଣ ମତାମତଗୁଡିକ ପ୍ରକାଶ ପାଇଥିଲା। ବଣ୍ଡେଡ ଲେବର ଆକ୍ଟ ଅନୁସାରେ ଜିଲାସ୍ତରରେ ଥିବା ଭିଜିଲାନ୍ସ କମିଟିକୁ ସକ୍ରିୟ କରି ରେଗୁଲାର ବୈଠକ କରିବା ପାଇଁ ମତାମତ ଆସିଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଦସ୍ୟ ସୁଧାଂଶୁ ନନ୍ଦ ଏବଂ ସତ୍ୟନାରାୟଣ ମହାପାତ୍ର, ଜୁଭେନ ଲାଇନ ଜଷ୍ଟିସ ବୋର୍ଡର ସଦସ୍ୟ ରୂପେଶ କୁମାର ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ଶିକ୍ଷାବିତ, ପଞ୍ଚାୟତିରାଜ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନ ଓକିଲ, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ଆଶା କର୍ମୀମାନଙ୍କ ପ୍ରତିନିଧିମାନେ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟତମ ଅତିଥି ଭାବେ ଭାରତ ଭୂଷଣ ଠାକୁର, ରାଜୁ ଶର୍ମା ଏବଂ ଶାରଦା ପଟେଲ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପିକକ୍ ଭୁବନେଶ୍ୱରରୁ ଆସିଥିବା ମୋନାଲିସା ପାତ୍ର ଶିଶୁ ଚାଲାଣ ମୁକ୍ତ ଭାରତ ପାଇଁ ନାଗରିକଙ୍କ ଭୂମିକା କ'ଣ ହେବ ମତାମତ ଦେଇଥିଲେ। ଏହି ଆଲୋଚନାରେ ସେବା ନିକେତନ ସଂସ୍ଥା ସମ୍ପାଦକ ଦାଶରଥୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରାଧ୍ୟାପକ ସୁମନ ରଥ ପରିଚାଳନା କରିଥିଲେ। ସେବା ନିକେତନ ସଭାନେତ୍ରୀ କାଞ୍ଚନ ବାଗ ଧନ୍ୟବାଦ ଦେଇଥିଲେ।

# ସରକାରୀ ସାହାଯ୍ୟ ଆଶ୍ରେ ବାପ୍, ଭାଇ

**ଭବାନୀପାଟଣା, ୨୪।୧ (ଡି.ଏନ୍.ଏ.)**

## ଅଜନା ରୋଗ୍‌ରେ ପୀଡ଼ିତ ଗାୟତ୍ରୀ

କଳାହାଣ୍ଡି ଜିଲା ସଦର ବ୍ଲକ ଦାଦପୁର ଗାଁର ଗୁରୁ ରଣାକଁର ଝି' ଗାୟତ୍ରୀ ରଣା(୩୬)। ସେ ଆଏଜ୍‌କେ ପାଖାପାଖି ୩ ବଛର ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ୍ ଅଛନ୍। ହେଲେ ପରିବାରଟା ନିହାତି ଗରିବ୍ ହେବାର ଲାଗି ତାକର ଚିକିଛା କରେଇ ନାଇଁପାରବାର। ଏନ୍‌ତାଥି ଗାୟତ୍ରୀକଁର ବାପ୍ ସରକାରୀ ଚିକିଛା ସାହାଯ୍ ଆଶ୍ରେ ରହିଥିବାର କହିଛନ୍। ସୂଚନା ଅନ୍‌ସାରେ ଦାଦପୁର ଗାଁର ଗୁରୁ ରଣା ଝି' ଗାୟତ୍ରୀକୁଁ ୧୯ ବଛର ହେଲା ବେଲେ ବିହା କରିଦେଇଥିଲେ। ହେଲେ ବିହାଚୁରା ଉତାରୁ ବଡ଼ଭାଗି ସମିଆ ତାକର ଦିହିପା ଖରାପ ରହିଲା। ଏନ୍‌ତାଥି ଗାୟତ୍ରୀକଁର ଆପନେ ତାହାକୁ କେଚ୍‌କେଚା କଲାରୁ ସେ ବାପ୍ ଘରେ ଆସି ଆଶ୍ରେ ନେଇଛନ୍। ଗାୟତ୍ରୀକଁର ବାପ୍ ଘର ବି ବହୁତ୍ ଗରିବ୍। ବାପ୍ ଗୁରୁ ଆର ଭାଇ ଲିଟୁ କୁଲିମଜୁରି କରି ଯେନ୍ ଦୁଇପଏସା ରୁଜ୍‌ଗାର କରୁଛନ୍ ସେଥିରେ ଘର ଚଲୁଛେ। ଯେନ୍‌ଥିରଲାଗି ସେମାନେ ଗାୟତ୍ରୀର ଉଚ ଚିକିଛା କରେଇ ନାଇଁ ପାରବାର। ଏନ୍‌ତାଥି ଗାୟତ୍ରୀ ବାପ୍ ଭାଇର ଉପରେ ଗୁଟେପରକାର ବୋଝ୍ ପାଲଟିଯାଇଛନ୍। ଆଏଜ୍‌କେ ପାଖାପାଖି ୩ ବଛର ହେଲା ଗାୟତ୍ରୀ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ଶଢୁଛନ୍। ତାକର ପେଟ୍ ଅସୁଆଭାବିକ ଭାବେ ବଢ଼ତେଲ ଯାଉଛେ। ଗରିବ୍ ବାପ୍, ଭାଇ ଲାଗ୍‌ବରମସ କରି ଗାୟତ୍ରୀକୁଁ ଚିକିଛା ଲାଗି ବିଷମକଟକ ମିଶନାରୀ ଡାକ୍‌ତରଖାନାକେ ନେଇଥିଲେ। ସେଠାନେ ଡାକ୍‌ତର ଗାୟତ୍ରୀକଁର ଅପରେଶନ କରବାକେ ପରାମଶ ଦେଇଥିଲେ। ହେଲେ ଗରିବ୍ ବାପ୍, ଭାଇ ଟଁକା ପଏସା ଅଭାବୁ ମୁହୁଁକାନ ଶୁଖେଇ ଗାୟତ୍ରୀକୁଁ ଘରକେ ଫିରେଇ ଆନ୍‌ଲେ। ସେଦିନ୍‌ଠାନୁ ଗାୟତ୍ରୀ ଖଟେ ପଡ଼ି ରହିବାର ସଂଗେ ଦୁଖ୍ ଭୁଗୁଛନ୍। ଏନ୍‌ତାଥି ଉପେ ଶୁଇନ୍ ବାପ୍ ଗୁରୁ ରଣା ଗଣମାଧ୍ୟମ ଜରିଆରେ ଝି'ର ଚିକିଛା ସାହାଯ୍ ଲାଗି ଜିଲା ପରଶାସନକେ ଗୁହାରି କରିଛନ୍।



ବାପ୍ ସଂଗେ ଅଜନା ରୋଗ୍‌ରେ ପୀଡ଼ିତ ଗାୟତ୍ରୀ।

# ୩ୟ ଦିନରେ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଅନିର୍ଦ୍ଧିଷ୍ଟକାଳ ଗଣଧାରଣା

**କେସିଙ୍ଗା,୨୪।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରର ମୁଖ୍ୟ ରେଳ ଫାଟକରେ ଅଣ୍ଡର ବ୍ରିଜ ନିର୍ମାଣ ଦାବି ନେଇ କେସିଙ୍ଗା ରେଳ କ୍ରିୟାନୁଷ୍ଠାନ କମିଟି ସଭାପତି ଦେବେନ୍ଦ୍ର ଭୁଜବଳଙ୍କ ନେତୃତ୍ୱରେ ଚାଲିଥିବା ଅନିର୍ଦ୍ଧିଷ୍ଟକାଳ ଗଣଧାରଣା ଶୁକ୍ରବାର ୩ୟ ଦିନରେ ପହଞ୍ଚିଛି। ଗତ ଗୁରୁବାର କମିଟି ସଦସ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ମଧ୍ୟ ଦେଇଥିବା କମିଟି ସଭାପତି ପ୍ରକାଶ କରିଛନ୍ତି । ରେଳ ବିଭାଗ କିମ୍ବା ଜିଲା ପ୍ରଶାସନ ଅଣ୍ଡରବ୍ରିଜ ନିର୍ମାଣ ପ୍ରତିଶ୍ରୁତି ନ ଦବା ଯାଏଁ ଅନିର୍ଦ୍ଧିଷ୍ଟକାଳ ପାଇଁ ଏହି ଗଣଧାରଣା ଦିଆଯିବ ବୋଲି କମିଟି ସଭାପତି ଦେବେନ୍ଦ୍ର ଭୁଜବଳ ପ୍ରକାଶ କରିଛନ୍ତି। ନେତୃତ୍ୱରେ ୩ୟ ଦିନ ଗଣଧାରଣାରେ କେସିଙ୍ଗା ତଥା ଜିଲା ବିଭିନ୍ନ ଗୋଷ୍ଠୀର ଯୁବ ସଙ୍ଗଠନ, ରାଜନେତାମାନେ ଯୋଗଦେଇଥିଲେ। ଏଥିରେ ବିଜୁ ଯୁବ ଜନତା ଦଳ ଜିଲା ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲ, ବିର୍ଦ୍ଧି ଜୈନ, ଏ. ସୁରେଶ ରାଓ, ବିନୋଦ ଜୈନ, ଡା. ହେମସାଗର ସାହା, ସୁରେଶ ମହାନନ୍ଦ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଧାରଣାରେ ସାମିଲ ଥିଲେ ।




ଗଣଧାରଣାରେ ରେଳ କ୍ରିୟାନୁଷ୍ଠାନ କମିଟି ସଦସ୍ୟବୃନ୍ଦ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୫ ଜାନୁୟାରୀ, ୨୦୨୦



ତୁମେ ନିଜେ ଯେଉଁଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



**ସଂକ୍ଷେପରେ...**

## ଡୁମେରଯୋରରେ ନୂତନ ଗିର୍ଜା ଗୃହ ଉଦ୍‌ଘାଟିତ

କୁଆଁରମୁଣ୍ଡା,୨୪।୧(ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁମେରଯୋର ହାଇସ୍କୁଲ ସମ୍ମୁଖରେ ଥିବା ମନ୍ଦିରା ଡ୍ୟାମ ପାର୍ଶ୍ୱରେ ଶୁକ୍ରବାର ଏକ ଗୀର୍ଜା ଗୃହର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ଗୀର୍ଜା ଗୃହ କୁଆଁରମୁଣ୍ଡା 'ଖ' ଜୋନର ଜିଲାପରିଷଦ ସଭ୍ୟା ସୁନିତା ଅହିରଙ୍କ ବଳିଷ୍ଠ ପ୍ରଚେଷ୍ଟାରେ ସ୍ଥାନୀୟ ଖ୍ରୀଷ୍ଟୀୟ ଶ୍ରଦ୍ଧାଳୁମାନଙ୍କୁ ନେଇ ନିର୍ମାଣ କରାଯାଇଛି। ବିନା କୌଣସି ସରକାରୀ ଅନୁଦାନରେ ଏହି ଧାର୍ମୀକ ଉପାସନା କେନ୍ଦ୍ରଟି ନିର୍ମିତ ହୋଇଥିବା ଜିଲାପରିଷଦ ସଭ୍ୟା ଅହିର ସୂଚନା ଦେଇଛନ୍ତି। ଏହା ହେଉଛି ସ୍ଥାନୀୟ ଅଞ୍ଚଳର ସମସ୍ତ ଖ୍ରୀଷ୍ଟୀୟ ଶ୍ରଦ୍ଧାଳୁମାନଙ୍କ ସ୍ୱତଃସ୍ଫୂର୍ତ୍ତ ସାହାଯ୍ୟ ଓ ସହାୟତାର ଶ୍ରେୟ ବୋଲି ସେ କହିଛନ୍ତି। ଏହି ନବ ନିର୍ମିତ ଗୀର୍ଜା ଗୃହର ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସମିତି ସଭ୍ୟ ରାଜେନ୍ଦ୍ର କୁଜୁର,ସରପଞ୍ଚ ସୁକରାମ ଓରାମଙ୍କ ସହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ। ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମ ସୁନା ଅହିରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସୂଚାରୁରୂପେ ସଞ୍ଚାଳନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

- ଗୋଲଦାରୁ ପ୍ରାଥମିକ ବିଦ୍ୟାଳୟ
- ଘର ଭଙ୍ଗାକୁ ୫ ମାସ ବିତିଲା, ହେଉନାହିଁ ନିର୍ମାଣ
- ଗୋଟିଏ ବାରଣ୍ଡାରେ ୫ ଶ୍ରେଣୀର ଛାତ୍ରୀଛାତ୍ର
- ପାଠପଢ଼ାରେ ହେଉଛି ସମସ୍ୟା

ନୂଆଗାଁ, ୨୪।୧ (ଡି.ଏନ.ଏ.)

ମୁଣ୍ଡ ଉପରେ ବାର୍ଷିକ ପରୀକ୍ଷା, ଚିନ୍ତାରେ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକ। କଣ କରିବେ କାହାକୁ କହିବେ। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷା କମିଟି। ହେଲେ ଫଳଶୂନ। ୫ଟି ଶ୍ରେଣୀର ଛାତ୍ରୀଛାତ୍ର ଦୀର୍ଘ ୫ମାସ ହେଲା ଗୋଟିଏ ବାରଣ୍ଡାରେ ଗୋଟିଏ ଜାଗାରେ ବସି ପାଠ ପଢୁଛନ୍ତି। ପିଲାଏ କଣ ପଢୁଥିବେ ଓ ଶିକ୍ଷକମାନେ କେମିତି ପାଠ ପଢ଼ାଉ ଥିବେ ତାହାସ୍ୱଷ୍ଟ ଅନୁମେୟ। ଏଭଳି ସମସ୍ୟା ଉପୁଜିଛି ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଗୋଲଦାରୁ ପ୍ରାଥମିକ ସ୍କୁଲରେ। ଏହି ସ୍କୁଲର ଛାତରୁ ପାଣି ଗଳୁଥିବାରୁ ଏହାର ମରାମତି ପାଇଁ ଗତ ସେପ୍ଟେମ୍ବରରେ ସ୍କୁଲର ଛାତକୁ ନୂଆଗାଁ ପଞ୍ଚାୟତ କର୍ତ୍ତୃପକ୍ଷ ଭାଙ୍ଗି ଦେଉଥିଲେ। ଛାତ ଭଙ୍ଗା ହେବା ପରେ ସେଠାରେ ପୁଣି ନୂତନ ଭାବେ



ଗୋଟିଏ ବାରଣ୍ଡାରେ ୫ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

ଛାତ ପଡିବା କଥା। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ କାହିଁକି ଚୁପ ବସିଛନ୍ତି ତାହା ଉଦ୍‌ବେଗର ବିଷୟ। ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ସିଂଙ୍କ କହିବାନୁସାରେ ସ୍କୁଲର ଛାତ ଗତ ସେପ୍ଟେମ୍ବରରେ ଭାଙ୍ଗିଥିଲା। ପାଠପଢ଼ାରେ ସମସ୍ୟା ସୃଷ୍ଟି ହେବାରୁ ସେ ଅନେକବାର ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। ଶୀଘ୍ର ଘରର ଛାତ ନିର୍ମାଣ କରାଯାଉ ବୋଲି ଅନୁରୋଧ କରିଛନ୍ତି। ଏହା ପରେ ଗତ ଡିସେମ୍ବରରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଉକ୍ତ ଘରର ନିର୍ମାଣ ପାଇଁ ଜନୈକ ଠିକାଦାରଙ୍କୁ କୁଆଡେ ପରାମର୍ଶ ଦେଇଥିଲେ ହେଲେ ସମ୍ପୃକ୍ତ ଠିକାଦାର ଜଣକ ପୁରୁଣା କାଛରେ ହିଁ ଛାତ ଢ଼ାଳିବାର ବ୍ୟବସ୍ଥା କରୁଥିବାରୁ ଗାଁ ଲୋକେ ଏହାର ବିରୋଧ କରିଥିଲେ। ଯେହେତୁ ଏହା ବହୁ ପୁରୁଣା ସ୍କୁଲ ଘର। ତେଣୁ ନୂଆ ପିଲର (ସିମେଣ୍ଟ ଖମ୍ବ) ଦେଇ ଛାତ ଢ଼ାଳିବାକୁ ଗାଁ ଲୋକେ ଦାବି କରିଥିଲେ। ଏହା ପରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଗାଁ ଲୋକଙ୍କୁ କହିଲେ ପିଲର ଦେଇ କାମ ହେବ। ହେଲେ କନିଷ୍ଠଯନ୍ତ୍ରୀଙ୍କ କହିବାର ୧ମାସ ବିତିଯାଇଥିଲେ ହେଁ ସ୍କୁଲ ଘର କାମ ଆରମ୍ଭ ହୋଇନାହିଁ। ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ଦେଖାନାହିଁ। ଉକ୍ତ କାର୍ଯ୍ୟ ନୂଆଗାଁ ପଞ୍ଚାୟତର ତତ୍ତ୍ୱାବଧାନରେ ହେଉଛି। ତେଣୁ ଏହାର କାର୍ଯ୍ୟାଦେଶ କୁଆଡେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ନାଁରେ ରହିଛି। ହେଲେ ସମ୍ପୃକ୍ତ ଯନ୍ତ୍ରୀ ଜଣକ ଆଉ ଧରାଛୁଆଁ ଦେଉନାହାନ୍ତି। ସ୍କୁଲ କମିଟିର ସଭାପତି ରାମେଶ୍ୱର ସିଂ ଓ ଅଭିଭାବକମାନେ କୁହନ୍ତି, ଗୋଟିଏ ସ୍କୁଲ ଛାତ ମରାମତି ପାଇଁ ପ୍ରଶାସନକୁ ଏତେ ସମୟ ଲାଗୁଛି। ସେଠି ଶିକ୍ଷାର ବିକାଶ କଥା କଣ କୁହାଯିବ। ଜାଣିଶୁଣି ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ଉକ୍ତ ଛାତ ନିର୍ମାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏ ଦିଗରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛି ଗ୍ରାମ୍ୟ ଶିକ୍ଷା କମିଟି। ଏନେଇ ନୂଆଗାଁ ବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ ଓ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦାଙ୍କୁ ତାଙ୍କ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ ଉଠାଇ ନ ଥିଲେ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ତିରିଶ ଫୁଟ ତଳକୁ ଖସିଲା ଟିପ୍ପର

ଲହୁଣୀପଡ଼ା, ୨୪।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚମ୍ପାଝରଣ ନିକଟରେ ଏକ ଟିପ୍ପର ରାସ୍ତାର ତିରିଶ ଫୁଟ ତଳକୁ ଖସି ପଡ଼ିଛି। ଏଥିରେ ଦୁଇ ମହିଳା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଓଆର୍ ୧୪ ଆର୍- ୧୨୩୫ ଟିପ୍ପର ରାଉରକେଲା ପଟେ ଯାଉଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥ ଚମ୍ପାଝରଣ ନିକଟରେ ରାସ୍ତାରୁ ପ୍ରାୟ ତିରିଶ ଫୁଟ ତଳକୁ ଖସି ପଡିଥିଲା । ଫଳରେ ଦୁଇଜଣ ମକହିଳା ମଧ୍ୟରୁ ଜଣଙ୍କୁ ଟିପ୍ପର ଚାପି ଦେଇଥିବାବେଳେ ଅନ୍ୟ ଜଣେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମହିଳାମାନଙ୍କୁ ଉଦ୍ଧାର କରି ରାଉରକେଲା ଡାକ୍ତରଖାନାକୁ ପଠାଯାଇଛି। ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚାନ୍ଦିପୋଷ ଷ୍ଟେସନ କଲୋନୀରେ ରହୁଥିବା ପନ୍ତା ଓରାମ ଓ ପୁଷ୍ପା ଓରାମ କୁମାକେଲ ରେଳ ଲାଇନକୁ କାମ କରିବା ପାଇଁ ଯାଉଥିବାବେଳେ ଉକ୍ତ ଟିପ୍ପରରେ ଚଢ଼ି ଯାଇଥିଲେ। କିନ୍ତୁ ଚମ୍ପାଝରଣ ନାଳ ପାଖରେ ଦୁର୍ଘଟଣା ଘଟିଥିଲା।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁତ୍ରା, ୨୪।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୫୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜଗାଙ୍ଗପୁର ବିଧାନସଭାର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଜିଲା ସଭାପତି ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିନମଣୀ ବାରିକ ବିଦ୍ୟାଳୟ ସମ୍ବନ୍ଧୀୟ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ପୂର୍ବତନ ବିଧାୟକ ମଙ୍ଗଳା କିଷାନ ବିଦ୍ୟାଳୟ ଆରମ୍ଭକୁ ମନେ ପକାଇ କୁତ୍ରାର ସ୍ୱର୍ଗତ ବନୱାରୀଲାଲ ଅଗ୍ରୱାଲ, ସ୍ୱର୍ଗତ ବ୍ରଜମୋହନ କିଷାନ, ସ୍ୱର୍ଗତ ଲଳିତ ମୋହନ ବେହେରାଙ୍କ ଭଳି ବହୁ ଉଦ୍ୟୋଗ କର୍ତ୍ତାଙ୍କ ଅକ୍ଲାନ୍ତ ପ୍ରଚେଷ୍ଟାରେ ଏହି ବିଦ୍ୟାଳୟ ତିଆରି ହୋଇଥିବା କହିଥିଲେ। ଅଞ୍ଚଳରେ ଶିକ୍ଷାର ବିକାଶ ହୋଇ ପାରିଥିବା କହିବା ସାଙ୍ଗକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମନଦେଇ ପାଠପଢ଼ି ବିଦ୍ୟାଳୟର ନାମ ରଖିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭୁଦୟାଲ ଅଗ୍ରୱାଲ, ପୂର୍ବତନ ପ୍ରଧାନଶିକ୍ଷକ ବିଶିକେଶନ ସାହୁ, ଜିଲା ପରିଷଦ ସଭ୍ୟ ଶରତ ସା, ଶିକ୍ଷା ଅଧିକାରୀ ଆଦିତ୍ୟ ଷଡଙ୍ଗୀ, ଅନିତା ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ପ୍ରକାଶ କରିଥିଲେ।




କୁତ୍ରାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନଜ

## ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ




ସଚେତନତା ଶୋଭାଯାତ୍ରା ଆରମ୍ଭ ମୁହୂର୍ତ୍ତ।

ସୁନ୍ଦରଗଡ ,୨୪।୧ (ଡି.ଏନ୍.ଏ)

ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜାତୀୟ କନ୍ୟା ଦିବସ -୨୦୨୦ ପାଳିତ ହୋଇଯାଇଛି। ଏହି ଅବସରରେ ଜିଏନ୍‌ଏମ୍ ଓ ଏଏନ୍‌ଏମ୍ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ଏକ ସଚେତନତା ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ପରେ ଆୟୋଜିତ ସଭାରେ ଆଇଡିଏସ୍‌ପିର ଯୁଗ୍ମ ନିର୍ଦ୍ଦେଶିକା ସୌମ୍ୟାଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନାଏକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପରିଚାଳକ ଦୀପକ ମହାନ୍ତି ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ସମାଜରେ କନ୍ୟା ସନ୍ତାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ୧୭ ଦମ୍ପତିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ କନ୍ୟା ସନ୍ତାନଙ୍କୁ ଘୋଡାଇ ହେବା ପାଇଁ ବସ୍ତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ସମୀର କୁମାର ଦାଶ ଯୋଗଦେଇ କନ୍ୟା ସନ୍ତାନ ପୁତ୍ରସନ୍ତାନଙ୍କ ଠାରୁ କୌଣସି ଗୁଣରେ କମ ନୁହଁନ୍ତି। ସେମାନେ ସବୁକ୍ଷେତ୍ରରେ ପାରଙ୍ଗମ ବୋଲି କହିଥିଲେ। ବୁଧରଞ୍ଜନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନର୍ସିଂ ଛାତ୍ରୀଛାତ୍ର, ଜିଏନ୍‌ଏମ ଏଏନଏମ ଛାତ୍ରୀଛାତ୍ର, ଆଶା, ଅଙ୍ଗନୱାଡି କର୍ମଚାରୀମାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ସକ୍ଷମତା ନିର୍ମାଣ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ

କୁଆଁରମୁଣ୍ଡା, ୨୪।୧(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତର ଉଷ୍ରା ଖେଳ ପଡ଼ିଆରେ ଏକ ସକ୍ଷମତା ନିର୍ମାଣ କେନ୍ଦ୍ର (କାପାବିଲିଟି ବିଲଡିଂ ସେଣ୍ଟର)ର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ତୈଳ ନିଗମ ଲିଃ(ଆଇଓସିଏଲ୍) ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିକାଶ ପାଇଁ ଉକ୍ତ କେନ୍ଦ୍ରଟି ନିର୍ମାଣ କରାଯାଉଛି। ଉକ୍ତ କେନ୍ଦ୍ର ସାମୂହିକ ବିକାଶ ଦିଗରେ ସହାୟକ ହେବ ବୋଲି ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡୁମେରଯୋର ସମିତି ସଭ୍ୟ ତଥା ବରିଷ୍ଠ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର ଯୋଗ ଦେଇ ନିଜର ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ବରିଷ୍ଠ ବିଜେଡ଼ି ନେତା କୁଜୁର ନଡିଆ ବାଡ଼େଇ ନିର୍ମାଣ କେନ୍ଦ୍ରର ଭିତ୍ତିପ୍ରସ୍ତରର ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁକରାମ ଓରାମ, ଆଇଓସିଏଲର ମୁଖ୍ୟ ପରିଚାଳନା ପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ପରିଚାଳନା ପ୍ରବନ୍ଧକ ପ୍ରବୀଣ କୁମାର ସିଂ, ସାମାଜିକ କର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ, ମହେନ୍ଦ୍ର କୁମାର ସାହୁ, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଅନୁରୂପ ମତବ୍ୟକ୍ତ କରିଛନ୍ତି। ଏହି କେନ୍ଦ୍ରଟିର ନିର୍ମାଣ ପାଇଁ ୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ଜଣାପଡ଼ିଛି।



ସକ୍ଷମତା ନିର୍ମାଣ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର।

## ସଡ଼କ ଦୁର୍ଘଟଣା: ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା

ବଣାଇ, ୨୪।୧(ସ୍ୱ.ପ୍ର.)

ବଣାଇ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଧରଣୀଧରପାଲି ନିକଟରେ ଶୁକ୍ରବାର ଦୁର୍ଘଟଣା ଘଟିଛି। ଏକ ଟ୍ରକ ସହିତ ଟାଟାଏସି ଗାଡିର ମୁହାଁମୁହିଁ ଧକ୍କା ହେବା ଫଳରେ ଏଥିରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଏକ ମସଲା ବୋଝେଇ ଟାଟାଏସି ଗାଡି ଓଡି୧୫ସି-୧୮୯୯ ଦେବଗଡରୁ ବଣାଇ ଆସୁଥିବା ବେଳେ ସମ୍ମୁଖ ଭାଗରୁ ଆସୁଥିବା ଏକ ଟ୍ରକ ସିଜି ୦୪ଜେସି-୭୧୧୩ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଟାଟାଏସିର ଚାଳକ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ବେଳେ ଟ୍ରକ ଚାଳକ ଘଟଣା ସ୍ଥଳରୁ ଦୌଡିଯାଇ ଫେରାର୍ ହୋଇଯାଇଥିଲେ। ବଣାଇ ପୋଲିସ ଉଭୟ ଗାଡ଼ିକୁ ଜବତ ସହ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ବଣାଇରେ ଦୁର୍ଘଟଣାଗ୍ରସ୍ତ ହୋଇ ଗାଡ଼ି ଚୁରମାର ହୋଇଯାଇଛି।

## ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଣାଇ, ୨୪।୧(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ କାଳିଆବିହାର ଶିହିଡିଆ ଯଦୁପତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥି ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଉଦ୍‌ଘାଟନ କରିଥିଲେ । ପରିଚାଳନା ସମିତି ସଭାପତି ଭୀମସେନ ଚୌଧୁରୀ ଅଧ୍ୟକ୍ଷ ଗୌରାଙ୍ଗ ପ୍ରସାଦ ସିଂ ସଭାପତିତ୍ୱରେ ସଭାକାର୍ଯ୍ୟ ସମାହିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ସାହୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଣାଇଁ , ମଞ୍ଜୁଲତା କିଷାନ ପଞ୍ଚାୟତ ସମିତି ଅଧ୍ୟକ୍ଷା ବଣାଇ, ଲକ୍ଷ୍ମୀ କିଷାନ ଜିଲା ପରିଷଦ ସଭ୍ୟା ଯୋଗଦାନ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ଓ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ଶୃଙ୍ଖଳିତ ଭାବେ ସୁଯୋଗର ସଦ୍‌ଉପଯୋଗ, ଆତ୍ମଚେଷ୍ଟା ଓ ତ୍ୟାଗ ମଣିଷକୁ ଭଲ ମଣିଷ ହେବାରେ ସାହାର୍ଯ୍ୟ କରିଥାଏ ବୋଲି ଅବତାରଣ କରିଥିଲେ । ଅତିଥିମାନେ ସଫଳତାର ମନ୍ତ୍ର ସହ ଠିକ ରାସ୍ତା ଆପଣେଇଲେ ପ୍ରତିଭା ମାନେ ଆଗକୁ ଆସିବେ ବୋଲି ମତବ୍ୟକ୍ତ କରିଥିଲେ ଓ ପ୍ରତିଷ୍ଠାତା ସଦସ୍ୟମାନଙ୍କ ମଧ୍ୟରୁ ବୈକୁଣ୍ଠନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଉତ୍ସବରେ ଏକ ଆର୍ଟ ଗ୍ୟାଲେରୀ ଓ ପୂର୍ବବର୍ଷ ମାନଙ୍କରେ ସରକାରଙ୍କ ଦ୍ୱାରା ଲାପ୍‌ଟପ୍ ଜଣାଥିବା ବିଦ୍ୟାର୍ଥୀ ମାନଙ୍କର ଏକ ପ୍ରଚାରକ ପତ୍ର ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତା ତର୍କ, ପ୍ରବନ୍ଧ, ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧକ ସଙ୍ଗୀତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ତଥା ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗିତାର ବାଳକ ବିଭାଗରେ ଚାମ୍ପିୟନ ନବିନ ପାହୁଲେ ଓ ବିଶାଲ ଗୋପ ଏବଂ ବାଳିକା ବିଭାଗରେ ଯୋଶଦା ମୁଣ୍ଡାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅସୀମ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠନ କରିଥିଲା ବେଳେ ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଟବଲ ପ୍ରତିଯୋଗିତା: ପାଣ୍ଡିଆ ବ୍ରଦର୍ସ ଚାମ୍ପିୟନ

ଲହୁଣୀପଡା, ୨୪।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଶଂଖପୋଷ ପଞ୍ଚାୟତ ନନ୍ଦାପଡା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ତିନି ଦିନିଆ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଝାଡ଼ଖଣ୍ଡର ହନହଗା ଷ୍ଟାର ଦଳକୁ ହରାଇ ବାନ୍ଧୁପଡା ପାଣ୍ଡିଆ ବ୍ରଦର୍ସ ଚାମ୍ପିୟନ ହୋଇଥିଲା। ତୃତୀୟ ସ୍ଥାନ ଉଲକୁଣ୍ଡେଇ ଚତୁର୍ଥ ସ୍ଥାନରେ ରାଜାମୁଣ୍ଡା ବାଇପାସ ଦଳ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ମହାଦେବ ମାହାନ୍ତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ଗୋବିନ୍ଦ ଚନ୍ଦ୍ର କିଷାନ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଘାସିରାମ ଜାମୁଦା ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ତିନି ଦିନିଆ ଫୁଟବଲ ପ୍ରତିଯୋଗିତାର ଖେଳକୁ ମୋହନ ପାତ୍ର, ସୁଶାନ୍ତ କୁଜୁର, ଗଜାନନ ପାତ୍ର, ଅଜିତ ମାହାନ୍ତ ପରିଚାଳନା କରିଥିଲେ। ବିଜେତା ଦଳକୁ ଟ୍ରଫି ସହିତ ଖାସି ପୁରସ୍କାର ପ୍ରଦାନ କରାଯାଇଥିଲା। ଅଜିତ ମୁଣ୍ଡା, ସନ୍ତୋଷ କିଷାନ, ସୁବାଷ ମୁଣ୍ଡା, ରିଙ୍କୁ କିଷାନ, ରାହୁଲ ମୁଣ୍ଡା, ଅନନ୍ତ ଜାମୁଦା ସମେତ ନନ୍ଦାପଡା ସ୍ପୋର୍ଟିଂ କ୍ଲବର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଶେଷରେ ଦୁର୍ଯ୍ୟୋଧନ ମାହାନ୍ତ ଧନ୍ୟବାଦ ଦେଇଥିଲେ।



ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

## ପିଜିଏୱାଇ ଲକ୍ଷ୍ୟ ଧାର୍ଯ୍ୟ ପୂରଣ: ବଡ଼ଗାଁ ବ୍ଲକ ପୁରସ୍କୃତ

ବଡ଼ଗାଁ, ୨୪।୧ (ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା (ପିଜିଏୱାଇ)ର ଦିଆଯାଇଥିବା ଲକ୍ଷ୍ୟ ଧାର୍ଯ୍ୟ (ଟାର୍ଗେଟ)ରୁ ଅଧିକ କରି ଦେଖାଇଥିବାରୁ ସୁନ୍ଦରଗଡ଼ ଜିଲାର ବଡ଼ଗାଁ ବ୍ଲକ ପୁରସ୍କୃତ ହୋଇଛି। ସୂଚନାନୁଯାୟୀ, ୨୦୧୯-୨୦ ବର୍ଷରେ ୧୯୪୦ଟି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଘର କରିବା ପାଇଁ ଦିଆଯାଇଥିଲା। ଡିସେମ୍ବରରେ ୪ଶହ ପିଜିଏୱାଇ ଘର କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ବଡଗାଁ ବ୍ଲକ ୪ଶହ ୭ଟି ପିଜିଏୱାଇ କରି ଦେଖାଇବାରେ ସଫଳ ହୋଇଥିବାରୁ ଜିଲାପାଳଙ୍କ ଅନୁପସ୍ଥିତିରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଭୈରବ ସିଂ ପଟେଲ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇଙ୍କୁ ଟ୍ରଫି ପୁରସ୍କୃତ କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ସୁନ୍ଦରଗଡଠାରେ ପୁରସ୍କାର ଗ୍ରହଣ କରି ବ୍ଲକକୁ ଫେରିବା ପରେ ସହକାରୀଯନ୍ତ୍ରୀ ସହଦେବ ମୁଣ୍ଡାରୀ, ଜିପିଓ ମୁକ୍ତେଶ୍ୱର ସା, ଏପିଓ ତପନ ପୂଜାରୀଙ୍କ ସହିତ କର୍ମଚାରୀମାନେ ବିଡିଓ ଭୋଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏ ସମ୍ପର୍କରେ ପଚାରିବାରେ ଏହାର ଶ୍ରେୟ କେବଳ ମୋର ନୁହେଁ, କର୍ମଚାରୀମାନଙ୍କ ପ୍ରଚେଷ୍ଟା ନିଷ୍ଠା ଓ ଉଦ୍ୟମ ଯୋଗୁ ସଫଳତା ମିଳିଲା କହିଛନ୍ତି।



ପିଡି ଭୈରବ ସିଂ ପଟେଲ ବଡଗାଁ ବିଡିଓଙ୍କୁ ପୁରସ୍କୃତ କରୁଛନ୍ତି।



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।

-ଚେଷ୍ଟର ଫିଲ୍ଡ



## ସଂକ୍ଷେପରେ...

### ନୂତନ ଅତିରିକ୍ତ ଜିଲାପାଳଙ୍କୁ ସ୍ୱାଗତ

ରାଉରକେଲା ଅଫିସ,୨୪। ୧- ରାଉରକେଲା ଡେଭେଲପ୍‌ମେଣ୍ଟ ଅଥରିଟି ସପଓନରସ ଆସୋସିଏସନ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ରାଉରକେଲା ଅତିରିକ୍ତ ଜିଲାପାଳ ତଥା ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଆବୋଲୀ ସୁନୀଲ ନରଭାଣେଙ୍କୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତରେ ଆରଡ଼ିଏ ସପଓନରସ ଆସୋସିଏସନର ବିଜୟ କୁମାର ପ୍ରଧାନ, ପ୍ରଦୀପ କୁମାର ଦାଶ, ଦେବେନ୍ଦ୍ର ପରିଜା, ନରେନ୍ଦ୍ର ସାହୁ, ସୁଦାମ ରାଉତ, ଜୟଦେବ ପଣ୍ଡା, ନରେନ୍ଦ୍ର କୁମାର ବଳ, ହରିହର ସ୍ୱାଇଁ, ରମେଶ ମହାନ୍ତି, ଟି. ପାଢୀ, ପି.କେ. ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନଙ୍କ ଦାବି ଯଥା, ଦୋକାନର ଭଡ଼ା ବୃଦ୍ଧି ପ୍ରତ୍ୟାହାର, ନବୀକରଣ ଫି ବୃଦ୍ଧି ଓ ଦୋକାନ ଘର ଟ୍ରାନ୍ସଫର୍ମର ଉପରେ ଲଗାଯାଇଥିବା ଅଧିକ ଦର କମାଇବାକୁ ନେଇ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ରାସ୍ତାଘାଟ କାମ ନ ହେଲେ ଅଫିସରେ ତାଲା

### ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକୁ ନେଇ କଂଗ୍ରେସର ତୀବ୍ର ଅସନ୍ତୋଷ

ରାଉରକେଲା ଅଫିସ, ୨୪। ୧

ସହରରେ ଗତ ପ୍ରାୟ ୩ ବର୍ଷ ଧରି ଚାଲିଥିବା ସ୍ୱରେଜ୍ ପାଇପ୍ ଲାଇନ୍ ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା ଓ ନିମ୍ନମାନକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଶୁକ୍ରବାର କଂଗ୍ରେସ ନେତା ବୀରେନ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ସ୍ୱେରେଜ୍ ବୋର୍ଡର ସ୍ଥାନୀୟ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ପି.କେ. ଦେ ଏବଂ ଏହି ପ୍ରକଳ୍ପର ଠିକା ନେଇଥିବା ଏଲ୍‌ଆଣ୍ଡଟି କମ୍ପାନୀର ପ୍ରକଳ୍ପ ମ୍ୟାନେଜର ରାଜଭାଲେ ସିଂଙ୍କୁ ସ୍ୱରେଜ୍ ବୋର୍ଡ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱେରେଜ୍ ପାଇପ୍ ଲାଇନ୍ କାର୍ଯ୍ୟରେ ମନ୍ଥରତା ଓ ନିମ୍ନମାନ ପାଇଁ କଂଗ୍ରେସ ତରଫରୁ ବାରମ୍ବାର ସ୍ୱେରେଜ୍ ବୋର୍ଡ କର୍ତ୍ତୃପକ୍ଷ, ଏଲ୍‌ଆଣ୍ଡଟି କମ୍ପାନୀ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଗଲା ପରେ ଗତ ୨।୧।୨୦ରିଖରେ ପ୍ରତିନିଧି ଦଳ ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସ୍ୱେରେଜ୍ ବୋର୍ଡ କାର୍ଯ୍ୟାଳୟ ଉପରେ ଚଢାଉ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଥିଲେ। ତେବେ ସେତେବେଳେ ଦାୟିତ୍ୱରେ ଥିବା ଅଧିକାରୀ ସ୍ୱେରେଜ୍ ବୋର୍ଡର ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଓ ଏଲ୍‌ଆଣ୍ଡଟିର ପ୍ରକଳ୍ପ ମ୍ୟାନେଜରଙ୍କୁ ନେଇ ଏକ ଯୁଗ୍ମ ବୈଠକ କରିବା ପାଇଁ କଂଗ୍ରେସ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବକୁ ଗ୍ରହଣ କରି ଶୁକ୍ରବାର ଏହି ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସ ନେତୃବୃନ୍ଦ ସହରର ବିଭିନ୍ନ ଅଞ୍ଚଳରେ ସ୍ୱେରେଜ୍ ପାଇପ୍ ଲାଇନ୍ କାର୍ଯ୍ୟ ପାଇଁ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉଭୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ସ୍ଥାନରେ ନିର୍ମିତ ଚାମ୍ବରଗୁଡିକ ରାସ୍ତା ସହିତ ସମତୁଲ ହୋଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଯେଉଁଠି ପାଇପ୍ ବିଛା ପରେ ରାସ୍ତାକାମ କରାଯାଉଛି ତାହା ନିମ୍ନମାନର ଯୋଗୁ ରାସ୍ତା ଦବିଯିବା ସହ ପିଚୁଉଠି ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି ବୋଲି କହିଥିଲେ। ଏଲ୍‌ଆଣ୍ଡଟି କର୍ତ୍ତୃପକ୍ଷ ନିୟୋଜିତ କରିଥିବା ଛୋଟ ଠିକାଦାରଙ୍କୁ ଠିକ୍ ସମୟରେ ସେମାନଙ୍କ ପାଉଣା ନ ଦେବା ସହିତ କାର୍ଯ୍ୟର ଉପଯୁକ୍ତ ତଦାରଖ କରୁ ନ ଥିବାରୁ ପ୍ରାୟତଃ ବିଭିନ୍ନ ଜାଗାରେ ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଯାହା ଲୋକମାନଙ୍କ ପାଇଁ ସମସ୍ୟାର ମୁଖ୍ୟ କାରଣ ବୋଲି କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏନେଇ ବାରମ୍ବାର କଂଗ୍ରେସ ତରଫରୁ ଦାବି ସତ୍ତ୍ୱେ କାର୍ଯ୍ୟରେ ଅଗ୍ରଗତି ଓ ଉନ୍ନତି ନ ହେବା ବିଡମ୍ବନାର ବିଷୟ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଆସନ୍ତା ମାସ ରାସ୍ତାଘାଟ ଠିକ୍ କରା ନ ଗଲେ ସ୍ୱେରେଜ୍ ବୋର୍ଡ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଥିଲେ। ତେବେ ସ୍ୱେରେଜ୍ ବୋର୍ଡର ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଓ ଏଲ୍‌ଆଣ୍ଡଟିର ପ୍ରକଳ୍ପ ମ୍ୟାନେଜର ଯେଉଁ ଅଞ୍ଚଳରେ ପାଇପ୍ ବିଛା କାର୍ଯ୍ୟ ସରିଛି ସେ ଅଞ୍ଚଳର ରାସ୍ତାଘାଟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବେ ବୋଲି ଏହି ଅବସରରେ ପ୍ରତିଶ୍ରୁତି ରଖିଥିଲେ। ସେନାପତିଙ୍କ ସହିତ ଏହି ପ୍ରତିନିଧି ଦଳରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ବିନୋଦ ରାଉତ, କୈଳାସ ସାହୁ, ନିହାର ଦାସ, ବରିଷ୍ଠ କଂଗ୍ରେସ ନେତା ଇଂ.ଆର୍.ପି. ସିଂହ, ବିଜୟ କୁମାର ଆପଟ୍ଟ, କୀର୍ତ୍ତନ ଦାସ, ସୁମନ୍ତ ମହାପାତ୍ର, ସାରଦା ପ୍ରସନ୍ନ ଦାସ, ସରୋଜ ମହାନ୍ତି, ସୁଧୀର ନାଥ, ରତିକାନ୍ତ ମଲ୍ଲିକ, ଜିତେନ୍ଦ୍ର ଦାସ, ରାଜେଶ ପତି, ଶ୍ୟାମସୁନ୍ଦର ସାଗର, ଶୁକଦେବ ପଣ୍ଡା, ଦିଲ୍ଲୀପ ଜେନା, ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱେରେଜ୍ ପାଇପ୍ ଲାଇନ୍ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ କଂଗ୍ରେସ ପ୍ରତିନିଧି ଦଳର ଆଲୋଚନା।



### ଚୋରା ଦେଶୀ ମଦ କାରବାର ଅଭିଯୋଗରେ ୭ ଗିରଫ

ରାଉରକେଲା ଅଫିସ,୨୪। ୧

ରାଉରକେଲା ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ଅତର୍କିତ ଚଢାଉ କରି ଚୋରାରେ ବିକ୍ରି ହେଉଥିବା ୭୯ ଲିଟର ଦେଶୀ ମହୁଲି ମଦ ଜବତ କରିଛି । ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ବୁରୁଟୋଲାର ଗାନ୍ଧୁର ଓରାମ ଠାରୁ ୧୦ ଲିଟର, ବିମଲା ସୋରେନ ଠାରୁ ୧୨ଲିଟର, ମାରିୟାନ ସୋରେନ ଠାରୁ ୧୦ ଲିଟର, ଗୋପପଲ୍ଲୀର ମୀନା କୁଜୁର ଠାରୁ ୧୦ ଲିଟର, ଜଲଦା ସି ବ୍ଲକର ଦୌପ୍ରଦୀ ଲୋହାରଙ୍କ ଠାରୁ ୧୮ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ, ହାତୀବନ୍ଧାର ଅହଲ୍ୟା ବେହେରାଙ୍କ ଠାରୁ ୧୦ ଲିଟର ମହୁଲି ମଦ ଓ ୯୦ ଲିଟର ତାଡ଼ି ,ନୟାଡେରା ତପସ୍ୱିନୀ ନାଏକଙ୍କ ଠାରୁ ୯ଲିଟର ଜବତ ହୋଇଛି । ଚଢାଉରେ ଅବକାରୀ ବିଭାଗର ଅଧିକାରୀ ମିହିର ସେଠୀ,ଏସଆଇ ଅବନୀ ମହାପାତ୍ର ଓ ଅବକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ସ୍ଥାପନା ଦିବସରେ ଗଣଦୌଡ଼



ଇସ୍ପାତ ଷ୍ଟାଡ଼ିୟମଠାରେ ଗଣଦୌଡ଼ ମୂହୂର୍ତ୍ତ।

ରାଉରକେଲା ଅଫିସ, ୨୪।୧

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଆନୁକୂଲ୍ୟରେ ଶୁକ୍ରବାର ସ୍ଥାପନା ଦିବସରେ ଇସ୍ପାତ ଷ୍ଟାଡ଼ିୟମଠାରେ ଗଣଦୌଡ଼ ଅନୁଷ୍ଠିତ ହୋଇ ଯାଇଛି। ଗଣଦୌଡ଼ରେ ସେଲ୍ ପରିବାରର ୨ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଆରଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଗଣଦୌଡ଼ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେଲ୍‌ର ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଇସ୍ପାତ ଷ୍ଟାଡ଼ିୟମରେ ଉପସ୍ଥିତ ଥିଲେ । ଚଟରାଜ ନିଜ ବକ୍ତବ୍ୟରେ ସେଲ ଦିବସର ଅଭିନନ୍ଦନ ଜଣାଇଥିଲେ । ଚଳିତ ବର୍ଷ ଏହି ଦିବସ ପାଳନ ନିମନ୍ତେ ଗ୍ରହଣ କରାଯାଇଥିବା କନ୍ୟା ସନ୍ତାନରର ସୁରକ୍ଷା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ । ଏହି ମହତ କାର୍ଯ୍ୟରେ ସମ୍ମିଳିତ ହେବା ପାଇଁ ତଥା କନ୍ୟା ସନ୍ତାନ ନିମନ୍ତେ ଏକ ଉଜ୍ଜଳମୟ, ଆନନ୍ଦମୟ ଓ ପ୍ରଗତିଶୀଳ ଭବିଷ୍ୟତ ସୃଷ୍ଟି ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଶକ୍ତି ଓ ସମୟ ଦେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଦିଲ୍ଲୀପ ମହାପାତ୍ର, ରାଜବୀର ସିଂ ଓ ପଙ୍କଜ କୁମାର ସମସ୍ତଙ୍କୁ ସମାଜ କଲ୍ୟାଣ ନିମନ୍ତେ ଶପଥ ପାଠ କରାଇଥିଲେ । ଏହା ମାଧ୍ୟମରେ କର୍ମଚାରୀ ମାନଙ୍କୁ ସ୍ୱେଚ୍ଛାକୃତ ଭାବେ ସମାଜ ମଙ୍ଗଳ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ ଯୋଜନାକୁ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାନୁୟାରୀ ୨୨ରେ ଶୁଭାରମ୍ଭ କରିଥିଲେ। ମନ୍ତ୍ରୀଙ୍କ ଭିଡ଼ିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜେତା ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୀଲ ମଲ୍ଲିକ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ. ଦାଶ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ ମହାପାତ୍ର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ କୁମାର, ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଏସ. ପତିଙ୍କ ସହ କାରଖାନାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ପାଠ ବଦଳରେ ଛାତ୍ରଙ୍କୁ କାମ କରାଉଛନ୍ତି ଶିକ୍ଷକ

ଲହୁଣୀପଡା, ୨୪।୧ (ଡି.ଏନ୍.ଏ.)

ଶିକ୍ଷକମାନେ ଶିକ୍ଷା ପ୍ରଦାନ କରିବା ପରିବର୍ତ୍ତେ ଛାତ୍ରଙ୍କୁ ଦରିକମ୍ବଳ ସଫା କରାଇବା ସହିତ ଘର କାମରେ ନିୟୋଜିତ କରିବା ଘଟଣା ନଜରକୁ ଆସିଛି। ଏଭଳି କାର୍ଯ୍ୟ ଯଦି ଶିକ୍ଷକମାନେ କରନ୍ତି ତାହେଲେ ତାଙ୍କ ପାଇଁ ମଧ ଦଣ୍ଡବିଧାନ ହେବା ଉଚିତ ବୋଲି ଅଭିଭାବକମାନେ କହିଛନ୍ତି। ଉକ୍ତ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଭୁତୁଡା ପଞ୍ଚାୟତର ମୁଖ୍ୟାଳୟରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଭୁତୁଡା ଅଞ୍ଚଳ ବଣପାହାଡ ଘେରା ହୋଇଥିବାରୁ ଗମନାଗମନର ସୁବିଧା ନାହିଁ। ସରକାରୀ ଅଧିକାରୀମାନେ ମଧ୍ୟ ଏହି ଅଞ୍ଚଳ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ମନମୁଖି କାର୍ଯ୍ୟ ଚଳାଇ ଆସୁଛନ୍ତି। ପାଳିକରି ବିଦ୍ୟାଳୟକୁ ଯିବା ଆସିବା କରିବା ସହିତ ବେନିୟମ ଭାବେ ଛାତ୍ରମାନଙ୍କୁ ଦରି କମ୍ବଳ ସଫା କରାଇବା ସହିତ ଘରକାମ କରାଉଛନ୍ତି ବୋଲି ଅଭିଯୋଗ ହୋଇଛି। କିଛିଦିନ ତଳେ ବିଦ୍ୟାଳୟ ନିକଟସ୍ଥ ଏକ ନାଳରେ ଛାତ୍ରମାନେ ଦରି କମ୍ବଳ ସଫା କରୁଥିବା ଦେଖିବାକୁ ମିଳିଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସେ ଅଞ୍ଚଳର ସିଆରସିସି ଅକ୍ଷୟ ପାତ୍ରଙ୍କ ସହିତ ଯୋଗାଯୋଗ କରିବାରୁ ସେ କହନ୍ତି, ଏଭଳି ଘଟଣା ଆଶ୍ଚର୍ଯ୍ୟ ପରି ଲାଗୁଛି। ଲହୁଣୀପଡା ଏବିଇଓ ନରହରି କିଷାନଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ, ଘଟଣା ଜାଣିବା ପରେ ତଦନ୍ତ ଆରମ୍ଭ କରି ଦେଇଛୁ। ସମସ୍ତ ତଦନ୍ତ ତଥ୍ୟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବୁ। ସେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଛାତ୍ରମାନଙ୍କୁ ଏଭଳି କାର୍ଯ୍ୟରେ ନିୟୋଜିତ କରିବା ଠିକ୍ ନୁହେଁ। ଶିକ୍ଷକମାନେ ପାଳିକରି ବିଦ୍ୟାଳୟକୁ ଯିବା ସମ୍ପୂର୍ଣ୍ଣ ବେନିୟମ। ଉକ୍ତ ବିଭାଗର ବ୍ଲକ ଅଧିକାରୀ, କ୍ଲଷ୍ଟର ଅଧିକାରୀମାନଙ୍କ ଉପଯୁକ୍ତ ତଦାରଖର ଅଭାବ ଥିବା ଅନୁମାନ କରାଯାଉଛି। ଲହୁଣୀପଡା ବିଡିଓ, ବିଇଓଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସୂଚନା ଦେଇଥିଲେ।



ଛାତ୍ରମାନେ ଦରି କମ୍ବଳ ସଫା କରୁଛନ୍ତି।

## ନେତାଜୀଙ୍କ ଜୟନ୍ତୀରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା

ରାଉରକେଲା ଅଫିସ,୨୪। ୧

ସହରର ସେକ୍ଟର-୧୬ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି ।ଏଥିରେ ଛାତ୍ରୀଛାତ୍ର ମାନଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଭାସ୍କର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ସଂଗ୍ରାମୀ ପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ଜଳନ କରିଥିଲେ । ମୁଖ୍ୟ ଅତିଥି ନନ୍ଦ ତାଙ୍କ ଭାଷଣରେ କହିଥିଲେ ଯେ, ଉଭୟ ସଂଗ୍ରାମୀଙ୍କ ଭାରତ ସ୍ୱାଧୀନ କରିବାରେ ବହୁ ଅବଦାନ ରହିବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପରାମର୍ଶ ଦେଇଥିଲେ । ଚିତ୍ରାଙ୍କନ ଓ ବକ୍ତୃତାରେ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଚାଲିଛି।

## କରାଟେ ଚାମ୍ପିୟନଶିପରେ ରାଉରକେଲାରୁ ୧୨ ମନୋନୀତ




କରାଟେ ଚାମ୍ପିୟନଶିପ ଲାଗି ରାଉରକେଲାର ପ୍ରତିଯୋଗୀ।

ରାଉରକେଲା ଅଫିସ, ୨୪।୧

ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ (ଓସ୍କା) ଆନୁକୂଲ୍ୟରେ ପ୍ରଥମଥର ଲାଗି ପୂର୍ବାଞ୍ଚଳ କରାଟେ ଚାମ୍ପିୟନଶିପ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଆୟୋଜନ କରାଯାଇଥିଲା। ପୂର୍ବାଞ୍ଚଳ ରାଜ୍ୟ ମାନଙ୍କରେ ନିଜ ରାଜ୍ୟ କରାଟେ ଚାମ୍ପିୟନଶିପରେ ଭାଗ ନେଇପାରିବେ। ପ୍ରାୟ ୪୦୦ ଜଣ କରାଟେ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ। (ଓସ୍କା) ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଉରକେଲା କରାଟେକା ଏହି ଚାମ୍ପିୟନଶିପରେ ଅଂଶଗ୍ରହଣ କରି ପଦକ ହାସଲ କରିଥିବା ଆଭ୍ୟା ବଂଶିକା, ସୁଭାନି ମିଶ୍ର, ସମ୍ଭବ ପଣ୍ଡା, ଅର୍ପିତା ପଣ୍ଡା, ଏ. ଜେନା, ଅର୍ପିତା ସିଂ, ଆୟୁଷ ସିଂ, ଅନନ୍ୟା ପାତ୍ର, ଚନ୍ଦନ ରାଉତ, ଚେତନ ସ୍ୱାଇଁ, ଦେବାଶିଷ ଖାଲକୋ, ନିଶିକାନ୍ତ ସାହୁ ପ୍ରମୁଖ ୧୨ ଜଣ କରାଟେକା ନିଜ ନିଜ ବୟସ ବର୍ଗର କାଟା ଓ କୁମିତେ ଅଂଶ ଗ୍ରହଣ କରିବେ। ଜାତୀୟ ଓ ଅର୍ନ୍ତଜାତୀୟ ପଦକ ପ୍ରାପ୍ତ କରାଟେ କ୍ରୀଡ଼ାବିତ, ଜାତୀୟ ରେଫରୀ ଓ ଏସୀୟ ପ୍ରଶିକ୍ଷକ ରାଜୀବ କୁମାର ସିଂଙ୍କ ଅଧୀନରେ ଉତ୍କଳ କରାଟେ ସ୍କୁଲରେ ଏହି ସମସ୍ତ କରାଟେକା ମାନେ ପ୍ରଶିକ୍ଷଣ ନେଉଛନ୍ତି। ସମସ୍ତ ଖେଳାଳିଙ୍କୁ ରାଉରକେଲାବାସୀ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ଲ୍ୟାମ୍ପସ୍ ପରିଚାଳକ, ସଭାପତିଙ୍କୁ ତାଲା

- ଖରିଫ ଧାନକ୍ରୟ ବନ୍ଦ ଯୋଗୁ ଚାଷୀ ଅସନ୍ତୋଷ
- ପ୍ରଶାସନର ପ୍ରତିଶ୍ରୁତି ପରେ ତାଲା ଖୋଲିଲା
- ଧାନ କ୍ରୟ ନ କଲେ ଭୟାବହ ପରିସ୍ଥିତ ହେବ

ବଣାଇ, ୨୪।୧(ସ୍ୱ.ପ୍ର.)

ଚାଷୀଙ୍କଠାରୁ ବର୍ତ୍ତମାନ ଚାଲିଥିବା ଖରିଫଧାନ କ୍ରୟ ବନ୍ଦ ରଖାଯିବା ଯୋଗୁ ଶୁକ୍ରବାର ବଣାଇ ବ୍ଲକ ଅନ୍ତର୍ଗତ ସରସରା ଲ୍ୟାମ୍ପସ୍‌ରେ ଚାଷୀଙ୍କ ପକ୍ଷରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତେଜିତ ଚାଷୀ ଦୀର୍ଘ ୭ଘଣ୍ଟା ଧରି ଲ୍ୟାମ୍ପସ୍ ପରିଚାଳକ ଏବଂ ସଭାପତିଙ୍କୁ ତାଲା ପକାଇ ଭିତରେ ରଖିଥିଲେ। ବଣାଇରୁ ସ୍ଥାନୀୟ ପ୍ରଶାସନ ଯାଇ ଚାଷୀଙ୍କୁ ବୁଝାଶୁଝା କରିବା ପରେ ତାଲା ପଡିଥିବା ଅଧିକାରୀଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଚଳିତବର୍ଷ ଖରିଫ ଧାନ ବିକ୍ରୟ କରିବା ପାଇଁ ସରସରା ଲ୍ୟାମ୍ପସ୍‌ରେ ୯୮୩ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ଏଥିପାଇଁ ସେମାନଙ୍କଠାରୁ ୫୬ ହଜାର କୁଇଣ୍ଟାଲ ଧାନକ୍ରୟ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସ୍ଥିର ହୋଇଥିଲା। ଏବେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୪୩୨ଜଣ ଚାଷୀ ୨୦ ହଜାର କୁଇଣ୍ଟାଲ ଧାନ ବିକ୍ରୟ କରିଥିବା ବେଳେ ବର୍ତ୍ତମାନ ଠାରୁ ଭୁବନେଶ୍ୱରରୁ ଟୋକନ ଆସୁ ନ ଥିବାରୁ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଧାନକ୍ରୟ ବନ୍ଦ କରିଦେଇଛନ୍ତି। ଏହିଖବର ଚାଷୀ ପାଇବା ସହିତ ନିଜର ଧାନଧରି ସରସରା ଲ୍ୟାମ୍ପସ୍ ମଣ୍ଡିକୁ ପହଁଞ୍ଚିଥିଲେ। ତେବେ ଟୋକନ ଆସି ନ ଥିବାରୁ ଚାଷୀ ଆଉ ଧାନ ବିକ୍ରୟ କରି ନ ପାରି ସେମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦିନ ୧୦ଟାରେ ଲ୍ୟାମ୍ପସ୍ ଖୋଲାଯିବା ପରେ ଭିତରେ ପରିଚାଳନା ନିର୍ଦ୍ଦେଶକ ରବିନାରାୟଣ କିଷାନ ଏବଂ ନିର୍ବାଚିତ ସଭାପତି ବୀରବିଚିତ୍ର ସେନ ନାୟକଙ୍କୁ ଭିତରେ ରଖି ବାହରୁ ତାଲା ପକାଇ ଦେଇଥିଲେ। ଦୀର୍ଘ ୭ଘଣ୍ଟା ପରେ ଖବରପାଇ ବଣାଇଁ ଏଆରସିଏସ ସଞ୍ଜୟ ପ୍ରଧାନ, ବଣାଇ ଯୋଗାଣ ଅଧିକାରୀ ଧର୍ମପଦ ଦାସ, ବଣାଇ ଲ୍ୟାମ୍ପସ୍ ପରିଚାଳକ ହେରେନ୍ଦ୍ର ବାରିକ ଏବଂ ଟିକାୟତପାଲି ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ସେମାନେ ପଞ୍ଜିକୃତ କରିଥିବା ସମସ୍ତ ଚାଷୀଙ୍କଠାରୁ ସମସ୍ତ ଧାନ କ୍ରୟ କରାଯିବ। ଟୋକନର ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୫ଟାରେ ଚାଷୀ ତାଲା ଖୋଲିବା ପରେ ଭିତରେ ଦୀର୍ଘ ୭ଘଣ୍ଟାଧରି ବନ୍ଦ ରହିଥିବା ଅଧିକାରୀ ବାହାରକୁ ଆସିଥିଲେ। ତେବେ ଚାଷୀକୁଳ ଏବେବି ଧାନ ବିକ୍ରୟ କରିପାରିବେ କି ନାହିଁ ସନ୍ଦେହ ଘେରରେ ରହିଛନ୍ତି। ଗତବର୍ଷ ଚାଷୀଙ୍କୁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ ବହୁଚାଷୀ ଧାନ ବିକ୍ରୟରୁ ବଞ୍ଚିତ ରହି ଆର୍ଥୀକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଚଳିତବର୍ଷ ମଧ୍ୟ ଏବେଠାରୁ କେବଳ ପ୍ରତିଶ୍ରୁତି ମଧ୍ୟରେ ଧାନକ୍ରୟ ବନ୍ଦ ହୋଇଯିବ ଭାବି ଚାଷୀ ସନ୍ଦିହାନ ହୋଇପଡିଛନ୍ତି। ଅନ୍ୟପକ୍ଷରେ ମିଲର ଧାନ କ୍ରୟପାଇଁ ଆବଶ୍ୟକୀୟ ଅର୍ଥ ପୈଠ କରୁ ନ ଥିବାରୁ ସରକାର ଟୋକନ ଦେବା ପରେ ଅହେତୁକ ବିଳମ୍ବ ହେଉଛି। ଯଦି ସରକାର ଆଉ ଦୁଇଦିନ ପରେ ଧାନକ୍ରୟ ନ କରନ୍ତି ଚାଷୀ ବାଧ୍ୟ ହୋଇ ପୁନର୍ବାର ଆନ୍ଦୋଳନ ପନ୍ଥା ହାତକୁ ନେବେବୋଲି ସରକାରଙ୍କୁ ଚେତେଇ ଦେଇଛନ୍ତି।



ସରସରା ଲ୍ୟାମ୍ପସ୍‌ରେ ଚାଷୀମାନେ ବସିଛନ୍ତି।